ବର୍ଷ-୫୨ : ସଂଖ୍ୟା-୧୨ ଡିସେମ୍ବର, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଡିସେମ୍ବର, ୨୦୨୧


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୪ ନଭେମ୍ବର, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ୧୭ ନଭେମ୍ବର, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୬ |
| କର୍ମ କରିବା ଓ ଶିକ୍ଷା କରିବାର ପ୍ରକୃଷ୍ଟ ମାର୍ଗ | ... | ଶ୍ରୀମା | ... | ୭ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ<br>ଦ୍ୱିତୀୟ ଅନୁକ୍ରମ : ପ୍ରଥମ ଭାଗ (ଦ୍ୱାଦଶ ଅଧ୍ୟାୟ)<br>ପଥ ଓ ଭକ୍ତ | ... | ଶେଖ ଅବଦୁଲ କାଶମ | ... | ୮ |
| ଝଡ଼ (କବିତା) | ... | ହୃଷୀକେଶ ପଣ୍ଡା | ... | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୧) | ... | ... | ... | ୧୩ |
| କୃଷ୍ଣ ଦରଶନ (କବିତା) | ... | ସନ୍ତୋଷ ରଥ | ... | ୧୬ |
| ଶ୍ରୀମା'ଙ୍କ ଶରୀରତ୍ୟାଗ | ... | ... | ... | ୧୭ |
| ୫ ଡିସେମ୍ବର, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୧୮ |
| ପୃଥିବୀକୁ ମା'ଙ୍କର ଅବଦାନ | ... | ରାମକୃଷ୍ଣ ଦାସ | ... | ୧୯ |
| ଜାତୀୟ ସଙ୍କଟରେ ସନ୍ଧିକ୍ଷଣ | ... | ପ୍ରପତ୍ତି | ... | ୨୨ |
| ସମ୍ରାଟ ଓ ଛଞ୍ଚାଣ | ... | ମନୋଜ ଦାସ | ... | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୬) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୭ |
| ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ (୩) | ... | ସାହାନା ଦେବୀ | ... | ୩୦ |
| ଶାନ୍ତି ସମ୍ପର୍କରେ | ... | କୁମାର ଚନ୍ଦ୍ର ମିଶ୍ର | ... | ୩୨ |
| କବି ନିଶିକାନ୍ତ (୧୫) | ... | ... | ... | ୩୮ |
| ଶ୍ରୀଅରବିନ୍ଦଙ୍କ କଥାକୁହା ସମାଧି<br>(ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ) | ... | ନିର୍ମଳ ଚନ୍ଦ୍ର ସାହୁ | ... | ୪୧ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୭) | ... | ଗୟାଧର ଦାଶ | ... | ୪୫ |
| ମହାସମାଧି ସେ ମହାମିଳନର (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୪୮ |
| ଦିବାସ୍ୱପ୍ନ (୧୦) | ... | ଗିଜୁଭାଇ ବଧେକା | ... | ୪୯ |
| ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଙ୍କୁରୋଦ୍‌ଗମ | ... | ପ୍ରସାଦ ତ୍ରିପାଠୀ | ... | ୫୪ |
| ପୁଅ | ... | ... | ... | ୫୬ |
| ମାତୃଭାଷା ଓ ଇଂରାଜୀର ସ୍ୱଚ୍ଛନ୍ଦ ସହାବସ୍ଥାନ ସମ୍ଭବ | ... | ମନୋଜ ଦାସ | ... | ୫୭ |


❖

# ପ୍ରାର୍ଥନା

ନୀରବରେ ଜ୍ୱଳମାନ ଏକ ଶିଖା ଭଳି, ନିଷ୍କମ୍ପ ଊର୍ଦ୍ଧ୍ୱାୟିତ ସୁରଭି ଭଳି, ତୁମ ଅଭିମୁଖେ ଧାବମାନ ମୋର ପ୍ରେମ; ଏବଂ ବିଚାର-ରହିତ ବେପରୁଆ ଶିଶୁଟିଏ ଭଳି ମୁଁ ତୁମ ପାଖରେ ସବିଶ୍ୱାସ ନିଜକୁ ଦେଇଛି ସମର୍ପି, ଯାହାଦ୍ୱାରା ତୁମ ଇଚ୍ଛା ହେବ ପୂର୍ଣ୍ଣ, ତୁମ ଆଲୋକ ହେବ ପ୍ରତିଭାତ, ତୁମ ଶାନ୍ତି ହେବ ଦେଦୀପ୍ୟ-ବିକିରିତ, ତୁମ ପ୍ରେମ କରିବ ବିଶ୍ୱକୁ ଆବରିତ । ଯେତେବେଳେ ତୁମେ ଚାହିଁବ, ମୁଁ ଯାଇ ସେତେବେଳେ ରହିବି ତୁମ ଭିତରେ, ହେବି ତୁମ ସତ୍ତାରେ ପରିଣତ, ଏବଂ ତେଣିକି ରହିବ ନାହିଁ କିଛିହିଁ ପ୍ରଭେଦ; କୌଣସି ପ୍ରକାରର ଅଧୈର୍ଯ୍ୟ ବିନା ମୁଁ ରହିଛି ସେହି ଆଶିଷମୟ ଲଗ୍ନ ଅପେକ୍ଷାରେ – ଅସୀମ ସାଗର ଦିଗରେ ଅପ୍ରତିରୋଧଭାବେ ପ୍ରବାହିତ ଏକ ଶାନ୍ତିପୂର୍ଣ୍ଣ ପ୍ରବାହ ଭଳି ନିଜକୁ ସେହି ଅଭିମୁଖେ ବହିଯିବାକୁ ଛାଡ଼ିଦେଇ ।

ମୋ ଭିତରେ ତୁମର ଶାନ୍ତି, ଏବଂ ସେ ଶାନ୍ତିରେ ମୁଁ ଦେଖେ ଶାଶ୍ୱତ ପ୍ରଶାନ୍ତି ସହ ସବୁଥିରେ ଏକମାତ୍ର ତୁମେହିଁ ବିଦ୍ୟମାନ ।

ଡିସେମ୍ବର ୭, ୧୯୧୨ — ଶ୍ରୀମା



# ୨୪ ନଭେମ୍ବର, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ

To spiritual experience it is not a speculation but a fact that there is a Godhead immanent within behind this flawed and imperfect human nature. ... It is also a part of spiritual experience that there is something Beyond in which this Divinity – or whatever other name you may give to it – is above the contradiction offered to it by this world of disorder and ignorance; that is the meaning of the Transcendence. Whatever wide differences there may be between different ways of spiritual experience or whatever names may be put on these things, so much is fairly universal. If there were not these certitudes, there could be no assured spiritual life or endeavour.

– Sri Aurobindo

ଏହି ଦୋଷଯୁକ୍ତ ଓ ଅପୂର୍ଣ୍ଣ ମାନବୀୟ ପ୍ରକୃତିର ଅନ୍ତରାଳରେ ପରମ ଦିବ୍ୟସତ୍ତା ଯେ ଆମ ଅନ୍ତରରେ ସନ୍ନିବିଷ୍ଟ ହୋଇ ରହିଛନ୍ତି, ଆଧ୍ୟାତ୍ମିକ ଅନୁଭୂତି ନିମନ୍ତେ ଏହା ଏକ କଳ୍ପନା-ଜଳ୍ପନା ନୁହେଁ, ପରନ୍ତୁ ଏକ ବାସ୍ତବତା ।... ଏହା ମଧ୍ୟ ଆଧ୍ୟାତ୍ମିକ ଅନୁଭୂତିର ଅଂଶବିଶେଷ ଯେ ସର୍ବାତୀତ ହୋଇ ଏପରି କିଛି ଅଛି ଯାହା ମଧ୍ୟରେ ଏହି ପରମ ଦିବ୍ୟତା – ଅଥବା ଏହାକୁ ତୁମେ ଅନ୍ୟ ଯେକୌଣସି ନାମ ଦେଇପାର – ବିଶୃଙ୍ଖଳା ଓ ଅଜ୍ଞାନତାର ଜଗତ୍ ଏହାକୁ ପ୍ରଦାନ କରୁଥିବା ଯାବତୀୟ ବିରୋଧର ଊର୍ଦ୍ଧ୍ୱରେ ଅବସ୍ଥିତ; ତାହାହିଁ ବିଶ୍ୱାତୀତର ଅର୍ଥ । ଅଧ୍ୟାତ୍ମ ଅନୁଭୂତିର ବିଭିନ୍ନ ମାର୍ଗ ମଧ୍ୟରେ ଯେତେ ବିଶାଳ ପାର୍ଥକ୍ୟ ଥାଉନା କାହିଁକି, ସେ ସବୁତକ ବେଶ୍ ବିଶ୍ୱଗତ । ଯଦି ଏହି ନିଶ୍ଚୟତାବୋଧଚୟ ନ ଥା'ନ୍ତା ତେବେ କୌଣସି ସୁନିଶ୍ଚିତ ଆଧ୍ୟାତ୍ମିକ ଜୀବନ ଅଥବା ସାଧନା ସମ୍ଭବ ହୋଇପାରୁ ନଥା'ନ୍ତା ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୧୧)

## ଶ୍ରୀଅରବିନ୍ଦ

In those bright realms are Mind's first forward steps.

ସେହି ସଂଦୀପ୍ତ ରାଜ୍ୟସକଳରେ ରହିଥାଏ ମନର ଯେତେସବୁ ପ୍ରଥମ ଅଗ୍ର-ପଦକ୍ଷେପ ।

Ignorant of all but eager to know all,
Its curious slow enquiry there begins;
Ever its searching grasps at shapes around,
Ever it hopes to find out greater things.

ସମସ୍ତ ବିଷୟରେ ଅଜ୍ଞ ଅଥଚ ସବୁକିଛି ଜାଣିବାକୁ ସମୁତ୍ସୁକ, ସେଇଠାରେ ଆରମ୍ଭ ହୁଏ ତାହାର କୌତୂହଳୀ ମନ୍ଥର ଜିଜ୍ଞାସା; ତାହାର ଅନ୍ୱେଷଣ ଚତୁଃପାର୍ଶ୍ୱସ୍ଥ ରୂପାକୃତିଗୁଡ଼ିକୁ ଧରିବାର ସତତ ପ୍ରୟାସ କରେ, ମହତ୍ତର ବସ୍ତୁରାଜିକୁ ଆବିଷ୍କାର କରିବାକୁ ଆଶା ପୋଷଣ କରୁଥାଏ ।

Ardent and golden-gleamed with sunrise fires,
Alert it lives upon invention's verge.

ସୂର୍ଯ୍ୟୋଦୟର ବହ୍ନିଶିଖାରେ ଉଦ୍ଦୀପ୍ତ ଓ ସ୍ୱର୍ଣ୍ଣପ୍ରଭ ସତର୍କ ଭାବରେ ତାହା ବାସ କରୁଥାଏ ଉଦ୍ଭାବନର ପ୍ରାନ୍ତଦେଶରେ ।

Yet all it does is on an infant's scale,
As if the cosmos were a nursery game,
Mind, life the playthings of a Titan's babe.

ତଥାପି ତାହାର ସମସ୍ତକର୍ମ ସମ୍ପନ୍ନ ହୁଏ ଶିଶୁସୁଲଭ ସୀମିତ ମାତ୍ରାରେ, ସତେଅବା ବିଶ୍ୱବ୍ରହ୍ମାଣ୍ଡ ଏକ ବାଳ-ଲୀଳା, ମନ, ପ୍ରାଣ ଏକ ଦାନବ ଶିଶୁର ଖେଳନା ।

As one it works who builds a mimic fort
Miraculously stable for a while,
Made of the sands upon a bank of Time
Mid an occult eternity's shoreless sea.

ତାହା କାର୍ଯ୍ୟ କରୁଥାଏ ଜଣେ ଯେପରି ଗଢ଼ି ତୋଳୁଥାଏ କ୍ଷଣକାଳ ପାଇଁ ଅଦ୍ଭୁତଭାବେ ସ୍ଥିର ଏକ ନକଲ ଦୁର୍ଗ, ଯାହା ମହାକାଳର ତଟଦେଶରେ ସିକତାରେ ନିର୍ମିତ ହୋଇଥାଏ ନିଗୂଢ଼ ଶାଶ୍ୱତର ତୀରହୀନ ସାଗର ମଧ୍ୟରେ ।

A small keen instrument the great Puissance chose,
An arduous pastime passionately pursues;
To teach the Ignorance is her difficult charge,
Her thought starts from an original nescient Void
And what she teaches she herself must learn
Arousing knowledge from its sleepy lair.

ପରମ ପରାକ୍ରମ ବରଣ କରିଛି ଏକ କ୍ଷୁଦ୍ର ଶାଣିତ ଆୟୁଧ, ଏକ କ୍ଲେଶଯୁକ୍ତ ବିଳାସ ଅନୁସରଣ କରି ଚାଲିଛି ପ୍ରମତ୍ତ ଭାବରେ; ଅଜ୍ଞାନକୁ ଶିକ୍ଷାଦାନ କରିବା ହେଉଛି ତାହାର କଠିନ ଦାୟିତ୍ୱ, ତା' ଭାବନାର ସୂତ୍ରପାତ ହୁଏ ଏକ ଆଦି ନିଶ୍ଚେତନ ବିଶାଳ ଶୂନ୍ୟରୁ, ଯାହା ସେ ଶିକ୍ଷାଦିଏ, ତାହାକୁ ସେ ନିଜେହିଁ ଅବଶ୍ୟ ଶିକ୍ଷାକରିବ, ଜ୍ଞାନକୁ ତାହାର ତନ୍ଦ୍ରାବିଷ୍ଟ କନ୍ଦରରୁ ଜାଗ୍ରତ କରି ଆଣିବ ।

For knowledge comes not to us as a guest
Called into our chamber from the outer world;
A friend and inmate of our secret self,
It hid behind our minds and fell asleep
And slowly wakes beneath the blows of life;

The mighty daemon lies unshaped within,
To evoke, to give it form is Nature's task.

କାରଣ ଜଣେ ଅତିଥି ରୂପେ ବାହାର ଜଗତରୁ ଆହୂତ ହୋଇ ଜ୍ଞାନ ଆମ ପାଖକୁ ଆସେ ନାହିଁ; ଆମ ଗୋପନ ସତ୍ତାର ଏକ ସଖା ଓ ଅନ୍ତେବାସୀ, ଏହା ଲୁକ୍କାୟିତ ହୋଇ ରହିଥିଲା ଆମ ମନର ଅନ୍ତରାଳରେ ଆଉ ନିଦରେ ଶୋଇ ପଡ଼ିଥିଲା, ଏବଂ ଜୀବନର ଯେତେସବୁ ଆଘାତ ତଳେ ତାହା ଧୀରେ ଧୀରେ ଜାଗ୍ରତ୍ ହୋଇଉଠୁଛି; ଶକ୍ତିଶାଳୀ ସେହି ଉପଦେବତା ରୂପରେଖ ରହିତ ହୋଇ ଅନ୍ତରରେ ରହିଛି, ତାହାକୁ ଉଦ୍‌ବୋଧିତ କରିବା ଓ ରୂପପ୍ରଦାନ କରିବା ହେଉଛି ପ୍ରକୃତିର କାର୍ଯ୍ୟ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

## ୧୭ ନଭେମ୍ବର, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ

Once one has entered the path of Yoga, there is only one thing to do, to fix oneself in the resolution to go to the end whatever happens, whatever difficulties arise. None really gets the fulfilment in Yoga by his own capacity – it is by the greater Force that stands over you that it will come – and it is the call, persistent through all vicissitudes, to that Force, by which the fulfilment will come. Even when you cannot aspire actively, keep yourself turned to the Mother for the help to come – that is the one thing to do always.

– Sri Aurobindo

ଥରେ ଜଣେ ଯୋଗପଥରେ ପ୍ରବେଶ କଲେ ଗୋଟିଏ ମାତ୍ର କଥା କରିବାକୁ ପଡ଼େ, ଯାହା ବି ଘଟୁନା କାହିଁକି, ଯେକୌଣସି ଅସୁବିଧା ଆସୁନା କାହିଁକି ଶେଷ ପର୍ଯ୍ୟନ୍ତ ଯିବା ପାଇଁ ଦୃଢ଼ ସଂକଳ୍ପରେ ଆପଣାକୁ ସ୍ଥିର ରଖିବାକୁ ହୁଏ । ପ୍ରକୃତରେ ଜଣେ ବି କେହି ନିଜର ସାମର୍ଥ୍ୟ ବଳରେ ଯୋଗରେ ପୂର୍ଣ୍ଣତା ଲାଭ କରେ ନାହିଁ – କେବଳ ତୁମ ଊର୍ଦ୍ଧ୍ୱସ୍ଥିତ ଏକ ମହତ୍ତର ଶକ୍ତି ଦ୍ୱାରା ଏହା ଆସିବ – ଏବଂ ସେହି ଶକ୍ତି ପ୍ରତି ସକଳ ପରିବର୍ତ୍ତନଶୀଳ ପରିସ୍ଥିତି ମଧ୍ୟରେ ଅବିଚଳ ରହୁଥିବା ଏକ ଆବାହନ ଦ୍ୱାରାହିଁ ପୂର୍ଣ୍ଣତା ଆସିବ । ଏପରିକି ତୁମେ ଯେତେବେଳେ ସକ୍ରିୟ ଭାବରେ ଆସ୍ପୃହା ପୋଷଣ କରିପାରୁ ନାହଁ, ସେତେବେଳେ ସହାୟତା ଆସିବା ସକାଶେ ଆପଣାକୁ ମାଆଙ୍କ ଅଭିମୁଖୀ କରି ରଖ – କେବଳ ସେଇ ଗୋଟିଏ କଥାହିଁ ସଦାସର୍ବଦା କରିବାକୁ ପଡ଼ିବ ।

– ଶ୍ରୀଅରବିନ୍ଦ

# କର୍ମ କରିବା ଓ ଶିକ୍ଷା କରିବାର ପ୍ରକୃଷ୍ଟ ମାର୍ଗ

ଶ୍ରୀମା

### କର୍ମ କଲାବେଳେ ଏକାଗ୍ର ହୁଅ

ଯେତେବେଳେ ତୁମେ କୌଣସି କର୍ମ କରୁଛ, ଯଦି ତୁମର ଏକାଗ୍ର ହେବାର ସାମର୍ଥ୍ୟ ଥାଏ, ତେବେ ତୁମେ ସେଇ କାମଟିକୁ ଦଶ ମିନିଟରେ କରିପାରିବ ଯାହା ତୁମକୁ ଅନ୍ୟଥା ଘଣ୍ଟାଏ ଲାଗିଥା'ନ୍ତା । ଯଦି ସମୟ ବଞ୍ଚାଇବାକୁ ଚାହଁ, ତେବେ କାମ କଲାବେଳେ ଏକାଗ୍ର ହୋଇ କାମଟି କରିବାକୁ ଶିକ୍ଷା କର । କେବଳ ମନୋଯୋଗ ଦେଇ କାମ କଲେ ତୁମେ କାମଟି ଖୁବ୍ ଶୀଘ୍ର ସମାପନ କରିପାରିବ ଏବଂ ତା' ସଙ୍ଗେ ସଙ୍ଗେ କାମଟିକୁ ଅଧିକ ଭଲଭାବେ ମଧ୍ୟ ସଂପନ୍ନ କରିପାରିବ । ଧର, ତୁମକୁ କିଛି ଗୋଟାଏ କାର୍ଯ୍ୟ ଦିଆଯାଇଛି ଯାହା ଅଧଘଣ୍ଟାଏ ସମୟ ନେବା କଥା – ଅବଶ୍ୟ ମୁଁ କହୁ ନାହିଁ ଯେ ତୁମକୁ ଅଧଘଣ୍ଟାଏ ଧରି ଲେଖିବାକୁ ହେବ – କିନ୍ତୁ ସେତେବେଳେ ଯଦି ତୁମର ମୁଣ୍ଡ ଚିନ୍ତା କରିବାକୁ ଲାଗିଲା, ତୁମର ମନ ଏଣେତେଣେ ଧାଇଁଲା, ତୁମେ ଯଦି ଉପସ୍ଥିତ ବିଷୟଟି ଉପରେ ଚିନ୍ତା କରିବା ସଙ୍ଗେ ସଙ୍ଗେ ତୁମେ ଆଗରୁ କ'ଣ ସବୁ କରିଥିଲ ଏବଂ ପରେ କ'ଣ ସବୁ କରିବ,ଏବଂ ତା' ସହିତ ପୁଣି ଅନ୍ୟସବୁ ବିଷୟଗୁଡ଼ିକ ଉପରେ ଚିନ୍ତା କରିବାକୁ ଆରମ୍ଭ କରିଦେବ, ତେବେ ତୁମେ ଅଧଘଣ୍ଟାଏ ଭିତରେ କରିବାକୁ ଥିବା କାର୍ଯ୍ୟଟି ତିନିଗୁଣ ସମୟ ନେବ । ଯେତେବେଳେ ତୁମକୁ ଅନେକ ବେଶୀ କାର୍ଯ୍ୟ କରିବାକୁ ପଡ଼େ ସେତେବେଳେ ତୁମକୁ ଶିକ୍ଷା କରିବାକୁ ପଡ଼ିବ ଯେ କିପରି କେବଳ ଯେଉଁ ନିର୍ଦ୍ଦିଷ୍ଟ କାର୍ଯ୍ୟଟି କରୁଛ ତା' ଉପରେ ଏକାଗ୍ର ହୋଇ କାମ କରିବାକୁ ହୁଏ । ତୁମର ଉପସ୍ଥିତ କର୍ମଟି ଉପରେ ଗଭୀର ମନୋନିବେଶ ସହିତ କରିବାକୁ ହେବ, ଏବଂ ତୁମେ କାମଟିକୁ ଦଶ ମିନିଟରେ କରିଦେବ, ଯାହା ତୁମକୁ ଅନ୍ୟଥା ଘଣ୍ଟାଏ ଲାଗିଥା'ନ୍ତା ।

### ଯାହା ଶିଖୁଛ, ତାକୁ ବୁଝ

ପ୍ରକୃତ ଉପାୟ ହେଲା (ତୁମେ ଯାହା ଶିକ୍ଷା କରୁଛ) ତାହାକୁ ବୁଝିବା, ଘୋଷି ମନେ ରଖିବା ନୁହେଁ । ତୁମେ ଦେଖ, ଘୋଷାଘୋଷି କରି କିଛି ଶିକ୍ଷା କରିବା ହେଉଛି ଏକ ଯାନ୍ତ୍ରିକ ପଦ୍ଧତି; କିନ୍ତୁ ଯଦି ବାରଂବାର ତୁମେ ତାକୁ ବ୍ୟବହାର ନ କର ତେବେ ଅଳ୍ପ ସମୟ ପରେ ତୁମେ ସେତେକ ଭୁଲିଯିବ ।...

କିନ୍ତୁ ତୁମେ ଯଦି ବିଷୟଟିକୁ ବୁଝିଛ, ଯଦି ତୁମେ ବିଷୟଟିର ପୃଷ୍ଠଭୂମିରେ ରହିଥିବା ସୂତ୍ରଟିକୁ ବୁଝିନେଇଛ, ତେବେ ତାହା ତୁମର ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମନେ ରହିଯିବ । ତୁମେ କେତେ ଶହ ବର୍ଷ ପର୍ଯ୍ୟନ୍ତ ବଞ୍ଚିଲେ ବି ତାହା ତୁମର ସେତେଦିନ ପର୍ଯ୍ୟନ୍ତ ମନେ ରହିଥିବ; ଅନ୍ୟ ପକ୍ଷରେ ତୁମେ କିଛି ଗୋଟାଏ ଘୋଷି କରି ବର୍ତ୍ତମାନ ପାଇଁ ମନେ ରଖିଦେଲ ... କିଛି ଦିନ ପରେ ତୁମର ମସ୍ତିଷ୍କର ଜୀବ-କୋଷଗୁଡ଼ିକ ବହୁଗୁଣିତ ହୋଇ ବଢ଼ିଚାଲିଲେ ଏବଂ ପୁରୁଣା ଜୀବକୋଷଗୁଡ଼ିକ ମରିଯିବା ପରେ ତା' ସ୍ଥାନ ଅଧିକାର କରନ୍ତି ନୂଆ ଜୀବକୋଷମାନେ । ଏବଂ ସେତିକିବେଳେ ତୁମର ଅନେକ କଥା ମସ୍ତିଷ୍କରୁ ପୋଛି ହୋଇଯାଏ ।... ଜଣକର ଜୀବନରେ ଏମିତି କିଛି କଥା ଚିରଦିନ ପର୍ଯ୍ୟନ୍ତ ରହିଥାଏ, ଯାହା କି ତା' ଜୀବନରେ ଏକ ବିଶେଷ ସ୍ମାରକୀ ହୋଇ ରହିଯାଏ, ଆଉ କେତେକ କଥା ମଧ୍ୟ ତା' ଜୀବନରୁ ପୂରା ଲୋପପାଇ ଯାଏ, କେବେ ବି ତାହା ତା'ର ସ୍ମରଣକୁ ଆସେ ନାହିଁ, ସେସବୁର ଆଉ ଚିହ୍ନବର୍ଣ୍ଣ ନ ଥାଏ । କିନ୍ତୁ ଆଉ କେତେକ କଥା ଜୀବନରେ ପଥ ପରିମାପକ ପରି, ମାଇଲଖୁଣ୍ଟ ହୋଇ ରହିଥାଏ । ଠିକ୍ ଅଛି, ଏଗୁଡ଼ିକ ହେଲା ସଚେତନ ଅଭିଜ୍ଞତା, ଅର୍ଥାତ୍ ସେଗୁଡ଼ିକ ବୁଝାଯାଇଛି, ହୃଦୟଙ୍ଗମ କରାଯାଇଛି; ତେଣୁ ଅଭିଜ୍ଞତାଟି ଅନିର୍ଦ୍ଦିଷ୍ଟ କାଳ ପାଇଁ ସେମିତି ରହିଯାଇଛି, ତୁମେ ସେତେବେଳେ ସାମାନ୍ୟ ଭାବେ ଚେତନାର ଚାଳନା କଲାମାତ୍ରେ ସେଇ ସ୍ମୃତି ବା ଅଭିଜ୍ଞତାଗୁଡ଼ିକ ତୁମ ଆଖି ଆଗରେ ଜୀବନ୍ତ ରୂପେ ଭାସି ଉଠିବେ । କିନ୍ତୁ ଯାହାକିଛି ତୁମେ ଯାନ୍ତ୍ରିକ ଭାବେ ଶିକ୍ଷା କରିଛ – ସେଗୁଡ଼ିକ ଯଦି ତୁମେ ପ୍ରତିଦିନ ବ୍ୟବହାର ନ କର, ତେବେ ଖୁବ୍ ଶୀଘ୍ର ସେଗୁଡ଼ିକ ତୁମ ସ୍ମୃତିପଟରୁ ଲିଭିଯିବେ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ପ୍ରଥମ ଭାଗ

## (ଦ୍ୱାଦଶ ଅଧ୍ୟାୟ)

## ପଥ ଓ ଭକ୍ତ

**ଶେଖ ଅବଦୁଲ କାଶମ**

ସର୍ବବ୍ୟାପୀ ଆତ୍ମା ସହିତ ଯୋଗଯୁକ୍ତ ହୋଇ କର୍ମ କରିବାକୁ ଅର୍ଜୁନ ଆଦେଶ ପ୍ରାପ୍ତ ହୋଇଛନ୍ତି । କିନ୍ତୁ ତାଙ୍କୁ ସମସ୍ତ ପୁରାତନ ଭାବଧାରା ଓ ଦୃଷ୍ଟିଭଙ୍ଗୀରୁ ବାହାରି ଆସିବାକୁ ହେବ । ସେ ନିଜକୁ ଏକ ନୂତନ ଆନ୍ତର ଭିତ୍ତିରେ ପ୍ରତିଷ୍ଠିତ କରି ବିଭୁ-ଆଦିଷ୍ଟ କର୍ମ ସମ୍ପାଦନ କରିବେ । ଏଥିପାଇଁ ତାଙ୍କର ଆବଶ୍ୟକ ହେଉଛି ଏକ ସମନ୍ୱୟକାରୀ ମହତ୍ତର ଜ୍ଞାନ, ଏକ ଦିବ୍ୟତର ଚୈତନ୍ୟ, ଏକ ଉଚ୍ଚ ନୈର୍ବ୍ୟକ୍ତିକ ଉଦ୍ଦେଶ୍ୟ ଏବଂ ଭଗବତ୍ ସଙ୍କଳ୍ପ ଓ ଆଧ୍ୟାତ୍ମିକ ପ୍ରେରଣା ସହିତ ଐକ୍ୟସ୍ଥାପନ । ଜ୍ଞାନ, ସଙ୍କଳ୍ପ ଓ ପ୍ରେମର ସର୍ବୋତ୍ତମ ସ୍ଥିତିରେ ରହି ସେ ଭଗବାନ୍, ପ୍ରକୃତି ଏବଂ ସକଳ ଜୀବଙ୍କ ସହିତ ଐକ୍ୟ ଉପଲବ୍ଧି କରିବା ଦ୍ୱାରା ଜଣେ ମୁକ୍ତ ପୁରୁଷରେ ପରିଣତ ହୋଇ ପାରିବେ । ଆତ୍ମାର ସ୍ୱାଧୀନତା ଏବଂ ପ୍ରକୃତିମଧ୍ୟସ୍ଥ ଜୀବର ବନ୍ଧନ – ଏଇ ବିରୋଧାଭାସର ସମାଧାନ ନ କରିବା ପର୍ଯ୍ୟନ୍ତ ସେ ଭୟ, ଭ୍ରାନ୍ତି, ସଂକୀର୍ଣ୍ଣତା ଓ ଅଜ୍ଞାନରୁ ମୁକ୍ତ ହୋଇ ପାରିବେ ନାହିଁ ।

ଗୀତାର ଦ୍ୱାଦଶ ଅଧ୍ୟାୟ ଓ ପରବର୍ତ୍ତୀ ଛଅଟି ଅଧ୍ୟାୟରେ ଆମେ ଏକ ମହାନ୍ ଅଧ୍ୟାତ୍ମ ପରିବର୍ତ୍ତନର ଅସଲ ତାତ୍ପର୍ଯ୍ୟ ଓ ସୂତ୍ର ଲାଭ କରିପାରିବା । ଅଧ୍ୟାତ୍ମ ମୁକ୍ତି ସମ୍ବନ୍ଧରେ ବେଦାନ୍ତର ମତ ସହିତ ଗୀତାର ମତକୁ ତୁଳନା କରି ଦେଖିବାକୁ ହେବ । ବେଦାନ୍ତ ଶୁଦ୍ଧ ଜ୍ଞାନର ଯୋଗ ଶିକ୍ଷା ଦେଇଛି । ଏହା ସେହି ପରମ ଅକ୍ଷର (supreme Immutable) ଓ ଅବ୍ୟକ୍ତ ବ୍ରହ୍ମ (Unmanifested Brahman)ଙ୍କ ଉପଲବ୍ଧି ଉପରେ ଗୁରୁତ୍ୱ ଦେଇଛି ଯିଏ କି ସମ୍ବନ୍ଧାତୀତ (relationless), ଉଦାସୀନ (aloof) ଓ ନିଷ୍କ୍ରିୟ । ଏହି ଅନିର୍ଦ୍ଦେଶ୍ୟ (Indefinable) ଓ ନୈର୍ବ୍ୟକ୍ତିକ ଅବ୍ୟକ୍ତ ସତ୍ତାଙ୍କ ସହିତ ମନୁଷ୍ୟ ପ୍ରେମ ଓ ଭକ୍ତିର ବ୍ୟକ୍ତିଗତ ସମ୍ବନ୍ଧ ଯୋଡ଼ିପାରେ ନାହିଁ, ତାଙ୍କ ପାଖରୁ ସେ କୌଣସି ଉତ୍ତର ପାଇପାରେ ନାହିଁ । ଅନ୍ୟ ପକ୍ଷରେ ଗୀତା ଯେଉଁ ପୁରୁଷୋତ୍ତମ, ପରମେଶ୍ୱର ଓ ପରମାତ୍ମାଙ୍କ ଉପଲବ୍ଧି ବିଷୟରେ କହିଛି ତାହା ଆମକୁ ଏକ ପୂର୍ଣ୍ଣାଙ୍ଗ ଓ ସମନ୍ୱୟ ସାଧକର ଜ୍ଞାନ ପ୍ରଦାନ କରିଥାଏ । ଏହି ସମଗ୍ର ଜ୍ଞାନ ହିଁ ଆତ୍ମାର ଚରମ ମୁକ୍ତିକୁ ସୁନିଶ୍ଚିତ କରିଥାଏ । ଗୀତାର ନିର୍ଦ୍ଦେଶ ହେଉଛି ଯେଉଁ ଭଗବାନଙ୍କଠାରେ ସକଳ ବିଭାବ ଏକତ୍ରୀଭୂତ ହୋଇଛି ତାଙ୍କରି ଉଦ୍ଦେଶ୍ୟରେ ସକଳ କର୍ମ ଯଜ୍ଞ ରୂପେ ଉତ୍ସର୍ଗ କରିବାକୁ ହେବ, ତାଙ୍କୁ ହିଁ ଏକନିଷ୍ଠ ଭାବରେ ଭକ୍ତି ଓ ଉପାସନା କରିବାକୁ ହେବ । ଯେତେବେଳେ ବ୍ୟକ୍ତି ଭଗବାନଙ୍କର ସକଳ ତତ୍ତ୍ୱ ଓ ସକଳ ଶକ୍ତିର ଜ୍ଞାନ ଲାଭ କରିବ ଏବଂ ତାଙ୍କୁ ପୂର୍ଣ୍ଣରୂପରେ ଦର୍ଶନ କରିବ ସେତେବେଳେ ସେ ତାଙ୍କ ମଧ୍ୟରେ ମୁକ୍ତ ଆତ୍ମା ରୂପେ ପ୍ରବେଶ କରିବାକୁ ସମର୍ଥ ହେବ । ଅନନ୍ୟ ଭକ୍ତି ଦ୍ୱାରା ହିଁ (ଭକ୍ତ୍ୟା ତ୍ୱନନ୍ୟୟା) ଏକଥା ସମ୍ଭବ ହୋଇ ପାରିବ ।

ଗୀତା ଯେଉଁ ମୁକ୍ତିକୁ ଆମ ଆଗରେ ଲକ୍ଷ୍ୟ ରୂପେ ସ୍ଥାପନ କରିଛି ତାହା କେବଳ 'ସାଯୁଜ୍ୟ ମୁକ୍ତି' ନୁହେଁ ଯାହା ଅଦ୍ୱିତୀୟଙ୍କ ମଧ୍ୟରେ ବ୍ୟକ୍ତିଗତ ସତ୍ତାର ବିଲୋପ ଦ୍ୱାରା ପ୍ରାପ୍ତ ହୋଇଥାଏ । ଗୀତାର ଦୃଷ୍ଟିରେ ଏପରି ଏକ 'ସାଯୁଜ୍ୟ ମୁକ୍ତି' ଆବଶ୍ୟକ ଯଦ୍ୱାରା ଜଣେ ପରମ ଭଗବାନଙ୍କ ସହିତ ମୂଳ ସତ୍ତାରେ, ତାଙ୍କର ଚେତନା ଓ ଆନନ୍ଦ ମଧ୍ୟରେ ସମ୍ପୂର୍ଣ୍ଣ ସଂଯୋଜିତ ହୋଇଯିବ ଅର୍ଥାତ୍ ସେ ବ୍ରହ୍ମରେ ପରିଣତ ହେବ (ବ୍ରହ୍ମଭୂତଃ) । ସେ 'ସାଲୋକ୍ୟ ମୁକ୍ତି' ମଧ୍ୟ ଲାଭ କରିବ ଅର୍ଥାତ୍ ପରମପୁରୁଷଙ୍କ ଶ୍ରେଷ୍ଠତମ ସତ୍ତା ମଧ୍ୟରେ ନିତ୍ୟନିବାସ କରିବ (ନିବସିଷ୍ୟସି ମୟ୍ୟେବ) । ପୁନଶ୍ଚ ସେ ପ୍ରେମ ଓ ଭକ୍ତି ଦ୍ୱାରା ପ୍ରେମାସ୍ପଦ ଭଗବାନଙ୍କ ଆଲିଙ୍ଗନରେ ଚିର ଆବଦ୍ଧ ହୋଇ ରହିବ, ତାଙ୍କ ଦ୍ୱାରା ପରିବୃତ ଓ ସମାବୃତ ହୋଇ ରହିବ । ଏହା ହେଉଛି 'ସାମୀପ୍ୟ ମୁକ୍ତି' । ଗୀତା ପୁଣି 'ସାଦୃଶ୍ୟ ମୁକ୍ତି'ର କଥା କହିଛି ଯଦ୍ୱାରା ଜୀବର ମୁକ୍ତ ପ୍ରକୃତି ଭାଗବତ ପ୍ରକୃତି ସହିତ ଏକ ଓ ଅଭିନ୍ନ ହୋଇଯିବ ଅର୍ଥାତ୍ ଭଗବାନଙ୍କ ଗୁଣଧାରଣ କରି ଭଗବାନଙ୍କ ତୁଲ୍ୟ ହୋଇଯିବ (ମଦ୍ଭାବମାଗତାଃ) ।

ପୁନଶ୍ଚ ସାଧକ 'ସାଧର୍ମ୍ୟ ମୁକ୍ତି'କୁ ମଧ୍ୟ ପ୍ରାପ୍ତ ହେବ, ଅର୍ଥାତ୍ ସେ ଆପଣା ସତ୍ତାର ଧର୍ମରେ, ନିଜ କର୍ମ ଓ ପ୍ରକୃତିର ଧର୍ମରେ ଭଗବାନଙ୍କ ସହିତ ଏକୀଭୂତ ହୋଇଯିବ (ସାଧର୍ମ୍ୟମ୍ ଆଗତାଃ) । ଗୀତା ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗକୁ ସମନ୍ୱିତ କରି ଉପରୋକ୍ତ ବିଭିନ୍ନ ପ୍ରକାର ମୁକ୍ତିର ସମନ୍ୱୟରେ ଏକ ସମୃଦ୍ଧତମ ଭାଗବତ ମୁକ୍ତିକୁ ଲକ୍ଷ୍ୟ ରୂପେ ନିର୍ଦ୍ଧାରିତ କରି ଦେଇଛି ।

ଅର୍ଜୁନଙ୍କ ମନରେ ପ୍ରଶ୍ନ ଉଠିଛି ଯେ ଯେଉଁମାନେ ଅକ୍ଷର ଆତ୍ମାର ଶାନ୍ତ ନୈର୍ବ୍ୟକ୍ତିକତା ମଧ୍ୟରେ ନିଜର ବ୍ୟକ୍ତିସତ୍ତାକୁ ନିମଜ୍ଜିତ କରିଦିଅନ୍ତି ଏବଂ ଅନ୍ୟ ଯେଉଁମାନେ ବିଶ୍ୱାତୀତ ସତ୍ତା ଓ ବିଶ୍ୱପୁରୁଷଙ୍କ ସହିତ ଜ୍ଞାନ, କର୍ମ ଓ ଭକ୍ତି ମାଧ୍ୟମରେ ଏକତ୍ୱ ଲାଭ କରନ୍ତି, ଏ ଦୁଇ ପ୍ରକାର ସିଦ୍ଧଯୋଗୀଙ୍କ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ଯୋଗବେତ୍ତା (having the greater knowledge of yoga)– 'ତେଷାଂ କେ ଯୋଗବିତ୍ତମାଃ' । ଏ ବିଷୟରେ ଶ୍ରୀକୃଷ୍ଣଙ୍କ ସୁସ୍ପଷ୍ଟ ଉତ୍ତର ଥିଲା –

''ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ॥''
(୧୨/୨)

ଅର୍ଥାତ୍, ''ଯେଉଁମାନେ ମୋଠାରେ ମନୋନିବେଶ-ପୂର୍ବକ ମୋ ସହିତ ନିତ୍ୟଯୁକ୍ତ ବା ନିତ୍ୟ ସଂଲଗ୍ନ ହୋଇ ରହିଥା'ନ୍ତି ଏବଂ ପରମ ଶ୍ରଦ୍ଧା ସହିତ ମୋତେ ଉପାସନା କରନ୍ତି, ସେମାନେ ମୋ ମତରେ ଶ୍ରେଷ୍ଠତମ ଯୋଗୀ (the most perfectly in union of yoga) ।''

ଶ୍ରୀଅରବିନ୍ଦ ଏହି ବିଷୟଟିକୁ ବ୍ୟାଖ୍ୟା କରି କହନ୍ତି – ''The supreme faith is that which sees God in all and to its eye the manifestation and the non-manifestation are one Godhead. The perfect union is that which meets the Divine at every moment, in every action and with all the integrality of the nature.''

(Essays on the Gita, p. 400)

ଅର୍ଥାତ୍, ''ତାହାହିଁ ପରମ ଶ୍ରଦ୍ଧା, ଯାହା ସମସ୍ତଙ୍କ ମଧ୍ୟରେ ଭଗବାନଙ୍କୁ ଦର୍ଶନ କରେ, ଯାହାର ଦୃଷ୍ଟିରେ ବ୍ୟକ୍ତ ଓ ଅବ୍ୟକ୍ତ ଉଭୟ ସେହି ଏକ ଭଗବାନ୍ । ତାହାହିଁ ପୂର୍ଣ୍ଣତମ ଯୋଗ, ଯାହା ଭଗବାନଙ୍କୁ ପ୍ରତି ମୁହୂର୍ତ୍ତରେ ସାକ୍ଷାତ୍ କରେ, ପ୍ରତ୍ୟେକ କର୍ମରେ ଏବଂ ପ୍ରକୃତିର ପୂର୍ଣ୍ଣାଙ୍ଗତାରେ ତାଙ୍କୁ ପ୍ରତ୍ୟକ୍ଷ କରେ ।'' (ଗୀତା-ନିବନ୍ଧମାଳା, ପୃ. ୪୯୪)

ଯେଉଁମାନେ ସମ୍ବନ୍ଧହୀନ ଅବ୍ୟକ୍ତ ଅକ୍ଷର ଆତ୍ମାକୁ ଲାଭ କରିବାକୁ ଚାହାନ୍ତି ସେମାନେ ମଧ୍ୟ ଭଗବାନଙ୍କୁ ପ୍ରାପ୍ତ ହୁଅନ୍ତି । ମାତ୍ର ସେମାନଙ୍କୁ ଅଧିକତର କଠିନ ପଥ ଦେଇ ଲକ୍ଷ୍ୟ ଦିଗରେ ଯିବାକୁ ହୋଇଥାଏ । ସେମାନେ ଏକ ନିଶ୍ଚଳ ଅଧ୍ୟାତ୍ମ ନୈର୍ବ୍ୟକ୍ତିକତା ଓ ପ୍ରଶାନ୍ତି ଦ୍ୱାରା ସେହି ଲକ୍ଷ୍ୟ ପ୍ରାପ୍ତ କରନ୍ତି । ସେମାନଙ୍କୁ ମନ ଓ ଇନ୍ଦ୍ରିୟସମୂହର ବୃତ୍ତିସବୁକୁ ସଂଯତ କରିବାକୁ ହୁଏ; ଏପରିକି ସେଥିରୁ ନିଜକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବାକୁ ହୁଏ । ଏପରି ବ୍ୟକ୍ତିମାନେ ବୈରାଗ୍ୟ ଓ ସନ୍ନ୍ୟାସର ମାର୍ଗକୁ ପସନ୍ଦ କରିଥା'ନ୍ତି । ସେମାନେ କୃଚ୍ଛ୍ର ସାଧନାରେ ନିଜକୁ ଲିପ୍ତ କରନ୍ତି । ବୁଦ୍ଧିର ସମତା ଅଭ୍ୟାସ କରି ସେମାନେ ସକଳ ବସ୍ତୁ ଓ ବିଷୟ ମଧ୍ୟରେ ଏକ ଆତ୍ମାଙ୍କୁ ଦର୍ଶନ କରନ୍ତି । ଏହା ନିଶ୍ଚିତ ଭାବରେ ଏକ କଠିନ ଓ କ୍ଲେଶଦାୟକ ପଥ, ଯେଉଁଥିରେ କେବଳ ଅଳ୍ପ କେତେଜଣହିଁ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇ ପାରିବେ । ବ୍ୟକ୍ତିର ବିଶେଷ ସ୍ୱଭାବ, ତା'ର ଆନ୍ତର ଆହ୍ୱାନ ଉପରେ ଏପରି ଏକ ପଥର ନିର୍ବାଚନ ନିର୍ଭର କରେ । ତେବେ ଏହି ପଥ ଅଧିକ କ୍ଲେଶଦାୟକ ବୋଲି ଯେ ଏହା ଅଧିକ ଫଳପ୍ରସୂ, ଏପରି ଭାବିବା ଅନୁଚିତ ।

ଅନ୍ୟ ପକ୍ଷରେ ଗୀତା ଆମକୁ କର୍ମ, ଜ୍ଞାନ ଓ ଭକ୍ତିର ଯେଉଁ ସମନ୍ୱିତ ପଥ ବିଷୟରେ ଶିକ୍ଷା ଦେଇଛି ତାହା ଅଧିକ ସୁଗମ, ସ୍ୱାଭାବିକ ଓ ସହଜ ଅଟେ । ଏହା ଭଗବାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିବାର ସୁଯୋଗ ଦିଏ । ତେଣୁ ମାନସିକ ଓ ଇନ୍ଦ୍ରିୟଗତ ବୃତ୍ତିଗୁଡ଼ିକ ପ୍ରତି ଆସକ୍ତ ହେବା ପାଇଁ ଯେ ଏହା ଅନୁମତି ଦେଇଛି, ଏପରି ନୁହେଁ । ଜ୍ଞାନପନ୍ଥୀ ଯୋଗୀମାନେ ପ୍ରକୃତିଗତ ପ୍ରବୃତ୍ତିଗୁଡ଼ିକ ସହିତ ସଂଘର୍ଷ କରିବାକୁ ଯାଇ ଉଚ୍ଚତମ ଭୋଗରୁ ମଧ୍ୟ ନିଜକୁ ବଞ୍ଚିତ କରନ୍ତି । ସେମାନେ ଅଧ୍ୟାତ୍ମ ସତ୍ତାର ଊର୍ଦ୍ଧ୍ୱମୁଖୀ ପ୍ରବୃତ୍ତିଗୁଡ଼ିକୁ ମଧ୍ୟ ବର୍ଜନ କରନ୍ତି । ଅନ୍ୟ ପକ୍ଷରେ ଗୀତାର ପନ୍ଥା ହେଲା ସତ୍ତାର ଊର୍ଦ୍ଧ୍ୱମୁଖୀ ଗତିକୁ ଆବିଷ୍କାର କରିବା ଏବଂ ତାହାକୁ ଭଗବତ୍‌ମୁଖୀ କରିବା । ଏହା ଜ୍ଞାନ, ସଙ୍କଳ୍ପ, ଅନୁଭୂତି ଓ ସିଦ୍ଧିଲାଭର ସ୍ୱାଭାବିକ ପ୍ରେରଣାସବୁକୁ ସହାୟକ ରୂପେ ବ୍ୟବହାର କରି ପୂର୍ଣ୍ଣ ମୁକ୍ତି ଦିଗରେ ଅଗ୍ରସର ହୁଏ ।

ଅବ୍ୟକ୍ତ ଓ ଅନିର୍ଦ୍ଦେଶ୍ୟ ବ୍ରହ୍ମଙ୍କୁ ଉପଲବ୍ଧି କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନିଜର ଅଙ୍ଗସକଳକୁ ନିଗ୍ରହ କରନ୍ତି,

ପ୍ରକୃତିକୁ କଠୋର ଭାବେ ଦମନ କରନ୍ତି ଓ ଆପଣାକୁ କଷ୍ଟ ଦିଅନ୍ତି (ଦୁଃଖମ୍ ଅବାପ୍ୟତେ, କ୍ଲେଶୋଽଧିକତରସ୍ତେଷାମ୍)। ମାତ୍ର ସେମାନେ ସେହି ଅବ୍ୟକ୍ତ ଅଦ୍ୱିତୀୟଙ୍କଠାରୁ ବ୍ୟକ୍ତିଗତ ସମ୍ବନ୍ଧଗତ କୌଣସି ସାହାଯ୍ୟ ପାଆନ୍ତି ନାହିଁ, କୌଣସି ନିରାପଦ ଅବଲମ୍ବନ ତାଙ୍କୁ ପ୍ରାପ୍ତ ହୁଏ ନାହିଁ। ନିଜର କଠୋର ଓ ନିଃସଙ୍ଗ ତପସ୍ୟା ଉପରେ ହିଁ ଭରସା ରଖି ତାଙ୍କୁ ଉର୍ଦ୍ଧ୍ୱକୁ ଉଠିବାକୁ ହୁଏ। ଏହା ହେଉଛି ସମ୍ବନ୍ଧଶୂନ୍ୟ ଓ ସ୍ୱଚ୍ଛତାର ପଥ, ଏଥିରେ ସାଧକକୁ ସକଳ କର୍ମରୁ ଅପସରି ଯିବାକୁ ହୋଇଥାଏ।

ଗୀତା-ନିର୍ଦ୍ଦେଶିତ ପଥକୁ ଅବଲମ୍ବନ କରିଥିବା ବ୍ୟକ୍ତିମାନେ ଅନନ୍ୟମୁଖୀ ଭାବରେ ପୁରୁଷୋତ୍ତମଙ୍କୁ ଧ୍ୟାନ କରନ୍ତି, ସକଳଙ୍କୁ ବାସୁଦେବ ରୂପେ ଦେଖନ୍ତି ଏବଂ ବାସୁଦେବ ମଧ୍ୟ ଅସଂଖ୍ୟ ରୂପରେ ସେମାନଙ୍କୁ ଦର୍ଶନ ଦିଅନ୍ତି। ଏହି ସାଧକମାନେ ବିଶ୍ୱପ୍ରକୃତି ଜରିଆରେ ସିଧାସଳଖ ବିଶ୍ୱପ୍ରକୃତିର ଅଧୀଶ୍ୱରଙ୍କୁ ପ୍ରାପ୍ତ ହୁଅନ୍ତି। ସେମାନେ କର୍ମକୁ ବର୍ଜନ କରନ୍ତି ନାହିଁ, ବରଂ ସକଳ କର୍ମକୁ କର୍ମର ଅଧୀଶ୍ୱରଙ୍କଠାରେ ଯଜ୍ଞ ରୂପେ ଉତ୍ସର୍ଗ କରନ୍ତି। ଭଗବାନ୍ ସେମାନଙ୍କ କର୍ମର ଭାର ନିଜେ ବହନ କରନ୍ତି। ଏହି ଶ୍ରେଣୀର ସାଧକମାନେ ଅନନ୍ୟ ପ୍ରେମ ଓ ଅଗାଧ ଭକ୍ତିରେ ଭଗବାନଙ୍କଠାରେ ଆପଣାକୁ ସମର୍ପିତ କରିଥା'ନ୍ତି। ଭଗବାନ୍ ମଧ୍ୟ ସେମାନଙ୍କ ପାଖରେ ଉଦ୍ଧାରକର୍ତ୍ତା ଓ ରକ୍ଷାକର୍ତ୍ତା ରୂପେ ଉପସ୍ଥିତ ହୁଅନ୍ତି। (ତେଷାମହଂ ସମୁଦ୍ଧର୍ତ୍ତା)।

ଉପରୋକ୍ତ ଦୃଷ୍ଟିରୁ ବିଚାର କଲେ ଗୀତାର ପଥଟି ଦ୍ରୁତତମ ଓ ଉଦାରତମ ପଥ ରୂପେ ଆମ ଆଗରେ ପ୍ରକାଶିତ ହୁଏ। ଏ ପଥରେ ଜଣେ ସକଳ ପ୍ରକାର କର୍ମରେ ନିଯୁକ୍ତ ଥାଇ ମଧ୍ୟ ତା'ର ମନ, ପ୍ରାଣ ଓ ବିଚାରବୁଦ୍ଧିକୁ ଭଗବାନଙ୍କଠାରେ ନିରନ୍ତର ଅଭିନିବିଷ୍ଟ କରି ରଖେ। ଫଳରେ ସେ ଭଗବାନଙ୍କ ଭିତରେ ନିତ୍ୟନିବାସ କରି କ୍ଷୁଦ୍ର ପାର୍ଥିବ ପ୍ରକୃତିର ଶୃଙ୍ଖଳରୁ ମୁକ୍ତ ହୋଇଯାଏ। ଅବଶ୍ୟ ଏ ପଥରେ ମଧ୍ୟ ବାଧାବିଘ୍ନ ଆସେ, ନିମ୍ନପ୍ରକୃତିର ଆକର୍ଷଣ ଓ ପ୍ରତିରୋଧ ବିରୋଧରେ ଦୀର୍ଘକାଳ ଧରି ସଂଗ୍ରାମ କରିବାକୁ ହୁଏ। ଭାଗବତ ଚେତନାକୁ ସବୁବେଳେ ପୂର୍ଣ୍ଣଭାବରେ ଧରି ରଖିବା ସମ୍ଭବ ହୁଏ ନାହିଁ। ବିଦ୍ରୋହ, ସଂଶୟ ଓ ବ୍ୟର୍ଥତାର ମୁହୂର୍ତ୍ତ ବି ଆସେ। ଆଲୋକରୁ ନିର୍ବାସିତ ହୋଇଯିବାର କଷ୍ଟକର ଅନୁଭବ ବି ମିଳେ। ତଥାପି ସାଧକକୁ ସ୍ଥିରତା ଓ ଧୈର୍ଯ୍ୟ ସହକାରେ ଅଧ୍ୟାତ୍ମ ଯୋଗ କରିଯିବାକୁ ହୁଏ। ଶ୍ରଦ୍ଧା ଓ ଅଧ୍ୟବସାୟ ଫଳରେ କ୍ରମଶଃ ବାଧାବିଘ୍ନ ଉପରେ ବିଜୟ ପ୍ରାପ୍ତ ହୁଏ। ତେବେ ସହଜ ପଥ ହେଲା କର୍ମର ଅଧୀଶ୍ୱର ଭଗବାନଙ୍କ ଉଦ୍ଦେଶ୍ୟରେ ଅନାସକ୍ତି ସହ ସକଳ କର୍ମ କରିଯିବା। ବାରଂବାର ପ୍ରୟାସ ଫଳରେ ବହିର୍ମୁଖୀ ଚଞ୍ଚଳ ମନ ଦିନେ ଶାନ୍ତ ଓ ସ୍ଥିର ହେବ ଏବଂ ଅନ୍ତରର ଅଧ୍ୟାତ୍ମ ସତ୍ୟ ସହ ସାଧକର ସଂଯୋଗ ସ୍ଥାପିତ ହେବ। ଏ ପଥରେ ସମଗ୍ର ଜୀବନ ହେବ ଭଗବାନଙ୍କର ନିତ୍ୟ ଅନୁସ୍ମରଣ ଏବଂ ତାହାର ଚୂଡ଼ାନ୍ତ ପରିଣତି ରୂପେ ସମ୍ଭବ ହେବ ପରମ ସତ୍ତାଙ୍କ ସହିତ ସମଗ୍ର ଜୀବନର ଏକତ୍ୱ।

ମନୁଷ୍ୟର ମନରେ ଅସ୍ଥିରତା ଓ ସ୍ମୃତିଭ୍ରଂଶତା ସୃଷ୍ଟି ହେବା ସ୍ୱାଭାବିକ। ମନର ଚେଷ୍ଟା ଦ୍ୱାରା ଭଗବାନଙ୍କ ନିତ୍ୟ ଅନୁସ୍ମରଣ ସହଜ କଥା ନୁହେଁ। ପୁରୁଣା ଅଭ୍ୟାସବଶତଃ କର୍ମ ଓ କର୍ମର ବାହ୍ୟ ଲକ୍ଷ୍ୟ ଦିଗରେ ମନ ବାରଂବାର ଆକର୍ଷିତ ହୋଇ ଯାଉଥାଏ। ମାତ୍ର ଯଦି ଫଳରେ ଆକାଙ୍କ୍ଷା ନ ରଖି କର୍ମ କରିବାର ନିରନ୍ତର ଅଭ୍ୟାସ କରାଯାଏ ଏବଂ କର୍ମ ଓ କର୍ମଫଳକୁ ଦିବ୍ୟଶକ୍ତିଙ୍କ ନିକଟରେ ଉତ୍ସର୍ଗ କରାଯାଏ, ତେବେ କ୍ରମଶଃ ବାଧା ଦୂରୀଭୂତ ହୁଏ। ମନ ଈଶ୍ୱରଙ୍କୁ ସ୍ମରଣ କରିବାକୁ ଏବଂ ତାଙ୍କର ଅଧୀନ ହୋଇ ରହିବାକୁ ପ୍ରସ୍ତୁତ ହୋଇଯାଏ ତଥା ସେଥିରେ ଅଭ୍ୟସ୍ତ ହୋଇଯାଏ।

ଗୀତା ନିଷ୍କାମ କର୍ମଯୋଗକୁ ଶ୍ରେଷ୍ଠ ସ୍ଥାନ ଦେଇଛି। ଏହା ସାଧନାରେ ପ୍ରଚେଷ୍ଟା ଓ ଅଭ୍ୟାସ ଉପରେ ଗୁରୁତ୍ୱ ଆରୋପ କରିଛି। କିନ୍ତୁ ନିଷ୍କାମ କର୍ମଯୋଗ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ ବୋଲି ମଧ୍ୟ ଗୀତା ମତ ଦେଇଛି। ଅର୍ଥାତ୍ ପ୍ରତ୍ୟେକ ବସ୍ତୁର ପଶ୍ଚାତରେ ଯେଉଁ ସତ୍ୟ ରହିଛି ସେଥିରେ ମନକୁ ଅଭିନିବିଷ୍ଟ କରିବା ଆବଶ୍ୟକ। ତେବେ ମାନସିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠ ହେଉଛି ସମ୍ପୂର୍ଣ୍ଣ ଏକାଗ୍ରତା ସହିତ ପରମ ସତ୍ୟ ଉପରେ ସତତ ଧ୍ୟାନ କରିବା। କିନ୍ତୁ ଏହା ଅପେକ୍ଷା ଅଧିକ ଶକ୍ତିଶାଳୀ ହେଉଛି କର୍ମଫଳ ତ୍ୟାଗ ଯାହା ମନରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠିତ କରେ। ଗୀତାର ଭାଷାରେ –

''ଶ୍ରେୟୋ ହି ଜ୍ଞାନମଭ୍ୟାସାତ୍ ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ।
ଧ୍ୟାନାତ୍କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ॥''

(୧୨/୧୨)

ପ୍ରକୃତରେ ଶାନ୍ତି ଓ ସ୍ଥିରତା ହେଉଛି ସାଧନାର ଅସଲ ଦୃଢ଼ ଭିତ୍ତି ଯାହା ପୂର୍ଣ୍ଣତା ପ୍ରାପ୍ତିକୁ ସହଜ କରିଦିଏ। ଏହିପରି ଭାବରେ ଅଟଳ ଶାନ୍ତି ମଧ୍ୟରେ ପ୍ରତିଷ୍ଠା ଲାଭ କରିବା ଫଳରେ ଜ୍ଞାନ, ସଂକଳ୍ପ ଓ ଭକ୍ତି ବିକଶିତ ହୁଏ ତଥା ବୃଦ୍ଧି ପ୍ରାପ୍ତ ହୁଏ ଏବଂ ଭଗବତ୍ ପ୍ରାପ୍ତିର ଲକ୍ଷ୍ୟ ପୂର୍ଣ୍ଣ ହୁଏ।

ଗୀତା ଅନୁସାରେ ସାଧନାର ଭିତ୍ତି ହେଉଛି ସମତା, ନିଷ୍କାମତା ଓ ଅଧ୍ୟାତ୍ମ ମୁକ୍ତି । ଏହା ଉପରେ ଆରମ୍ଭରୁ ଗୁରୁତ୍ୱ ଦିଆ ଯାଇଥିଲା । ବର୍ତ୍ତମାନ ମଧ୍ୟ କେତୋଟି ଶ୍ଳୋକରେ ତାହାର ବର୍ଣ୍ଣନା କରାଯାଉଛି । ଶାନ୍ତ ସମତାର କେତୋଟି ସୂତ୍ର ହେଉଛି : (୧) 'ମୁଁ' ଏବଂ 'ମୋର' ଏହି ଭାବର ବର୍ଜନ (ନିର୍ମମୋ ନିରହଂକାରଃ), (୨) ସର୍ବଭୂତ ପ୍ରତି ମୈତ୍ରୀ ଓ କରୁଣା, (୩) କୌଣସି ଜୀବ ପ୍ରତି ଘୃଣା ବା ଦ୍ୱେଷଭାବ ନ ରଖିବା (ଅଦ୍ୱେଷ୍ଟା), (୪) ସାଧକ ଧୈର୍ଯ୍ୟଶୀଳ, ଚିର ସହିଷ୍ଣୁ ଓ କ୍ଷମାଶୀଳ ହୋଇଥିବେ, (୫) ସୁଖଦୁଃଖରେ ସ୍ଥିର ସମତା, କାମନାଶୂନ୍ୟ ସନ୍ତୋଷ, (୬) ଆତ୍ମସଂଯମ, ଦୃଢ଼ ଅଟଳ ସଙ୍କଳ୍ପ ଓ ସ୍ଥିର ନିଶ୍ଚୟତା, (୭) ଏପରି ପ୍ରେମ ଓ ଭକ୍ତି ଯାହା ସମସ୍ତ ମନ ଓ ବୁଦ୍ଧିକୁ ଭଗବାନଙ୍କଠାରେ ସମର୍ପିତ କରିଥିବ (ମୟ୍ୟର୍ପିତମନୋବୁଦ୍ଧିଃ), (୮) ସାଧକ ଅବିକ୍ଷୁବ୍ଧ ଓ ଅଚଞ୍ଚଳ ହୋଇଥିବେ, ସେ ହର୍ଷ, ଭୟ, ଉଦ୍‌ବେଗ, କ୍ରୋଧ ଓ କାମନାରୁ ମୁକ୍ତ ହୋଇଥିବେ, (୯) ସାଧକଙ୍କ ଦ୍ୱାରା ଜଗତ୍ ସନ୍ତପ୍ତ ବା ବ୍ୟଥିତ ହେଉ ନ ଥିବ କିଂବା ସେ ମଧ୍ୟ ଜଗତ୍ ଦ୍ୱାରା ସନ୍ତପ୍ତ ଓ ବ୍ୟଥିତ ହେଉ ନ ଥିବେ, (୧୦) ତାଙ୍କ ଆତ୍ମା ସମ୍ପୂର୍ଣ୍ଣ ଶାନ୍ତ ହୋଇଥିବ, ତାଙ୍କର ସମଗ୍ର ପରିବେଶରେ ଶାନ୍ତି ବିରାଜିତ ହେଉଥିବ ।

ଏପରି ବ୍ୟକ୍ତି ପୁଣି 'ସର୍ବାରମ୍ଭପରିତ୍ୟାଗୀ' ହୋଇଥା'ନ୍ତି, ଅର୍ଥାତ୍ ଅହଙ୍କାରବଶତଃ ବ୍ୟକ୍ତିଗତ ଭାବରେ ଓ ମନ ଦ୍ୱାରା ସେ ଆଭ୍ୟନ୍ତରୀଣ ଓ ବାହ୍ୟିକ କୌଣସି କର୍ମ ଆରମ୍ଭ କରନ୍ତି ନାହିଁ । ସେ ତାଙ୍କର ସକଳ କର୍ମରେ କ୍ଷିପ୍ର ଓ ସୁକୌଶଳୀ ହୋଇଥା'ନ୍ତି, ଅର୍ଥାତ୍ ଭଗବାନଙ୍କର ସଙ୍କଳ୍ପ ସହିତ ତାଙ୍କର ନିଖୁଣ ଐକ୍ୟବୋଧ ଥାଏ ଏବଂ ସେ ଭଗବାନଙ୍କ ବିଶୁଦ୍ଧ ବୀର୍ଯ୍ୟବାନ୍ ଯନ୍ତ୍ର ହୋଇଥା'ନ୍ତି । ଏହାହିଁ କର୍ମର ସର୍ବଶ୍ରେଷ୍ଠ କୌଶଳ ଅଟେ (ଯୋଗଃ କର୍ମସୁ କୌଶଳମ୍) । ସେ ସୁଖ-ଦୁଃଖ, ମାନ-ଅପମାନ, ଶତ୍ରୁ-ମିତ୍ର, ଶୀତ-ଉଷ୍ଣ, ଶୁଭ-ଅଶୁଭ ଇତ୍ୟାଦି ଦ୍ୱନ୍ଦ୍ୱଗୁଡ଼ିକ ପ୍ରତି ସମଭାବାପନ୍ନ ହୋଇଥା'ନ୍ତି । କୌଣସି ବସ୍ତୁ, ବ୍ୟକ୍ତି, ସ୍ଥାନ ବା ନିକେତନ ପ୍ରତି ତାଙ୍କର କୌଣସି ଆସକ୍ତି ରହି ନଥାଏ । ସେ ସକଳ ଅବସ୍ଥାରେ ସନ୍ତୁଷ୍ଟ ଓ ପରିତୃପ୍ତ ହୋଇ ରହିଥା'ନ୍ତି । ଗୀତାର ମୂଳ ଶିକ୍ଷାରେ ଯେଉଁ କଥାଗୁଡ଼ିକ ଅତ୍ୟନ୍ତ ପ୍ରୟୋଜନ ବୋଲି କୁହାଯାଇଛି ସେଥିରୁ କେତୋଟି ହେଉଛି – (୧) ଏକ ଶାନ୍ତ ଜ୍ଞାନମୟ ଆତ୍ମା ଯାହା ସକଳ ବିଷୟରେ ଏକ ଅଧ୍ୟାତ୍ମ ସତ୍ତାକୁ ଦର୍ଶନ କରେ, (୨) ସ୍ଥିର ଅହଂଭାବଶୂନ୍ୟ ସମତା ଯାହା ଜ୍ଞାନରୁ ଉତ୍ପନ୍ନ ହୋଇଥାଏ, (୩) ନିଷ୍କାମ କର୍ମ ଯାହା ସମତାଭାବ ସହ ଭଗବାନଙ୍କୁ ଉତ୍ସର୍ଗ କରାଯାଏ, (୪) ନିଜର ମାନସିକ ପ୍ରକୃତିକୁ ଅନ୍ତରନିବାସୀ ଭଗବାନଙ୍କ ନିକଟରେ ସମର୍ପଣ କରାଯାଏ, (୫) ଏପରି ଜ୍ଞାନଦୀପ୍ତ ପ୍ରେମ ଯାହା ଯନ୍ତ୍ର ଭାବରେ କର୍ମ କରି ପରିପୂର୍ଣ୍ଣତା ଲାଭ କରିବାରେ ସାହାଯ୍ୟ କରେ, ବିଶ୍ୱର ସ୍ରଷ୍ଟା ଓ ଅଧୀଶ୍ୱର (ସୁହୃଦମ୍ ସର୍ବଭୂତାନାମ୍ ସର୍ବଲୋକମହେଶ୍ୱରମ୍)ଙ୍କ ପ୍ରତି ଉଦାର ଏକନିଷ୍ଠ ସର୍ବତୋମୁଖୀ ପ୍ରେମ, ବିଶ୍ୱର ସକଳ ସତ୍ତାଙ୍କ ପ୍ରତି ମଧ୍ୟ ପ୍ରେମ ।

ସାଧନାର ଏପରି ଭିତ୍ତି ଓ ସର୍ତ୍ତକୁ ଅବଲମ୍ବନ କରୁଥିବା ଭକ୍ତ ଭଗବାନଙ୍କର ପ୍ରିୟ ଅଟନ୍ତି (ଭକ୍ତିମାନ୍ ମେ ପ୍ରିୟଃ) । କିନ୍ତୁ ଭଗବାନଙ୍କର ଅତୀବ ପ୍ରିୟ ହେଉଛନ୍ତି ସେହି ଭକ୍ତ (ଅତୀବ ମେ ପ୍ରିୟାଃ), ଯିଏ ଭାବ ଓ ଚେତନାରେ ତାଙ୍କର ନିକଟତମ, ଯାହାଙ୍କ ଭଗବଦ୍ ଭକ୍ତି ଉଦାରତର ଓ ମହତ୍ତର ସିଦ୍ଧି ଦ୍ୱାରା ପୂର୍ଣ୍ଣତା ଲାଭ କରିଛି ଏବଂ ଯିଏ ନିଜର ସମଗ୍ର ପ୍ରକୃତିରେ ଭାଗବତ ଧର୍ମକୁ ପାଳନ କରୁଛନ୍ତି ।

ଏପରି ଭକ୍ତମାନେ ପୁରୁଷୋତ୍ତମଙ୍କୁ ହିଁ ସେମାନଙ୍କର ଏକମାତ୍ର ଲକ୍ଷ୍ୟ ରୂପେ ବାଛିଥା'ନ୍ତି । ସେମାନେ ଅମୃତ ଧର୍ମ (ଧର୍ମ୍ୟାମୃତମ୍)ର ଅନୁସରଣ କରନ୍ତି, ଅର୍ଥାତ୍ ସେମାନେ ଏପରି ଏକ ଧର୍ମ ପାଳନ କରନ୍ତି ଯାହା ସେମାନଙ୍କ ସତ୍ତା ଓ କର୍ମର ସ୍ୱଭାବସିଦ୍ଧ ନୀତି (innate law of being)ରୁ ଉଦ୍ଭବ ହୋଇଥାଏ ଏବଂ ସେମାନେ ଆଭ୍ୟନ୍ତରୀଣ ପ୍ରକୃତି ଦ୍ୱାରା ଉଦ୍‌ବୋଧିତ ଓ ନିର୍ଦ୍ଧାରିତ ହୋଇଥିବା କର୍ମ (ସ୍ୱଭାବନିୟତମ୍ କର୍ମ)କୁ ସମ୍ପାଦନ କରନ୍ତି । ଶ୍ରୀଅରବିନ୍ଦ କହୁଛନ୍ତି, ଅମୃତ ଧର୍ମ (the immortal Dharma) ହେଉଛି ମାତ୍ର ଗୋଟିଏ, ଏହା ପରାପ୍ରକୃତିର ଧର୍ମ ଅର୍ଥାତ୍ ଉଚ୍ଚତମ ଆଧ୍ୟାତ୍ମିକ ଭାଗବତ ଚୈତନ୍ୟ ଓ ତାହାର ଶକ୍ତିସମୂହର ଧର୍ମ । ବ୍ୟକ୍ତି ଯେତେବେଳେ ନିଜ ଭିତରେ ପରମ ସତ୍ୟକୁ କାର୍ଯ୍ୟକାରୀ ହେବାକୁ ଦିଏ, ତାହା ହିଁ ପ୍ରକୃତ ଧର୍ମ । ଏହା ଅମରତ୍ୱର ଧର୍ମ ଯାହା ସକଳ ବିକୃତି ଓ ସୀମିତତା ଉପରେ ବିଜୟ ଲାଭ କରିଥାଏ । ଏହି ଧର୍ମର ଶାଶ୍ୱତ ଓ ଚିରନ୍ତନ ମୂଲ୍ୟ ରହିଥାଏ । ଏପରି ଧର୍ମ ଗୁଣତ୍ରୟର ଅତୀତ ଅଟେ । ଏହାକୁ ଲାଭ କରିବାକୁ ହେଲେ ଅଜ୍ଞାନମୟ ମନ, ପ୍ରାଣ, ଶରୀର ଦ୍ୱାରା ଅନୁସୃତ ନିମ୍ନତର ଧର୍ମ ଓ ନିମ୍ନକୋଟୀର ଆଚରଣ ବିଧିକୁ ପରିହାର କରିବାକୁ ହେବ (ସର୍ବଧର୍ମାନ୍ ପରିତ୍ୟଜ୍ୟ...) । ଏକମାତ୍ର ମୁକ୍ତିପ୍ରଦ

ଏକତ୍ୱସାଧନକାରୀ ଚୈତନ୍ୟ ଓ ଶକ୍ତି (the one liberating unifying consciousness and power of the Eternal) ହିଁ ହେବ ଆମ କର୍ମର ଅନନ୍ତ ଉତ୍ସ, ମୂଳ ପ୍ରେରଣା ଓ ଆଦର୍ଶ ।

ଅହଂଭାବକୁ ଅତିକ୍ରମ କରିବା, ଅକ୍ଷର ପୁରୁଷଙ୍କର ନୈର୍ବ୍ୟକ୍ତିକ ଓ ସମତାପୂର୍ଣ୍ଣ ଶାନ୍ତି ମଧ୍ୟରେ ପ୍ରବେଶ କରିବା, ଅକ୍ଷର ପୁରୁଷଙ୍କ ଊର୍ଦ୍ଧ୍ୱରେ ଥିବା ପୁରୁଷୋତ୍ତମଙ୍କଠାରେ ଆମର ସମଗ୍ର ସତ୍ତା ଓ ସମଗ୍ର ପ୍ରକୃତିକୁ ସମ୍ପୂର୍ଣ୍ଣ ସମର୍ପଣ କରିବା ଏବଂ ତାଙ୍କରି ଅଭିମୁଖରେହିଁ ଅଭୀପ୍ସାକୁ ଧରି ରଖିବା, ଏହା ହେଉଛି ଯୋଗର ପ୍ରାଥମିକ ସର୍ତ୍ତାବଳୀ, ଏହାହିଁ ଯୋଗର ପ୍ରମୁଖ ପଥ ଯାହା ଆମକୁ ଅମୃତ ଧର୍ମ ଆଡ଼କୁ ଉନ୍ନୀତ କରିନେବ ।

(କ୍ରମଶଃ)

❑❑❑

# ଝଡ଼

## ହୃଷୀକେଶ ପଣ୍ଡା

ବୋଧେ ଝଡ଼ ଆସି ନ ଥିଲେ
ଏତେ ବଦଳି ନ ଥାଆନ୍ତା ଜୀବନ
ଦିଶାହୀନ ନାବିକଟେ ପରି
ସେ ଘୂରି ବୁଲୁ ଥାଆନ୍ତା ଦରିଆ ମଝିରେ
ଏକ ବତୀଘରର ସନ୍ଧାନରେ,
ପରାଜୟର ପାଣ୍ଡୁଲିପିସବୁ
ଓଲଟାଇ ଓଲଟାଇ
'କାହିଁକି' ପ୍ରଶ୍ନର ଉତ୍ତର ଖୋଜୁ ଥାଆନ୍ତା
ଅସୁମାରି କ୍ଷତର ଭଁଉରୀ ଭିତରେ ।

କୃତଜ୍ଞ ମୁଁ ଝଡ଼ ନିକଟରେ;
ସେ ଆସିଲା ବୋଲି ସିନା
ଘୂର୍ଣ୍ଣି ବଳୟ ମଧ୍ୟରୁ
ଜୀବନକୁ ଠେଲି ନେଇଗଲା
ଅନନ୍ତ ପାରାବାର ମଧ୍ୟକୁ
ଶାଶ୍ୱତ ସ୍ରୋତସ୍ୱିନୀର ମୁହାଣ ନିକଟକୁ !

ଶିଖାଇ ଦେଇଗଲା ଜୀବନକୁ
କିପରି ଶାନ୍ତ ରହିବାକୁ ହୁଏ
ନିସ୍ତରଙ୍ଗ ଦରିଆ ମଝିରେ



ନୀରବି ଯିବାକୁ ହୁଏ ମନକୁ
ତ୍ରସ୍ତ ଶବ୍ଦମାନଙ୍କ କୋଳାହଳରେ
ପ୍ରାଣକୁ କିପରି ସହିବାକୁ ହୁଏ
ଢେଉମାନଙ୍କର ପ୍ରଖର ଉଦ୍‌ବେଳନ
ଶରୀର କିପରି ବରଣ କରିପାରେ
ଯେତେସବୁ ଝଞ୍ଜା ବା ତୋଫାନ ।

ଏହି ଅନୁଭବର ଉଚ୍ଚତାରେ ଥିଲେ
ସୀମାହୀନ ସାଗର ମଝିରେ
ନାବିକଟି ନିର୍ବିଘ୍ନରେ ଦିଗ ବାରିପାରେ
କୂଳକୁ ନୁହେଁ, ସାଗରର ବିଶାଳ ଗର୍ଭକୁ
ନୌକାର ମଙ୍ଗ ଭିଡ଼ି ଧରେ ।

ବେଳେ ବେଳେ ପଛକୁ ଚାହିଁଲେ
ବିଭ୍ରାନ୍ତ ହେବାର ଭୟ ଥାଏ ବୋଲି
କେହି ଜଣେ ବାରଣ କରୁଥାଏ –
ଚେତାଇ ଦେଉଥାଏ ବାରଂବାର,
ସେହି ବୋଧେ ଆମ ଦିବ୍ୟ ସତ୍ତା
ଝଡ଼ର ନାନାବିଧ ଅଭିଜ୍ଞତା ନେଇ
ନିଜକୁ ନିଜେ ସିଏ କରୁଛି ଉଦ୍ଧାର ।। ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୧)

### 'ଗୋଲକୁଣ୍ଡ'ର ଅଗ୍ରଗତି (୧) :

ଅନନ୍ୟୋପାୟ ହୋଇ ରେମଣ୍ଡ ଆଶ୍ରମରୁ ବିଦାୟ ନେବା ବେଳେ ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟ ପରିସମାପ୍ତି କରିବାର ଭାର ଦୁଇ ବିଶ୍ୱସ୍ତ ସହକର୍ମୀ ନାକାଶିମା ଓ ସ୍ୟାମାରଙ୍କ ଉପରେ ନ୍ୟସ୍ତ କରି ଯାଇଥିଲେ ।

ଏ ଦୁହିଁଙ୍କୁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରୁଥିଲେ ଆଶ୍ରମର ଇଞ୍ଜିନିୟରଗଣ । ସେମାନଙ୍କ ମଧ୍ୟରେ ଚନ୍ଦୁଲାଲ, ଜ୍ୟୋତିନ୍ଦ୍ର, ପବିତ୍ର, ଉଦାର, କ୍ଷୀରୋଦ, ମୃତ୍ୟୁଞ୍ଜୟ, ଉମିରଚାନ୍ଦ, ଦୀକ୍ଷିତ, ଶାନ୍ତି, ସଞ୍ଜୀବନ ଅନ୍ୟତମ । ଏମାନଙ୍କର ସର୍ବାନ୍ତଃକରଣରେ ସେବା ଅତ୍ୟନ୍ତ ଧନ୍ୟବାଦାର୍ହ ।...

ନାକାଶିମାଙ୍କର ମୁଖ୍ୟତଃ ସିମେଣ୍ଟ କଂକ୍ରିଟ୍ ଓ ଚଟାଣରେ ବ୍ୟବହୃତ କଳା ମୁଗୁନି ପଥରସବୁର କର୍ମ ଥିବା ବେଳେ ପ୍ରାରମ୍ଭରୁ ହିଁ ସ୍ୟାମାରଙ୍କର କର୍ମ ଥିଲା ଅଫିସ କର୍ମ — ନକ୍ସାସବୁ ଅଙ୍କନ କରିବା ଏବଂ ହିସାବନିକାଶ ରଖିବା । ତାଙ୍କର ଅଫିସ ଥିଲା ଆଶ୍ରମର ପ୍ରଧାନ ଅଟ୍ଟାଳିକା ମଧ୍ୟରେ ଥିବା ଇଞ୍ଜିନିୟର ଚନ୍ଦୁଲାଲଙ୍କର ଅଫିସ । ସେ 'ଗୋଲକୁଣ୍ଡ' ନିର୍ମାଣ-କ୍ଷେତ୍ର (ସାଇଟ୍)କୁ କେବଳ ସେଇସବୁ ଦିନରେ ଯାଉଥିଲେ ଯେଉଁଦିନ ସବୁକିଛିର ବନ୍ଦୋବସ୍ତ ହୋଇ ବାସ୍ତବରେ କଂକ୍ରିଟ୍ ଢଳେଇ କାମ ହେବାର ଥାଏ ।

ଏତତ୍ ବ୍ୟତୀତ ସ୍ୟାମାରଙ୍କର ଅନ୍ୟତମ କର୍ମ ଥିଲା ନାକାଶିମାଙ୍କ ଦ୍ୱାରା ପ୍ରସ୍ତୁତ 'ମଡେଲ୍ ହାଉସ୍'ରେ ବ୍ୟବହୃତ ହୋଇଥିବା ଆସବାବପତ୍ରସବୁର ନକ୍ସା ଅବଲମ୍ୱନରେ ନିଜର ତୀକ୍ଷ୍ଣ ପାରଦର୍ଶିତା ଖଟାଇ 'ଗୋଲକୁଣ୍ଡ' କକ୍ଷର ସମସ୍ତ ଆସବାବପତ୍ରର ଡିଜାଇନ୍ ପ୍ରସ୍ତୁତ କରିବା, ପ୍ରତ୍ୟେକଟି କକ୍ଷର କାଷ୍ଠ ନିର୍ମିତ ପୂର୍ବପଟ କାନ୍ଥର ଡିଜାଇନ୍ କରି ତତ୍‌ସଂଲଗ୍ନ ନିଃଶବ୍ଦ ଓ ମସୃଣ ଭାବରେ ଗତି କରି ପାରୁଥିବା ଦରଜା (ସ୍ଲାଇଡିଂ ଡୋର୍)ର ନକ୍ସା ଏବଂ ଶିଢ଼ି ପାହାଚର ଗୋଟିଏ ପାର୍ଶ୍ୱରେ ଥିବା କାଷ୍ଠ ନିର୍ମିତ ଲମ୍ବା ଚଉଡ଼ା ଭାରଦଣ୍ଡର ସଂଯୋଗ ପଦ୍ଧତିର ଡିଜାଇନ୍ ପ୍ରସ୍ତୁତ କରିବା । ଅର୍ଥାତ୍ ନାକାଶିମାଙ୍କ ଦ୍ୱାରା ପରିକଳ୍ପିତ କାଷ୍ଠ ନିର୍ମିତ ପ୍ରତ୍ୟେକଟି ଉପକରଣର ଡିଜାଇନ୍ ପ୍ରସ୍ତୁତ କରି ସେସବୁର ବଢ଼େଇ କର୍ମସବୁର ତଦାରଖ କରିବା । ଏତତ୍ ବ୍ୟତୀତ ଆଶ୍ରମ ଭିତରେ ପ୍ରଥମ ମହଲାରେ ଥିବା ପବିତ୍ରଙ୍କ କକ୍ଷର ସାମନା ଅଂଶରେ କାଷ୍ଠ ନିର୍ମିତ କେତୋଟି ସୁନ୍ଦର ଆଲମାରି ନିଜସ୍ୱ ଧାରାରେ ପ୍ରସ୍ତୁତ କରିଥିଲେ ।

ପୁନଶ୍ଚ ସ୍ୟାମାରଙ୍କର ଅନ୍ୟ ଏକ ଅବଦାନ ହେଉଛି (୧୯୩୯-୪୦) ଆଶ୍ରମ ପ୍ରାଙ୍ଗଣରେ ଥିବା କ୍ରମବର୍ଦ୍ଧିଷ୍ଣୁ ଅତି ମନୋହର 'ସର୍ଭିସ୍ ଟ୍ରୀ'ର ବଡ଼ ବଡ଼ ନିମ୍ନମୁଖୀ ଶାଖାସବୁକୁ ଅଟକାଇ ରଖିବା ପାଇଁ ସ୍ତମ୍ଭସବୁ ନିର୍ମାଣ କରିବା । ସାଞ୍ଚିସ୍ତୂପ ଶୈଳୀରେ ନିର୍ମିତ ଗୋଲାକୃତି ସ୍ତମ୍ଭମାନ ଏବେ ବି ତା'ର ଶୋଭାବର୍ଦ୍ଧନ କରି ଦଣ୍ଡାୟମାନ ରହିଛି । ଶ୍ରୀମା ତାଙ୍କର ଏହି ନିର୍ମାଣ ଶୈଳୀକୁ ଭୂରି ଭୂରି ପ୍ରଶଂସା କରିଥିଲେ ।

ସ୍ୟାମାରଙ୍କ ସମ୍ବନ୍ଧେ ଉଦାର ଉଲ୍ଲେଖ କରିଥିଲେ : ''... ମୋତେ ତାଙ୍କ ସହିତ କର୍ମ କରିବାର ଏବଂ ତାଙ୍କଠୁ ଅନେକ କିଛି ଶିଖିବାର ଅପୂର୍ବ ସୁଯୋଗ ମିଳିଥିଲା । ସେ ଥିଲେ ଜଣେ ନିଖୁଣତା ପ୍ରୟାସୀ ବ୍ୟକ୍ତି (perfectionist) ଏବଂ ଶ୍ରୀମା'ଙ୍କର କର୍ମ କରିବାର ପ୍ରଣାଳୀ ଦ୍ୱାରା ସେ ପ୍ରଭୂତ ଭାବରେ ପ୍ରଭାବିତ ହୋଇଥିଲେ — ହାତକୁ ନେଇଥିବା ପ୍ରତ୍ୟେକଟି କର୍ମକୁ ସ୍ୱଭାବତଃ ପୁଙ୍ଖାନୁପୁଙ୍ଖ ଭାବରେ ନିଖୁଣ ଓ ସର୍ବାଙ୍ଗସୁନ୍ଦର କରି ଗଢ଼ି ତୋଳୁଥିଲେ । 'ଗୋଲକୁଣ୍ଡ'ର ନିର୍ମାଣ ପଦ୍ଧତିରେ ନିଖୁଣତା ହିଁ ଏହାର ଶ୍ରୀବୃଦ୍ଧି କରିଛି ।

''ସ୍ୟାମାରଙ୍କର ଶେଷ ଅବଦାନ ଥିଲା ସୌନ୍ଦର୍ଯ୍ୟ ଓ ଉପଯୋଗିତାର ସମ୍ମିଶ୍ରଣ ଘଟାଇ 'ଗୋଲକୁଣ୍ଡ'ର ବଗିଚାରେ ପାଣି କୁଣ୍ଡ ଦୁଇଟି ପ୍ରସ୍ତୁତ କରିବା । ବର୍ଷା ଦିନରେ ଅଟ୍ଟାଳିକାର ଛାତରୁ ତଥା ଭୂମିରୁ ଝରି ଆସୁଥିବା ବର୍ଷା ପାଣିକୁ ଏସବୁଥିରେ ସଂରକ୍ଷଣ କରିବାର ପଦ୍ଧତି — ପ୍ରତିଟି ପାଣି କୁଣ୍ଡକୁ ମାଟି ତଳେ ତଳେ ବଗିଚାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ ପର୍ଯ୍ୟନ୍ତ ପାଣି-ନାଳର ସଂଯୋଜନା କରିବା । ଏହା ଦ୍ୱାରା ଅଟ୍ଟାଳିକାଟିର ବଗିଚାରେ ଏକ ପ୍ରସ୍ତର-ନିର୍ମିତ ସୀମାରେଖା ପ୍ରସ୍ତୁତ ହୋଇଥିଲା । ପୁନଶ୍ଚ କୁଣ୍ଡସବୁରେ ସୁନ୍ଦର ସୁନ୍ଦର ଜଳଜ ଉଦ୍ଭିଦ ତଥା ବିଭିନ୍ନ

ରଙ୍ଗର କଇଁ ଫୁଲର ଚାରା ରୋପଣ କରିବାର ବନ୍ଦୋବସ୍ତ ମଧ୍ୟ କରି ଦେଇଥିଲେ । ପାଣିରେ ଚୀନଦେଶୀୟ ପୋହଳା ଜାତୀୟ ମତ୍ସ୍ୟ (ଗୋଲ୍‌ଡ୍ ଫିସ୍) ସହିତ ବିଭିନ୍ନ ରଙ୍ଗର ଦେଶୀୟ ମତ୍ସ୍ୟସବୁର ସଂରକ୍ଷଣ ପରିକଳ୍ପନା ମଧ୍ୟ ତନ୍ମଧ୍ୟରୁ ଅନ୍ୟତମ । ଏତତ୍ ବ୍ୟତୀତ ପୂର୍ବପଟ ବଗିଚାରେ ଏକ ଗଭୀର ଉତ୍ସ କୂପ (ଆର୍ଟିଜିଆନ୍ ୱେଲ୍) ବସାଇ ଥିଲେ, ଯଦ୍ଦ୍ୱାରା ଏହି କୂପର ପାଣିରେ ବଗିଚାର ସବୁଜ କ୍ଷେତ୍ରରେ ଆବଶ୍ୟକ ସ୍ଥଳେ ଜଳସେଚନ ମଧ୍ୟ ଅନାୟାସରେ କରାଯାଇ ପାରିବ ।...''

୧୯୪୨ରେ ଯୁଦ୍ଧ ଚାଲିଥିବା ବେଳେ ହିଁ ସ୍ୟାମାର ଆଶ୍ରମରୁ ବିଦାୟ ନେଇ ବ୍ରିଟିଶ ସୈନ୍ୟ ବାହିନୀରେ ଯୋଗ ଦେଲେ ।

ଏବେ 'ଗୋଲକୁଣ୍ଡ' ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ନୀରଦଙ୍କର ବର୍ଣ୍ଣନାରୁ : ''...ବେତନଭୋଗୀ କର୍ମୀମାନଙ୍କ ସହିତ ଆମର ସାଧକ କର୍ମୀମାନେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରିବାକୁ ଲାଗିଲେ । ସେହି ଚମକପ୍ରଦ ଅଟ୍ଟାଳିକାଟି ଯେପରି ଶୂନ୍ୟରୁ କେଉଁଠୁ ନୀରବରେ ଧୀରେ ଧୀରେ ଆକାଶ ଆଡ଼କୁ ଶୀରୋତ୍ତଳନ କରି ଉଠିଲା । ସେହି ଅଟ୍ଟାଳିକାଟି ମନେ ହେଉଥିଲା ପୁରାଣ ବର୍ଣ୍ଣିତ ବୃହଦାକାର ଓ ଅତି ଶକ୍ତିଶାଳୀ ଆକୃତିର ମାନବ ସଦୃଶ; ଯାହାକି ସେ କାଳର ପଣ୍ଡିଚେରୀ ପକ୍ଷରେ ଏକେବାରେ କଳ୍ପନାତୀତ ଥିଲା ।... ଯେତେ ଅଧିକ ସଂଖ୍ୟକ ସମ୍ଭବ ସାଧକଙ୍କୁ ସେହି କାର୍ଯ୍ୟରେ ନିଯୁକ୍ତ କରି ଦିଆଯାଇଥିଲା । ଯୁବକ ବା ବୟସ୍କ ଯେ କେହି ଆଶ୍ରମରେ ଆଂଶିକ ବା ପୂରା କାର୍ଯ୍ୟ କରିବାକୁ ଆଗଭର ହୋଇ ଶ୍ରୀମା'ଙ୍କ ପାଖକୁ ଆସୁଥିଲେ, ଶ୍ରୀମା ପ୍ରାୟତଃ ତାକୁ କହୁଥିଲେ, 'ଗୋଲକୁଣ୍ଡକୁ ଯାଅ, ଗୋଲକୁଣ୍ଡକୁ ଯାଅ ।' ଶ୍ରୀମା ପ୍ରତିଦିନ ଗୋଲକୁଣ୍ଡର ପ୍ରତିଟି ବିଷୟରେ ଶ୍ରୀଅରବିନ୍ଦଙ୍କ ସହିତ ପରାମର୍ଶ କରୁଥିଲେ ଏବଂ କର୍ମସ୍ଥଳରେ ଯେଉଁସବୁ ବାଧାବିପତ୍ତି ଓ ଅସୁବିଧାର ସମ୍ମୁଖୀନ ହେବାକୁ ହେଉଥିଲା ସେସବୁକୁ ଅତିକ୍ରମ କରିବା ନିମିତ୍ତ ତାଙ୍କ ଶକ୍ତିକୁ ଆବାହନ କରୁଥିଲେ । ବିଶେଷ କରି ଯେତେବେଳେ ବର୍ଷା ଦ୍ୱାରା କାମ ଅଟକି ଯାଉଥିଲା କିଂବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶ ନଷ୍ଟ ହୋଇ ଯାଉଥିଲା, ଶ୍ରୀମା ସେତେବେଳେ ଶ୍ରୀଅରବିନ୍ଦଙ୍କର ସ୍ୱତନ୍ତ୍ର କୃପା ପ୍ରାର୍ଥନା କରୁଥିଲେ । ଉଦାହରଣସ୍ୱରୂପ, ଯେତେବେଳେ ଛାତ ପଡ଼ିଲା, ଶ୍ରୀମା ସେତେବେଳେ ଶ୍ରୀଅରବିନ୍ଦଙ୍କର ସ୍ୱତନ୍ତ୍ର ସାହାଯ୍ୟ ଭିକ୍ଷା କରିଥିଲେ । ଅନେକ ସମୟରେ ଆମେ ଦେଖିଛୁ ଏବଂ ଶୁଣିଛୁ ଶ୍ରୀଅରବିନ୍ଦଙ୍କୁ ଶ୍ରୀମା ପ୍ରାର୍ଥନା କରିବାର – 'ପ୍ରଭୁ, ଆଉ ବୃଷ୍ଟି ହେବା ଉଚିତ ନୁହେଁ ।' ଭୟଙ୍କର ମେଘମାଳା ଆକାଶରେ ଘୋଟି ଆସୁଥିଲା, ତୋଫାନ ସହ ପଶ୍ଚିମା ମୌସୁମୀ ତୀବ୍ରଭାବେ ବହୁଥିଲା, ବୃଷ୍ଟି ଆସନ୍ନ ପ୍ରାୟ, ପଣ୍ଡିଚେରୀରେ ଯେପରି ମୂଷଳ ଧାରାରେ ବୃଷ୍ଟି ହୁଏ ! ଆମେ ଆକାଶ ଆଡ଼କୁ ଦୃଷ୍ଟିପାତ କରୁ ଏବଂ ଦିବ୍ୟ ଶକ୍ତି ଓ ପ୍ରାକୃତିକ ଶକ୍ତି ମଧ୍ୟରେ ଯୁଦ୍ଧର ପରିଣାମ ବିଷୟରେ କଳ୍ପନା-ଜଳ୍ପନା କରୁ । ଅବଶ୍ୟ ଭାଗବତୀ ଶକ୍ତି ନିଶ୍ଚୟ ଜୟଯୁକ୍ତ ହେଉଥିଲା; ଧୀରେ ଧୀରେ ସେହି ଭୟଙ୍କରୀ ଶକ୍ତି ଆପଣାକୁ ଏକତ୍ରୀତ କରି ନିଜ ଗୁମ୍ଫା ଭିତରକୁ ଅପସରି ଯାଉଥିଲା । କିନ୍ତୁ ଯେଉଁ ମୁହୂର୍ତ୍ତରେ ଆକାଂକ୍ଷିତ କର୍ମଟି ଶେଷ ହୋଇଆସେ, ଠିକ୍ ପରମୁହୂର୍ତ୍ତରେ ଢ଼ୁ ଢ଼ୁ ବର୍ଷା ଢାଳି ଦିଏ, ଯେପରି ପ୍ରତିହିଂସାରେ । ଶ୍ରୀଅରବିନ୍ଦ କହୁଥିଲେ ଯେ ସାଧାରଣତଃ ଏହାହିଁ ନିୟମ । ଧାନକଟା ଋତୁରେ ମଧ୍ୟ ଶ୍ରୀଅରବିନ୍ଦଙ୍କୁ ଶ୍ରୀମା ଜରୁରୀ ସମ୍ବାଦ ପଠାନ୍ତି, ସେହିପରି ବର୍ଷା ବନ୍ଦ ହେବା ନିମିତ୍ତ ଅନୁରୋଧ ଜଣାନ୍ତି । ଶ୍ରୀଅରବିନ୍ଦ ଏହି ଅନୁରୋଧ ଶୁଣି ସ୍ମିତହାସ୍ୟ ପ୍ରକାଶ କରନ୍ତି ଏବଂ ତାଙ୍କ କାର୍ଯ୍ୟ କରିଥା'ନ୍ତି ।* ଯଦି ମୁଁ ଅନ୍ୟ କୌଣସି ଅଲୌକିକ ଘଟଣା ଦେଖି ନଥାଏ, ଅନ୍ତତଃ ଏହି ଗୋଟିଏ ଆଶ୍ଚର୍ଯ୍ୟଜନକ ଘଟଣା ବାରଂବାର ଘଟୁଥିବାର ମୁଁ ପ୍ରମାଣ ଦେଇପାରେ ।

''ଗୋଲକୁଣ୍ଡର ଛାତ ପଡୁଥିବା ବେଳେ ସମୟ ସମୟରେ ସାରା ରାତି କାମ ଚାଲେ, ଏବଂ ଶ୍ରୀମା ଏଥିନିମିତ୍ତ

---

* ସେଦିନ ଥିଲା ୪.୧୦.୪୯ (ମଙ୍ଗଳବାର); ଶ୍ରୀଅରବିନ୍ଦଙ୍କୁ ଶ୍ରୀମା ଜଣାଇଲେ : 'କାଜନୋଭ୍‌ରେ ଧାନ ଅମଳ ହେଉଛି, ଯଦି ବର୍ଷା ହେବ ତେବେ ସବୁ ଧାନ ନଷ୍ଟ ହୋଇଯିବ ।' – ଆଉ ବର୍ଷା ହେଲା ନାହିଁ ।

୫.୧୦.୪୯; ଶ୍ରୀଅରବିନ୍ଦଙ୍କୁ ଶ୍ରୀମା କହିଲେ : 'ଆଜି ମଧ୍ୟ ବର୍ଷା ହେବା ଉଚିତ ନୁହେଁ – ଶୁକ୍ରବାର ପର୍ଯ୍ୟନ୍ତ ।' ଶ୍ରୀଅରବିନ୍ଦ : 'ଓ, ଶୁକ୍ରବାର ପର୍ଯ୍ୟନ୍ତ !' ଆକାଶ ବାଦଲରେ ଛାଇ ହୋଇ ରହିଥିଲା । ଶ୍ରୀଅରବିନ୍ଦ ଯେତେବେଳେ ଗାଧୋଇବାକୁ ଗଲେ ସେତେବେଳେ ଗାଧୁଆ ଘର ଝରକା ଦେଇ ସେ ବାରଂବାର ଆକାଶକୁ ଚାହୁଁଥିଲେ ।

– ('ବର୍ଷା ବନ୍ଦ କରିବା' ଶିରୋନାମା : 'ଚମ୍ପକଲାଲ କହନ୍ତି' ପୁସ୍ତକରୁ)

ଆଶ୍ରମର ଯେତେ ସାଧକ କାମ କରିବାକୁ ଚାହାଁନ୍ତି, ସେସମସ୍ତଙ୍କୁ କାମରେ ଲଗାଇ ଦିଅନ୍ତି । ଶ୍ରୀମା'ଙ୍କ ଡାକ ଶୁଣି କି ପ୍ରବଳ ଉତ୍ସାହ ଓ ଉଦ୍ଦୀପନାରେ ଆମର ଯୁବକ ବନ୍ଧୁଗଣ ଏହି କର୍ମ ଭିତରକୁ ଡେଇଁ ପଡୁ ନଥିଲେ ସତରେ ! ଆଉ ଶ୍ରୀଅରବିନ୍ଦଙ୍କ ନାମ ସ୍ମରଣ କରି ଏହି କଠିନ କାର୍ଯ୍ୟରେ କି ଅଭୂତପୂର୍ବ ଶ୍ରଦ୍ଧା ଓ ଭକ୍ତି ସହ ସେଥିରେ ନିଜକୁ ପୂର୍ଣ୍ଣ ପ୍ରାଣରେ ସମର୍ପି ଦେଉ ନଥିଲେ ! ଆମେ ସମସ୍ତେ ନିଶ୍ଚିତ ଭାବରେ ଅନୁଭବ କରୁଥିଲୁ ଏକ ମହାନ୍ ଶକ୍ତିର ସ୍ପନ୍ଦନ ଯାହାକି ଏହି ସାମୂହିକ କାର୍ଯ୍ୟକୁ ପରିଚାଳନା କରୁଥିଲା, ସାମର୍ଥ୍ୟ ଦେଉଥିଲା ଏବଂ ଗଭୀର ପ୍ରେରଣା ଯୋଗାଉ ଥିଲା । ଏହିପରି ଭାବରେ ଗୋଲକୁଣ୍ଡ – ଯାହାକି ଆଧୁନିକ ସ୍ଥାପତ୍ୟଶିଳ୍ପର ଏକ ଅପୂର୍ବ ନିଦର୍ଶନ, ନିର୍ମିତ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ବହୁ ଦେଶ-ବିଦେଶାଗତ ଦର୍ଶନାର୍ଥୀଙ୍କର ବିଶେଷ ପ୍ରଶଂସନୀୟ ହୋଇ ଉଠିଛି ।...''

ଏବେ ଗୋଲକୁଣ୍ଡ ନିର୍ମାଣ ସମୟରେ କତିପୟ ବାଧାବିପତ୍ତି ସମ୍ବନ୍ଧେ କିଛି :

କ୍ଷୀରୋଦଙ୍କର ସ୍ମୃତିକଥାରୁ : ''ଥରେ ସିମେଣ୍ଟ ନ ଆସିବାରୁ ଗୋଲକୁଣ୍ଡର କାମ ଅଟକି ଯାଇଥିଲା । ଶ୍ରୀମା-ଶ୍ରୀଅରବିନ୍ଦ ଏକଥା ବେଶ୍ ଭଲ ଭାବରେ ଅବଗତ ଥିଲେ । ଶ୍ରୀମା'ଙ୍କୁ ବାରଂବାର ଖବର ଦିଆଯାଉଥିଲା । ଦିନେ ଜନୈକ ସାଧକ-କର୍ମୀ ଶ୍ରୀମା'ଙ୍କୁ ଟିକିଏ ବିବ୍ରତ ଭାବ ସହ ଏକଥା ଜଣାଇଲେ । ତତ୍କ୍ଷଣାତ୍ ଶ୍ରୀମା ତାଙ୍କର ମହାକାଳୀ ରୂପ ପ୍ରଦର୍ଶନ କରି ସେହି ସାଧକଙ୍କୁ ଟିକିଏ ଚଡ଼ା ଗଳାରେ କହିଲେ, 'ତୁମମାନଙ୍କର କ'ଣ ସାମାନ୍ୟତମ ବିଶ୍ୱାସ ନାହିଁ ?' ଥରହର ହୋଇ ସାଧକ ଜଣକ ଆଶ୍ରମର ବାହାରକୁ ଆସି ଗୋଲକୁଣ୍ଡ ଅଭିମୁଖୀ ହେଲେ । ରାସ୍ତାରେ ଦେଖିଲେ ସିମେଣ୍ଟ ବୋଝେଇ ହୋଇଥିବା ଟ୍ରକ୍ ପରେ ଟ୍ରକ୍ ଗୋଲକୁଣ୍ଡକୁ ମୁହାଁଇଛି ।...''

*

ନିର୍ମାଣ କାର୍ଯ୍ୟର କୌଣସି ଏକ ଜଟିଳ ପରିସ୍ଥିତିରେ ଚାରିଜଣ ସ୍ଥପତି – ଚନ୍ଦୁଲାଲ, ପବିତ୍ର, ସୁନ୍ଦରାନନ୍ଦ ଏବଂ ସ୍ୟାମାର କୌଣସି ସିଦ୍ଧାନ୍ତ ନେଇ ପାରୁ ନ ଥିଲେ । ପବିତ୍ର ପ୍ରସ୍ତାବ ଦେଲେ ଯେ ଏ ସମ୍ବନ୍ଧରେ ଶ୍ରୀମା'ଙ୍କର ପରାମର୍ଶ ନେବା । ସ୍ୟାମାର କହିଲେ, 'କିନ୍ତୁ ଆମେ ଏହି ଧରଣର ବ୍ୟାପାରରେ ତାଙ୍କୁ ବିରକ୍ତ କରିବା ଠିକ୍ ହେବ ନାହିଁ । ଶ୍ରୀମା'ଙ୍କର ତ ଇଞ୍ଜିନିୟରିଂ ବିଷୟରେ କୌଣସି ତାଲିମ ନାହିଁ । ଏହା ଆମମାନଙ୍କ ଦ୍ୱାରା ସମାଧାନ ହେବା ଉଚିତ । ' ତଥାପି ପବିତ୍ର କହିଲେ, 'ଚାଲ, ତାଙ୍କୁ କହିବା, ଦେଖିବା କ'ଣ ହେଉଛି !' ଶ୍ରୀମା ସେମାନଙ୍କୁ ତତ୍କ୍ଷଣାତ୍ ଭିତରକୁ ଡାକି ନେଲେ ଏବଂ ଉପୁଜିଥିବା ସମସ୍ୟାଟି ସମ୍ବନ୍ଧେ ଖୁବ୍ ମନୋଯୋଗପୂର୍ବକ ଶୁଣିଲେ । କିଛି ସମୟ ନୀରବ ରହିବା ପରେ କହିଲେ, 'ଆଚ୍ଛା, ଏମିତି ଭାବରେ କରାଯାଇ ପାରିବ ନାହିଁ... ? – ଏହା କହି ଭଲ ଭାବରେ ବୁଝାଇ ଦେଲେ କିପରି କରାଯାଇ ପାରିବ । ତା'ପରେ ସମସ୍ତେ ଏଥିରେ ଏକମତ ହେଲେ ଏବଂ ହୃଦୟଙ୍ଗମ କଲେ ଯେ ଏହାହିଁ ହେଉଛି ଏକମାତ୍ର ଯଥାର୍ଥ ଓ ବ୍ୟବହାର-ଯୋଗ୍ୟ ସମାଧାନ ।

ଏପରିକି ପ୍ରଥମେ ପ୍ରଥମେ ରେମଣ୍ଡ ମଧ୍ୟ ନିର୍ମାଣ-କାର୍ଯ୍ୟରେ ଜଟିଳ ପରିସ୍ଥିତି ଉପୁଜିଲେ ହଠାତ୍ କିଛି ସିଦ୍ଧାନ୍ତରେ ଉପନୀତ ହୋଇ ପାରୁ ନ ଥିଲେ । ତେଣୁ ସ୍ୱଭାବତଃ ପବିତ୍ର ସେସମ୍ପର୍କରେ ଶ୍ରୀମା'ଙ୍କୁ ଜଣାଉ ଥିଲେ । ଶ୍ରୀମା ଟିକିଏ ଏକାଗ୍ର ହୋଇ ସେହି ସମସ୍ୟାର ସମାଧାନ କହି ଦେଉଥିଲେ । ସମାଧାନ ସମ୍ପର୍କରେ ଶୁଣିବା ପରେ ରେମଣ୍ଡ ପ୍ରତିକ୍ରିୟା ପ୍ରକାଶ କରି କହି ଉଠୁଥିଲେ, 'ଏସବୁ ସମ୍ବନ୍ଧରେ ଶ୍ରୀମା'ଙ୍କର କ'ଣ ଜ୍ଞାନ ରହିଛି !' କିନ୍ତୁ ପରମୁହୂର୍ତ୍ତରେ ବେଶ୍ କିଛି ଘଣ୍ଟା ଧରି ଶ୍ରୀମା'ଙ୍କର ସମାଧାନଟି ଉପରେ ସମୀକ୍ଷା କରି ଚାଲୁଥିଲେ ଏବଂ ପରିଶେଷରେ ହୃଦୟଙ୍ଗମ କରୁଥିଲେ ଯେ ଶ୍ରୀମା'ଙ୍କର ସିଦ୍ଧାନ୍ତ ହିଁ ସର୍ବୋତ୍କୃଷ୍ଟ ।

(ମୃତ୍ୟୁଞ୍ଜୟଙ୍କର ଅପ୍ରକାଶିତ 'ସ୍ମୃତିକଥା'ରୁ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


(1) Chitra Sen : "Work as Sadhana...", P. 133-34

(2) Nirodbaran : "Twelve Years with Sri Aurobindo", Ed. 2016, pp. 72-74

(3) Archieves & Research Libraray, Sri Aurobindo Ashram.

# କୃଷ୍ଣ ଦରଶନ

## ସନ୍ତୋଷ ରଥ

ଯଶୋଦା ନନ୍ଦନ ହେ ମଧୁସୂଦନ
ଯମୁନା ପୁଳିନେ ରାଜ
ଶୁଭେ ବଂଶୀ ସ୍ୱନ ଦହେ ଅପଘନ
ବହୁ ରୂପ ତୁମେ ସାଜ । (୧)

ତେଜି ଗୋପପୁର ବଣ ଫୁଲ ହାର
ଗୋପାଙ୍ଗନା ରାସଲୀଳା
ଅଷ୍ଟପାଟ ସଖୀ ହେଲେ ନିରିମାଖି୍
ମଥୁରାରେ କଲ ଖେଳା । (୨)

ମୁରଲୀର ସ୍ୱର ହେଲା ସାତ ପର
ଶୁଭେ ନାଦ ପଞ୍ଚଜନ୍ୟ
ଗାଣ୍ଡିବ ଟଙ୍କାର ନିମିତ୍ତ ମାତର
ଶତ୍ରୁ ଦଂଶେ ସୁଦର୍ଶନ । (୩)

ତବ ବିଶ୍ୱରୂପ ଅରୂପ ସ୍ୱରୂପ
ନାହିଁ ଆଦି ଅବା ଅନ୍ତ
କୁରୁକ୍ଷେତ୍ରେ ନାହିଁ ଜୟ ପରାଜୟ
ସର୍ବେ ଅନ୍ତେ ଭାଗ୍ୟବନ୍ତ । (୪)

ମୂର୍ଖ ନରାଧମ କାହୁଁ ବା ବୁଝିବ
ତୁମେ ଯେ ହୃଦୟେଶ୍ୱର
ପୂଜୁଥିବା ଯାଏଁ ଦେଉଳ ଦିଅଁଙ୍କୁ
କୃଷ୍ଣ ନାମ ଅଗୋଚର । (୫)

ଭଜନ କୀର୍ତ୍ତନ ତୀର୍ଥ ପର୍ଯ୍ୟଟନ
ଉପଚାର୍ଯ୍ୟ ପ୍ରହସନ
ମାନବ ମଧରେ ମାଧବ ପୂଜନ
ମିଳେ କୃଷ୍ଣ ଦରଶନ । (୬)

ସ୍ୱର୍ଗ ପାରିଜାତ ପାଂଶୁଳ ପର୍ଣ୍ଣାସ
ସବୁତ ତୁମରି ଦାନ
ସେହି ଏକା ଧନ୍ୟ ଯେ କରେ ଦର୍ଶନ
ସର୍ବ ଭୂତେ ନାରାୟଣ । (୭) ❑

He who recognises not Krishna, the God in man, knows not God entirely; he who knows Krishna only, knows not even Krishna. Yet is the opposite truth also wholly true that if thou canst see all God in a little pale unsightly and scentless flower, then hast thou hold of His supreme reality.

(Thoughts and Aphorisms) – Sri Aurobindo

(CWM-10, pp. 253 - 254)

କୃଷ୍ଣଙ୍କୁ, ମଣିଷ ଭିତରେ ଥିବା ଭଗବାନଙ୍କୁ ଯିଏ ଚିହ୍ନେ ନା, ସିଏ ସମ୍ପୂର୍ଣ୍ଣ ଭଗବାନଙ୍କୁ ଜାଣେ ନା । ଯିଏ କେବଳ ମାତ୍ର କୃଷ୍ଣଙ୍କୁହିଁ ଜାଣେ, ସିଏ କୃଷ୍ଣଙ୍କୁ ବି ଜାଣେ ନା । ବିପରୀତ ସତ୍ୟ ବି ପୂର୍ଣ୍ଣତଃ ଠିକ୍ – ଯେ ତୁମେ ଯଦି ବିବର୍ଣ୍ଣ, ଶ୍ରୀହୀନ, ମହକହୀନ ଟିକି ଫୁଲଟିଏ ଭିତରେ ସମଗ୍ର ଭଗବାନଙ୍କୁ ଦେଖି୍ ପାରିବ, ତେବେ ତୁମେ ତାଙ୍କ ପରମ ବାସ୍ତବ ସ୍ୱରୂପ ଧରିପାରିଛ ବୋଲି ବୁଝିବ ।

– ଶ୍ରୀଅରବିନ୍ଦ

# ଶ୍ରୀମା'ଙ୍କ ଶରୀରତ୍ୟାଗ

୧୯୭୩ ମସିହା ମେ ମାସରେ ଶ୍ରୀମା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ । ପ୍ରକୃତରେ ଏ ନିଷ୍ପତ୍ତିଟି କ'ଣ ତାହା ଶ୍ରୀମା ତାଙ୍କର ପରିଚିତ ରୀତି ଅନୁସାରେ ବାହାରେ ପ୍ରକାଶ ନକଲେ ମଧ୍ୟ ସେ ତାଙ୍କର ଦୈନନ୍ଦିନ ବାହ୍ୟ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବଦଳାଇ ଦେଲେ । ମେ ୨୧ ତାରିଖରୁ ସେ ତାଙ୍କର ବାହ୍ୟ କାର୍ଯ୍ୟକଳାପ ପ୍ରାୟତଃ ପୂରାପୂରି ବନ୍ଦ କରି ଦେଲେ । ପରେ କେବଳ ଯେଉଁମାନେ ତାଙ୍କର ସେବା ଓ ପରିଚର୍ଯ୍ୟା ପାଇଁ ପାଖରେ ରହୁଥିଲେ ସେମାନଙ୍କ ଛଡ଼ା ଆଉ କାହା ସହିତ ସେ ସାକ୍ଷାତ୍ କରୁ ନଥିଲେ । ମା ଯେ ଶରୀର ରୂପାନ୍ତର ଉପରେହିଁ କାର୍ଯ୍ୟ କରୁଛନ୍ତି ତାହା ଆମ ନିକଟରେ ସ୍ପଷ୍ଟ ହୋଇଥିଲେ ମଧ୍ୟ ଠିକ୍ କେଉଁ ନିର୍ଦ୍ଦିଷ୍ଟ ପରିଣତି ଦିଗରେ ସେ କାର୍ଯ୍ୟ କରୁଥିଲେ ତାହା ଆମେ ଜାଣିପାରୁ ନ ଥିଲୁ ।

ଯେଉଁ ଡାକ୍ତରମାନେ ମା'ଙ୍କ ଶରୀର ପରୀକ୍ଷା ନିରୀକ୍ଷା କରୁଥିଲେ ସେମାନେ ମା'ଙ୍କର କୌଣସି ପ୍ରକାରର ଶାରୀରିକ ବ୍ୟାଧି ବା ଅସୁସ୍ଥତା ଥିବାର ଲକ୍ଷ୍ୟ କରି ନ ଥିଲେ । ତଥାପି ମା ଅଧିକାଂଶ ସମୟରେ ନିଜ ଭିତରେହିଁ ପ୍ରତ୍ୟାହୃତ ହୋଇ ରହୁଥିଲେ ଏବଂ ନାମକୁ ମାତ୍ର ଅତ୍ୟନ୍ତ ଅଳ୍ପ ଆହାର ଗ୍ରହଣ କରୁଥିଲେ । ୧୭ ନଭେମ୍ବର ପର୍ଯ୍ୟନ୍ତ ସେ ଏହି ଭାବରେହିଁ ରହିଥିଲେ । ଅନ୍ୟାନ୍ୟ ଦିନଠାରୁ ସେଦିନ କୌଣସି ବିଶେଷ ପାର୍ଥକ୍ୟ ପରିଲକ୍ଷିତ ହୋଇ ନ ଥିଲା । ପ୍ରକୃତରେ ସେଦିନ ସେ ପୂର୍ବଦିନ ଅପେକ୍ଷା ସାମାନ୍ୟ ଟିକେ ଅଧିକ ଖାଦ୍ୟ ଗ୍ରହଣ କରିଥିଲେ । ସେଦିନ ସନ୍ଧ୍ୟା ପରେ, ପୂର୍ବଦିନମାନଙ୍କ ପରି ସେ ତାଙ୍କୁ ଟିକେ ଉଠାଇ ଧରି ବସିବା ଅବସ୍ଥାରେ ରଖିବାକୁ ଓ ପରେ ଅର୍ଦ୍ଧଶାୟିତ ଅବସ୍ଥାରେ ରଖିବାକୁ କହିଥିଲେ । ସେତିକି ବେଳେହିଁ ସୂଚନା ମିଳିଲା ସେ ଶରୀର ତ୍ୟାଗ ପାଇଁ ପ୍ରସ୍ତୁତ ହେଉଛନ୍ତି । ଏହା ପ୍ରାୟ ସନ୍ଧ୍ୟା ୭ଟା ସମୟର ଘଟଣା । ୭ ଘଣ୍ଟା ୨୫ ମିନିଟରେ ତାଙ୍କର ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଗଲା । ଚିକିତ୍ସକମାନେ ବାହ୍ୟ ପ୍ରକ୍ରିୟାରେ ହୃଦ୍‌ଯନ୍ତ୍ର କ୍ରିୟାକୁ ପୁନର୍ବାର ଚଳାଇବାକୁ ଚେଷ୍ଟା କରିଥିଲେ କିନ୍ତୁ କିଛି ଫଳ ହେଲା ନାହିଁ; ତା'ପରେ ମା'ଙ୍କର ଜୀବନାବସାନ ହୋଇଛି ବୋଲି ଡାକ୍ତର ଘୋଷଣା କଲେ ।

ଏହାପରେ ମା'ଙ୍କ ଶରୀରକୁ ତାଙ୍କର ଉପର ମହଲାର ପ୍ରକୋଷ୍ଠରୁ ଅଣା ଯାଇ ତଳ ମହଲାର ମେଡ଼ିଟେସନ୍ ହଲ୍ (ଧ୍ୟାନଗୃହ)ରେ ଅନ୍ତିମ ଦର୍ଶନ ପାଇଁ ରଖାଗଲା । ୧୮ ତାରିଖ ଭୋର ୩ଟା ବେଳକୁ ଆଶ୍ରମବାସୀମାନଙ୍କୁ ମା'ଙ୍କ ଶରୀରତ୍ୟାଗ ବିଷୟ ଜଣାଇ ଦିଆଗଲା ଏବଂ ଶେଷ ଦର୍ଶନ ପାଇଁ ସେମାନେ ମେଡ଼ିଟେସନ୍ ହଲ୍‌କୁ ଆସିବାକୁ ଆରମ୍ଭ କଲେ । ଅଲ୍ ଇଣ୍ଡିଆ ରେଡିଓ ଓ ସରକାରୀ ବିଭାଗସବୁକୁ ଖବର ପହଞ୍ଚାଇ ଦିଆଗଲା । ମା'ଙ୍କର ଶେଷ ଦର୍ଶନ ପାଇଁ ଭୋର ସାଢ଼େ ଚାରିଟାବେଳକୁ ସର୍ବସାଧାରଣଙ୍କୁ ଅନୁମତି ଦିଆଗଲା । ଭୋର ୪ଟାବେଳଠାରୁ ଭାରତ ଓ ପୃଥିବୀର ବିଭିନ୍ନ ସ୍ଥାନକୁ ଟେଲିଗ୍ରାମ, କେବ୍‌ଲ୍ ଓ ଟେଲିଫୋନ୍ ଯୋଗେ ଏହି ସମ୍ବାଦ ଜଣାଇ ଦିଆଗଲା । ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବିଭିନ୍ନ ପ୍ରଦେଶର ରାଜ୍ୟପାଳ ପ୍ରମୁଖଙ୍କଠାରୁ ବାର୍ତ୍ତାମାନ ଆସିଥିଲା । ପଣ୍ଡିଚେରୀର ରାଜ୍ୟପାଳ ଖବର ପାଇବା ସଙ୍ଗେ ସଙ୍ଗେ ଆସି ଉପସ୍ଥିତ ହୋଇଥିଲେ ।

ସମସ୍ତଙ୍କ ନିକଟକୁ ନିମ୍ନମତେ ସମ୍ବାଦ ପ୍ରେରିତ ହୋଇଥିଲା, ''ନଭେମ୍ବର ୧୭ ତାରିଖ ସନ୍ଧ୍ୟା ୭ ଘଣ୍ଟା ୨୫ ମିନିଟରେ ଶ୍ରୀମା ଶରୀରତ୍ୟାଗ କଲେ । ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯିବା ତାଙ୍କ ଶରୀରତ୍ୟାଗର ଆଶୁ କାରଣ । ଶିଷ୍ୟ, ଭକ୍ତ ଓ ସର୍ବସାଧାରଣଙ୍କର ଶେଷ ଦର୍ଶନ ନିମନ୍ତେ ଶ୍ରୀମା'ଙ୍କ ଶରୀରକୁ ରଖାଯାଇଛି । ଯେପର୍ଯ୍ୟନ୍ତ ସମ୍ଭବ ହେବ ତାହା ସେହି ଅବସ୍ଥାରେ ରଖାଯିବ । ନିଜର ଓଜସ୍ୱୀ ଭାଷାରେ ଶ୍ରୀମା'ଙ୍କର ଏହି ବାଣୀ ସର୍ବବିଦିତ : 'ଏକ ନୂତନ ମାନବଜାତିର ଅଭ୍ୟୁଦୟ ହେବ ।' ତାଙ୍କର ସଂକଳ୍ପ କାର୍ଯ୍ୟକାରୀ ହେଉ ।''

ଡାକ୍ତରମାନେ ମା'ଙ୍କ ଶରୀରକୁ ଦିନକୁ ଦୁଇଥର ପରୀକ୍ଷା କରୁଥିଲେ । ୧୯ ତାରିଖ ସକାଳେ ସେମାନେ ଅନୁଭବ କଲେ ୨୦ ତାରିଖ ସକାଳ ପରଠୁ ଆଉ ଅଧିକ ସମୟ ଶ୍ରୀମା'ଙ୍କ ଶରୀରକୁ ସେପରି ରଖିବା ଠିକ୍ ହେବ ନାହିଁ । ତେଣୁ ନଭେମ୍ବର ୨୦ ତାରିଖ ସକାଳେ ମହାସମାଧି ଦେବା ପାଇଁ ଓ ସେହିଦିନ ସକାଳ ୮ ଘଣ୍ଟାରେ ଶ୍ରୀମା'ଙ୍କ ଶରୀରକୁ କାଷ୍ଠାଧାରରେ ବନ୍ଦ କରିବା ପାଇଁ ସ୍ଥିର ହେଲା । ଏହି ଖବର ଚାରିଆଡ଼େ ଜଣାଇ ଦିଆଗଲା ଓ ସମାଧି ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେଲା ।

ସମାଧି ନିମନ୍ତେ ପ୍ରସ୍ତୁତ କାଷ୍ଠାଧାରଟି ଏକଇଞ୍ଚ ମୋଟ ନିଦା ଶିଶୁକାଠରେ ନିର୍ମିତ; ଭିତରେ ଏକ ରୂପାର ଚଦର ଦିଆଯାଇ ତା' ଉପରେ ଧଳା ରେଶମର ମସୃଣ ସାଟିନ୍ କପଡ଼ା ଦିଆଯାଇଥିଲା । କାଷ୍ଠବାକ୍ସର ଢାଙ୍କୁଣୀ ଉପରେ ବିଶୁଦ୍ଧ ସୁନାରେ ମା'ଙ୍କର ପ୍ରତୀକ (Symbol) ଅଙ୍କିତ କରାଯାଇଥିଲା ।

ମା'ଙ୍କ ଶରୀରର ମହାସମାଧି ନିମନ୍ତେ ଶ୍ରୀଅରବିନ୍ଦଙ୍କ ସମାଧି ଖୋଲାଯାଇ ଉପରିଭାଗର ମୃତ୍ତିକା ଅପସାରଣ କରାଗଲା । ପୂର୍ବ ଘୋଷଣା ଅନୁଯାୟୀ ୧୯୭୩ ନଭେମ୍ବର ୨୦ ତାରିଖ ସକାଳ ୮ ଘଟିକାରେ ଶ୍ରୀମା'ଙ୍କ ଶରୀରକୁ ପ୍ରସ୍ତୁତ ହୋଇଥିବା କାଷ୍ଠାଧାରରେ ରଖାଗଲା ଓ ତା'ପରେ ତାହା ବନ୍ଦ କରାଯାଇ ସିଲ୍ କରାଗଲା । ଏହି କାଷ୍ଠାଧାରଟିର ଆକାର ବେଶ୍ ବଡ଼ ଥିଲା ଏବଂ ମା'ଙ୍କ ଶରୀର ଏହା ଭିତରେ ଖୁବ୍ ସ୍ୱଚ୍ଛନ୍ଦ ଭାବରେ ରଖାଯାଇ ପାରିବାର ବନ୍ଦୋବସ୍ତ ହୋଇଥିଲା ।

ତା'ପରେ କାଷ୍ଠାଧାରଟିକୁ ସମାଧି ନିକଟକୁ ନିଆ ଯାଇଥିଲା ଏବଂ ୧୯୫୦ରେ ଶ୍ରୀଅରବିନ୍ଦଙ୍କ ଶରୀର ଯେଉଁଠି ପ୍ରୋଥିତ ହୋଇଥିଲା, ତା'ର ଠିକ୍ ଉପରକୁ ପ୍ରକୋଷ୍ଠ ପରି ଥିବା ଏକ ସ୍ଥାନରେ ମା'ଙ୍କ ଶରୀର ବହନ କରୁଥିବା କାଷ୍ଠାଧାରଟିକୁ ପ୍ରସ୍ଥାପିତ କରାଗଲା । ନଳିନୀ ଓ ଆନ୍ଦ୍ରେ କାଷ୍ଠାଧାର ଉପରେ କିଛି ଗୋଲାପ ପାଖୁଡ଼ା ପକାଇଲେ ଏବଂ ପ୍ରକୋଷ୍ଠଟିକୁ କଂକ୍ରିଟ୍ ଆବରଣ ଦ୍ୱାରା ବନ୍ଦ କରି ଦିଆଗଲା । ତା'ପରେ ଦଶ ମିନିଟ ପର୍ଯ୍ୟନ୍ତ ଧ୍ୟାନ ହେଲା ।

ଅଲ୍ ଇଣ୍ଡିଆ ରେଡ଼ିଓ ସମସ୍ତ ଘଟଣାର ଏକ ଚଳନ୍ତି ବିବରଣୀ ଦେଇଥିଲେ । ଧ୍ୟାନ ପରେ ସମାଧି ଉପରେ ପଣ୍ଡିଚେରୀ ସରକାର, ଫରାସୀ ରାଷ୍ଟ୍ରଦୂତାବାସର ପ୍ରତିନିଧି ଓ ଅନ୍ୟମାନେ ଫୁଲହାର ଓ ଫୁଲତୋଡ଼ାମାନ ଅର୍ପଣ କରିଥିଲେ । ତତ୍ପରେ ଆଶ୍ରମର ଅନ୍ତେବାସୀମାନେ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ସଂଖ୍ୟକ ଦର୍ଶନାର୍ଥୀ ଓ ସର୍ବସାଧାରଣ ସମାଧି ନିକଟରେ ସେମାନଙ୍କର ଶ୍ରଦ୍ଧା ନିବେଦନ କରିଥିଲେ ।

(ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର Bulletin, November, 1973ର Supplement to the Report on the Quarterର ଓଡ଼ିଆ ଅନୁବାଦ ।) ❑

## ୫ ଡିସେମ୍ବର, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ

There are a hundred ways of approaching the Supreme Reality and, as is the nature of the way taken, so will be the nature of the ultimate experience by which one passes into That which is Ineffable.

– Sri Aurobindo

ପରମ ସତ୍ୟର ନିକଟବର୍ତ୍ତୀ ହେବା ପାଇଁ ଶତସଂଖ୍ୟକ ମାର୍ଗ ରହିଛି, ଏବଂ ଅନୁସୃତ ମାର୍ଗର ପ୍ରକୃତି ଯେପରି, ଚରମ ଅନୁଭୂତିର ପ୍ରକୃତି ମଧ୍ୟ ତାହାରି ଅନୁରୂପ ହେବ; ସେହି ଅନୁଭୂତି ଦ୍ୱାରାହିଁ ଜଣେ ଅନିର୍ବଚନୀୟ ତତ୍ ମଧ୍ୟକୁ ଅଗ୍ରସର ହୋଇଥାଏ ।

– ଶ୍ରୀଅରବିନ୍ଦ

# ପୃଥିବୀକୁ ମା'ଙ୍କର ଅବଦାନ

## ରାମକୃଷ୍ଣ ଦାସ

ସଂସାରକୁ ମା'ଙ୍କର ଅବଦାନ ହେଲା ପୃଥିବୀକୁ ସ୍ୱର୍ଗରେ ପରିଣତ କରିବା ଓ ପୃଥିବୀରେ ଅତିମାନସ ବିଜ୍ଞାନ-ଚେତନା ଏବଂ ଅତିମାନବଜାତି ପ୍ରତିଷ୍ଠା କରିବା । ଏହାର କେନ୍ଦ୍ର ହେଉଛି ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଶ୍ରମ । ଏହି ଆଶ୍ରମର ପରିଚାଳିକା ମା' । ତାଙ୍କ ଶିଷ୍ୟ ଓ ଭକ୍ତମାନେ ତାଙ୍କୁ ଗୁରୁ ଏବଂ ଇଷ୍ଟ ରୂପେ ଗ୍ରହଣ କରିଛନ୍ତି । ରୋଗ, ଦୁଃଖ, କଷ୍ଟରୁ ଉଦ୍ଧାର ହେବା ପାଇଁ ବହୁସଂଖ୍ୟକ ନରନାରୀ ଆବାଳବୃଦ୍ଧବନିତା ତାଙ୍କର ଆଶ୍ରିତ । ଆମେମାନେ ନିଜ ଭୌତିକ ଦୃଷ୍ଟିରେ ଏହାହିଁ ଦେଖୁ । କିନ୍ତୁ ତାଙ୍କ ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ବିଚାର କରୁ ନାହିଁ କିଂବା ଆମର ତାହା ଜାଣିବାର ସାମର୍ଥ୍ୟ ନାହିଁ । ତାଙ୍କ ଯଥାର୍ଥ ସ୍ୱରୂପ ଜାଣି ପାରିବା ଯେବେ ମା' ଧାରଣ କରିଥିବା ଅତିମାନସ ଚେତନାରେ ପହଞ୍ଚି ପାରିବା । ତା' ପୂର୍ବରୁ ଯଦି ତାଙ୍କ ଉପରେ ବିଶ୍ୱାସ ଭରସା ରଖି ତାଙ୍କ ଚରଣରେ ନିଜକୁ ସମର୍ପଣ କରି ପାରିବା, ତେବେ ସ୍ଥୂଳ ଏବଂ ସୂକ୍ଷ୍ମ ଜଗତର ସମସ୍ତ ବାଧା ବିପତ୍ତିରୁ ତାଙ୍କରି ଶକ୍ତି ଦ୍ୱାରା ରକ୍ଷା ହୋଇ ଜୀବନର ଲକ୍ଷ୍ୟ ମନ, ପ୍ରାଣ, ଶରୀରର ରୂପାନ୍ତର, ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତ କରିବା ଏବଂ ଭଗବାନଙ୍କ ସଂକଳ୍ପରେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟ ସିଦ୍ଧି ସକାଶେ ଭଗବାନଙ୍କ ସୃଷ୍ଟି । ଭଗବାନ୍ ଏକ, ଅଦ୍ୱିତୀୟ – ମନ, ବାଣୀ ଅଗୋଚର ସଚ୍ଚିଦାନନ୍ଦ ଚିନ୍ମୟତତ୍ତ୍ୱ । ସେ ନିଜେ ବହୁରୂପେ ପ୍ରକଟ ହୋଇ ଖେଳା କରନ୍ତି । ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ । ସେ ସଂକଳ୍ପର ଊର୍ଦ୍ଧ୍ୱରେ । ତାଙ୍କ କର୍ମ ମନୁଷ୍ୟ ବୁଦ୍ଧିର ଅଗମ୍ୟ । ସେ ସୃଷ୍ଟିରେ ନିଜକୁ ପ୍ରକଟ କରିବା ସକାଶେ ଏକେବାରେ ଜଡ଼ରେ ପରିଣତ ହୋଇଗଲେ । ନିଜ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା, ପଶୁପକ୍ଷୀ ମଧ୍ୟ ଦେଇ ମନବିଶିଷ୍ଟ ମନୁଷ୍ୟରେ ପରିଣତ ହେଲେ । ମନର ବିକାଶ ଶେଷ ସୀମାରେ ପହଞ୍ଚି ସାରିଛି । ଧର୍ମ ଓ ନୈତିକତାର ଯୁଗ ଶେଷ ହୋଇଯାଇଛି । ପରବର୍ତ୍ତୀ ବିକାଶର ସ୍ୱରୂପ ହେଉଛି ସର୍ବଜ୍ଞାନ ସଂପନ୍ନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ଅତିମାନବ ଜାତିର ପ୍ରତିଷ୍ଠା । ଏହାହିଁ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି । ଶ୍ରୀଅରବିନ୍ଦ ପ୍ରାଚ୍ୟରେ ଓ ଶ୍ରୀମା ପାଶ୍ଚାତ୍ୟରେ ଜନ୍ମ ଗ୍ରହଣ କଲେ । ଶ୍ରୀଅରବିନ୍ଦଙ୍କ ସଙ୍ଗେ ମା'ଙ୍କର ସାକ୍ଷାତ୍ ହେବା ପୂର୍ବରୁ ପୃଥିବୀରେ ଭଗବାନଙ୍କ ସଂକଳ୍ପ ପ୍ରତିଷ୍ଠା ପାଇଁ ମା'ଙ୍କର ଯେଉଁ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ଥିଲା ତଦନୁରୂପହିଁ ଥିଲା ଶ୍ରୀଅରବିନ୍ଦଙ୍କର । ଶ୍ରୀଅରବିନ୍ଦ ଥିଲେ ବିଭୂତି ଓ ମା ଥିଲେ ଶକ୍ତି । ଉଭୟଙ୍କର କର୍ମକ୍ଷେତ୍ର ଭାରତରେହିଁ ଆରମ୍ଭ ହେଲା ।

ଶ୍ରୀଅରବିନ୍ଦ ୧୯୧୦ରେ ସ୍ଥୂଳ ରୂପେ ରାଜନୈତିକ କାର୍ଯ୍ୟରୁ ଅବସର ନେଇ ଅଳ୍ପ ଚାରି, ପାଞ୍ଚ ଜଣ ସାଥୀଙ୍କ ସହ ପଣ୍ଡିଚେରୀ ଆସି ଅଧ୍ୟାତ୍ମ ସାଧନାରେ ରତ ହେଲେ । ମା' ୧୯୧୪ରେ ଆସି ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ । ଏହିଠାରୁହିଁ ହେଲା ଭାରତର ଅଧ୍ୟାତ୍ମ ଶକ୍ତି ଏବଂ ଇଉରୋପର କର୍ମଶକ୍ତିର ମିଳନର ସୂତ୍ରପାତ । ଭବିଷ୍ୟତ୍ ପାଇଁ ଶ୍ରୀଅରବିନ୍ଦଙ୍କର କର୍ମଧାରା ଆରମ୍ଭ ହେଲା । ଆର୍ଯ୍ୟ ପତ୍ରିକା ପ୍ରକାଶିତ ହେଲା । ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁଁ ମା' ୧୯୧୪ରେ ଫ୍ରାନ୍ସ ଫେରିଯାଇଥିଲେ । ପୁନରାୟ ୧୯୨୦ରେ ଆସି ଆଶ୍ରମରେ ସ୍ଥାୟୀ ଭାବେ ରହିଲେ । ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ପାଇଁ ଶ୍ରୀଅରବିନ୍ଦଙ୍କର ଯେଉଁ ଭବିଷ୍ୟତ୍ କର୍ମକ୍ଷେତ୍ର, ତାହାର ଭିତ୍ତିସ୍ଥାପନ ହେଲା ୧୯୧୪ରେ ମା'ଙ୍କ ଦ୍ୱାରା । କିନ୍ତୁ ମା'ଙ୍କ ଅନୁପସ୍ଥିତି ଯୋଗୁଁ ସେ କାର୍ଯ୍ୟ ମା'ଙ୍କ ପୁନରାଗମନକୁ ଅପେକ୍ଷା କରିଥିଲା । ୧୯୨୦ରେ ମା'ଙ୍କ ଆଗମନ ସଙ୍ଗେ ସଙ୍ଗେ ପଣ୍ଡିଚେରୀରେ ଆଶ୍ରମ ନିର୍ମାଣ ହେଲା । ଏହିଠାରୁ ହେଲା ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ କର୍ମର କେନ୍ଦ୍ର, ଆଶ୍ରମର ପ୍ରତିଷ୍ଠା । ଭଗବତ୍ ପ୍ରାପ୍ତିକାମୀ ସାଧକମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ହେଲା । ୧୯୨୬ ନଭେମ୍ବର ୨୪ରେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ସିଦ୍ଧି ପ୍ରାପ୍ତ ହେଲା, ଅଧିମାନସ ଚେତନା ବା ଶ୍ରୀକୃଷ୍ଣଙ୍କ ଚେତନାର ପ୍ରତିଷ୍ଠା ଦ୍ୱାରା । ତାହା ଦ୍ୱାରାହିଁ ରୂପାନ୍ତରକାରୀ ଅତିମାନସ ଚେତନା ପ୍ରାପ୍ତି ପାଇଁ ମାର୍ଗ ଉନ୍ମୋଚନ ହେଲା । ଏହି ସିଦ୍ଧିଦିବସ ୧୯୨୬ ନଭେମ୍ବର ୨୪ଠାରୁ ଶ୍ରୀଅରବିନ୍ଦଙ୍କ ବ୍ୟବସ୍ଥାନୁସାରେ ମା' ଆଶ୍ରମର ଯାବତୀୟ ପରିଚାଳନା,

ସାଧକମାନଙ୍କର ବସବାସ ଓ ଅଧ୍ୟାତ୍ମ ସାଧନାର ଭାର ଗ୍ରହଣ କଲେ । ଶ୍ରୀଅରବିନ୍ଦ ଏକାନ୍ତ କକ୍ଷରେ ସାଧନାରେ ରତ ହେଲେ । ସେତେବେଳେ କେତେକ ସାଧକଙ୍କ ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବେ ଲେଖିଥିଲେ, ''ଏ ବ୍ୟବସ୍ଥା ସାମୟିକ ନୁହେଁ, ସ୍ଥାୟୀ; ଯେଉଁମାନେ ମା'ଙ୍କୁ ଗ୍ରହଣ କରିବେ ନାହିଁ, ସେମାନେ ମୋତେ ବି ଗ୍ରହଣ କରିପାରିବେ ନାହିଁ ।'' ଯଥାର୍ଥରେ ଶ୍ରୀମା ଶ୍ରୀଅରବିନ୍ଦ ଏକ ତତ୍ତ୍ୱ; ଶ୍ରୀଅରବିନ୍ଦଙ୍କର କ୍ରିୟାତ୍ମିକା ଆଦ୍ୟାଶକ୍ତି ହେଲେ ଶ୍ରୀମା । ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ସକାଶେ ସେହି ଏକହିଁ ତତ୍ତ୍ୱ ଦୁଇ ରୂପରେ ପ୍ରକଟ ହୋଇଥିଲେ ।

ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ସକାଶେ କ'ଣ ସାଧନା କରିଥିଲେ ? ଏହି ବିଷୟରେ କୌଣସି ବ୍ୟକ୍ତି କହିବା ପାଇଁ ଯେପରି ଅସମର୍ଥ, ଅନ୍ୟ ବ୍ୟକ୍ତି ବୁଝିବା ଓ ବିଶ୍ୱାସ କରିବା ପାଇଁ ମଧ ତା ଅପେକ୍ଷା ଅଧିକ ଅସମର୍ଥ । ବ୍ୟକ୍ତି ସ୍ୱୀୟ ସାଧନା ଦ୍ୱାରା ସେହି ଚେତନାରେ ଉପନୀତ ନ ହେଲେ, ସଂସାରକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅବଦାନ କଳ୍ପନା କରିବା ଖୁବ୍ କଠିନ । ତଥାପି ମଶା ଆକାଶର ବିସ୍ତାର ମାପିବା ସଦୃଶ ଆମ୍ଭେମାନେ ମା ଓ ଶ୍ରୀଅରବିନ୍ଦଙ୍କ ସାଧନା ସମ୍ବନ୍ଧରେ ନିଜ ସୀମିତ ବୁଦ୍ଧିରେ କିଛି ଅନୁମାନ କରି ସନ୍ତୋଷଲାଭ କରିବାକୁ ଚେଷ୍ଟା କରିବା ।

ସାଧାରଣ ବାହ୍ୟ ଦୃଷ୍ଟିରେ ଶ୍ରୀଅରବିନ୍ଦ ନିଭୃତ କକ୍ଷରେ ବସି ଅଧ୍ୟାତ୍ମ ସାଧନାର ପରମାନନ୍ଦରେ ବୁଡି ରହୁଥିଲେ, ଶ୍ରୀମା ସେହି ଆନନ୍ଦରେ ନିବାସ କରି ଆଶ୍ରମର ସମସ୍ତ କାର୍ଯ୍ୟ ପରିଚାଳନା କରୁଥିଲେ; ଆମ୍ଭେମାନେ ଏହାହିଁ ଜାଣୁ । ଯଥାର୍ଥରେ ଏହା ଏପରି ନ ଥିଲା, ଥିଲା ଭଗବତ୍ ଦିବ୍ୟାନନ୍ଦରେ ବାସ କରିବା ସଙ୍ଗେ ସଙ୍ଗେ ଦିବାରାତ୍ର ମହାନ୍ ସଂଗ୍ରାମ । ବିଶ୍ୱର ଯେଉଁ ମୃତ୍ୟୁ, ରୋଗ, ଜରା, ଅଜ୍ଞାନ, ହିଂସା, ସ୍ୱାର୍ଥ ଆଦି ଭୟଙ୍କର ଆସୁରୀଶକ୍ତି, ଯେଉଁ ଶକ୍ତି ବିଧାନକୁ ଭଗବାନଙ୍କ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣ ଏବଂ ଋଷି, ମହାପୁରୁଷମାନଙ୍କୁ ମାନି ନେବାକୁ ପଡ଼ିଥିଲା । ଏହି ସବୁ ଶକ୍ତିର ଅଧିକାର ସୃଷ୍ଟି ଆରମ୍ଭରୁ ବିଶ୍ୱରେ ପ୍ରତିଷ୍ଠା ହୋଇଛି ଏବଂ ଏହି ଶକ୍ତିସବୁ ଏକଛତ୍ର ରାଜା ରୂପେ ବିଶ୍ୱଶାସନ କରୁଛନ୍ତି । ଏସବୁର ଅଧିକାର ଛିନ୍ନ କରି, ଏମାନଙ୍କ ଉପରେ ଅଧିକାର ପ୍ରତିଷ୍ଠା କରି, ଏମାନଙ୍କୁ ରୂପାନ୍ତର କରି ଭଗବତ୍ ଶକ୍ତି ଦ୍ୱାରା ପରିଚାଳନା କରିବା ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ । ଶାସନ କରୁଥିବା ଶକ୍ତି ପକ୍ଷେ ଶାସିତ ହେବା ଅତ୍ୟନ୍ତ ଅସହ୍ୟ । ସେହି ସକାଶେ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗକୁ ବ୍ୟର୍ଥ କରିଦେବା ଉଦ୍ଦେଶ୍ୟରେ ଅନ୍ୟାୟ ଓ ଅସତ୍ୟର ପ୍ରେରଣା ଦେଇ ସଂସାର ଓ ସମାଜକୁ ଅଧିକାର କରିନେବାକୁ ଚାହିଁଲେ ଏବଂ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ସତ୍ୟକୁ ମନୁଷ୍ୟ ମଧ୍ୟରେ ପ୍ରବେଶ କରିବାର ମାର୍ଗକୁ ଦୃଢ଼ ଭାବରେ ବନ୍ଦ କରି ଦେବାକୁ ଚାହିଁଲେ । ଏହା ସଙ୍ଗେ ସଙ୍ଗେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆନ୍ତର ସାଧନା-ମାର୍ଗରେ ମଧ ବାଧାବିଘ୍ନର ପାହାଡ଼ ଛିଡ଼ା କରିଦେଲେ ଏବଂ ବାହ୍ୟଭାବରେ ମଧ ଅନ୍ୟ ଲୋକଙ୍କୁ ଯନ୍ତ୍ର କରି ପଣ୍ଡିଚେରୀରୁ ଶ୍ରୀଅରବିନ୍ଦଙ୍କୁ ବିତାଡ଼ିତ କରି ତାଙ୍କ ଜୀବନ ସମାପ୍ତ କରି ଦେବାକୁ ଓ ଆଶ୍ରମ ନଷ୍ଟ କରି ଦେବାକୁ ଚାହିଁଲେ । ବିରୋଧୀ ଶକ୍ତିର ଏପରି ଉଦ୍ୟମ ବହୁବାର ହୋଇଛି ଏବଂ ବିରୋଧୀ ଶକ୍ତିମାନେ ବ୍ୟକ୍ତି ମଧ୍ୟରେ ହିଂସା, ସ୍ୱାର୍ଥର ପ୍ରେରଣା ଦେଇ ବାରଂବାର ଯୁଦ୍ଧ କରାଇ ବିଶ୍ୱକୁ ଧ୍ୱଂସ କରି ଦେବାକୁ ପ୍ରଯତ୍ନ କରିଛନ୍ତି ।

ବିରୋଧୀ ଶକ୍ତିର ଏହିସବୁ ଆକ୍ରମଣର ସମ୍ମୁଖୀନ ହେବା ସକାଶେ ଶ୍ରୀଅରବିନ୍ଦ ବାହ୍ୟ କର୍ମରୁ ନିବୃତ୍ତ ହୋଇ ଅଧ୍ୟାତ୍ମ ଶକ୍ତି ଦ୍ୱାରା ଆନ୍ତର୍ସୂକ୍ଷ୍ମ ଜଗତର ବାଧାବିଘ୍ନର ସମ୍ମୁଖୀନ ହୋଇ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେଲେ ଏବଂ ମା' ସଂସାର ତଥା ଶାସକମାନଙ୍କ ବାହ୍ୟକର୍ମକୁ ନିୟନ୍ତ୍ରଣ କରି ବିରୋଧୀ ଶକ୍ତିଙ୍କ ବାହ୍ୟ ଆକ୍ରମଣରୁ ଜଗତ୍ ତଥା ଆଶ୍ରମକୁ ରକ୍ଷା କଲେ । ଏହି ଦୁଇଜଣଙ୍କୁ ଦିବାରାତ୍ର ଅହରହ ବିରୋଧୀ ଶକ୍ତିଙ୍କ ସହ ଯୁଦ୍ଧ କରି ଅଗ୍ରସର ହେବାକୁ ପଡୁଥିଲା ।

ଶ୍ରୀଅରବିନ୍ଦ ବହୁ ବାଧାବିଘ୍ନ ଅତିକ୍ରମ କରି ଅତିମାନସ ଚେତନାରେ ଉପନୀତ ହେଲେ ଏବଂ ସେହି ଅତିମାନସ ଶକ୍ତି ଦ୍ୱାରା ଏହି ପୃଥିବୀରେ ଶାସନ କରୁଥିବା ଆସୁରୀଶକ୍ତି – କାମ, କ୍ରୋଧ, ମୋହ, ସ୍ୱାର୍ଥ, ହିଂସା, ଜରା, ରୋଗ, ମୃତ୍ୟୁକୁ ରୂପାନ୍ତର କରିବା ସକାଶେ ଅତିମାନସକୁ ଊର୍ଦ୍ଧ୍ୱସ୍ତରରୁ ଏହି ପୃଥିବୀରେ, ଏହି ଭୌତିକ ଜଡ଼ ଶରୀରରେ ଉତାରି ଆଣିବାକୁ ଚେଷ୍ଟା କଲେ । ମୃତ୍ୟୁ, ହିଂସା ଆଦି ଅଜେୟ ଆସୁରୀ ଶକ୍ତି ଅନ୍ୟ କୌଣସି ଶକ୍ତି ଦ୍ୱାରା ରୂପାନ୍ତର ହୁଅନ୍ତି ନାହିଁ, ହୁଅନ୍ତି କେବଳ ଅତିମାନସ ଶକ୍ତି ଦ୍ୱାରା । ଏହି ଆସୁରୀ ଶକ୍ତିଙ୍କ ରାଜତ୍ୱ ଏହି ପୃଥିବୀରେ । ପୃଥିବୀ ଆରମ୍ଭରୁ ଏହିସବୁ ଶକ୍ତିଙ୍କ ଦ୍ୱାରା ପୃଥିବୀ ଶାସିତ ହେଉଛି । ମନୁଷ୍ୟର ସୁଖ, ଶାନ୍ତି, ପୃଥିବୀର ଶାନ୍ତି, ଆସୁରୀ ଶକ୍ତିର ସ୍ୱଭାବର ବିପରୀତ ଏବଂ ଅସହ୍ୟ । ନିଜ ଅଧିକାର ଏବଂ ପୃଥିବୀରେ ଦୁଃଖ, କଷ୍ଟ କାଏମ ରଖିବା ସକାଶେ, ଅତିମାନସ ଶକ୍ତିର ଅବତରଣର ପଥରୋଧ କରିବା

ଉଦ୍ଦେଶ୍ୟରେ ଏହି ବିରୋଧୀ ଶକ୍ତିମାନେ ସବୁବେଳେ ଚେଷ୍ଟା କଲେ । ସାଧାରଣତଃ ସଂସାରୀ ବ୍ୟକ୍ତି ମଧ୍ୟରେ ସ୍ୱାର୍ଥ, ଅହଂ, ହିଂସା ବିଦ୍ୟମାନ । ବିରୋଧୀ ଶକ୍ତିଙ୍କ ପ୍ରବେଶର ଏହାହିଁ ମାର୍ଗ । ଏହି ମାର୍ଗରେ ବିରୋଧୀ ଶକ୍ତି ଅଧିକାଂଶ ସଂସାରୀ ବ୍ୟକ୍ତିଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କ ଅନ୍ତରରେ କମ୍ ସକ୍ରିୟ ଥିବା ଅସତ୍‌ଗୁଣ କାମ, କ୍ରୋଧ, ମୋହ, ଲୋଭ, ହିଂସା ଓ ସ୍ୱାର୍ଥକୁ ତୀବ୍ରଭାବେ କ୍ରିୟାଶୀଳ କରାଇ ଦେଲେ; ସଂସାରରେ ଅସତ୍ୟ ଓ ଅନ୍ୟାୟ ବ୍ୟାପୀ ଗଲା । ବହୁ କମ୍ ବ୍ୟକ୍ତିଙ୍କୁ ବାଦ୍‌ଦେଲେ ସଂସାରର ଅଧିକାଂଶ ବ୍ୟକ୍ତିଙ୍କ ଭିତରେ ହିଂସା ଓ ସ୍ୱାର୍ଥପରାୟଣତା ରହିଛି ।

ଏହି ସବୁ ଦୁଷ୍ପ୍ରବୃତ୍ତି ମାଧ୍ୟମରେହିଁ ଲୋକମାନଙ୍କୁ ଯନ୍ତ୍ର କରି ଆସୁରୀ ଶକ୍ତି ନିଜର ପ୍ରତିଷ୍ଠା ବଜାୟ ରଖିବାକୁ ଓ ଅତିମାନସ ଶକ୍ତି ଅବତରଣର ପଥରୋଧ କରିବାକୁ ଚେଷ୍ଟା କଲା । ପୃଥିବୀ ବାରଂବାର ଯୁଦ୍ଧ ଓ ଧ୍ୱଂସର ସମ୍ମୁଖୀନ ହେଲା । ଏହି ଅବସ୍ଥାରେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରିଥିଲେ ଆସୁରୀ ଶକ୍ତିର ଯନ୍ତ୍ରମାନେ ବିଶ୍ୱଯୁଦ୍ଧ ଘଟାଇ ସଂସାରକୁ ଧ୍ୱଂସ କରିଥାଆନ୍ତେ । ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିବା ସକାଶେ ଶ୍ରୀଅରବିନ୍ଦ ପୃଥିବୀର ପ୍ରତିନିଧି ହୋଇ ବିରୋଧୀ ଶକ୍ତିର ସମସ୍ତ ଆକ୍ରମଣକୁ ନିଜ ଶରୀରରେ ନେଇ ଶରୀର ତ୍ୟାଗ କଲେ ଏବଂ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ ଦେଲେ । ତାଙ୍କ ଶରୀର ତ୍ୟାଗ ପରେ ଅତିମାନସ ଜ୍ୟୋତିଃର ସ୍ପର୍ଶ ଯୋଗୁଁ ତାଙ୍କ ଶରୀର ପାଞ୍ଚ ଦିନ ପର୍ଯ୍ୟନ୍ତ ଜ୍ୟୋତିର୍ମୟ ହୋଇ ବିଦ୍ୟମାନ ଥିଲା । ଏହି ବିଷୟ ଡକ୍ଟର ସାନ୍ୟାଲ ବିଶଦଭାବେ ଲେଖିଛନ୍ତି । ଜଗତକୁ ସ୍ୱର୍ଗରେ ପରିଣତ କରିବାକୁ, ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା କରିବାକୁ ଶ୍ରୀଅରବିନ୍ଦ ଜୀବନସାରା ଦୁଃଖ, କଷ୍ଟ, ବିପଦକୁ ବରଣ କରି ଶେଷରେ ନିଜ ଶରୀର ଉତ୍ସର୍ଗ କଲେ । ସେହି ଅତିମାନସ ଶକ୍ତିକୁ ଧାରଣ କଲେ ମା' ।

ପୂର୍ବେ ଆଲୋଚନା ହୋଇଛି ଶ୍ରୀଅରବିନ୍ଦ ଓ ମା' ଏକତତ୍ତ୍ୱ – କେବଳ ପୃଥିବୀରେ ଅତିମାନସ ଚେତନା ପ୍ରତିଷ୍ଠା କରିବା ସକାଶେ ଦୁଇ ରୂପରେ ପ୍ରକଟ ହୋଇଥିଲେ । ଶ୍ରୀଅରବିନ୍ଦ ସ୍ଥୂଳ ଶରୀର ତ୍ୟାଗ କରି ସୂକ୍ଷ୍ମ ଶରୀରରେ ଏହି ପୃଥିବୀର ବାତାବରଣରେ ରହି ମା'ଙ୍କୁ ସାହାଯ୍ୟ କଲେ । ମା' ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ କଲେ । ଶ୍ରୀମା ଅତିମାନସ ଶକ୍ତିକୁ ଧାରଣ କରି ତା'ରି ପ୍ରଭାବରେ ବିରୋଧୀ ଶକ୍ତିଙ୍କ ଦ୍ୱାରା ପୃଥିବୀ-ଧ୍ୱଂସର ଉଦ୍ୟମକୁ ବ୍ୟର୍ଥ କରୁଥିଲେ । ଅତିମାନସ ଶକ୍ତି ଅନୁକୂଳ ଅବସ୍ଥାରେ ଏହି ପୃଥିବୀରେ କ୍ରିୟାଶୀଳ ହେବା ସକାଶେ ୧୯୫୬ ଫେବୃଆରୀ ୨୯ ତାରିଖରେ ପ୍ରକାଶ ହେଲା ଏବଂ ସମସ୍ତ ପୃଥିବୀରେ ତଥା ମା'ଙ୍କ ଶରୀରରେ ରୂପାନ୍ତର କ୍ରିୟା କରିବାକୁ ଆରମ୍ଭ କଲା । ବିରୋଧୀ ଶକ୍ତିଙ୍କ ଆକ୍ରମଣରେ ଯେବେ ଯେବେ ପୃଥିବୀ ଯୁଦ୍ଧ ଓ ଧ୍ୱଂସର ସମ୍ମୁଖୀନ ହେଉଥିଲା, ସେହି ଅତିମାନସ ଶକ୍ତିହିଁ ତାକୁ ରକ୍ଷା କରୁଥିଲା ।

ମା' ହେଉଛନ୍ତି ପୃଥିବୀର ପ୍ରତିନିଧି । ମା'ଙ୍କର ମନ, ପ୍ରାଣ, ଶରୀର ସମସ୍ତ ସତ୍ତା ଭଗବାନ୍ ଏବଂ ଭଗବତ୍ ପ୍ରକଟ ରୂପ – ଏହି ଜଗତ୍ ସହିତ ଏକାତ୍ମ । ମା'ଙ୍କ ଶରୀରରେ ଯେଉଁ ରୂପାନ୍ତର ହେବ ତାହା ହେବ ଜଗତ୍ ପ୍ରକୃତିର । ସେହି ସକାଶେ ମା' ଜଗତରେ ସମସ୍ତ ଦୁଃଖ, କଷ୍ଟ ତଥା ଆସୁରୀ ଶକ୍ତିର ବିରୋଧକୁ ନିଜ ଶରୀରରେ ନେଇ ସେସବୁକୁ ସହ୍ୟ କରୁଛନ୍ତି ଏବଂ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କରୁଛନ୍ତି । ସମସ୍ତ ସଂସାରର ଦୁଃଖ, କଷ୍ଟ ବହନ କରି ଚାଲିଛନ୍ତି ମା' । ମା'ଙ୍କର ନିଜ ଶରୀର ସକାଶେ ବା ନିଜ ସକାଶେ ରୂପାନ୍ତରର ଆବଶ୍ୟକତା ନାହିଁ, ମା' କରୁଛନ୍ତି ଜଗତ୍ ସକାଶେ । ମା'ଙ୍କ ଶରୀରରେ ଯେଉଁ ସତ୍ତାର ରୂପାନ୍ତର ହେଉଛି, ତାହା ହେଉଛି ବିଶ୍ୱ ପ୍ରକୃତିରେ । ମା'ଙ୍କ ଶରୀରର ରୂପାନ୍ତର ଅନୁପାତରେ ସଂସାରରୁ ଅସତ୍ୟ, ଅନ୍ୟାୟ ଦୂର ହେଉଥିବ ଏବଂ ମା'ଙ୍କ ପ୍ରତି ଉନ୍ମୁକ୍ତ ହେଉଥିବ । ବ୍ୟକ୍ତି ନିଜ ଉନ୍ମୁକ୍ତତା ଅନୁପାତରେ ସାଧନା ମାର୍ଗରେ ଅଗ୍ରସର ହେଉଥିବେ । ମା'ଙ୍କ ଶରୀରରେ ରୂପାନ୍ତର ପୂର୍ଣ୍ଣହେଲେ ସଂସାରରୁ ଅସତ୍ୟ, ଅନ୍ୟାୟ ପୂର୍ଣ୍ଣ ରୂପେ ଦୂର ହେବ, ସତ୍ୟ ଏବଂ ନ୍ୟାୟ ପ୍ରତିଷ୍ଠା ହେବ । ଏହି ମୃତ୍ୟୁପୁରୀ ପରିଣତ ହେବ ସ୍ୱର୍ଗରେ । ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ-ବିଜ୍ଞାନ ଏବଂ ଅତିମାନବ-ଜାତି । ଏହାହିଁ ମା' ଶ୍ରୀଅରବିନ୍ଦଙ୍କର ପୃଥିବୀକୁ ଅବଦାନ । ଯେଉଁ ସାଧକମାନେ କେବଳ ମା'ଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ରଖି ନିଜକୁ ତାଙ୍କ ଚରଣରେ ସମର୍ପଣ କରିପାରିବେ, ସେହିମାନେ ମା'ଙ୍କ ଅତିମାନସ ଛତ୍ରଛାୟାରେ ରହିବେ, ଅଳ୍ପ ପ୍ରୟାସରେ ମା'ଙ୍କ ଶକ୍ତି ସାହାଯ୍ୟରେ ସମସ୍ତ ପ୍ରକାର ବାଧାବିପତ୍ତିକୁ ଅତିକ୍ରମ କରି ମୃତ୍ୟୁ, ରୋଗ, ଜରା, ଅଜ୍ଞାନ ଓ ଦୁଃଖ କଷ୍ଟରୁ ପୂର୍ଣ୍ଣ ମୁକ୍ତ ହେବେ; ମନ, ପ୍ରାଣ, ଶରୀର ରୂପାନ୍ତର କରି ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବେ ଏବଂ ଲକ୍ଷ୍ୟ ସିଦ୍ଧି କରିପାରିବେ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃଷ୍ଠା : ୭୯୭ - ୮୦୦) ❑

# ଜାତୀୟ ସଙ୍କଟର ସନ୍ଧିକ୍ଷଣ

## ପ୍ରପତ୍ତି

ଆମ୍ଭେମାନେ ବାରଂବାର ଏକଥା ଘୋଷଣା କରୁଛୁ ଯେ ଭାରତବର୍ଷ ଏକ ଶକ୍ତି, ଜ୍ଞାନ ଓ ଆଲୋକ । ଜାତି ହିସାବରେ ଭାରତର ଏକ ନିଜସ୍ୱ ଧାରା ଅଛି, ପ୍ରତିଭା ଅଛି, ମହିମା ଅଛି । ଭାରତର ଏହି ଅନ୍ତର୍ନିହିତ ଶକ୍ତି, ସାମର୍ଥ୍ୟ ଓ ଜ୍ଞାନର ବିକାଶହିଁ ବର୍ତ୍ତମାନ ଆବଶ୍ୟକ । ଆମର ଜାତୀୟ ଦୃଷ୍ଟିକୋଣ ଯେପର୍ଯ୍ୟନ୍ତ ଏହି ଦିଗରେ ପରିବର୍ତ୍ତିତ ନ ହୋଇଛି, ବର୍ତ୍ତମାନ ସଙ୍କଟ ଆହୁରି ଗଭୀରତର ଓ ଗୁରୁତର ହୋଇ ଚାଲିବ । ଯାହା ଆତ୍ମାର ଅଭିପ୍ରେତ, ଭଗବତ୍ ନିର୍ଦ୍ଦିଷ୍ଟ ତାହା ମାନବିକ ମୂର୍ଖତା, ବାଧାବିଘ୍ନ ଓ ଅଜ୍ଞାନତା ସତ୍ତ୍ୱେ ଘଟିବା ସୁନିଶ୍ଚିତ । ଏହି ହେଲା ଭାରତର ଅନ୍ତର୍ଦ୍ୱନ୍ଦ୍ୱ – ତା'ର ଅନ୍ତରାତ୍ମାର ଡାକ ଏକ ଦିଗରେ; ବହିର୍ମୁଖୀ ସତ୍ତାର କ୍ରିୟାକଳାପ ଅନ୍ୟ ଦିଗରେ । ଆମର ଜାତୀୟ ସାମର୍ଥ୍ୟ ହେଲା ଏକ ଦିଗରେ, ଆଉ ନେତୃତ୍ୱ ହେଲା ଅନ୍ୟ ଦିଗରେ । ଏହି ସଙ୍କଟ ଏକ ସନ୍ଧିକ୍ଷଣରେ ଆସି ପହଞ୍ଚିଛି, ଯେପର୍ଯ୍ୟନ୍ତ ଭାରତର ଜାତୀୟ ଦୃଷ୍ଟି ତା'ର ନିଜସ୍ୱ ପ୍ରତିଭା ଉପରେ ଛିଡ଼ା ନ ହୋଇଛି ସେପର୍ଯ୍ୟନ୍ତ ତାହାର ଅଭ୍ୟୁତ୍ଥାନ ସମ୍ଭବ ନୁହେଁ; ଦୁଃଖ, ବିପଦ ବରାବର ଦେଶକୁ ଘେରି ରହିଥିବ ।

କେବଳ ଭାରତବର୍ଷ ନୁହେଁ, ସମଗ୍ର ପୃଥିବୀ ଏକ ଘୋର ଦୁର୍ଗତିର ସମ୍ମୁଖୀନ ହୋଇଛି । ଏହି ବିଷୟରେ ଆଲୋଚନା କରିବାକୁ ଗଲେ ଆମ୍ଭେମାନେ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟିପାତ କରିବା :

୧. ବର୍ତ୍ତମାନ ମୁହୂର୍ତ୍ତଟି ମାନବଜାତିର ଏକ ଭାଗ୍ୟ ପରିବର୍ତ୍ତନର ବେଳ ।
୨. ଏହା ଏକ ଘୋର ବିପର୍ଯ୍ୟୟ ଓ ବିଧ୍ୱଂସର ବେଳ ।
୩. ଏହା ଏକ ନବସୃଷ୍ଟିର କାଳ ।
୪. ଏହି ନୂତନ ସୃଷ୍ଟି ପ୍ରତିଷ୍ଠାରେ ଭାରତହିଁ ନେତୃତ୍ୱ ନେବ ଏବଂ ନବ ମାନବସମାଜର ଦ୍ୱାର ଉଦ୍‌ଘାଟନ କରିବ ।

ପ୍ରଥମତଃ ଏକଥା କହିବା ଅନାବଶ୍ୟକ ଯେ ବର୍ତ୍ତମାନ ମାନବଜାତି ଏକ ଗୁରୁତର ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି । ଏହି ପରିବର୍ତ୍ତନ ଆଂଶିକ ନୁହେଁ, ପୂର୍ଣ୍ଣାଙ୍ଗ; ପାକ୍ଷିକ ନୁହେଁ, ସାମଗ୍ରିକ । ପରିବର୍ତ୍ତନର ଧାରା ଏପରି ବ୍ୟାପକ ଯେ ଏହା ଯେପରି ସୃଷ୍ଟିର ମୂଳତତ୍ତ୍ୱ, ସତ୍ୟ ଓ ଭୂମିକୁ ସ୍ପର୍ଶ କରୁଛି । ବାହାରେ ଯେଉଁ ଚରମ ବିକ୍ଷୋଭ, ବିପର୍ଯ୍ୟୟ ଓ ଅସ୍ଥିରତା ଦେଖା ଦେଇଛି ତାହା ଏକ ମୂଳ ସତ୍ୟର ଅପସାରଣ ଏବଂ ନୂତନ ସତ୍ୟର ଅବତରଣ ଯୋଗୁଁ ଘଟୁଛି । ବାହାରେ ଯାହା ଘଟେ ତାହାର ବିଶେଷ କୌଣସି ମୂଲ୍ୟ ନ ଥାଏ, ଯଦି ତାହା ଆନ୍ତର ସତ୍ୟକୁ ପର୍ଯ୍ୟବସିତ ନ କରେ । ସୃଷ୍ଟିର ମୂଳରେ ଯେଉଁ ପରିବର୍ତ୍ତନ ହେଉଛି, ମାନବ-ଚେତନାରେ ଯେଉଁ ପରିବର୍ତ୍ତନର ସମ୍ଭାବନା ଦେଖା ଦେଇଛି ତାହା ଖୁବ୍ ବିଶାଳ, ଖୁବ୍ ଗଭୀର ଓ ସର୍ବାଙ୍ଗୀନ । ସେଥିପାଇଁ ମାନବ ଜୀବନର ସକଳ ସ୍ତରରେ – ଧର୍ମ, ନୈତିକତା, ସାହିତ୍ୟ, କଳା, ଶିଳ୍ପ, ଶିକ୍ଷା ଓ ମୂଲ୍ୟବୋଧ ତଥା ସଂସ୍କୃତିର କ୍ଷେତ୍ରରେ କଳ୍ପନାତୀତ ପରିବର୍ତ୍ତନ ଦେଖା ଦେଇଛି ।

ଦୁଇଟି ଦିଗରୁ କ୍ରିୟା ଚାଲିଛି । ଊର୍ଦ୍ଧ୍ୱତନ ସତ୍ୟ, ଜ୍ଞାନ, ଆଲୋକ ଓ ଶକ୍ତି ଯେପରି ଚାପ ଦେଉଛି; ଅଧସ୍ତନ ଅଜ୍ଞାନତା, ମୂର୍ଖତା, ପାଶବିକତା ଓ ଅଚେତନା ତଥା ଅବଚେତନାର ପ୍ରତ୍ୟୟ ଓ ଅଚିନ୍ତନୀୟ କ୍ରିୟା ମଧ୍ୟ ସେହିପରି ଦେଖା ଦେଇଛି । ଅତିମାନସର ପ୍ରଖର ସୌରରଶ୍ମି ଯେପରି ନିଶ୍ଚେତନାର ଗାଢ଼ତମ ଅନ୍ଧକାର ଉପରେ କ୍ରିୟା କରୁଛି । ଅତିମାନସର ରଶ୍ମିମାଳା ଦିଶୁ ବା ନଦିଶୁ ନିଶ୍ଚେତନାର ଘୋର ଅନ୍ଧକାରର ପ୍ରାବଲ୍ୟ ଯେ ଦେଖା ଦେଇଛି ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଅନ୍ଧକାର ଓ ଦୁଃଖ ଯେତେ ସତ୍ୟ ବୋଲି ବୋଧ ହୁଏ, ସୁଖ, ଆନନ୍ଦ ଓ ଜ୍ୟୋତିର କ୍ରିୟା ବା ପ୍ରଭାବ ସେତିକି ସାମୟିକ ବୋଲି ବୋଧ ହୁଏ । ମନୁଷ୍ୟ ଅମୃତ ପିପାସୀ ହେଲେ ମଧ୍ୟ ମୃତ୍ୟୁର ଆୟତ୍ତରେ ରହିଛି । ମୃତ୍ୟୁ ଉପରେ ଅମୃତର ବିଜୟ ହେବ – ଏହା ହେଉଛି ପରିବର୍ତ୍ତନର ଚରମ ସତ୍ୟ । ସୁତରାଂ ଏହି ପରିବର୍ତ୍ତନ କିପରି ବିକ୍ଷୋଭ ଓ ଅସ୍ଥିରତା ସୃଷ୍ଟି କରିବ ତାହା ମାନବିକ ବୁଦ୍ଧି ଓ ବିଦ୍ୟାର ଅତୀତ ।

ଦ୍ୱିତୀୟତଃ, ଏହା ବିଧ୍ୱଂସ, ଗ୍ଳାନି ଓ ପ୍ରଳୟର କାଳ । ଯେଉଁଠାରେ ସୃଷ୍ଟିର ପର୍ଯ୍ୟାୟ ଓଲଟି ଯାଏ, ସେଠାରେ କେଉଁ ପ୍ରକାର କ୍ଷୟ, କ୍ଷତି ଓ ଧ୍ୱଂସ ହେବ ତାହା କଳ୍ପନାତୀତ । ଯେଉଁ ଅତୀତ ରହିଛି, ଯାହାକିଛି ମାନବିକ, ନୈତିକ ଓ ଧର୍ମଗତ ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତି ବୋଲି ରହିଛି, ତା'ର ଗୋଟାଏ ବିଲୋପ

ସାଧନ ଆବଶ୍ୟକ ହେବ; – ପଥ ପରିଷ୍କାର ନିମିତ୍ତ, ଆନୁସଙ୍ଗିକ ବିଶାଳ ଓ ବ୍ୟାପକ ପରିବର୍ତ୍ତନ ନିମିତ୍ତ । ଏହି ଧ୍ୱଂସର ଲୀଳା ଉଭୟ ବାହ୍ୟିକ ଓ ଆନ୍ତରିକ ହେବ । ଅନ୍ତର ବିଧ୍ୱଂସର ଅର୍ଥ ଏକ ଶୂନ୍ୟତା, ରିକ୍ତତାରେ ମନୁଷ୍ୟ ଜୀବନ ବିଷାକ୍ତ ଓ ମୂଲ୍ୟହୀନ ହୋଇ ଉଠିବ । ବାହ୍ୟ ଧ୍ୱଂସର ଅର୍ଥ ମାନବିକ, ରାଷ୍ଟ୍ରୀୟ ଓ ପ୍ରାକୃତିକ ହେବ । ଜାତୀୟତା ଭିତରେ ଯେଉଁସବୁ ବିଭିନ୍ନ ମାନବ ଗୋଷ୍ଠୀ, ରାଷ୍ଟ୍ର ଓ ଦେଶ ନାମରେ ପରିଚିତ ହୋଇଛି, ତାହା ସମୟ ସମୟରେ ମନୁଷ୍ୟକୁ ବର୍ବରତା ଓ ପଶୁତ୍ୱ ଆଡ଼କୁ ଟାଣି ନେଉଛି । ସେହିସବୁ ରାଷ୍ଟ୍ରୀୟ ଅହଙ୍କାର ଓ ମିଥ୍ୟାତ୍ୱ ଓ ବର୍ବରତାକୁ ନଷ୍ଟ କରି ଦେବାକୁ ହେବ, – ବୃହତ୍ତର ଓ ଉଚ୍ଚତର ମାନବଗୋଷ୍ଠୀର ପ୍ରତିଷ୍ଠା ନିମିତ୍ତ । ଆନ୍ତର୍ଜାତିକତାର ଭିତ୍ତି ହେବ ଏକ ସମୃଦ୍ଧ, ଉଦ୍‌ବୁଦ୍ଧ ମାନବ-ଚେତନା, ରାଷ୍ଟ୍ରୀୟ କୂଟନୀତି, ଅସ୍ତ୍ରଶସ୍ତ୍ରର ରଣଝଣ ବା ବାହୁବଳ ନୁହେଁ । ସୁତରାଂ ଦୃଶ୍ୟମାନ ବିଧ୍ୱଂସ ଅନେକ ପରିମାଣରେ ଯୁକ୍ତିଯୁକ୍ତ, ବିଧି-ନିର୍ଦ୍ଦିଷ୍ଟ ଓ ନ୍ୟାୟସଙ୍ଗତ । କିନ୍ତୁ ଏଥିପାଇଁ ମନୁଷ୍ୟ ଆଶ୍ରୟ ନେବ କେଉଁଠି ?

ତୃତୀୟତଃ, ଏହିପରି ବିଧ୍ୱଂସ ଓ ବିପର୍ଯ୍ୟୟର କାଳହିଁ ନବସୃଷ୍ଟିର କାଳ । ନୂତନ ଜ୍ଞାନ, ନୂତନ ଶକ୍ତି ଓ ନୂତନ ଜ୍ୟୋତିଃ ପୃଥିବୀକୁ ଆବୃତ କରି ରଖିଛି ଏବଂ ନିଜକୁ ପ୍ରତିଷ୍ଠା କରିବା ନିମିତ୍ତ ଆପ୍ରାଣ ଚେଷ୍ଟା କରୁଛି । କୌଣସି ଉପାୟରେ ଯେଉଁମାନେ ଏହି ନୂତନ ଜ୍ୟୋତିଃ, ଶକ୍ତି ଓ ଜ୍ଞାନର ଆଶ୍ରୟ ନେଇ ପାରିବେ, ଅନ୍ତତଃ ଏହାର ସପକ୍ଷରେ ରହିବେ; ସେମାନେ ଆଘାତ ପ୍ରତିଘାତ ପାଇଲେ ମଧ୍ୟ ବିଶେଷ କ୍ଷତବିକ୍ଷତ ହେବେ ନାହିଁ ବା ଆଶ୍ରୟହୀନ ହେବେ ନାହିଁ । ଏହି ନୂତନ ଜ୍ୟୋତିଃ ଓ ଶକ୍ତିର ସହାୟତା ଗ୍ରହଣ କରିବା ବ୍ୟକ୍ତିର ଆନ୍ତର ଚେତନା ଉପରେ, ବିକାଶର ଧାରା ଓ ଏକ ନିର୍ଦ୍ଦିଷ୍ଟ ମନୋଭାବ ଉପରେ ନିର୍ଭର କରିବ । ତେବେ, ଯେତେ ଯେତେ ବିକ୍ଷୋଭ ଓ ଅସ୍ଥିରତା ବୃଦ୍ଧି ପାଇବ, ତେତେ ବେଶୀ ପରିମାଣରେ ମନୁଷ୍ୟସମାଜ ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଓ ରୂପାନ୍ତର ନିମିତ୍ତ ଜ୍ଞାତସାରରେ ବା ଅଜ୍ଞାତସାରରେ ବ୍ୟଗ୍ର ହୋଇ ଉଠିବ ।

ତେବେ ଏହି ନବ-ସୃଷ୍ଟି ଏତେ ପରିସ୍ଫୁଟ ନୁହେଁ, ଯଦିଓ ଏହା ଏକ ବୋଧ ଓ ଉପଲବ୍ଧି ଉପରେ ନିର୍ଭର କରେ; ତଥାପି ବାହ୍ୟ ଜୀବନରେ ଏହାର ଫଳାଫଳ ଶାନ୍ତି, ସମତା, ସ୍ଥିରତା ଓ ଜୀବନର ଯଥାର୍ଥ ମୂଲ୍ୟବୋଧ ରୂପେ ଦେଖା ଦେବ । ପୁରାତନ ଆଧ୍ୟାତ୍ମିକ ସାଧନା ଓ ସିଦ୍ଧିରେ ମଧ୍ୟ ଶାନ୍ତି, ସମତା, ଆଲୋକ ପ୍ରାପ୍ତିର କଥା ଥିଲା, କିନ୍ତୁ ତାହା ମୂଳତଃ ମୁକ୍ତିପ୍ରଦାୟିନୀ, ରୂପାନ୍ତରକାରିଣୀ ନୁହେଁ । ଏହା ପାର୍ଥିବ ଜୀବନରୁ ପଳାୟନ କରି ଆତ୍ମାର ସ୍ଥିତିରେ ଭଗବତ୍ ପ୍ରାପ୍ତି ଚାହିଁଥିଲା । ଜଡ଼ ବା ଭୌତିକ ଜୀବନରେ ଭଗବାନଙ୍କ ପ୍ରକାଶର ପ୍ରଶ୍ନ ଉତ୍ଥାପିତ ହୋଇ ନ ଥିଲା । ଆମ୍ଭେମାନେ ଯେଉଁ ନୂତନ ସୃଷ୍ଟିର କଥା କହୁଛୁ ତାହା ପାର୍ଥିବ ଜୀବନରେ ଦିବ୍ୟତ୍ୱର ପ୍ରତିଷ୍ଠା କଥା କହୁଛୁ ।

ଚତୁର୍ଥତଃ, ନବୀନ ସୃଷ୍ଟି ଓ ନୂତନ ମାନବସମାଜର ଏହି ଚାବିକାଠି ରହିଛି, ଜାତି ବା ଗୋଷ୍ଠୀ ବା ରାଷ୍ଟ୍ର ହିସାବରେ ଭାରତବର୍ଷ ହାତରେ । ଐତିହ୍ୟ, ପରମ୍ପରା ଏବଂ ନିଜସ୍ୱ ପ୍ରତିଭା ଦୃଷ୍ଟିରୁ ଭାରତହିଁ ଏକ ଅଧ୍ୟାତ୍ମ ତତ୍ତ୍ୱର ରାଷ୍ଟ୍ରୀୟ ସ୍ତରର ଅଧିକାରୀ । ଭାରତହିଁ ସର୍ବକାଳରେ, ସାର୍ବଜନୀନ ରୂପେ ସତ୍ୟ, ଜ୍ଞାନ ଓ ଆଲୋକକୁ ଗ୍ରହଣ କରି ପାରିଛି । ଭାରତର ଶକ୍ତି ଓ ସାମର୍ଥ୍ୟ ହିଁ ମାନବଜାତିକୁ ଉର୍ଦ୍ଧ୍ୱତନ ଆଲୋକ ଓ ସତ୍ୟ ଦିଗରେ ନେଇଯିବା ପାଇଁ ଯୁଗେ ଯୁଗେ କାର୍ଯ୍ୟ କରିଛି । ଏହା ଯଥାର୍ଥରେ ଭାରତର ନବଜନ୍ମର ଲକ୍ଷ୍ୟ । ଶ୍ରୀମା'ଙ୍କର ଏକ ବାଣୀରେ ଏହା ଅତି ସ୍ୱଷ୍ଟ ହୋଇ ଉଠିଛି ।

"True liberty is an ascending movement, not yielding to the lower instincts.

True liberty is a divine manifestation.

We want the true liberty for India so that she may be the right example for the world as the demonstration of what humanity must become."

13 February, 1971 – The Mother

(CWM, Vol. 13, P. 370 - 371)

ଅର୍ଥାତ୍,

''ଯଥାର୍ଥ ସ୍ୱାଧୀନତାହିଁ ଏକ ଉର୍ଦ୍ଧ୍ୱଗାମୀ ଗତି, ଏହା ନିମ୍ନ-ପ୍ରବୃତ୍ତି ହସ୍ତରେ ନିଜକୁ ଛାଡ଼ି ଦେବା ନୁହେଁ ।

ଯଥାର୍ଥ ସ୍ୱତନ୍ତ୍ରତାର ଅର୍ଥ ଏକ ଦିବ୍ୟ ଅଭିବ୍ୟକ୍ତି ।

ଆମ୍ଭେମାନେ ଭାରତ ନିମିତ୍ତ ଏହି ଯଥାର୍ଥ ସ୍ୱତନ୍ତ୍ରତା ଚାହୁଁ, ଯାହା ଫଳରେ ସମଗ୍ର ମାନବଜାତି କ'ଣ ହେବା ଉଚିତ ଭାରତବର୍ଷ ତାହାର ଏକ ଉଦାହରଣ ହୋଇପାରେ ।''

(୧୩ ଫେବ୍ରୁଆରୀ, ୧୯୭୧) – ଶ୍ରୀମା

ବର୍ତ୍ତମାନ ସଙ୍କଟର ଯଥାର୍ଥ ସମାଧାନର ଏହାହିଁ ପଥ । ଅନ୍ୟ କୌଣସି ସ୍ତରରେ, ଅର୍ଥାତ୍ ଅର୍ଥନୈତିକ, ରାଷ୍ଟ୍ରୀୟ ବା

ଶିଳ୍ପ ବାଣିଜ୍ୟ ସ୍ତରରେ ଏହାର ସମାଧାନ ନାହିଁ । ଚେତନାର ଅଭ୍ୟୁତ୍ଥାନ ଓ ବିକାଶ ଫଳରେ ଏହି ସନ୍ଧିକ୍ଷଣରୁ ମୁକୁଳି ଯିବା ସମ୍ଭବ ହେବ ।

ଆମ୍ଭେମାନେ ପୁନର୍ବାର ଘୋଷଣା କରି କହୁଛୁ ଯେ ଏହି ସମୟ ଯେପରି ଏକ ଦୁଃସମୟ, ସେହିପରି ଏକ ଦେବମୁହୂର୍ତ୍ତ । ସକଳ ସ୍ତରରେ ନୂତନ ନିର୍ମାଣ, ଅଗ୍ରଗତି ଓ ଶାନ୍ତି ପ୍ରତିଷ୍ଠା ସମ୍ଭବ; କିନ୍ତୁ ନୂତନ ଶକ୍ତି, ଜ୍ଞାନ ଓ ଜ୍ୟୋତିଃର ଭୂମିକାରେ । ମା'ଙ୍କର ଅନ୍ୟ ଏକ ବାଣୀ ଏଠାରେ ଉଲ୍ଲେଖ କରି ଆମ୍ଭେମାନେ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛୁ :

"We are at one of these 'Hours of God', when the old bases get shaken, and there is a great confusion; but it is a wonderful opportunity for those who want to leap forward, the possibility of progress is exceptional.

Will you not be of those who take advantage of it ?"

(CWM, Vol. 12, P. 279) – The Mother

''ଆମ୍ଭେମାନେ ସେହିସବୁ 'ଦେବ-ମୁହୂର୍ତ୍ତ' ମଧ୍ୟରୁ ଗୋଟିକରେ ବାସ କରୁଛୁ ଯେତେବେଳେ ପୁରାତନ ମୂଳଦୁଆ ଦୋହଲିଯାଏ, ଚାରିଆଡ଼େ ବ୍ୟାପିଯାଏ ପ୍ରବଳ ବିଶୃଙ୍ଖଳା; କିନ୍ତୁ ଆଗକୁ ଲମ୍ଫଦେବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଏହା ଆଣି ଦିଏ ଏକ ଚମତ୍କାର ସୁଯୋଗ ଏବଂ ଏଥିମଧ୍ୟରେ ପୂରି ରହିଥାଏ ଅଗ୍ରଗତିର ଅନନ୍ୟ ସମ୍ଭାବନା ।

ଏହି ସୁଯୋଗ-ଗ୍ରହଣକାରୀଙ୍କ ମଧ୍ୟରୁ ତୁମେ କ'ଣ ଜଣେ ହେବ ନାହିଁ ?''

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ.୧୧୧-୧୧୪)

❑❑❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**✆ 63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

କାହାଣୀ :

# ସମ୍ରାଟ ଓ ଛଞ୍ଚାଣ

## ମନୋଜ ଦାସ

ଆରବ ମୁଲକର ଶାସକ ହେଲେ ଖଲିଫା ବା କାଲିଫ୍ ।

ଥରେ ଖଲିଫା ଶିକାର କରିବାକୁ ବଣ ଭିତରକୁ ଯାଇଥା'ନ୍ତି । ସାଥିରେ ଥା'ନ୍ତି ତାଙ୍କ ଦେହରକ୍ଷୀମାନେ ତଥା ମନ୍ତ୍ରୀ, ସେନାପତି ଇତ୍ୟାଦି । ଖଲିଫା ଗୋଟାଏ ହରିଣ ଉଦ୍ଦେଶ୍ୟରେ ଧନୁରେ ତୀର ଯୋଖିଲେ । କିନ୍ତୁ ହରିଣଟି ତୀବ୍ର ଗତିରେ ଦୌଡ଼ି ପଳାଇଲା । ତାକୁ ଗୋଡ଼ାଇ ଖଲିଫା ନିଜ ସାଥୀମାନଙ୍କଠୁଁ ଅଲଗା ହୋଇଗଲେ ।

ସେ ଯାଇ ପହଞ୍ଚିଲେ ବଣର ଶେଷ ସୀମାରେ । ସେଠାରେ ଗଛଟିଏ ତଳେ ଗୋଟାଏ ପିଲା ବସିଥାଏ; ଖୁସିରେ ଗୀତ ବୋଲୁଥାଏ । ସେ ବା କାହିଁକି ଖଲିଫାଙ୍କୁ ଚିହ୍ନନ୍ତା !

''ଆରେ ଟୋକା, ଗୋଟାଏ ହରିଣ ଏଆଡ଼େ ଆସି ଗଲା କୁଆଡ଼େ ?'' ପଚାରିଲେ ଖଲିଫା ।

''କେଜାଣି !'' କହି ପିଲାଟି ପୁଣି ଗୀତ ବୋଲିବାରେ ମନ ଦେଲା ।

ରାଗରେ ଜଳି ଉଠିଲେ ଖଲିଫା ।

''ଟୋକା, ତୋତେ ଭଦ୍ରତା ଆସେ ନାହିଁ ? ଠିଆ ହୋଇପଡ଼ି ମୋତେ ଅଭିବାଦନ କରିପାରିଲୁ ନାହିଁ ? ଜାଣୁ ମୁଁ କିଏ ?'' ସେ ଧମକ ଦେଲେ ।

''ବାବୁ, ମୁଁ ତୁମ ସାଙ୍ଗରେ କଥା କହି ନାହିଁ । ତୁମେ କହିଲ, ତୁମକୁ କେଉଁ ଭଦ୍ରତା ଜଣା ଅଛି ? ପ୍ରଶ୍ନଟିଏ କରିବା ପୂର୍ବରୁ ମୋତେ ଅଭିବାଦନ କଲ ନାହିଁ କାହିଁକି ?'' ପିଲାଟି ପଚାରିଲା । ତା'ପରେ ପୁଣି କହିଲା, ''ତୁମେ କିଏ ମୁଁ ଜାଣେ କି ନାହିଁ ବୋଲି ପଚାରୁଛ ! ଜାଣେ । ତୁମେ ଜଣେ ଅବିବେକୀ, କ୍ରୋଧୀ ଲୋକ ।''

ଖଲିଫା ରାଗରେ ଥରି ଯାଉଥା'ନ୍ତି । ସେତିକିବେଳେ ପହଞ୍ଚିଗଲେ ତାଙ୍କ ଦଳବଳ । ଖଲିଫାଙ୍କର ଶିକାରରେ ଆଉ ମନ ନଥାଏ । ସେ ତାଙ୍କ ଲୋକଙ୍କୁ ହୁକୁମ ଦେଲେ ! ''ଏ ଟୋକାକୁ ବନ୍ଦୀ କରି ଦରବାରକୁ ନେଇଚାଲ !''

ତାହାହିଁ ହେଲା ।

ଦେହରକ୍ଷୀମାନେ ତାକୁ ବନ୍ଦୀ କରନ୍ତେ ସେ ପଚାରିଲା, ''ମୋର ଅପରାଧ ?''

''ତୋ ଭଳି ଉଦ୍ଧତ ପିଲା ମୁଁ ଆଉ ଦେଖି ନାହିଁ ।'' କହିଲେ ଖଲିଫା ।

''ତୁମ ଭଳି ଗର୍ବୀ ଓ ଅତ୍ୟାଚାରୀ ଲୋକ ମଧ ମୁଁ ଦେଖି ନାହିଁ ।'' କହିଲା ଟୋକା ।

''ଚୋପ୍ !'' ଧମକ ଦେଲେ ଖଲିଫା ।

''ଚୋପ୍ !'' ଜବାବରେ କହିଲା ଟୋକା ।

ଖଲିଫା ରାଗ ତମତମ ହୋଇ ଆଉ କଥା କହିପାରିଲେ ନାହିଁ ।

କିଛି ସମୟ ପରେ ସେ ଯାଇ ଦରବାରରେ ବସିବା ମାତ୍ରେ ବନ୍ଦୀ ଟୋକାକୁ ତାଙ୍କ ଆଗରେ ହାଜର କରାଗଲା ।

''ମହାମାନ୍ୟ ସମ୍ରାଟଙ୍କୁ ଅପମାନ ଦେଲୁ, ଆରେ କୁକୁର !'' ମନ୍ତ୍ରୀ ଚିତ୍କାର କରି କହିଲେ ।

''ମୁଁ ଯଦି କୁକୁର, ତୁମେ କୁକୁର ଲାଞ୍ଜର ମାଛିଟିଏଠାରୁ ଅଧିକ କିଛି ନୁହଁ !'' ଜବାବ ଦେଲା ଟୋକା ।

''ଆରେ ଦୁଷ୍ଟ ! ତୁ ବର୍ତ୍ତମାନ ମଧ ମହାମାନ୍ୟ ସମ୍ରାଟଙ୍କୁ ଅଭିବାଦନ କରି ପାରୁ ନାହୁଁ ?'' ପ୍ରଶ୍ନ କଲେ ସେନାପତି ।

''ମୋ ହାତ ଦୁଇଟି ବନ୍ଧା । ମୋ ପ୍ରତି ଯେଉଁ ଆଚରଣ ତୁମେମାନେ କରୁଛ, ସେଥିରେ ଏହି ମୁହୂର୍ତ୍ତରେ ମୋଠାରୁ ସ୍ୱାଭାବିକ ଆଚରଣ ଆଶା କରୁଛ କିପରି ?'' ଜବାବ ଦେଲା ଟୋକା ।

ଖଲିଫାଙ୍କୁ କିନ୍ତୁ ସେତେବେଳକୁ ବଡ଼ ଅସ୍ୱସ୍ତି ଲାଗୁଥାଏ । ପନ୍ଦର, ଷୋହଳ ବର୍ଷର ଟୋକାର ଏମିତି ରୋକଠୋକ ଜବାବ ତାଙ୍କୁ ଯେତେ ଅପମାନଜନକ ମନେହେଲେ ବି ତା'ର ସାହସ ଓ ଦମ୍ଭକୁ ସେ ମନେ ମନେ ସ୍ୱୀକାର ନ କରନ୍ତେ କେମିତି ? କିନ୍ତୁ ସମସ୍ତଙ୍କ ଆଗରେ ଏଭଳି ଉଦ୍ଧତ ବ୍ୟବହାର ତ ଅସହ୍ୟ !

''ମହାମାନ୍ୟ ସମ୍ରାଟଙ୍କ ପ୍ରତି ଅଶୋଭନୀୟ ଆଚରଣର

ବିଚାର ହେଉଛି । ସଂଯତ ବ୍ୟବହାର କର !'' ଟୋକାକୁ ଚେତାବନୀ ଦେଲେ ଜଣେ ସଭାସଦ ।

''ସର୍ବଶେଷ ବିଚାର କେବଳ ଭଗବାନଙ୍କ ଦରବାରରେ ହେବ !'' ଉତ୍ତରରେ କହିଲା ଟୋକା । ''ସେଠାରେ କାହାରି ପଦପଦବୀର ମୂଲ୍ୟ ନଥାଏ । ସଚ୍ଚା ମଣିଷପଣିଆର ବିଚାର ହୁଏ ।'' ସେ ପୁନର୍ବାର କହିଲା ।

ଖଲିଫା ଦେଖିଲେ ବିଳମ୍ବ କଲେ ଟୋକା ଏମିତି ସବୁ କଥା କହିବ, ଯାହାଦ୍ୱାରା ତାଙ୍କ ମର୍ଯ୍ୟାଦାରେ ଗୋଟାଏ ପରେ ଗୋଟାଏ ଧକ୍କା ଲାଗୁଥିବ ।

''କର ଏହାର ମୁଣ୍ଡ କାଟ !'' ସେ ହୁକୁମ ଦେଲେ । କିନ୍ତୁ ତାଙ୍କ କଣ୍ଠସ୍ୱରରେ ତେଜ ନଥିଲା ।

ଟୋକାକୁ ଦରବାରର ଗୋଟାଏ କୋଣକୁ ଟାଣି ନିଆଗଲା । ସେଠାରେ ତାକୁ ଆଣ୍ଠୁମାଡ଼ି ବସିବାକୁ ପଡ଼ିଲା । ହାତ ଦୁଇଟି ପଛରେ ବନ୍ଧା ହୋଇଥାଏ ।

''ହଜୁର, ଧର୍ମାବତାର ! ଏଥର ମୁଣ୍ଡ କାଟ କରିବି ତ ?'' ଘାତକ ପ୍ରଶ୍ନ କଲା । ବିଧି ଅନୁସାରେ ସେ ତିନିଥର ଏ ପ୍ରଶ୍ନଟି କରିବା କଥା । ତୃତୀୟ ଥର ମଧ୍ୟ ତା' ପ୍ରଶ୍ନର ଉତ୍ତରରେ ଖଲିଫା ଯଦି 'ହଁ' ବୋଲି କହିବେ, ତେବେ ତା'ର ଖଡ୍‌ଗ ଦଣ୍ଡିତର କାନ୍ଧ ଉପରେ ଦେବ ପ୍ରଚଣ୍ଡ ଆଘାତ ।

ଘାତକର ପ୍ରଥମ ଏବଂ ଦ୍ୱିତୀୟ ଥର ପ୍ରଶ୍ନରେ ଖଲିଫା ହଁ ବୋଲି କହିଲେ । ସେ ଲକ୍ଷ୍ୟ କରି ଦେଖୁଥା'ନ୍ତି, ମୁଣ୍ଡ ତଳକୁ କରି ବସିଥାଏ ଟୋକାଟି । କିନ୍ତୁ ତା' ମୁହଁରେ ଭୟର କୌଣସି ଲକ୍ଷଣ ଦେଖାଯାଉ ନଥାଏ ।

''ତୁମ ମୃତ୍ୟୁ ଆସନ୍ନ ବୋଲି ବୁଝୁଛଟି ?'' ପ୍ରଶ୍ନ କଲେ ଖଲିଫା ।

''ଯଦି ମୋର ମୃତ୍ୟୁ ହେବାର ଥିବ, ତେବେ ଆପଣ ତାକୁ ରୋକି ପାରିବେ ନାହିଁ । ଯଦି ହେବାର ନ ଥିବ, ତେବେ ଆପଣ ଶହେ ଥର ଆଦେଶ ଦେଲେ ମଧ୍ୟ ତାହା ହେବ ନାହିଁ !'' ଜବାବ ଦେଲା ଟୋକା ।

''ହଜୁର, ଧର୍ମାବତାର ! ଏଥର ମୁଣ୍ଡକାଟ କରିବି ତ ?'' ତୃତୀୟ ତଥା ଶେଷ ଥର ପାଇଁ ପ୍ରଶ୍ନ କଲା ଘାତକ ।

ଖଲିଫା ଦେଖିଲେ ମୁହଁ ତଳକୁ କରି ଟୋକା ହସୁଛି ।

''ହସିବାର କାରଣ ?'' ଟିକିଏ ଦ୍ୱିଧା ସହକାରେ ପଚାରିଲେ ଖଲିଫା । ତାଙ୍କ ଦ୍ୱିଧାର କାରଣ, ଟୋକା କାଳେ ପୁଣି ଆହୁରି କିଛି ଅଖାଡୁଆ କଥା କହିବ !

''ଧର୍ମାବତାର ! ମୋର ଗୋଟାଏ ପଦ୍ୟ ମନେ ପଡୁଥିଲା ।'' ଟୋକା ଉତ୍ତର ଦେଲା ।

''କି ପଦ୍ୟ ?''

ଟୋକା ଆବୃତ୍ତି କଲା :

ଛଞ୍ଚାଣ ହାବୁଡ଼େ ପଡ଼ିଲା ଏକ ଛୋଟିଆ ଚଢ଼େଇ<br>
କହିଲା ଛଞ୍ଚାଣ, ''ତୋତେ ଦେବି ମୁହିଁ ଖାଇ ।''<br>
କହିଲା ଚଢ଼େଇ, ''ଆହା, କେଡ଼େ ଭାଗ୍ୟ ମୋର !<br>
କିନ୍ତୁ ହାୟ, ମୁଁ ତ ଅତି ସାମାନ୍ୟ ଆହାର !''<br>
ପକ୍ଷୀର ଏ ସୌଜନ୍ୟରେ ଖୁସି ହୋଇ ଅତି,<br>
ଛଞ୍ଚାଣ ତାହାକୁ ଦେଲା ସତ୍ୱର ମୁକତି !''

ଖଲିଫା ପଚାରିଲେ, ''ଏଥିରେ ହସିବାର କ'ଣ ଅଛି ?''

''ଧର୍ମାବତାର !'' ଉତ୍ତର ଦେଲା ଟୋକା, ''ଆପଣଙ୍କ ଭଳି ବିରାଟ ସମ୍ରାଟଙ୍କଠାରୁ ମୃତ୍ୟୁଦଣ୍ଡ ପାଇବା ଦିଗରେ କେଡ଼େ ସାମାନ୍ୟ ମୁଁ । ମୁଁ ଗୋଟାଏ ପ୍ରବଳ ଶତ୍ରୁ ହୋଇଥା'ନ୍ତି ହେଲେ ! ମୁଁ ଯେ ହୋଇପାରି ନାହିଁ, ସେଇଟା ମୋର ଦୁଃଖ ! ମୁଁ ଯଦି ଜଣେ ରାଜା ବା ସମ୍ରାଟ ହୋଇଥା'ନ୍ତି, ଜଣେ ଦୁର୍ଦ୍ଧର୍ଷ ଡାକୁ ହୋଇଥା'ନ୍ତି, ତେବେ ସମ୍ରାଟଙ୍କ ଗୌରବ ବଜାୟ ରହିଥା'ନ୍ତା ! କିନ୍ତୁ ସମ୍ରାଟଙ୍କ ଭାଗ୍ୟରେ ସେମିତି କେହି ମାନବ ନାହିଁ । ମହାମାନ୍ୟ ସମ୍ରାଟଙ୍କୁ ଛଞ୍ଚାଣ ସହ ତୁଳନା କରିବା ମୋ ପକ୍ଷରେ ଅନୁଚିତ !''

ମୁହୂର୍ତ୍ତେ ଚୁପ୍ ରହି ଖଲିଫା କହିଲେ, ''ହେଲା, ତୋତେ ମୁକ୍ତି ଦିଆଗଲା, ଯା' ।''

''ମୁଁ କ'ଣ କହୁଥିଲି ! ମୋର ମରିବାର ନଥିଲେ, ମୋତେ କିଏ ବା ମାରି ପାରିବ !'' ଟୋକା ଠିଆ ହୋଇପଡ଼ି କହିଲା ।

''ଗଲୁ ! ତୁ ଯେତେ ଶୀଘ୍ର ସମ୍ଭବ ଏଠାରୁ ଯା' !'' ଖଲିଫା ଅଧୈର୍ଯ୍ୟ ହୋଇ ନିର୍ଦ୍ଦେଶ ଦେଲେ ।

ଟୋକା ତାଙ୍କୁ ଅଭିବାଦନ ଜଣାଇ ଚାଲିଗଲା । ମନେହେଲା, ଦରବାରରେ ସଭିଏଁ ସ୍ୱସ୍ତିର ନିଃଶ୍ୱାସ ଛାଡ଼ିଲେ ।

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୬)

## ମହେନ୍ଦ୍ରନାଥ ସ୍ବାଇଁ

**ଅଭୀପ୍ସାର ନୈବେଦ୍ୟ :**

ଇତିହାସ ସେହିମାନଙ୍କୁ ଚିରସ୍ମରଣୀୟ କରିଦେବ ଯେଉଁମାନେ ମହନୀୟ, ମଙ୍ଗଳମୟ ଏବଂ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ; ଯେଉଁମାନଙ୍କର କର୍ମ ସମଗ୍ର ସୃଷ୍ଟି ନିମନ୍ତେ ମଙ୍ଗଳକର ଏବଂ ସୃଷ୍ଟିକୁ ଗୋଟିଏ ପାହାଚ ଆଗକୁ ଚଢ଼ିବାରେ ଉତ୍ସର୍ଗୀକୃତ । ନିଜ ପ୍ରାଣ ବିନିମୟରେ ଯିଏ ଜନସମୂହର ମଙ୍ଗଳକାମନା କରେ ତା'ର ହିସାବ କ'ଣ ଇତିହାସ ରଖି ନାହିଁ ? ପୁନଶ୍ଚ ଯେଉଁମାନେ ନିଷ୍ଠୁର, ଧ୍ୱଂସର କାରଣ, ଅସହିଷ୍ଣୁ, ସାଧାରଣ ଜନଜୀବନ ତଥା ଜାତୀୟ ସଂସ୍କୃତିର ଧ୍ୱଂସସ୍ତୂପ ଉପରେ ଦଣ୍ଡାୟମାନ ହୋଇ ଅଟ୍ଟହାସ କରିଛନ୍ତି ବା କରୁଛନ୍ତି, ଇତିହାସ ସେମାନଙ୍କୁ ଅଣଦେଖା କରିଛି କି ? ସେମାନଙ୍କର ମଧ୍ୟ ତାଲିକା ପ୍ରସ୍ତୁତ କରି ଭବିଷ୍ୟତ୍ ବଂଶଧରମାନଙ୍କ ସମ୍ମୁଖରେ ଛିଡ଼ା କରାଇ ଦେଇଛି । କିନ୍ତୁ ସାଧାରଣ ଲୋକମାନେ ସମୟ ସାଗରର ବେଳାଭୂମିରେ ସେମାନଙ୍କ ପାଦଚିହ୍ନ ଛାଡ଼ି ଯାଇ ନାହାନ୍ତି । ବିଶ୍ୱର ଅଗଣିତ ଜନନାୟକ ଯେଉଁମାନଙ୍କର କୌଣସି ପରିଚୟ ନାହିଁ, ସେମାନେ ବି ତାଙ୍କ ସମାଧି ବା କବର ଉପରେ ସ୍ମୃତି ସ୍ତମ୍ଭଟିଏ ନିର୍ମାଣ କରି ନାହାଁନ୍ତି; କିନ୍ତୁ ସେମାନଙ୍କର ନାମ ବିସ୍ମୃତିର କାଳି (in the ink of forgetfulness)ରେ ଅଦୃଶ୍ୟ ଖାତାରେ ଲିପିବଦ୍ଧ ହୋଇ ରହିଛି ।

ଜୀବନ ବଞ୍ଚିବା ବା ନିର୍ବାହ କରିବା ଏକ ସାଧାରଣ କଥା ନୁହେଁ, ଏକ କଳା । ଜୀବନ ଜଳିଯାଏ ନାହିଁ ମହମ-ପ୍ରସ୍ତୁତ ବତୀଟିଏ ପରି । ଜୀବନ ନିର୍ବାହ କରିବାକୁ ହୁଏ, ଏକ ସମ୍ମାନାସ୍ପଦ, ବୀରୋଚିତ, ଶକ୍ତିମନ୍ତ, ସଙ୍ଗତିମୟ ଜୀବନ ହିଁ ହେଉଛି ପରମ ପ୍ରଭୁଙ୍କର ଯନ୍ତ୍ର ହେବା ପାଇଁ ଯୋଗ୍ୟ । ବର୍ଷଟିଏ ବିତିଯାଏ, ନବବର୍ଷ ଅତି ଧୀର ମନ୍ଥର ଗତିରେ ପ୍ରବେଶ କରେ । ତା'ର ପ୍ରବେଶପତ୍ରର ପ୍ରମାଣ ଆବଶ୍ୟକ ହୁଏ ନାହିଁ । ପୁରାତନ ଇତହାସ ପାଲଟିଯାଏ; ସ୍ମୃତି ଓ ବିସ୍ମୃତିରେ ରହିଯାଏ ଅତୀତର ସକଳ ସମ୍ଭାର । ଠିକ୍ ସେହି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁରାତନକୁ ବିଦାୟ ଦେଇ ନୂତନକୁ ଆବାହନପୂର୍ବକ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି ଜାନୁଆରୀ ୧, ୧୯୧୪ ପ୍ରାର୍ଥନାଟି । ତାହା ଏହିପରି –

"TO Thee, supreme Dispenser of all boons, to Thee who givest life its justification, by making it pure, beautiful and good, to Thee, Master of our destinies and goal of all our aspirations, was consecrated the first minute of this new year.

"May it be completely glorified by this consecration; may those who hope for Thee, seek Thee in the right path; may those who seek Thee find Thee, and those who suffer, not knowing where the remedy lies, feel Thy life gradually piercing the hard crust of their obscure consciousness."

(Prayers and Meditations, p. 43)

ଶ୍ରୀମା ପରମପ୍ରଭୁଙ୍କୁ ସମ୍ବୋଧନପୂର୍ବକ କହୁଛନ୍ତି, ''ହେ ସର୍ବ ମଙ୍ଗଳମୟ ଦାତା, ସକଳ ବରଦାତା, ତୁମେ ଯେ କି ଆମ ଜୀବନର ଯଥାର୍ଥତା ପ୍ରତିପାଦନ କରୁଛ, ଏହାକୁ ପବିତ୍ର କରୁଛ, ଏହା ଭିତରେ ସୌନ୍ଦର୍ଯ୍ୟ ଏବଂ ମଙ୍ଗଳ ଭରି ଦେଉଛ; ହେ ପ୍ରଭୁ, ଆମର ଭାଗ୍ୟବିଧାତା ଏବଂ ଆମର ସକଳ ଅଭୀପ୍ସାର ଲକ୍ଷ୍ୟସ୍ଥଳ, ଏହି ନବ ବର୍ଷର ପ୍ରଥମ ମୁହୂର୍ତ୍ତକୁ ଆମେ ତୁମର ପାଦପଦ୍ମରେ ନିବେଦନ କରୁଅଛୁ ।''

''ନବବର୍ଷର ପ୍ରଥମ ମୁହୂର୍ତ୍ତଟି ଏହି ନୈବେଦ୍ୟ ଦ୍ୱାରା ଗୌରବୋଜ୍ଜ୍ୱଳ ହୋଇଉଠୁ; ଯେଉଁମାନେ ସତ୍‌ପଥରେ, ଠିକ୍ ବାଟରେ ତୁମକୁ ଖୋଜୁଛନ୍ତି, ତୁମକୁ ପାଇବା ନିମନ୍ତେ ଆଶା ପୋଷଣ କରୁଛନ୍ତି; ଯେଉଁମାନେ ତୁମକୁ ପାଉଛନ୍ତି ମଧ୍ୟ ଏବଂ ଯେଉଁମାନେ ଦୁଃଖ ଯନ୍ତ୍ରଣା ଭିତରେ ପଡ଼ି ରହିଛନ୍ତି, ଜାଣିପାରୁ ନାହାଁନ୍ତି ସେସବୁର ଉପଶମର ବ୍ୟବସ୍ଥା କେଉଁଠାରେ ରହିଛି; ସେମାନେ ଆଜି ନବବର୍ଷର ପ୍ରଥମ ଦିବସରେ ଅନୁଭବ କରୁଛନ୍ତି

ଯେ ତୁମେ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଚେତନାର କଠିନ ଖୋଳପା ଭିତରକୁ କ୍ରମଶଃ ପ୍ରବେଶ କରୁଛ ।''

ଦିବ୍ୟଜନନୀ ଶ୍ରୀମା ନବବର୍ଷର ପ୍ରଥମ ଦିବସର, ପ୍ରଥମ ମୁହୂର୍ତ୍ତ – ଆମେ ଯାହାକୁ ''ଜିରୋ ଆୱାର'' ବୋଲି କହିଥାଉ ତାହାର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ଆମର ଅଭୀପ୍ସାକୁ କିପରି ନୈବେଦ୍ୟ ରୂପରେ ସୁବର୍ଣ୍ଣ ପାତ୍ରରେ ଭର୍ତ୍ତି କରି ପ୍ରଭୁଙ୍କ ପାଦପଦ୍ମରେ ଢାଳି ଦିଆଯାଇ ପାରିବ, ଉତ୍ସର୍ଗ କରି ଦିଆଯାଇ ପାରିବ ତା'ର ବାଟ ବତାଇ ଦେଇଛନ୍ତି । ଏଠାରେ "Consecration" ଶବ୍ଦଟିକୁ ମା ଉଲ୍ଲେଖ କରିଛନ୍ତି – ଏହି ଶବ୍ଦଟିର ଅର୍ଥ ହେଲା "to make holy or dedicate to a higher purpose." ଏହାର ଅର୍ଥ, dedicate, devote – ଅର୍ଥାତ୍ – ନିଜକୁ ପବିତ୍ର କାର୍ଯ୍ୟରେ ଉତ୍ସର୍ଗ କରି ଦେବା ।

ଆମ ଜୀବନ କାଳରେ ଆମେ ଯେଉଁ ମଙ୍ଗଳ କାର୍ଯ୍ୟ କରୁ ଅଥବା ସାଧୁତା ଆଚରଣ କରୁ ତାହାର ପରିଣାମ ଆମକୁ ପ୍ରଭୁଙ୍କ ଆଡ଼କୁ ଯାତ୍ରା ଆରମ୍ଭ କରିବା ନିମନ୍ତେ ସାହସ, ସାମର୍ଥ୍ୟ ଯୋଗାଇ ଥାଏ । ନବବର୍ଷର ପ୍ରଥମ ଦିବସର ପ୍ରଥମ ମିନିଟରେ ଦିବ୍ୟଜନନୀ, ଆନନ୍ଦମୟୀ ମା ଉଭୟ ଜାଗ୍ରତ୍, ସକ୍ଷମ ଏବଂ ଯନ୍ତ୍ରଣା ଜର୍ଜରିତ ଅଜ୍ଞାନତାରେ ଯାତାୟାତ କରୁଥିବା ଲୋକମାନଙ୍କ ତରଫରୁ ଅଭୀପ୍ସା କରୁଛନ୍ତି, ସମସ୍ତଙ୍କର ମଙ୍ଗଳ ହେଉ ବୋଲି ପ୍ରଭୁଙ୍କୁ ଜଣାଉଛନ୍ତି । ମା ଇଚ୍ଛା କରୁଛନ୍ତି ଯେ ପ୍ରତ୍ୟେକ ସୂର୍ଯ୍ୟୋଦୟ ଆମ ପାଇଁ ଏକ ନୂତନ ସୁଯୋଗ ନେଇ ଆସୁ, ଏକ ନୂତନ ଯୁଗର ଅୟମାରମ୍ଭ ହେଉ । ପ୍ରତ୍ୟେକ ରାତ୍ରି ଦିବ୍ୟକାର୍ଯ୍ୟର ସମାପନ ନିମନ୍ତେ ଏକ ଆଲୋକ ଉତ୍ସବରେ ପରିଣତ ହେଉ । ପ୍ରଭୁ ଆନନ୍ଦମୟ, ତାଙ୍କ କରୁଣା ପ୍ରାପ୍ତ ହେବା ନିମନ୍ତେ ନବବର୍ଷର ଆଗମନୀରେ ଆମକୁ ଶପଥ ନେବାକୁ ହେବ । ତାଙ୍କର ଯନ୍ତ୍ର ହୋଇ କାର୍ଯ୍ୟ କରି ଯିବାର ମନୋଭାବଟିକୁ ଦୃଢ଼ କରିବାକୁ ହେବ ।

ପୁନଶ୍ଚ ଶ୍ରୀମା ଉକ୍ତ ଦିବସର ପ୍ରାର୍ଥନାରେ କହୁଛନ୍ତି, ''ମୁଁ ଗଭୀର ଭକ୍ତି ମଧ୍ୟରେ ବୁଡି ଯାଇଛି ଏବଂ ପ୍ରଣତ ହୋଇ ତୁମ ପ୍ରତି ଅସୀମ କୃତଜ୍ଞତା ଜଣାଉଛି । ପୃଥିବୀ ତରଫରୁ ପୃଥିବୀର ନାମ ଧରି ମୁଁ ତୁମକୁ ବିନମ୍ର ଆହ୍ୱାନ ଜଣାଉଛି ଏଠାରେ ବିରାଜିତ ହେବା ପାଇଁ । ଏହା ପୂର୍ବରୁ ତୁମେ ଅନେକ ଥର ପୃଥିବୀପୃଷ୍ଠରେ ଅବତରି ଆସିଛ, ଏଥରକ ନୂତନ ଭାବରେ, ସମ୍ପୂର୍ଣ୍ଣ ଭାବରେ ଆସ; ଦିବ୍ୟପ୍ରେମ ଏବଂ ଦିବ୍ୟାଲୋକର ଧାରା ନିରବଚ୍ଛିନ୍ନ ଭାବରେ ବର୍ଷା କରି ଚାଲ ।

''ଆମ ଚିନ୍ତାର, ଆମ ଅନୁଭବର, ଆମ କାର୍ଯ୍ୟର ତୁମେ ସାର୍ବଭୌମ ପ୍ରଭୁ ହୋଇ ଉଠ ।

''ତୁମେ ହିଁ ଆମର ବାସ୍ତବତା, ଏକମାତ୍ର ସତ୍ୟସତ୍ତା ।

''ତୁମ ବ୍ୟତୀତ ସବୁକିଛି ମାୟା ଏବଂ ଅସତ୍ୟ, ସବୁକିଛି ଘନ ଅନ୍ଧକାରରେ ପରିପୂର୍ଣ୍ଣ ।

''ତୁମ ଭିତରେ ଜୀବନ, ଆଲୋକ ଏବଂ ଆନନ୍ଦ ବିରାଜମାନ ।

''ତୁମ ଭିତରେ ସର୍ବୋତ୍ତମ ପ୍ରଶାନ୍ତି ବିରାଜିତ ।''

ସୁତରାଂ ଏହା ହିଁ ହେଉଛି ଗୁପ୍ତ, ଆଚ୍ଛାଦିତ ପଥ ଏବଂ ପବିତ୍ର ଲକ୍ଷ୍ୟସ୍ଥଳ, ଦିବ୍ୟପ୍ରଭୁଙ୍କୁ ଅନ୍ୱେଷଣ କରିବା, ଖୋଜିବା ଏବଂ ତାଙ୍କ ସହିତ ଏକାକାର ହୋଇଯିବା ଏବଂ ଶେଷରେ ତାଙ୍କୁ ପ୍ରକାଶ କରିବା ଆମ୍ଭମାନଙ୍କର ଲକ୍ଷ୍ୟ । ପଥ ଦୀର୍ଘ ଏବଂ ଯାତ୍ରା ବିପଦସଙ୍କୁଳ କିନ୍ତୁ ପୁରସ୍କାରର ମାତ୍ରା ଯଥେଷ୍ଟ ଅଧିକ । ଦିବ୍ୟଜନନୀ ଆମ୍ଭମାନଙ୍କର ହାତ ଧରି ଆମର ନିଷ୍ପ୍ରଭ ଅତୀତ ଭିତରୁ ଉପରକୁ ଉଠାଇ ନିଅନ୍ତୁ ଜ୍ୟୋତିର୍ମୟ ଭବିଷ୍ୟତ୍ ଅଭିମୁଖେ ।

ଏହି ପରିପ୍ରେକ୍ଷୀରେ ଏକ ହୃଦୟସ୍ପର୍ଶୀ ଉପକଥାର ଅବତାରଣା କଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀମା ପ୍ରତିଦିନ ଟେନିସ୍ ଖେଳି ସାରିବା ପରେ ପ୍ଲେ-ଗ୍ରାଉଣ୍ଡକୁ ଯାଉଥିଲେ ଏବଂ ସେଠାରେ କିଛି ସମୟ ପଦଚାରଣା କରୁଥିଲେ । ପ୍ଲେ-ଗ୍ରାଉଣ୍ଡର ଉତ୍ତର ଦିଗରେ ଛୋଟ ପିଲାମାନଙ୍କ ପାଇଁ ଗୋଟିଏ ବୋର୍ଡ଼ିଂ ଥିଲା ଏବଂ ସେହି ବୋର୍ଡ଼ିଂ କାନ୍ଥକୁ ଲାଗି ଗୋଟିଏ ନିମ୍ବ ଗଛ ଥିଲା । ଗଛଟି ଖୁବ୍ ସୁନ୍ଦର ଥିଲା । ଫୁଲ ଫୁଟିବା ସମୟରେ ଆଖି ଫେରାଇ ହେଉ ନ ଥିଲା । ପ୍ଲେ-ଗ୍ରାଉଣ୍ଡ ସାରା ନିମ୍ବଫୁଲର ସୁମଧୁର ବାସ୍ନାରେ ଭରି ଯାଉଥିଲା । ଶ୍ରୀମା ନିମ୍ବଫୁଲର ନାମକରଣ କରିଛନ୍ତି ''ଆଧ୍ୟାତ୍ମିକ ବାତାବରଣ'' (Spiritual Atmosphere) । ଶ୍ରୀମା ମଣିଷ, ଜୀବଜନ୍ତୁ, ପଶୁପକ୍ଷୀମାନଙ୍କୁ ଯେମିତି ଭଲ ପାଉଥିଲେ, ଗଛମାନଙ୍କୁ ମଧ୍ୟ ସେମିତି ଭଲ ପାଉଥିଲେ । ଅକାରଣରେ ଗଛ କାଟିବା କିମ୍ବା ଗଛରୁ ପତ୍ର, ଫୁଲ, ଫଳ ଛିଣ୍ଡାଇବା ସେ ଆଦୌ ପସନ୍ଦ କରୁ ନ ଥିଲେ । ବେଳେ ବେଳେ ଗଛମାନଙ୍କର କିଛି ଅସୁବିଧା ହେଲେ ସେମାନେ ଶ୍ରୀମା'ଙ୍କ ନିକଟରେ ଅଭିଯୋଗ କରୁଥିଲେ, ତାଙ୍କ ଦୁଃଖ ଜଣାଇ ପ୍ରତିକାର ନିମନ୍ତେ ପ୍ରାର୍ଥନା କରୁଥିଲେ ।

ଅରୋଭିଲ୍‌ର ସେହି ବିଖ୍ୟାତ ବରଗଛ ଦିନେ ଶ୍ରୀମାଙ୍କ

ପାଖକୁ ଆସି ତା'ର ଦୁଃଖ ଜଣାଇଲା । ରାତି ପାହିଲା ପରେ ଭୋରରୁ ମା ଜଣେ ସାଧକଙ୍କୁ କହିଲେ, ''ତୁମେ ବର୍ତ୍ତମାନ ଅରୋଭିଲ୍ ଯାଅ ଏବଂ ବରଗଛର କ'ଣ ଅସୁବିଧା ହୋଇଛି ଭଲ ଭାବରେ ନିରୀକ୍ଷଣ କରି ଫେରି ଆସି ମୋତେ ଜଣାଅ ।'' ସାଧକ ଜଣକ ଯାଇଁ ଦେଖିଲେ ବଟ ବୃକ୍ଷର ଗଣ୍ଡିରେ କେହି କୁରାଢ଼ିଟିରେ ଚୋଟ ମାରିଛି ଏବଂ କୁରାଢ଼ିଟିକୁ ବାହାର ନ କରି ସେହିପରି ଅବସ୍ଥାରେ ଛାଡ଼ି ଦେଇ ଯାଇଛି । ସେ ସଙ୍ଗେ ସଙ୍ଗେ କୁରାଢ଼ିଟିକୁ ଟାଣି ବାହାର କରି ଦେଲେ ଏବଂ ଫେରି ଆସି ଶ୍ରୀମା'ଙ୍କୁ ରିପୋର୍ଟ ଦେଲେ । ଏହିପରି ଭାବରେ ଗଛଲତାଙ୍କ ସହିତ ଶ୍ରୀମା'ଙ୍କର ନିବିଡ଼ ସମ୍ପର୍କ ନେଇ ଅନେକ କଥା ରହିଛି ।

ପ୍ଲେ-ଗ୍ରାଉଣ୍ଡରେ ଥିବା ନିମ୍ବଗଛକୁ ଲାଗିଥିବା ବୋର୍ଡ଼ିଂଟିର ସମ୍ପ୍ରସାରଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହେଲା । ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ସାଧକ ମା'ଙ୍କୁ ନିମ୍ବଗଛଟିକୁ କାଟିବା କଥା ଜଣାଇ ଅନୁମତିକୁ ଅପେକ୍ଷା କରି ରହିଥା'ନ୍ତି । ଶ୍ରୀମା କହିଲେ, ''ନା, ସିଏ କଟା ହେବ ନାହିଁ, ତାକୁ ସ୍ଥାନାନ୍ତରିତ କରି ଦିଅ ।'' ଗଛର ମୂଳରୁ ମାଟି ଖୋଳା ହେଲା, ଗୋଟିଏ କ୍ରେନ୍ ଆସିଲା, ଗଛଟିକୁ ଆସ୍ତେ ଆସ୍ତେ ହଲାଇ ଉପୁଡ଼ା ଗଲା ଏବଂ ସେହି କ୍ରେନ୍ ସାହାଯ୍ୟରେ ତାକୁ ନେଇ ଆଶ୍ରମର ଡାଇନିଂ ରୁମ୍ ଗେଟ୍ ପାଖରେ ଥିବା ବଗିଚାରେ ଲଗା ହେଲା । କିନ୍ତୁ ଗଛଟି ଏତେ ଧକ୍କା ସହ୍ୟ କରି ପାରିଲା ନାହିଁ, ଶେଷରେ ମରିଗଲା ଏବଂ ମା'ଙ୍କ ପାଖକୁ ଚାଲିଗଲା । ଆଶ୍ରମର ଅନ୍ତେବାସୀ ଏବଂ ପିଲାମାନେ ବହୁତ କଷ୍ଟ ଅନୁଭବ କଲେ, ଯେପରି ତାଙ୍କର କେହି ଆତ୍ମୀୟସ୍ୱଜନଙ୍କର ବିୟୋଗ ହୋଇ ଯାଇଛି ।

('ଅବିସ୍ମରଣୀୟ ମୁହୂର୍ତ୍ତ', ପୃ. ୨୧୩-୨୧୪ରୁ ସଂଗୃହୀତ)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) Musing with the Mother's Prayers and Meditations – Shyam Kumari

## କର୍ମ ସମ୍ପର୍କରେ କେତେକ ମନ୍ତବ୍ୟ

ଯେତେବେଳେ କାମଟି କରାଯାଉଥାଏ କେବଳ ସେତିକି ବେଳେ ସେ ବିଷୟରେ ଚିନ୍ତାକର ।

କାମଟି ଶେଷ ହୋଇଗଲା ପରେ ତୁମ ମନକୁ ଆଉ ସେଥିପ୍ରତି ଫେରାଅ ନାହିଁ । ଏହା ଅତୀତର ବିଷୟ ହୋଇ ସାରିଛି, ଏବଂ ପୁଣି ଥରେ ତାହାକୁ ନିଜ ବିଚାର ବା ଆଚରଣର ବିଷୟ କରିବା ହେଉଛି ଶକ୍ତିର ଅପଚୟ ।

ଆଗକୁ କରିବାକୁ ଥିବା କୌଣସି କାମ ବିଷୟରେ ମଧ୍ୟ ତୁମ ମନକୁ ବ୍ୟସ୍ତ, ଶ୍ରାନ୍ତ କର ନାହିଁ । ତୁମ ଭିତରେ ଯେଉଁ ଶକ୍ତି କାମ କରୁଛି ତାହାହିଁ ଯଥା ସମୟରେ ସେ ବିଷୟ ପ୍ରତି ଦୃଷ୍ଟି ଦେବ ।

ମନର ଏହି ଦୁଇ ଧରଣର ଅଭ୍ୟାସ ହେଉଛି ଏକ ଅତୀତର ଜିନିଷ ଯାହାକୁ ଦୂର କରି ଦେବା ପାଇଁ ରୂପାନ୍ତରକାରୀ ଶକ୍ତି ଚାପ ଦେଉଛି ଏବଂ ଦୈହିକ ମନ ସେହି ଅତୀତ ଜିନିଷରେ ଲାଗି ରହିବାହିଁ ହେଉଛି ତୁମ ଶ୍ରାନ୍ତି ଓ କ୍ଳାନ୍ତିର କାରଣ । ତୁମେ ଯଦି ଏହା ମନେ ରଖିପାରିବ ଯେ ତୁମ ମନକୁ କେବଳ ସେତିକି ବେଳେ କାମ କରିବା ପାଇଁ ଛାଡ଼ିଦେବ ଯେତେବେଳେ ଏହାର କ୍ରିୟାର ଆବଶ୍ୟକତା ରହିଥାଏ, ସେତେବେଳେ ଏହି ଚାପଜନିତ କ୍ଳାନ୍ତି କମିଯିବ ଓ ଦୂର ହୋଇଯିବ । ଅବଶ୍ୟ ଏହା ହେଉଛି ଏକ ମଧ୍ୟବର୍ତ୍ତିକାଳୀନ ଗତିବୃତ୍ତି ଏବଂ ଦୈହିକ ମନକୁ ଅତିମାନସ ଅଧିକାର କରି ତା' ଭିତରକୁ ଦିବ୍ୟ-ଆଲୋକର ସ୍ୱତଃସ୍ଫୂର୍ତ୍ତ କ୍ରିୟା ଆଣିବା ପୂର୍ବରୁ ଏହିପରି ଘଟିଥାଏ ।

(ବୁଲେଟିନ୍, ନଭେମ୍ବର - ୨୦୦୮, ପୃ. ୪୯) — ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ

## (୩)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**କ'ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ !**

ଆଶ୍ରମରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଯେତେବେଳେ ମନେ ହେଲା ନିଜକୁ ମୁଁ ପୁଣି ଖୋଜି ପାଇଛି ବୋଲି, ସେତେବେଳେ ପ୍ରଥମେହିଁ ସବୁକିଛିକୁ ଦେଖି ଶୁଣି ମୁଁ କିନ୍ତୁ ଅବାକ୍ ହେଲି । ''ଶୋକ କରିବା'' ଯାହାକୁ କୁହାଯାଏ, ସେଭଳି କିଛି ଦେଖିବାକୁ ପାଇଲି ନାହିଁ କିମ୍ବା ବୁଝା ବି ଗଲା ନାହିଁ । ତେବେ ଏତେ ଅପ୍ରତ୍ୟାଶିତ ଭାବରେ ହଠାତ୍ ଏପରି ଅନ୍ତର ବିଦାରକ ଘଟଣାଟି ଘଟିଯିବାରୁ ଏକ ଭାବ ଗମ୍ଭୀର ଭାବରେ ତା' ମଧ୍ୟରେ ରହିଲେ ବି ଏହାର ପଶ୍ଚାତରେ ଏହାକୁ ଅତିକ୍ରମ କରି ଏକ ଅବିଶ୍ୱାସ୍ୟ ପ୍ରକାରର ଚାଞ୍ଚଲ୍ୟ ବିହୀନ, ପ୍ରଶାନ୍ତ, ଧୀର, ସ୍ଥିର ପ୍ରଭାବ ମଧ୍ୟ ସମସ୍ତ ପରିବେଶକୁ ପ୍ରଭାବିତ କରି ବିରାଜମାନ କରୁଥିଲା ! ଶ୍ରୀଅରବିନ୍ଦ ଆମମାନଙ୍କର ସ୍ଥୂଳ ଦୃଷ୍ଟିର ଅନ୍ତରାଳକୁ ଚାଲିଗଲେ; ଏଇ ମର୍ମାନ୍ତିକ ବେଦନାବୋଧ ଏକେବାରେ ଭିନ୍ନ ଧରଣର, ଭିନ୍ନ ଭାବର, ଭିନ୍ନ ସ୍ତରର ବୋଲି ମଧ୍ୟ କୁହାଯାଇପାରିବ । ଏହା ମଧ୍ୟରେ ଶୋକ ବିହ୍ୱଳତାର ପାର୍ଥକ୍ୟଟା କେଉଁଠି ଅଛି ତା'ର ପ୍ରକାଶ ଯେପରି ସ୍ପଷ୍ଟ ହୋଇ ଉଠିଛି ସମସ୍ତଙ୍କ ମଧ୍ୟରେ ଏବଂ ସେମାନଙ୍କର ହାବଭାବ ଓ ଆଚରଣରେ । ପରିବେଶରେ ଆଉ ଏକ ଆଶ୍ଚର୍ଯ୍ୟଜନକ ଜିନିଷ ରୂପ ନେଇଛି – କାହାର ଯେପରି ଏକ ଅଜଣା ସଂକଳ୍ପର ଦୃଢ଼ତା ବି ସମତାଘନ ହୋଇ ଆଗେଇ ଆସୁଛି । ତେବେ ଚକ୍ଷୁ ଜଳର ନୀରବ ଧାରା ଝରି ଚାଲିଛି ଏଇ ଶାନ୍ତ ପରିବେଶକୁ ଅକ୍ଷୁଣ୍ଣ ରଖି ।

ଶ୍ରୀଅରବିନ୍ଦଙ୍କର ଅସୁସ୍ଥତାର ଖବର ସେମିତି କିଛି ଆମେ ଜାଣି ପାରିନୁ । ଅବଶ୍ୟ ଅସୁସ୍ଥତା କହିଲେ ଆମେ ସାଧାରଣତଃ ଯେଉଁ ଅର୍ଥରେ, ଯେଉଁ ଧରଣର ଜିନିଷ ବୁଝୁ, କହିବାବାହୁଲ୍ୟ ଶ୍ରୀଅରବିନ୍ଦଙ୍କ କ୍ଷେତ୍ରରେ ତା' ପ୍ରଯୁଜ୍ୟ ହୋଇ ପାରେନା – କ'ଣ ହୋଇପାରେ, ସେ କେବଳ ନିଜେ ଜାଣନ୍ତି ଏବଂ ଜାଣନ୍ତି ଶ୍ରୀମା ।

ଭିତରକୁ ଗଲି, ଉପର ମହଲାକୁ ଉଠିବାର ଶିଢ଼ି ପାଖରେ ଯାଇ ଛିଡ଼ା ହେଲି । ଦେଖୁଛି, ଅନବରତ କେହି ଉପରକୁ ଯାଉଛି ତ କେହି ତଳକୁ ଓହ୍ଲାଇ ଆସୁଛି । ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠକୁ ଯାଉଛନ୍ତି, ଆସୁଛନ୍ତି ନିର୍ବାକ୍ ଜନସ୍ରୋତ । ସବୁ ଲୋକଙ୍କ ଚକ୍ଷୁରେ ଅଶ୍ରୁ, କାହାର ଅଜାଣତରେ ଅଶ୍ରୁ ଝରି ଯାଉଛି ତ କେହି ନୀରବରେ ରୁମାଲ ଦେଇ ତାକୁ ସମ୍ଭାଳି ନେଉଛି । କେହି କେହି ବେଶ୍ ଶାନ୍ତ ସମାହିତ । ଅବଶ୍ୟ ଏମାନେ ସମସ୍ତେ ଯେ ଆଶ୍ରମବାସୀ ତାହା ନୁହେଁ । ମୋର ଅଶ୍ରୁର ଧାରା ବି ବନ୍ଦ ହେଉ ନାହିଁ; ଯଦିଓ ସେତେବେଳ ପର୍ଯ୍ୟନ୍ତ ମୁଁ ଶ୍ରୀଅରବିନ୍ଦଙ୍କ କୋଠରି ମଧ୍ୟକୁ ଯାଇ ନାହିଁ । ଦେଖିଲି ଆମ ଆଶ୍ରମର ବହୁ ପୁରାତନ ଗୁଜୁରାଟୀ ସାଧକ ପୁରାଣୀଜି (ଅମ୍ବାଲାଲ ପୁରାଣୀ, ଶ୍ରୀଅରବିନ୍ଦଙ୍କର ପୁରାତନ ଶିଷ୍ୟମାନଙ୍କ ମଧ୍ୟରୁ ଅନ୍ୟତମ) ଦୁଇ ହାତ ପାପୁଲିରେ ଚକ୍ଷୁକୁ ଢାଙ୍କି ଶିଢ଼ି ଦେଇ ତଳକୁ ଓହ୍ଲାଇ ଆସିଲେ । ନଳିନୀ ଦା' (ନଳିନୀ କାନ୍ତ ଗୁପ୍ତ) ନିଜ କୋଠରି ମଧ୍ୟରେ ବସିଛନ୍ତି ଗଭୀର କିଛି ଭାବନା ମଧ୍ୟରେ ବୁଡିଯାଇ; ଶାନ୍ତ, ସମାହିତ ଚକ୍ଷୁରୁ ଅଶ୍ରୁ ବହି ଯାଉଛି କି ନା ଜଣା ପଡୁନି । ଅମୃତ (ଶ୍ରୀଅରବିନ୍ଦଙ୍କର ତାମିଲ ବ୍ରାହ୍ମଣ ଶିଷ୍ୟ, ଖୁବ୍ ଅଳ୍ପ ବୟସରୁ ତାଙ୍କ ଶ୍ରୀଚରଣାଶ୍ରୟରେ ବାସ କରୁଥା'ନ୍ତି) ସେ ବି ତାଙ୍କ କୋଠରିରେ ବସି ଥା'ନ୍ତି, ଶାନ୍ତ ସେ ମୂର୍ତ୍ତି, ତେବେ ମନେ ହେଉଥିଲା ମଝିରେ ମଝିରେ ତାଙ୍କର ଶରୀର କମ୍ପି ଉଠୁଛି – ତାହା ଚାପା କ୍ରନ୍ଦନ କି ନା ମୁଁ ଜାଣିନି । ଦୁରାଇସ୍ୱାମୀ (ଦୁରାଇସ୍ୱାମୀ ଆୟାର), ମାଡ୍ରାସ ଆଇନ ଅଦାଲତର ବିଶିଷ୍ଟ ଆଇନଜୀବୀ, ଶ୍ରୀଅରବିନ୍ଦଙ୍କର ପୁରାତନ ଶିଷ୍ୟ – ଲୋତକ ଭରା ଚକ୍ଷୁରେ ଉପର ମହଲାକୁ ଉଠିଗଲେ । ଏଇସବୁ ନାନା ପ୍ରକାରର ଦୃଶ୍ୟ ଦେଖି ଦେଖି ମୁଁ ବସି ପଡ଼ିଲି ଅମୃତଙ୍କ ଘର ସାମନା ବାରଣ୍ଡାରେ କାନ୍ଥକୁ ଆଉଜି କରି । ସେଠାରୁ ଶିଢ଼ି ଦେଇ ଉପରକୁ ଉଠିବା ଓ ଓହ୍ଲାଇବାର ଦୃଶ୍ୟ ସବୁକିଛି ଦେଖା ଯାଉଥାଏ । ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠର ପ୍ରବେଶ ଦ୍ୱାର ଉନ୍ମୁକ୍ତ କରି ଦିଆହୋଇଛି, ଯାହାର ଯେତେଥର ଇଚ୍ଛା ସେତେଥର ସେ ପ୍ରକୋଷ୍ଠକୁ ଯାଇ ତାଙ୍କର ଦିବ୍ୟ-ଶରୀର ଦର୍ଶନ

କରି ଆସୁଛନ୍ତି । ତେବେ ସେଠାରେ କାହାରିକୁ ବେଶୀ ସମୟ ରହିବାକୁ ଅନୁମତି ଦିଆଯାଉ ନଥାଏ । ଶ୍ରୀଅରବିନ୍ଦଙ୍କର ପୁଣ୍ୟ ପୂତ ଶରୀର ସ୍ପର୍ଶ କରିବାକୁ ମଧ୍ୟ ଦିଆଯାଉ ନଥାଏ; କେବଳ ଦର୍ଶନ କରି ଚାଲି ଆସିବାକୁ ହେଉଥିଲା । ଦ୍ୱାର ଖୋଲା ରହିଥାଏ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ । ମଝିରେ ମଝିରେ କେବଳ କୌଣସି ବିଶେଷ କାରଣବଶତଃ ଅବା ହୁଏତ ଅଳ୍ପ ସମୟ ପାଇଁ ଦ୍ୱାରକୁ ବନ୍ଦ କରି ଦିଆ ହେଉଥାଏ । ତେଣୁ କହିବାକୁ ଇଚ୍ଛା ହେଉଛି ଯେ ବାହ୍ୟ ଦୃଷ୍ଟିରୁ ଦେଖିଲେ ଯେଉଁ ଘଟଣା ଘଟିଗଲା ତା' ଫଳରେ ଆଶ୍ରମରେ ସବୁ ନଷ୍ଟଭ୍ରଷ୍ଟ କରି ଯେଉଁ ଝଡ଼ ଉଠି ଥାଆନ୍ତା ତାହା ହୋଇପାରିନି । ସେସବୁ ସମ୍ଭବ ହୋଇଛି କେବଳ ଆମମାନଙ୍କର ମହାଶକ୍ତିମୟୀ, ଭଗବତୀ ଦେବୀ ଶ୍ରୀମା ଜନନୀଙ୍କର ଅଶେଷ କରୁଣା ତଥା ଅସାମାନ୍ୟ, ଅଦମ୍ୟ ଦିବ୍ୟଶକ୍ତିର ପ୍ରଭାବରେ ।

ଶ୍ରୀମା କହି ପଠାଇଲେ :

''ଶ୍ରୀଅରବିନ୍ଦଙ୍କ ନିମିତ୍ତ ଶୋକ କରିବାର ଅର୍ଥ ତାଙ୍କୁ ଅପମାନ କରିବା ।'' ଏଇ ବାଣୀ ମଧ୍ୟ ନେଇ ଆସିଲା ମନୋବଳର ଆଲୋକ, ଆସିଲା ଶାନ୍ତ ସମାହିତ ହୋଇ ରହିବାର ଆଶ୍ଚର୍ଯ୍ୟଜନକ ଉପାଦାନ – ଯାହା ମଧ୍ୟ ଦେଇ ଫୁଟି ଉଠିବାକୁ ଲାଗିଲା ପ୍ରଭାତର ପ୍ରଥମ ଆଲୋକ ପରି ନୂତନ ଜଗତରେ ପ୍ରବେଶ କରିବା ପାଇଁ ନବଯାତ୍ରାର ଅଭିନବ ପଥ । ଶ୍ରୀଅରବିନ୍ଦଙ୍କ ଦୃଷ୍ଟି, ଅତୀତ ଜଗତକୁ ଅପସରି ଯିବା ଫଳରେ ଶ୍ରୀମା ଅନେକଗୁଡ଼ିଏ ଅଭାବ ପୂର୍ଣ୍ଣ କରି ଦଣ୍ଡାୟମାନ ହେଲେ ସମ୍ମୁଖରେ ଆସି ଯୁଗ୍ମ ରୂପରେ । ଶ୍ରୀମାଶ୍ରୀଅରବିନ୍ଦ ଅଭିନ୍ନ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑


Sri Aurobindo is constantly among us and reveals himself to those who are ready to see and hear him.

*(MCW, Vol. 13, p. 11)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଶାନ୍ତି ସମ୍ପର୍କରେ

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପୁଷ୍ପ ପାଖୁଡ଼ା ବାରଟି ଶ୍ରେୟଗୁଣର ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟଗୁଣଗୁଡ଼ିକ ମଧ୍ୟରୁ ''ଶାନ୍ତି'' (PEACE) ହେଉଛି ଅନ୍ୟତମ ।

ଶ୍ରୀମା ହଳଦୀ ଗଛର ଫୁଲକୁ ଶାନ୍ତିର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଗ୍ରହଣ କରିଛନ୍ତି । ଉଦ୍ଭିଦ ବିଜ୍ଞାନ ତଥା ଲାଟିନ୍ ଭାଷାରେ ହଳଦୀ ଫୁଲକୁ ''Curicuma Zedoaria'' କୁହାଯାଏ । ଶାନ୍ତି ହେଲା ସମସ୍ତ ଆଧ୍ୟାତ୍ମିକ ଉପଲବ୍ଧିର ଆଧାର ।

"To want what the Divine want always and in all circumstances is the only way to enjoy unshakable peace."

ଦିବ୍ୟଜନନୀ ଶ୍ରୀମା କହନ୍ତି : ''ଭଗବାନ୍ ଯାହା ଚାହାନ୍ତି ନିଜେ ମଧ୍ୟ ତାହାହିଁ ଚାହିଁବା ହେଲା ସର୍ବଦା ଓ ସବୁ ପରିସ୍ଥିତିରେ ଅବିଚଳ ଶାନ୍ତି ଅନୁଭବ କରିବା ଲାଗି ଏକମାତ୍ର ପନ୍ଥା ।''

ନିମ୍ନଲିଖିତ ଆଲୋଚନାଟିରେ ଶାନ୍ତି ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

### ଶାନ୍ତି ସମ୍ପର୍କରେ – (୧)

ବିଭିନ୍ନ ଧର୍ମ, ଗୋଷ୍ଠୀ ଓ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ଶାନ୍ତିର ସଂଜ୍ଞା ଭିନ୍ନ ଭିନ୍ନ ହୋଇଥାଏ । ଶାନ୍ତି ସତ୍ୟ-ଶିବ-ସୁନ୍ଦରଙ୍କର ଆଭାସ ଦିଏ । ଏହା ସର୍ବଦା ଶୁଭପ୍ରଦ, ସୁଖପ୍ରଦ, ପ୍ରୀତିପ୍ରଦ, ଶୁଦ୍ଧିପ୍ରଦ ହୋଇଥାଏ । ଏହା ବ୍ୟକ୍ତି, ସମାଜ ଓ ବିଶ୍ୱର ସର୍ବୋତ୍ତମ ଓ ଶୀର୍ଷତମ ଲକ୍ଷ୍ୟ ଓ ଆଶା ହୋଇ ରହି ଆସିଛି । ତେଣୁ ଗୋଟିଏ ଦିଗରୁ କହିବାକୁ ଗଲେ ମାନବସମାଜର ଇତିହାସ ହେଲା ଶାନ୍ତି ଅନ୍ୱେଷଣର ଏକ ଇତିହାସ । ଶାନ୍ତି ସମ୍ପର୍କରେ ବିଭିନ୍ନ ମଞ୍ଚରେ, ବିଭିନ୍ନ ଦିଗରୁ, ବିଭିନ୍ନ ଧାରାରେ ଆଲୋଚନା, ଅଧ୍ୟୟନ ଓ ଚିନ୍ତନ କରାଯାଇଛି ।

ଭାଷାତତ୍ତ୍ୱ ଅନୁଯାୟୀ Peace ପଦଟି ଲାଟିନ୍ ପଦ Pax ରୁ ଉଦ୍ଭୂତ ଯାହାର ମୂଳ ଅର୍ଥ ହେଲା – ଚୁକ୍ତି, ପାରସ୍ପରିକ ବୁଝାମଣା; ଦ୍ୱନ୍ଦ୍ୱ, ଯୁଦ୍ଧ, ବିଗ୍ରହ ବା ବିକ୍ଷୋଭର ବିରତି ବା ଅବସାନ ।

ଶାନ୍ତି କାହାକୁ କୁହାଯାଏ ? ଏହାର ଆବଶ୍ୟକତା ବା ଉପଯୋଗିତା କ'ଣ ? ଶାନ୍ତି କିପରି ପ୍ରାପ୍ତ କରାଯାଇପାରେ ? ଅଶାନ୍ତିର କାରଣସବୁ କ'ଣ ? ଏହିପରି ଭାବେ ଶାନ୍ତି ସମ୍ପର୍କିତ ବିଭିନ୍ନ ଦିଗଗୁଡ଼ିକୁ ଖୋଜିବା, ସଂଗ୍ରହ କରିବା, ଅନ୍ୱେଷଣ କରିବା ।

**ଶାନ୍ତିର ସଂଜ୍ଞା ନିରୂପଣ :** ଶ୍ରୀଅରବିନ୍ଦ କହନ୍ତି : "Peace is a calm deepened into something that is very positive amounting almost to a tranquil waveless Ananda."

(CWSA - Vol. 29, p. 137)

ଅର୍ଥାତ୍, ''ଏକ ପ୍ରଶାନ୍ତ, ନିସ୍ତରଙ୍ଗ ଆନନ୍ଦର ଗଭୀରତା ମଧ୍ୟରେ ନିମଜ୍ଜିତ ହୋଇ ରହିଥିବା ଏକ ସ୍ଥିର ଓ ଅତି ସକାରାତ୍ମକ ଅବସ୍ଥାକୁ ଶାନ୍ତି କୁହାଯାଏ ।''

ଅଚଞ୍ଚଳତା (Quiet) ଓ ସ୍ଥିରତା (Calm) ଅପେକ୍ଷା ଏହା ଆହୁରି ଅଧିକ ଗଭୀରତର ଏକ ଅବସ୍ଥା ଯାହାକୁ କୌଣସି ଘଟଣା ବା ପରିସ୍ଥିତି ବିଚଳିତ କରିପାରେ ନାହିଁ ।

ଶ୍ରୀମା କହନ୍ତି : ''The first sign of Divine presence is peace.''

''ସତ୍ତା ମଧ୍ୟରେ ଦିବ୍ୟ ଉପସ୍ଥିତିର ସର୍ବପ୍ରଥମ ଲକ୍ଷଣ ହେଲା ଶାନ୍ତି ।''

ଦୁଇଟି କ୍ଷେତ୍ରରେ ଶାନ୍ତିର ଭୂମିକା ରହିଛି – ଗୋଟିଏ ହେଉଛି ସ୍ୱରାଜ୍ୟ ବା ଆନ୍ତର ସାମ୍ରାଜ୍ୟରେ ଓ ଅନ୍ୟଟି ହେଉଛି ବାହ୍ୟ ସାମ୍ରାଜ୍ୟରେ । ଆପଣା ଅନ୍ତଃକରଣ ଓ ମନ, ପ୍ରାଣ, ଶରୀରକୁ ଅର୍ଥାତ୍ ଆପଣା ସତ୍ତାଟିକୁ ଆମେ ଆନ୍ତର ସାମ୍ରାଜ୍ୟ କହିପାରିବା । ଆମର ପରିବେଶ, ରାଜ୍ୟ, ଦେଶ ଓ ବିଶ୍ୱକୁ ନେଇ ବାହ୍ୟ ସାମ୍ରାଜ୍ୟଟି ଗଠିତ । ଏହି ବାହ୍ୟ ସାମ୍ରାଜ୍ୟରେ ଶାନ୍ତିର ସଂଜ୍ଞା କ'ଣ ?

ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ କହନ୍ତି : ''Peace is not

merely the absence of war, but the presence of justice, of law, of order, – in short of government.''

ଅର୍ଥାତ୍, ''କେବଳ ଯୁଦ୍ଧର ଅନୁପସ୍ଥିତିକୁ ଶାନ୍ତି ବୋଲି କୁହାଯିବ ନାହିଁ, କିନ୍ତୁ ନ୍ୟାୟ, ବିଧାନ ବା ନିୟମ, ଆଇନ, ଶୃଙ୍ଖଳା – କ୍ଷୁଦ୍ରରେ କହିବାକୁ ଗଲେ ଉତ୍ତମ ଶାସନ ହେଲା ବାହ୍ୟ ଶାନ୍ତିର ପରିଭାଷା ।''

ମାର୍ଟିନ୍ ଲୁଥର କିଙ୍ଗ୍ କହନ୍ତି : ''True peace is not merely absence of tension, it is the presence of justice.''

ଅର୍ଥାତ୍, ''କେବଳ ଅସ୍ଥିରତା ବା ଉତ୍ତେଜନାର ଅବର୍ତ୍ତମାନତାକୁ ଯଥାର୍ଥ ଶାନ୍ତି କୁହାଯିବ ନାହିଁ, ତାହା ନ୍ୟାୟର ଉପସ୍ଥିତି ବା କ୍ରିୟାଶୀଳତାକୁ ବୁଝାଏ ।''

ଚତୁର୍ଦ୍ଦଶ ଦଲାଇଲାମା କହନ୍ତି : ''Peace in the sense of absence of war is of little importance... peace can only last when human rights are respected, when people are fed and individuals and nations are free.''

ଅର୍ଥାତ୍, ''ଯୁଦ୍ଧର ଅନୁପସ୍ଥିତି ଯେଉଁ ଶାନ୍ତିର ବାର୍ତ୍ତା ଦିଏ ତାହା ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ... ଯେତେବେଳେ ମାନବାଧିକାରକୁ ସମ୍ମାନ ଦିଆଯାଏ, ଯେତେବେଳେ ସମସ୍ତଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥାଏ, ଯେତେବେଳେ ବ୍ୟକ୍ତି ଓ ଜାତିସକଳ ସ୍ୱାଧୀନତା ଉପଭୋଗ କରନ୍ତି; ସେତେବେଳେ କେବଳ ଶାନ୍ତି ସ୍ଥାୟୀ ହୋଇ ରହିଥାଏ ।''

ଏ ଦୃଷ୍ଟିରୁ ମାନବାଧିକାର ପ୍ରତି ସମ୍ମାନ, ଜନସାଧାରଣଙ୍କ ସୁଖ-ସଂବୃଦ୍ଧି, ବ୍ୟକ୍ତି ଓ ଦେଶ ବା ଜାତିସକଳର ସ୍ୱାଧୀନତା ହିଁ ଯଥାର୍ଥ ଶାନ୍ତିର ପରିଚାୟକ । ସପ୍ତଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ଜଣେ ଖ୍ୟାତିସମ୍ପନ୍ନ ଦାର୍ଶନିକ ବାରୁକ୍ ସ୍ପିନୋଜା (Baruch Spinoza)ଙ୍କ ମତରେ ମଧ୍ୟ ଶାନ୍ତି କହିଲେ କେବଳ ଯୁଦ୍ଧବିଗ୍ରହର ଅବର୍ତ୍ତମାନତାକୁ ବୁଝାଏ ନାହିଁ; ଏହା ଏକ ଶ୍ରେୟ ଗୁଣ, ଏକ ମାନସିକ ଅବସ୍ଥା; ହିତୈଷଣା, ଦୃଢ଼ବିଶ୍ୱାସ ଓ ନ୍ୟାୟନିଷ୍ଠ ମନୋଭାବକୁ ବୁଝାଏ । ନରଓ୍ୱେର ବିଶ୍ୱବିଖ୍ୟାତ ସମାଜ ବିଜ୍ଞାନୀ ଜୋହାନ୍ ଗୁଲ୍‌ଟାଙ୍ଗ (Johan Gultang)ଙ୍କ ମତରେ ହିଂସାର ଅବର୍ତ୍ତମାନତାକୁ ଶାନ୍ତି କୁହାଯାଏ, ଏହା ଏକ ସାମାଜିକ ଲକ୍ଷ୍ୟ ରୂପେ ଗ୍ରହଣଯୋଗ୍ୟ । ପୁଣି ସକାରାତ୍ମକ ଶାନ୍ତି ଓ ନକାରାତ୍ମକ ଶାନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ନକାରାତ୍ମକ ଶାନ୍ତି ହିଂସାର ଅନୁପସ୍ଥିତିକୁ ବୁଝାଏ, ସକାରାତ୍ମକ ଶାନ୍ତି ସାମାଜିକ ନ୍ୟାୟ ଓ ରଚନାତ୍ମକ ହିଂସା (Structural voilence)ର ଅନୁପସ୍ଥିତିକୁ ବୁଝାଏ ।

ଶାନ୍ତିର ଅଭିଧାନଗତ ସଂଜ୍ଞା କହିଲେ ନିମ୍ନୋକ୍ତ ବିଷୟ-ଗୁଡ଼ିକୁ ବୁଝାଏ । –

୧. ଏକ ସ୍ଥିର ପ୍ରଶାନ୍ତ ଅବସ୍ଥା, ଆଇନ ବା ନିୟମ କାନୁନ ଓ ସାମାଜିକ ପ୍ରଥା ଯୋଗୁଁ ସମାଜରେ ଓ ଗୋଷ୍ଠୀରେ ନିରାପତ୍ତା ଓ ଶୃଙ୍ଖଳା ରକ୍ଷାକୁ ବୁଝାଏ ।

୨. ଉତ୍ତେଜନାମୂଳକ ଓ ଯନ୍ତ୍ରଣାଦାୟକ ଚିନ୍ତାରାଜିରୁ ମୁକ୍ତି ।

୩. ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ଦେଶଗତ ସମ୍ପର୍କରେ ଐକ୍ୟ, ସମଞ୍ଜସତା ଓ ପର୍ଯ୍ୟାବରଣର ସନ୍ତୁଳନ ।

୪. ଯାବତୀୟ ଆକ୍ରମଣ ଓ ହିଂସାକୁ ଦୂର କରିବା ଲାଗି ପରସ୍ପର ମଧ୍ୟରେ ଏକ ଚୁକ୍ତି ବା ରାଜିନାମା ।

ଏହି ଦୁଇଟି ସ୍ତରରେ କାର୍ଯ୍ୟ କରୁଥିବା ଶାନ୍ତି କାମ୍ୟ, କିନ୍ତୁ ଆନ୍ତର ସାମ୍ରାଜ୍ୟରେ କ୍ରିୟାଶୀଳ ଶାନ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଜାତିସଂଘ (United Nations)ର ସର୍ବେକ୍ଷଣ ଅନୁଯାୟୀ ଯୁଦ୍ଧ ଓ ହିଂସାର ବିଭୀଷିକା ପ୍ରଥମେ ମଣିଷ ମନରେ ହିଁ ସୃଷ୍ଟି ହୋଇଥାଏ ଯାହା ପରବର୍ତ୍ତୀ କାଳରେ ବାହ୍ୟ ପରିବେଶକୁ ସଂକ୍ରମିତ କରିଥାଏ । ଚୀନ ଦେଶର ଦାର୍ଶନିକ ଲାଓ ସୁ (Lao Tzu)ଙ୍କ ଏକ ବିଖ୍ୟାତ ଉକ୍ତି ହେଲା –

''ଯଦି ପୃଥିବୀରେ ଶାନ୍ତି ଚାହଁ ତେବେ ଦେଶମାନଙ୍କରେ ଶାନ୍ତି ପ୍ରତିଷ୍ଠା କରିବା ଆବଶ୍ୟକ । ଯଦି ଦେଶମାନଙ୍କରେ ଶାନ୍ତି ଚାହଁ, ତେବେ ସହରମାନଙ୍କରେ ଶାନ୍ତି ପ୍ରତିଷ୍ଠା କରିବା ଆବଶ୍ୟକ । ଯଦି ସହରମାନଙ୍କରେ ଶାନ୍ତି ଚାହଁ, ତେବେ ପଡ଼ୋଶୀମାନଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କର । ଯଦି ପଡ଼ୋଶୀମାନଙ୍କ ମଧ୍ୟରେ ଶାନ୍ତି ଚାହଁ, ତେବେ ପ୍ରତ୍ୟେକ ଗୃହରେ ଶାନ୍ତି ପ୍ରତିଷ୍ଠା କର । ଯଦି ଗୃହମାନଙ୍କରେ ଶାନ୍ତି ଚାହଁ, ତେବେ ପ୍ରତ୍ୟେକ ହୃଦୟରେ ଶାନ୍ତି ପ୍ରତିଷ୍ଠା କର ।''

ତେବେ ଦିବ୍ୟଜନନୀ ଶ୍ରୀମା କଥାଟିକୁ ସିଧାସଳଖ ବ୍ୟକ୍ତ କରିବାକୁ ଯାଇ କହନ୍ତି :

''If you want peace upon earth, first establish peace in your heart.''

''ପୃଥିବୀରେ ଯଦି ତୁମେ ଶାନ୍ତି ପ୍ରତିଷ୍ଠା କରିବାକୁ

ଚାହଁ, ତେବେ ପ୍ରଥମେ ତୁମ ନିଜ ହୃଦୟରେ ଶାନ୍ତି ପ୍ରତିଷ୍ଠା କର ।''

ଆପୋସ ମନ୍ତ୍ରଣା ଦ୍ୱାରା କିଂବା ଗୁଡ଼ାଏ ଚୁକ୍ତି ବା ସନ୍ଧିପତ୍ର ସ୍ୱାକ୍ଷର କରିବା ଦ୍ୱାରା ଶାନ୍ତି ପ୍ରତିଷ୍ଠା କରାଯାଏ ନାହିଁ । ମଣିଷ ହୃଦୟରେ ହିଁ ଶାନ୍ତି ପ୍ରତିଷ୍ଠା କରାଯାଏ । ଆମ ହୃଦୟରେ ଯଦି ଶାନ୍ତି ନାହିଁ ତେବେ ଅନ୍ୟତ୍ର କେଉଁଠି ଆମେ ଶାନ୍ତି ପାଇପାରିବା ନାହିଁ । ପ୍ରତ୍ୟେକ ମନ ଓ ହୃଦୟରେ ଯଦି ଶାନ୍ତି ରାଜତ୍ୱ କରେ ତେବେ ସମଗ୍ର ପାର୍ଥିବ ଜଗତ୍ ଶାନ୍ତିମୟ ହୋଇଉଠିବ । ଶାନ୍ତି ଏକ ଅମୂଲ୍ୟ ସମ୍ପଦ ଯାହା ସହ କେବଳ ପରମ ସତ୍ୟ ହିଁ ସମକକ୍ଷ ହୋଇପାରେ । ଆନ୍ତର ଶାନ୍ତି ବାହ୍ୟ ପରିବେଶଟିକୁ ସୁନ୍ଦର, ସାବଲୀଳ ଓ ସଙ୍ଗତିପୂର୍ଣ୍ଣ କରେ ।

**ଶାନ୍ତିର ଉପଯୋଗିତା :**

(୧) ସ୍ଥିରତା, ଶାନ୍ତି ଓ ସମର୍ପଣ – ଏ ତିନୋଟି ହେଲା ପୂର୍ଣ୍ଣଯୋଗ ସାଧନାର ଭିତ୍ତିଭୂମି । ଏହାହିଁ ଯଥାର୍ଥ ପରିବେଶ ସୃଷ୍ଟି କରିଥାଏ ଯାହା ଭିତରେ ଅବଶିଷ୍ଟ ସବୁକିଛି, ଯଥା – ଜ୍ଞାନ, ଶକ୍ତି, ଆନନ୍ଦ ଇତ୍ୟାଦି ପ୍ରତିଷ୍ଠିତ ହୋଇପାରିବ ଓ ସ୍ଥାୟୀଭାବେ ରହିପାରିବ ।

ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି :

''ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ।।''
(୨-୬୬)

ଏହାର ଭାବାର୍ଥ ହେଲା – ''ଯାହାର ଅନ୍ତଃକରଣ ଅସମାହିତ, ଯାହାର ମନ ଚଞ୍ଚଳ ତାହାର ପ୍ରଜ୍ଞା (Wisdom) ବା ଆତ୍ମ-ଜ୍ଞାନ ନଥାଏ । ଯାହାର ପରମାର୍ଥିକ ଚିନ୍ତା ନଥାଏ ଅର୍ଥାତ୍ ଯିଏ ଈଶ୍ୱର ଚିନ୍ତା ବିବର୍ଜିତ ତା'ର ମାନସିକ ଶାନ୍ତି ନଥାଏ । ଯାହାର ମନରେ ଶାନ୍ତି ନଥାଏ ସେ ସୁଖ ବା ଆନନ୍ଦ କେଉଁଠୁ ପାଇବ ? ଶାନ୍ତି ମଧ୍ୟରେ ହିଁ ଯଥାର୍ଥ ଆନନ୍ଦ ଓ ଜ୍ଞାନ ପ୍ରାପ୍ତ ହୋଇଥାଏ । ଶାନ୍ତି ଓ ସୁଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ।''

କଥିତ ଅଛି ଯେ ସୃଷ୍ଟିକର୍ତ୍ତା ପରମେଶ୍ୱର ଜଡ଼ରୁ ଉଦ୍ଭିଦ ଓ ଜୀବଜନ୍ତୁ ସୃଷ୍ଟି କଲାପରେ ସ୍ୱର୍ଗରେ ମଣିଷକୁ ସୃଷ୍ଟି କଲେ । ମଣିଷ ପରି ଜୀବଟିଏ ଦେଖି ସେ ବହୁତ ଖୁସି ହେଲେ । ତା'କୁ ପୃଥିବୀକୁ ପଠାଇବା ଲାଗି ଇଚ୍ଛା କଲେ । ତେବେ ମର୍ତ୍ତ୍ୟପୁରୀକୁ ଆସିବା ପୂର୍ବରୁ ପରମେଶ୍ୱର ତା'କୁ କିଛି ଉପହାର (gift of the Grace) ଦେବା ଲାଗି ଇଚ୍ଛାକଲେ । ତେଣୁ ସେ ନିଜର ଅକ୍ଷୟପାତ୍ରରୁ ଗୋଟିଏ ପରେ ଗୋଟିଏ ଦିବ୍ୟବସ୍ତୁ ବାହାର କରି ମଣିଷକୁ ଉପହାର ରୂପେ ଦେବାରେ ଲାଗିଲେ । ଦିବ୍ୟ ଉପହାରଗୁଡ଼ିକ ହେଲା – ମନ, ବୁଦ୍ଧି, ବିବେକ, ଜ୍ଞାନ, ପ୍ରଜ୍ଞା, ଧୈର୍ଯ୍ୟ, ସୁଖ, ବିଶ୍ୱାସ, ଶ୍ରଦ୍ଧା, ସହନଶୀଳତା – ଏହିପରି ଅନେକ କିଛି । ପରମେଶ୍ୱରଙ୍କ ଉଦାରତାର ତ ସୀମା ନଥାଏ । ଆଉ କିଛି ଦେବା ଲାଗି ଯେତେବେଳେ ସେ ଅକ୍ଷୟ ପାତ୍ରଟିକୁ ଅଣ୍ଡାଳିଲେ, ଦେଖିଲେ ଯେ ଗୋଟିଏ ମାତ୍ର ଦୁର୍ଲଭ ବସ୍ତୁ ଅବଶିଷ୍ଟ ହୋଇ ରହିଯାଇଛି । ସେହି ଅମୂଲ୍ୟ ଦୁର୍ଲଭ ବସ୍ତୁଟି ଥିଲା – 'ଶାନ୍ତି' । ତେବେ ତାକୁ ଦେବାପୂର୍ବରୁ ପରମେଶ୍ୱର ହଠାତ୍ ଭାବିଲେ – ଯଦି ମଣିଷ ଏହି ଦୁର୍ଲଭ ବସ୍ତୁଟି ନିଜର କରିନେବ ତେବେ ସେ ସୁଖସାଗରରେ ନିମଜ୍ଜିତ ରହି ମୋତେ ପୂରାପୂରି ଭୁଲିଯିବ । ତେଣୁ ସେ ଅନ୍ୟ ଏକ ମଇଳା ପୁରୁଣା ଅକ୍ଷୟ ପାତ୍ରରୁ ଅଶାନ୍ତିକୁ ଆଣି ଶାନ୍ତି ସହ ଯୋଡ଼ି ଦେଇ ମଣିଷ ହୃଦୟରେ ଅବସ୍ଥାପିତ କରିଦେଲେ । ତେଣୁ ମଣିଷ ଅନୁକୂଳ ପରିବେଶ ଯୋଗୁଁ ଯେତେବେଳେ ଘନୀଭୂତ ଶାନ୍ତି ପାଇଯାଏ ଓ ସୁଖସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ ଅତିବାହିତ କରି ପରମେଶ୍ୱରଙ୍କୁ ଭୁଲିଯାଏ ସେତେବେଳେ ଅଶାନ୍ତି ହୃଦୟରୁ ଉତ୍ଥିତ ହୁଏ । ଫଳରେ ମଣିଷ ଯେତେବେଳେ ଅଶାନ୍ତି ଦ୍ୱାରା ଆକ୍ରାନ୍ତ ହୋଇ ତହଳ ବିକଳ ହୁଏ ଓ ଅସହାୟ ବୋଧ କରେ ସେତେବେଳେ ଭଗବାନ୍ ବା ପରମେଶ୍ୱର ମନେ ପଡ଼ିଯା'ନ୍ତି । ମଣିଷର ହୃଦୟରେ ପୁଣି ଭଗବାନ୍ ଯେତେବେଳେ ଆବିର୍ଭୂତ ହୁଅନ୍ତି, ଅଶାନ୍ତି ଉଭେଇଯାଏ ଓ ତା' ସ୍ଥାନରେ ପୁନର୍ବାର ଶାନ୍ତି ଓ ତଦ୍‌ଜନିତ ସୁଖ ବିରାଜମାନ କରେ । ଏହିପରି ପରମେଶ୍ୱର ସକାରାତ୍ମକ ବିଷୟଗୁଡ଼ିକ ସହ ନକାରାତ୍ମକ ବିଷୟଗୁଡ଼ିକୁ ମଧ୍ୟ ଯୋଡ଼ିଦେଲେ । ଏତତ୍ ଦ୍ୱାରା ମଣିଷ ଯେତେବେଳେ ସକାରାତ୍ମକ ବିଷୟ ଯଥା – ସଫଳତା, ବିଭବ, ପ୍ରାଚୁର୍ଯ୍ୟ ଯୋଗୁଁ ଭଗବାନଙ୍କୁ ଭୁଲିଯାଏ, ତାକୁ ପୁନର୍ବାର ମନେ ପକାଇ ଦେବା ଲାଗି ଦୁଃଖ, ଯନ୍ତ୍ରଣା, ବିଫଳତା, ଦାରିଦ୍ର୍ୟ ଇତ୍ୟାଦି ଆକ୍ରାନ୍ତ କରିବାକୁ ଆରମ୍ଭ କରି ଦିଅନ୍ତି । ପରିଣାମରେ ମଣିଷର ପରମେଶ୍ୱରଙ୍କୁ ପାଇବା ଲାଗି ଅଭୀପ୍ସା ଜାଗ୍ରତ୍ ହୁଏ । ତେବେ ବିଜ୍ଞ ମଣିଷ ସତତ ଉଭୟ ପ୍ରତିକୂଳ ଓ ଅନୁକୂଳ ଅବସ୍ଥାରେ ଅଭୀପ୍ସାଟିକୁ ସଦାଜାଗ୍ରତ୍ କରି ରଖିଥାଏ, ଯଥାର୍ଥ ମନୋଭାବଟିଏ ପୋଷଣ କରିଥାଏ ।

(୨) କେବଳ ଏକ ସ୍ଥିର, ଦୃଢ଼ ଓ ନିରବଚ୍ଛିନ୍ନ ଶାନ୍ତି ଦ୍ୱାରା ହିଁ ପ୍ରକୃତ ବିଜୟଗୁଡ଼ିକୁ ହାସଲ କରାଯାଇପାରେ । କାମ, କ୍ରୋଧ, ଲୋଭ, ମୋହାଦି ଷଡ଼ରିପୁର ଫଳପ୍ରଦ ପ୍ରତିଷେଧକ ହେଲା ଘନୀଭୂତ ଶାନ୍ତି ।

ଶାନ୍ତି ଓ ସ୍ଥିରତା ହେଲା ଯାବତୀୟ ରୋଗର ସର୍ବୋତ୍ତମ ଉପଚାର । ଯଦି ଆମେ କୋଷଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା କରିପାରୁ ତେବେ ଆମେ ଶୀଘ୍ର ଆରୋଗ୍ୟ ଲାଭ କରିପାରିବା । ଦିବ୍ୟ-ଜନନୀ କହନ୍ତି : ''Catch hold of a peace deep within and push it into the cells of the body. With the peace will come back the health.''

(CWM. Vol. 15, p. 151)

ଅର୍ଥାତ୍, ''ତୁମରି ଭିତରେ ଅତ୍ୟନ୍ତ ଗଭୀରରେ ଅବସ୍ଥିତ ଏକ ଶାନ୍ତିକୁ ଉପଲବ୍ଧି କର ଏବଂ ତାହାକୁ ଶରୀରର କୋଷଗୁଡ଼ିକ ମଧ୍ୟକୁ ପ୍ରବିଷ୍ଟ କରାଅ । ସେହି ଶାନ୍ତି ସହିତ ସ୍ୱାସ୍ଥ୍ୟ ଅବଶ୍ୟ ଫେରି ପାଇବ ।''

ପୁନଶ୍ଚ ଦିବ୍ୟଜନନୀ ଶ୍ରୀମା କହିଛନ୍ତି :

''ନିଜ ଶରୀରରେ ଏକ ବୃହତ୍ତର ଶାନ୍ତି ଓ ନୀରବତା ପ୍ରତିଷ୍ଠା କର, ରୋଗର ଆକ୍ରମଣକୁ ପ୍ରତିରୋଧ କରିବା ସକାଶେ ତାହାହିଁ ଶରୀରକୁ ଶକ୍ତି ଯୋଗାଇ ଥାଏ ।''

ଉତ୍ତମ ସ୍ୱାସ୍ଥ୍ୟ ଲାଗି ସ୍ନାୟୁଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା କରିବା ଅପରିହାର୍ଯ୍ୟ । ନିଶ୍ଚିତ ରୂପେ କୁହାଯାଇପାରେ ଯେ ରୋଗ ନିବାରଣ, ରୋଗର ଉପଶମ, ଆରୋଗ୍ୟ ଓ ନିରାମୟତା ଲାଗି ଶାନ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

(୩) ଶାନ୍ତ ଅବସ୍ଥାରେ ହିଁ ପ୍ରେମ, ଭକ୍ତି, ଆନନ୍ଦ, ଯାହାକିଛି ସାମର୍ଥ୍ୟ ଅଥବା ଯେକୌଣସି ଜ୍ଞାନ ଆସିଥାଏ – ଆମେ ସେଗୁଡ଼ିକୁ ଗ୍ରହଣ କରି ଧରି ରଖିପାରିବା । ଗ୍ରହଣଶୀଳତା ଓ ଧାରଣା ସାମର୍ଥ୍ୟ – ଏ ଦୁଇଟି ସମାନ୍ତରାଳ ଭାବେ ଅଗ୍ରଗତି କଲେ ସାଧନା ସୁଗମ ହୁଏ । ଏକ ଗଭୀର ଆଧ୍ୟାତ୍ମିକ ନିଶ୍ଚଳତା ଓ ଶାନ୍ତି – ଚିରନ୍ତନ ଭକ୍ତି, ଶକ୍ତି, ଆନନ୍ଦ, ଜ୍ଞାନ, ପ୍ରେମ ଇତ୍ୟାଦି ଦିବ୍ୟ ସମ୍ପଦ ନିମିତ୍ତ ଏକମାତ୍ର ଆଧାର ବା ଭିତ୍ତିଭୂମି । ଏକ ଶାନ୍ତିପୂର୍ଣ୍ଣ ପରିବେଶରେ ହିଁ ସେସବୁ ଫଳପ୍ରସୂ ହୋଇଥାଏ ।

(୪) ଶାନ୍ତି ଓ ସ୍ଥିରତା ମଧ୍ୟରେ ହିଁ ସର୍ବୋତ୍ତମ କରଣୀୟ କାର୍ଯ୍ୟ କ'ଣ ତାହା ଜଣେ ଜାଣିପାରେ । ଅନ୍ୟଥା ସାଧାରଣ ସମସ୍ୟା ମଧ୍ୟ ବିପୁଳ ବିଶୃଙ୍ଖଳା ସୃଷ୍ଟି କରିଥାଏ ।

(୫) ଉଚ୍ଚତର ସ୍ଥିତିଗୁଡ଼ିକୁ ବିକଶିତ କରିବା ଲାଗି ଶାନ୍ତି ନିତାନ୍ତ ଆବଶ୍ୟକ ହୁଏ । ଶରୀରର କୋଷଗୁଡ଼ିକରେ ଶାନ୍ତି ଅନୁପ୍ରବିଷ୍ଟ ହେଲା ପରେ ଶାରୀରିକ ରୂପାନ୍ତର ସମ୍ଭବ ହୁଏ । ଉଚ୍ଚତର ଚେତନାକୁ ଉନ୍ନୀତ ହେବା ନିମିତ୍ତ ଶାନ୍ତି ପ୍ରତିଷ୍ଠିତ ହେବା ଅନିବାର୍ଯ୍ୟ ହୋଇଥାଏ । କାରଣ ଦିବ୍ୟ ଚେତନାର ମୌଳିକ ଗୁଣଧର୍ମ ହେଲା ଶାନ୍ତି ।

ସ୍ୱଭାବରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବାକୁ ହେଲେ ଚେତନାରେ ଶାନ୍ତି ଓ ଶୁଦ୍ଧତା ଅବଶ୍ୟ ପ୍ରକାଶିତ ହେବା ଆବଶ୍ୟକ । ଶାନ୍ତି ଦ୍ୱାରା ଆମେ ଯାବତୀୟ ବାହ୍ୟ ସମ୍ପର୍କ ଉପରେ ଥିବା ନିର୍ଭରତାଠାରୁ ନିଜକୁ ମୁକ୍ତ କରିଦେଇପାରୁ ।

ସୌଭାଗ୍ୟ, ସଫଳତା ଓ ସମୃଦ୍ଧି ସର୍ବଦା ଶାନ୍ତିର ଅନୁଗାମୀ ହୋଇ ରହିଥା'ନ୍ତି ।

**ଶାନ୍ତି ପ୍ରାପ୍ତ କରିବା ଲାଗି ଉପାୟ ଓ ସର୍ତ୍ତାବଳୀ :**

(୧) ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି :

''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।
ଜ୍ଞାନଂ ଲବ୍ଧା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ॥''

(୪- ୩୯)

''ଯିଏ ଈଶ୍ୱର ବିଶ୍ୱାସୀ, ଯିଏ ବ୍ରହ୍ମନିଷ୍ଠ ଓ ସାଧନାରେ ତତ୍ପର, ଯିଏ ଜିତେନ୍ଦ୍ରିୟ, ସେହିଁ ବ୍ରହ୍ମଜ୍ଞାନ ଲାଭ କରନ୍ତି ଓ ଅଚିରେ ପରମ ଶାନ୍ତିର ଅଧିକାରୀ ହୁଅନ୍ତି । ଅର୍ଥାତ୍, ଯାହାର ଶ୍ରଦ୍ଧା ବା ଦୃଢ଼ ବିଶ୍ୱାସ ରହିଛି, ଯିଏ ନିଜର ମନ ଓ ଇନ୍ଦ୍ରିୟ ସକଳକୁ ନିଜ ନିୟନ୍ତ୍ରଣରେ ରଖିପାରିଛି, ଯିଏ ନିଜର ସମସ୍ତ ଚେତନାକୁ ପରମେଶ୍ୱରଙ୍କଠାରେ କେନ୍ଦ୍ରୀଭୂତ କରି ରଖିଛି ସେହିଁ ପରମ ଜ୍ଞାନର ଅଧିକାରୀ ହୁଅନ୍ତି ଓ ଜ୍ଞାନ ପ୍ରାପ୍ତ କରି ଶୀଘ୍ର ପରମ ଶାନ୍ତି ପ୍ରାପ୍ତ କରିପାରନ୍ତି ।''

ଶ୍ରୀମାଙ୍କ ଉକ୍ତିରେ, ''ପରମେଶ୍ୱର ହେଲେ ପରମ ଶାନ୍ତିର ଆଧାର, ପରମେଶ୍ୱରଙ୍କ ମଧ୍ୟରେ ବାସକର ଓ ତୁମେ ଶାନ୍ତିରେ ରହିପାରିବ ।''

(୨) ଜୀବନ ପ୍ରତି ଏକ ସକାରାତ୍ମକ ମନୋଭାବ ପୋଷଣ କରିବା ଓ ପ୍ରସନ୍ନଚିତ୍ତତା ରକ୍ଷା କରିବା ଦ୍ୱାରା ଶାନ୍ତିର ମାର୍ଗ ସହଜ ଓ ସୁଗମ ହୋଇପାରେ । ସେଥିପାଇଁ ଶ୍ରୀମା କହନ୍ତି : ''Cheerfulness is the salt of Sadhana.''

ଅର୍ଥାତ୍, ''ପ୍ରଫୁଲ୍ଲଚିତ୍ତତା ରକ୍ଷା କରିବା ହେଲା ସାଧନାର ଲବଣ ସଦୃଶ୍ୟ ।''

(୩) କହିବା ବାହୁଲ୍ୟ ଯେ ଶାନ୍ତି ପାଇବାକୁ ହେଲେ ମନକୁ ଏକାଗ୍ର, ଅଚଞ୍ଚଳ ଓ ଶୁଦ୍ଧ ବା ପବିତ୍ର ରଖିବାକୁ ହେବ । ଯାବତୀୟ ଉଚ୍ଚାଭିଳାଷ, କାମନାବାସନା, କୁଚିନ୍ତା ଓ କୁପ୍ରବୃତ୍ତିରୁ ମୁକ୍ତ ରହିବାକୁ ହେବ ।

(୪) କୌଣସି ଅହମାତ୍ମକ ହିସାବ ନିକାଶ ନରଖି ନିଃସ୍ୱାର୍ଥ ଭାବରେ କର୍ତ୍ତୃତ୍ୱ ଅଭିମାନ ନରଖି ଦିବ୍ୟକର୍ମ ସମ୍ପାଦନ କରିବା – କୌଣସି ବ୍ୟଗ୍ରତା, ବ୍ୟାକୁଳତା, ବ୍ୟସ୍ତତା ନଥାଇ, କୌଣସି ଫଳାକାଙ୍‌କ୍ଷା ନରଖି ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ ସମ୍ପାଦନ କରିବା ହେଲା ଶାନ୍ତି ପ୍ରାପ୍ତ କରିବାର ପ୍ରକୃଷ୍ଟ ଉପାୟ ।

(୫) ନିରନ୍ତର ଶାନ୍ତି ଅନୁଭବ କରିବା ଲାଗି ଜଣେ ସର୍ବଦା ହୃଦୟରେ କୃତଜ୍ଞତାବୋଧ ଜାଗ୍ରତ କରି ରଖିବା ଆବଶ୍ୟକ । ପରମେଶ୍ୱର ଯାହା ଯାହା ଦେଇଛନ୍ତି, ଯେଉଁ ପରିବେଶ ଓ ସୁଖସୁବିଧା ଦେଇଛନ୍ତି ସେଥିଲାଗି ସର୍ବଦା କୃତଜ୍ଞତା ଜ୍ଞାପନ କରିବାକୁ ହେବ । ଅନ୍ୟ ସହ ନିଜକୁ କଦାପି ତୁଳନା କରିବ ନାହିଁ, ଅନ୍ୟକୁ ସମାଲୋଚନା କରିବ ନାହିଁ କିଂବା କୌଣସି ପ୍ରକାରର ଅଭିଯୋଗ କରିବ ନାହିଁ । ନିଜର ଯାହା, ଯେପରି, ଯେତିକି ଅଛି ସେଥିରେ ସନ୍ତୁଷ୍ଟ ରହି ଭଗବାନଙ୍କୁ ସବୁକିଛି ଲାଗି ଗଭୀର କୃତଜ୍ଞତା ଜଣାଇବା ହେଲା ଶାନ୍ତି ଅନୁଭବ କରିବା ନିମିତ୍ତ ଏକ ଅମୋଘ ଉପାୟ ।

(୬) ଏକଦା ଜଣେ ବ୍ୟକ୍ତି ଭଗବାନ୍ ବୁଦ୍ଧଙ୍କ ନିକଟକୁ ଯାଇ କହିଲା – ''ମହାଭାଗ ! ମୋର ଦୁଃଖର ଅନ୍ତ ନାହିଁ । ଶରୀର ରୋଗାକ୍ରାନ୍ତ । ସମାଜ ମୋ ପ୍ରତି ନିଷ୍ଠୁର । ଯେଉଁମାନଙ୍କୁ ମୁଁ ଆପଣାର ବୋଲି ଭାବୁଥିଲି ସେମାନଙ୍କ ଠାରୁ ଉପେକ୍ଷା, ଅନାଦର ଓ ଅବହେଳା ପାଇ ମୁଁ ବିକ୍ଷୁବ୍ଧ । ତେଣୁ ଜୀବନ ଦୁର୍ବିଷହ ମନେ ହେଲାଣି । ଅଶାନ୍ତି ଯୋଗୁଁ ଜୀବନ ଡହଳ ବିକଳ ହେଲାଣି । ମୁଁ କିପରି ଏହି ଦୟନୀୟ ଅବସ୍ଥାରୁ ମୁକ୍ତ ହୋଇ ଟିକିଏ ଶାନ୍ତି ପାଇପାରିବି ?''

ବୁଦ୍ଧଦେବ କହିଲେ : ''ତୁମେ କ'ଣ ଭାବୁଛ ? ଏହାର କାରଣ କେବେ କ'ଣ ଖୋଜିଛ ?''

ଲୋକଟି କହିଲା : ''ଏହାର ସମାଧାନ ପାଇଁ ତ ଆପଣଙ୍କ ନିକଟକୁ ଦୌଡ଼ି ଆସିଛି ।''

ବୁଦ୍ଧଦେବ କହିଲେ : ''ତେବେ ଶୁଣ । ଜଣେ ଲୋକ ଗୋଟିଏ ମହାଦ୍ରୁମ ଉପରକୁ ଚଢ଼ି ତା'ର ଗଣ୍ଡିଟାକୁ କୁଣ୍ଢେଇ ଧରି ଚିତ୍କାର କରୁଥାଏ : ରକ୍ଷାକର ! ରକ୍ଷାକର ! ସେତେବେଳେ ଜଣେ ସାଧୁ ସେ ରାସ୍ତାଦେଇ ଯାଉଥିଲେ, ତାଙ୍କ ସଙ୍ଗରେ ଜଣେ ଶିଷ୍ୟ ବି ଥିଲେ । ଶିଷ୍ୟ ଗୁରୁଙ୍କୁ କହିଲେ : 'ଗୁରୁଦେବ ! ଲୋକଟି ବିପଦସଙ୍କୁଳ ଅବସ୍ଥାରେ ରହିଛି, ଆମେ ତାକୁ ତଳକୁ ଓହ୍ଲାଇ ଦେଲେ ଭଲ ହୁଅନ୍ତା ।' ଗୁରୁ କହିଲେ : 'ତାହା ସମ୍ଭବ ନୁହେଁ, କାରଣ ସେ ନିଜେ ଇଚ୍ଛା କଲେ ଅତି ସହଜରେ ତଳକୁ ଖସି ଆସନ୍ତା । କିନ୍ତୁ ସେ ନିଜେ ଗଣ୍ଡିଟିକୁ ଛାଡ଼ି ଦେବା ଲାଗି ପ୍ରସ୍ତୁତ ନୁହଁ । ଗଣ୍ଡିଟିକୁ କୁଣ୍ଢେଇ ଧରିବାରେ ସେ ଏପରି ଆସକ୍ତ ଯେ ତାକୁ ଛାଡ଼ି ଦେବା ଲାଗି ସେ ଆଦୌ ନିଜେ ଚାହୁଁ ନାହିଁ । ତାକୁ କିଏ ବା ସାହାଯ୍ୟ କରିପାରିବ ?'

''ବୁଢ଼ିଆଣି ଜାଲବୁଣେ, ଶେଷରେ ସେ ନିଜେ ସେହି ଜାଲରେ ଛନ୍ଦି ହୋଇଯାଏ । ମଧୁମକ୍ଷିକା ଚିନିଶିରା ଥିବା ପାତ୍ରର ପାର୍ଶ୍ୱରେ ବସି ଚିନିଶିରା ଶୋଷଣ କରେ । ପେଟ ଭରିଗଲା ପରେ ବି ତା'ର ଆସକ୍ତି କମି ନଥାଏ । ଯେତେବେଳେ ତା'ର ଓଜନ ବଢ଼ିଯାଏ, ସେ ଚିନିଶିରାରେ ପୂରା ବୁଡ଼ିଯାଏ । ଏସବୁ ହେଉଛି ଆସକ୍ତିର ଗୋଟିଏ ଗୋଟିଏ ନିଦର୍ଶନ । ତେଣୁ ଆସକ୍ତିରୁ ମୁକ୍ତ ହେଲେ, କାମନାବାସନାର ବିଲୋପ ହେଲେ, ମନରେ ଦିବ୍ୟପ୍ରେମ ଓ ସନ୍ତୋଷ ଭାବ ଜାଗ୍ରତ ହେଲେ ମଣିଷ ଏକ ଶାନ୍ତିମୟ ଜୀବନଯାପନ କରିପାରିବ ।'' ଏହା ଥିଲା ଭଗବାନ୍ ବୁଦ୍ଧଙ୍କର ଶିକ୍ଷା ।

(୭) ଶାନ୍ତି ଲାଗି ଆଚରଣ ବିଧି ହେଲା ନିଜକୁ ଯେତେଦୂର ସମ୍ଭବ ସ୍ଥିର ଓ ଅଚଞ୍ଚଳ ରଖିବାକୁ ହେବ । ଯାବତୀୟ ବ୍ୟଗ୍ରତା, ବ୍ୟାକୁଳତା ଓ ଅତିଶୟ କର୍ମପ୍ରବଣତାରୁ କ୍ଷାନ୍ତ ରହିବା । ଅର୍ଥାତ୍ ରଜୋଗୁଣକୁ କ୍ଷୀଣ କରି ସାତ୍ତ୍ୱିକ ଗୁଣକୁ ପ୍ରଶ୍ରୟ ଦେବାକୁ ହେବ । ରଜୋଗୁଣ ସମ୍ପନ୍ନ ବ୍ୟକ୍ତି ସଦା ଚଞ୍ଚଳ, ଉତ୍ତେଜିତ ଓ କର୍ମପ୍ରବଣ ହୋଇ ରହିଥାଏ । ଚୁପ୍‌ଚାପ୍, ଧୀର ସ୍ଥିର ହୋଇ ବସି ରହିଲେ ଜୀବନଟା ବ୍ୟର୍ଥ ହୋଇଗଲା ବୋଲି ସେ ମନେ କରେ; ଅଥଚ ଶାନ୍ତି, ସମତା, ସ୍ଥିରତା ଓ ନୀରବତାର ବାତାବରଣରେ ହିଁ ଯଥାର୍ଥ ପ୍ରଗତି ସମ୍ଭବ ହୁଏ ଓ ଯାବତୀୟ ସମସ୍ୟାର ସମାଧାନ ସମ୍ଭବ ହୋଇଥାଏ । ତେବେ ଶାନ୍ତିର ରକ୍ଷା ଲାଗି ସାତ୍ତ୍ୱିକ ଗୁଣ ଅଧିକ ଅନୁକୂଳ ହୋଇଥାଏ ।

ଶାନ୍ତି ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରାର୍ଥନାର କିଛି ଉଦ୍ଧୃତାଂଶ :

"PEACE, peace upon all the earth...

Not the peace of an inconscient sleep or a self-satisfied inertia; not the peace of a self-forgetful ignorance and a dark, heavy

indifference, but the peace of the omnipotent force, the peace of perfect communion, the peace of integral awakening, of the disappearance of all limitation and all darkness..."

(Prayers and Meditations, P. 195)

''ଶାନ୍ତି, ଶାନ୍ତି, ଉତ୍ତରି ଆସୁ ସାରା ପୃଥିବୀ ଉପରକୁ...

''ଅଚେତନ ନିଦ୍ରାର ଯେଉଁ ଶାନ୍ତି ସେ ଶାନ୍ତି ନୁହେଁ, ଆତ୍ମତୃପ୍ତ ଜଡ଼ତାର ଯେଉଁ ଶାନ୍ତି ତାହା ଶାନ୍ତି ନୁହେଁ; ଆତ୍ମବିସ୍ମୃତ ଅଜ୍ଞାନର ଯେଉଁ ଶାନ୍ତି ସେ ଶାନ୍ତି ନୁହେଁ, ତାମସିକ ଓ ଭାରାକ୍ରାନ୍ତ ଔଦାସୀନ୍ୟର ଯେଉଁ ଶାନ୍ତି, ସେ ଶାନ୍ତି ନୁହେଁ । କିନ୍ତୁ ତାହା ଅଟେ ସର୍ବକ୍ଷମ ଶକ୍ତିର ଶାନ୍ତି, ପରିପୂର୍ଣ୍ଣ ସମ୍ମିଳନର ଶାନ୍ତି, ସର୍ବାଙ୍ଗୀନ ଜାଗରଣର ଶାନ୍ତି, ସକଳ ସୀମା, ସକଳ ଛାୟାର ଅପସାରଣରେ ଯେଉଁ ଶାନ୍ତି ଆସେ...''

ଏହି କାବ୍ୟିକ ଅଭିବ୍ୟକ୍ତିଟି ସୂଚାଇ ଦିଏ କେତେ ପ୍ରକାରର ଶାନ୍ତି ବିଭିନ୍ନ ସ୍ତରରେ ଜଣେ ଅନୁଭବ କରିପାରେ । ପୁଣି କୁହାଯାଇଛି – ଏପରି ଶାନ୍ତି ଅଛି ଯାହା କୁତ୍ରାପି ସହଜରେ ଅନୁଭୂତ ହୁଏ ନାହିଁ, ସ୍ୱର୍ଗରେ ନୁହେଁ କି ମର୍ତ୍ତ୍ୟରେ ନୁହେଁ, ଜୀବନରେ ନୁହେଁ କି ମୃତ୍ୟୁରେ ମଧ୍ୟ ନୁହେଁ । ତାହା ହେଲା ସେହି ଶାନ୍ତି ଯାହା କେବଳ ଭଗବତ୍ କୃପାରୁ ହିଁ ଆମ୍ଭେମାନେ ପ୍ରାପ୍ତ କରିପାରୁ । ମଣିଷ ପାଇଁ ଶାନ୍ତିର ଆବଶ୍ୟକତା ଯେତିକି ରହିଛି ପ୍ରଗତିର ମଧ୍ୟ ସେତିକି ଆବଶ୍ୟକତା ରହିଛି । ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନୀ ଦିବସର ବାର୍ଷିକ ଉତ୍ସବପାଳନ ଅବସରରେ ୨୪ ଏପ୍ରିଲ, ୧୯୫୮ ମସିହାରେ ପ୍ରଦତ୍ତ ବାଣୀଟିରେ କୁହାଯାଇଛି :

"There are two complementary aspects of the liberating action of the Divine Grace upon earth among men. These two aspects are equally indispensable, but are not equally appreciated.

The sovereign immutable peace that liberates from anxiety, tension and suffering.

The dynamic all-powerful progress that liberates from fetters, bondages and inertia.

The peace is universally appreciated and recognised as divine, but the progress is welcomed only by those whose aspiration is intense and courageous."

(CWM : Vol. - 15, p. 185)

ଏହାର ଭାବାନୁବାଦ ହେଲା –

''ଏହି ପୃଥିବୀପୃଷ୍ଠରେ ମନୁଷ୍ୟମାନଙ୍କ କ୍ଷେତ୍ରରେ ଦିବ୍ୟ ପରମ କରୁଣାର ବିମୋଚନକାରୀ କ୍ରିୟାଟିର ଦୁଇଗୋଟି ପରସ୍ପର ଅନୁପୂରକ ଦିଗ ରହିଛି । ଏ ଦୁଇଟିଯାକ ଦିଗ ସମାନ ଭାବରେ ଅପରିହାର୍ଯ୍ୟ, କିନ୍ତୁ ସେ ଦୁଇଟିକୁ ସମାନ ଗୁରୁତ୍ୱ ଦେଇ ସ୍ୱୀକାର କରାଯାଇ ନ ଥାଏ ।

''ଗୋଟିଏ ଦିଗ ହେଉଛି ଏକ ପରିବର୍ତ୍ତନରହିତ ପରମ ଶାନ୍ତି, ଯାହା ସକଳ ଉଦ୍‌ବେଗ ଅନ୍ତର୍ଘାତ ଏବଂ କଷ୍ଟ ଅନୁଭବରୁ ମୁକ୍ତ କରି ଦେଇଥାଏ ।

''ଆଉ ଗୋଟିଏ ଦିଗ ହେଉଛି ସତତ ଗତିଶୀଳ, ସର୍ବଶକ୍ତିମାନ୍ ଅଗ୍ରଗତି ଯାହାକି ସକଳ ବନ୍ଧନ, ଦାସତ୍ୱ ଏବଂ ଜଡ଼ତାରୁ ମୁକ୍ତ କରେ ।

''ଶାନ୍ତିର ଦିଗଟିକୁ ଜଗତର ସମସ୍ତେ ଉପଲବ୍ଧି କରନ୍ତି ଓ ତାହାକୁ ଦିବ୍ୟ ବୋଲି ସ୍ୱୀକାର କରନ୍ତି; ମାତ୍ର, ଯେଉଁମାନଙ୍କର ତୀବ୍ର ତଥା ସାହସଯୁକ୍ତ ଅଭୀପ୍ସା ରହିଛି, ସେମାନେ ହିଁ ଅଗ୍ରଗତି ଦିଗଟିକୁ ସ୍ୱାଗତ କରନ୍ତି ।''

(ମାତୃରଚନାବଳି-୧୫, ପୃ. ୨୫୯)

ତେବେ ଶାନ୍ତି ଓ ପ୍ରଗତି ପରସ୍ପର ପରିପୂରକ ହେବା ଆବଶ୍ୟକ । ଶାନ୍ତି ରୂପକ ଆଧାରଶିଳା ଉପରେ ନିର୍ମିତ ପ୍ରଗତିର ସୌଧହିଁ ଦୃଢ଼ ଓ ସ୍ଥାୟୀ ହୋଇ ରହିପାରେ ।

(କ୍ରମଶଃ) ❑

ବିଶ୍ୱାସ ହେଉଛି ପ୍ରମାଣ ବିହୀନ ଏକ ନିଶ୍ଚିତତା ।

– ଶ୍ରୀମା

# କବି ନିଶିକାନ୍ତ

## (୧୫)

''ଧନ୍ୟ କରିୟା ଧରଣୀ କମଲ
ଅମଲ ବିକାଶେ ତୁମି ଅନିନ୍ଦ୍ୟ,
ନିଖିଲ ଶରଣ ତୋମାର୍ ଚରଣ,
ପ୍ରଣତି ତୋମାରେ ଶ୍ରୀଅରବିନ୍ଦ ।''

– ନିଶିକାନ୍ତ

('ଶ୍ରୀଅରବିନ୍ଦ', 'ଶିଖାଶତଦଲ' କାବ୍ୟଗ୍ରନ୍ଥ)

ନିଶିକାନ୍ତଙ୍କର ଇଂରାଜୀ କବିତା ରଚନା କରିବା ସମ୍ବନ୍ଧେ ନୀରଦବରଣଙ୍କର ଶ୍ରୀଅରବିନ୍ଦଙ୍କ ସହିତ ଲେଖା ମାଧ୍ୟମରେ ହୋଇଥିବା ବିଷୟବସ୍ତୁ ଉପରେ ତାଙ୍କର 'Correspondence with Sri Aurobindo' ଗ୍ରନ୍ଥରୁ କିଛି ଉଲ୍ଲେଖ କରୁଛୁ :

**ନୀରଦ :** (ନୋଟ୍‌ବୁକ୍ ସହିତ ପ୍ରଦତ୍ତ) ଏଇଟି ହେଉଛି ନିଶିକାନ୍ତଙ୍କର ଏକ ଇଂରାଜୀ କବିତା । ଆପଣ ଭାବି ଦେଖନ୍ତୁ – ଜଣେ ଯିଏକି ଇଂରାଜୀରେ ଗୋଟିଏ ଧାଡ଼ି ବି କେବେ ଲେଖି ନାହାନ୍ତି ଏବଂ ଭାଷାଟିକୁ ବି ଭଲ ଭାବରେ ଆୟତ୍ତ କରି ନାହାନ୍ତି, ସିଏ ତାଙ୍କର ସ୍ୱରଚିତ ଏକ ବଙ୍ଗଳା କବିତାଟିକୁ ଥରକରେ, ଅତି ସହଜରେ, ଅଧିକ ଚମତ୍କାର ଓ ସୁରୁଚିସମ୍ପନ୍ନ ଭାବରେ ଇଂରାଜୀରେ ଅନୁବାଦ କରିପକାଇଲେ ! ଆଉ ଲକ୍ଷ୍ୟ କରନ୍ତୁ ସାଂଘାତିକ ଭାବରେ ଓ ଅତି ଆଶ୍ଚର୍ଯ୍ୟ କରି ପକାଉଥିବା ତାଙ୍କର ବନାନ୍ ଭୁଲ୍, କିନ୍ତୁ ଏଥିରେ କିଛି ଯାଏ ଆସେ କି ?

**ଶ୍ରୀଅରବିନ୍ଦ :** ସେସବୁକୁ ସଂଶୋଧନ କରିଦେବା ସକାଶେ ଯଦି କେହି ଜଣେ ଥାଆନ୍ତି ।...

**ନୀରଦ :** ଏଇଟି ହେଉଛି ନିଶିକାନ୍ତଙ୍କର ଅନ୍ୟ ଏକ ଇଂରାଜୀ କବିତା (ମୂଳତଃ ଇଂରାଜୀରେ ଲେଖା) । ଅମଲ କିରଣ ପୂରା କବିତାଟିକୁ ସଂଶୋଧନ କରି ଦେଇଛନ୍ତି । ତାଙ୍କ ମତରେ କବିତାଟିର କେତୋଟି ଧାଡ଼ି ବେଶ୍ ମନୋମୁଗ୍ଧକର, ଦୃଷ୍ଟି ଆକର୍ଷକ । ଏଥିରେ ଆପଣଙ୍କର ଧାରଣା କ'ଣ ? ଏବଂ ଆବଶ୍ୟକ ହେଉଥିଲେ ଆପଣ କବିତାଟିରେ ଦୟାପୂର୍ବକ କିଛି ସଂଶୋଧନ କରି ତା'ର ଶ୍ରୀବୃଦ୍ଧି ଘଟାଇବେ କି ?

**ଶ୍ରୀଅରବିନ୍ଦ :** ଏହା ଅତ୍ୟନ୍ତ ସୁନ୍ଦର । ଅମଲ ଏଥିରେ ବେଶ୍ ଖଟିଛି; ତେଣୁ ଏହା ବିସ୍ମୟକର ଭାବେ ଏତେ ନିଖୁଣ (surprisingly perfect) ହୋଇ ପାରିଛି । ମୂଳ କବିତାଟିର ଗଠନଟି ଅତ୍ୟନ୍ତ କାବ୍ୟିକ... । ଯାହା ବି ହେଉ ନିଶିକାନ୍ତର ଏହା ଏକ ଅସାଧାରଣ ଆନ୍ତରିକ ପ୍ରଚେଷ୍ଟା ।

('Correspondence with Sri Aurobindo', P. 454)

*

**ନୀରଦ :** ଆପଣଙ୍କ କହିବାନୁସାରେ ଅସାଧାରଣ ବା ଅପୂର୍ବ ପରିସ୍ଥିତିରେ ରହିଥିବା ହେତୁ ନିଶିକାନ୍ତଙ୍କର କବିତା ଲେଖିବା କଥାଟି ମନୋଯୋଗ ଆକର୍ଷଣ କରୁଛି । ମୋତେ କିନ୍ତୁ ଅବାକ୍ ଲାଗୁଛି ଯେ ଇଂରାଜୀରେ ଖୁବ୍ କମ୍ ଜ୍ଞାନ ଥାଇ ସେ କେମିତି ଏତେ ସୁନ୍ଦର କବିତାସବୁ ମନୋମୁଗ୍ଧକର ଉପମା ଓ ଉପଯୁକ୍ତ ଶବ୍ଦବିନ୍ୟାସ ସହିତ ବ୍ୟକ୍ତ କରିବାର ଶୈଳୀରେ ଲେଖି ପାରୁଛନ୍ତି ? ଏଇ (ମୋର ପଠାଇଥିବା) କବିତାଟି ଦେଖନ୍ତୁ !

**ଶ୍ରୀଅରବିନ୍ଦ :** ଅତ୍ୟନ୍ତ ସୁନ୍ଦର କବିତା ! – ଉପମା ଓ ଶବ୍ଦବିନ୍ୟାସ ବ୍ୟକ୍ତ କରିବାର ଭଙ୍ଗୀ ତା' ପାଖକୁ ଇଂରାଜୀରେ ହିଁ ଆସିଥାଏ । ସେସବୁ ତା' ପଶ୍ଚାତରେ ରହି ବ୍ୟକ୍ତ ହେବା ପାଇଁ ତାକୁ ଚାପ ଦିଅନ୍ତି । କିନ୍ତୁ ତା'ର ତ୍ରୁଟିପୂର୍ଣ୍ଣ ଭାଷା ଜ୍ଞାନ ଯୋଗୁଁ ହିଁ ରୂପ ଓ ଶବ୍ଦ ବିନ୍ୟାସର ଯଥାର୍ଥ ପରିବେଷଣରେ ବାଧାପ୍ରାପ୍ତ ହୋଇଥାଏ ।

(ତତ୍ରୈବ : ପୃ. ୫୫୨)

**ନୀରଦ :** ନିଶିକାନ୍ତଙ୍କର ଆଶ୍ଚର୍ଯ୍ୟଜନକ ଓ ଉଲ୍ଲେଖଯୋଗ୍ୟ କୃତିତ୍ୱ ସମ୍ବନ୍ଧରେ ଆପଣ କ'ଣ କୈଫିୟତ୍ ଦେବେ ? ସେ ନିର୍ଭୁଲ ଭାବରେ ଇଂରାଜୀରେ ଆଦୌ ଆଳାପ କରି ପାରନ୍ତି ନାହିଁ ଅଥଚ ସେ ଆଶ୍ଚର୍ଯ୍ୟଜନକ ଇଂରାଜୀ କବିତା ଲେଖୁଛନ୍ତି ?

**ଶ୍ରୀଅରବିନ୍ଦ :** ତା'ର କହିପାରିବା, ନ ପାରିବା ଉପରେ ଲେଖାଲେଖି କରିପାରିବାଟି ଆଦୌ ନିର୍ଭର କରେ ନାହିଁ । ବାକ୍ ଶକ୍ତି ଓ କବିତା ଆସିଥାଏ ସମ୍ପୂର୍ଣ୍ଣ ଭିନ୍ନ ଏକ ଉତ୍ସରୁ । ଗୋଲଡ୍‌ସ୍ମିଥ୍ (ଅଲିଭର୍ ଗୋଲଡ୍‌ସ୍ମିଥ୍, ଇଂଲଣ୍ଡର ଖ୍ୟାତନାମା ଲେଖକ) ଯିଏକି ଦେବଦୂତ ସଦୃଶ ଲେଖନ୍ତି ଏବଂ ଶୁଆ ପକ୍ଷୀ ଭଳି କଥାବାର୍ତ୍ତା କରନ୍ତି ।

(ତତ୍ରୈବ : ପୃ. ୪୫୭)

**ନୀରଦ :** ନିଶିକାନ୍ତ କହନ୍ତି ଯେ କବିତା ଲେଖିବାକୁ ବା ଚିତ୍ରାଙ୍କନ କରିବାକୁ ବସିବା ପୂର୍ବରୁ ସେ ଥରଟିଏ ଶ୍ରୀମା ଓ ଆପଣଙ୍କୁ ପ୍ରଣାମ କରନ୍ତି । ତାଙ୍କର ଅଭୂତପୂର୍ବ ଅଗ୍ରଗତିରେ ଏଇଟି ଯଦି ଗୁପ୍ତ ରହସ୍ୟ ହୋଇଥାଏ, ତେବେ ଗୁରୁଦେବ, ମୁଁ ଶହେ ଥର ପ୍ରଣାମ କରିବି ନାହିଁ କାହିଁକି ?

**ଶ୍ରୀଅରବିନ୍ଦ :** ଏହା ନିର୍ଭର କରେ ତୁମେ କେମିତି ପ୍ରଣାମ କରୁଛ ।

(ତତ୍ରୈବ : ପୃ. ୪୫୪)

**ନୀରଦ :** (ଇତିପୂର୍ବରୁ) ମୁଁ ଆପଣଙ୍କୁ ଲେଖିଥିଲି ଯେ ନିଶିକାନ୍ତ କବିତା ଲେଖିବାକୁ ବସିବା ପୂର୍ବରୁ ଆପଣଙ୍କର ଫଟୋ ସାମନାରେ ପ୍ରଣାମ କରିଥା'ନ୍ତି ଏବଂ ମୁଁ ସେମିତି ଶହେ ଥର ପ୍ରଣାମ କରିବାକୁ ପ୍ରସ୍ତୁତ । ଆପଣ ଉତ୍ତର ଦେଲେ ଯେ ଏହା ନିର୍ଭର କରେ କିପରି ଜଣେ ପ୍ରଣାମ କରୁଛି । ମୋର ଧାରଣା ଆପଣଙ୍କର ଏହି କଥାଟି ଉପରେ ତା' ନିର୍ଭର କରେ ନାହିଁ । ଯଦିଓ ତା'ରି ଉପରେ ଏହା ନିର୍ଭର କରୁଥାଏ, ତେବେ ମୋର ମନେହୁଏ ନାହିଁ ଯେ ନିଶିକାନ୍ତ ତାହା ଜାଣିଛନ୍ତି । କିଂବା ଏହା କ'ଣ ତାଙ୍କର ପୂର୍ବଜନ୍ମର ସୁକୃତିରୁ ଅର୍ଜନ କରିଛନ୍ତି ?

**ଶ୍ରୀଅରବିନ୍ଦ :** ଆଚ୍ଛା, ତେବେ କହୁଛି – ଏକ ବିଶ୍ୱାସଯୋଗ୍ୟ ଅନ୍ତର୍ନିହିତ ପ୍ରବଣତା ବା ସାମର୍ଥ୍ୟ ରହିଛି ଯଦ୍ଦ୍ୱାରା ନିଜକୁ ସମ୍ପୂର୍ଣ୍ଣ ରୂପେ ବିଲୋପ ବା ଶୂନ୍ୟ କରିଦେଇ ବିଶ୍ୱଗତ ଦିବ୍ୟଶକ୍ତିକୁ ନିଜ ମଧ୍ୟରେ ଅବାଧରେ ପ୍ରବାହିତ ହେବାକୁ ଛାଡ଼ିଦେବା; ଅର୍ଥାତ୍ ସେହି ଶକ୍ତି ପ୍ରତି ସର୍ବାନ୍ତଃକରଣରେ ଉନ୍ମୁକ୍ତ ରହିବା – ଏହି ମନୋଭାବରେ ହିଁ ପ୍ରାର୍ଥନା ନିବେଦନ କରିବା ଆବଶ୍ୟକ ଅଥବା ଏହା ହିଁ ପ୍ରଣତି ଜଣାଇବାର ଅନ୍ତର୍ନିହିତ ଅର୍ଥ । ବିଭିନ୍ନ ଉପାୟରେ ଏହି ଗୁଣଟିକୁ ଅର୍ଜନ କରାଯାଇପାରେ, କିନ୍ତୁ ସ୍ୱଧର୍ମ ଅନୁସାରେ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ଏଥିରେ କୃତକାର୍ଯ୍ୟ ହେବା ସକାଶେ ନିଜର ସାମର୍ଥ୍ୟ ବା ଆନ୍ତରିକ ପ୍ରଚେଷ୍ଟା ବା ଅଧ୍ୟବସାୟ ମଧ୍ୟ ରହିଥିବା ଉଚିତ ।

(୧୧ ଡିସେମ୍ବର ୧୯୩୫) (ତତ୍ରୈବ : ପୃ. ୪୫୮)

**ନୀରଦ :** ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ଯଦି ସମ୍ଭବ ହୁଏ ତେବେ ନିଶିକାନ୍ତଙ୍କ ସଦୃଶ ବିସ୍ମୟକର ଓ ଅସାଧାରଣ (prodigious and unusual) କବିଙ୍କୁ ପ୍ରସ୍ତୁତ କରିହୁଏ କି ?*

**ଶ୍ରୀଅରବିନ୍ଦ :** ଏଠାକୁ ଆସିବା ପୂର୍ବରୁ ନିଶିକାନ୍ତ ଜଣେ ବିସ୍ମୟକର ଓ ଅସାଧାରଣ କବି ଥିଲେ କି ? ମନେ ହେଉଛି ତା'ର ସାମ୍ପ୍ରତିକ ଅଗ୍ରଗତିରେ ତୁମେ ଅସମୀଚୀନ ଭାବରେ ଅବିରତ ମନରେ ଘାଣ୍ଟି ହେଉଛ ଏବଂ ସତ ବୋଲି ଗ୍ରହଣ କରି ନେଇଛ ଯେ ତା'ର ଏହି ଗୁଣଟି ସର୍ବଦା ରହିଥିଲା ଏବଂ ସେ ନିଜେ ପ୍ରଥମରୁ ହିଁ ତା'ର ବ୍ୟକ୍ତିଗତ ପ୍ରଚେଷ୍ଟା ଫଳରେ ଏମିତି ହୋଇପାରିଛି ।

(ତତ୍ରୈବ : ପୃ. ୬୧୨)

**ନୀରଦ :** ଇଂରାଜୀ କବିତା ରଚନା କରିବାର ପରିସର ଭିତରେ ପ୍ରାଚ୍ୟ ଦେଶୀୟ କବିଙ୍କର ସଫଳତା ସମ୍ବନ୍ଧରେ ମୋର ଘୋର ସନ୍ଦେହ ରହିଛି । ଆମମାନଙ୍କ ପକ୍ଷରେ ଇଂରାଜୀ ଭାଷାର ଦୁର୍ବୋଧ ଚାରୁକଳାପୂର୍ଣ୍ଣ ସୂକ୍ଷ୍ମତା ଭିତରେ ଅନୁପ୍ରବେଶ କରିବା ବେଶ୍ କଷ୍ଟସାଧ୍ୟ; ପୁନଶ୍ଚ ଆମର ପ୍ରାଚ୍ୟ ଦେଶୀୟ ସ୍ୱଭାବ, ସ୍ୱଧର୍ମ ବା ପ୍ରବୃତ୍ତି ମଧ୍ୟ ପାଶ୍ଚାତ୍ୟବାସୀଙ୍କ ପକ୍ଷରେ ଅନାକର୍ଷକ ।

**ଶ୍ରୀଅରବିନ୍ଦ :** ତୁମେ ଯାହା ଉଲ୍ଲେଖ କରିଛ ନିଃସନ୍ଦେହରେ ଯଥାର୍ଥ, କିନ୍ତୁ ଅନ୍ୟ ପକ୍ଷରେ ଏହା ସମ୍ଭବ ଯେ ଭବିଷ୍ୟତରେ ମନନ ଶକ୍ତି ବା ଧୀଶକ୍ତି ଅଧୁନାତନର ପାର୍ଥକ୍ୟ ଅପେକ୍ଷା ଅଧିକ ଆନ୍ତର୍ଜାତିକ ହୋଇଉଠିବ । ସେ କ୍ଷେତ୍ରରେ ଇଂରାଜୀ କବିତା ରଚନାରେ ବିଭିନ୍ନ ସ୍ୱଭାବ ବା ମନୋଭାବକୁ ବ୍ୟକ୍ତ କରିବା ବା ପ୍ରକାଶ କରିବାର ଏକ ସମ୍ଭାବନା ରହିଥିବ ।

(ତତ୍ରୈବ : ପୃ. ୪୫୬)

---

* ନିଶିକାନ୍ତଙ୍କର କବିତା ରଚନା କରିବାର ପ୍ରାରମ୍ଭିକ ଅବସ୍ଥା ସମ୍ବନ୍ଧେ କହିବାକୁ ଯାଇ ଅଧ୍ୟାପିକା ରାତ୍ରି ରାୟ ଉଲ୍ଲେଖ କରିଛନ୍ତି : ''(ମୁଖ୍ୟତଃ ଶାନ୍ତିନିକେତନରେ ଥିବା ବେଳେ) ନିଶିକାନ୍ତ ଯାହାକିଛି ରଚନା କରିଥିଲେ ପ୍ରାୟ ସବୁକିଛିକୁ ସେ ପୋଡ଼ି ଦେଇଥିଲେ; ସେଇଥି ପାଇଁ ତାଙ୍କର ପ୍ରାକ୍-ପଣ୍ଡିଚେରୀ ରଚନା ଏବେ ଅତି ଦୁର୍ଲଭ; କେବଳ କେତୋଟି ରଚନା (ସେସବୁକୁ ନଳିନୀକାନ୍ତ 'ଖଣ୍ଡ-କବିତା' ଆଖ୍ୟା ଦେଇଛନ୍ତି) ମିଳିଛି ମାତ୍ର । କବି ନିଜେ ଏସବୁକୁ 'ଟୁକରି' ନାମ ଦେଇଥିଲେ । ଏଇ ଭାବରେ ମାତ୍ର ୩୯ଟି ଖଣ୍ଡ-କବିତା ପ୍ରକାଶିତ ହୋଇଛି ।... ସତ କଥା କହିବାକୁ ଗଲେ ଏସବୁ କବିଙ୍କର ଯୁବକୃତି (juvenilia) ହିସାବରେ ଧର୍ତ୍ତବ୍ୟ । ଯଦିଓ କବିତା ହିସାବରେ ଏସବୁର ଗୁରୁତ୍ୱ ଯଥେଷ୍ଟ ରହିଛି, ତଥାପି ଏସବୁରେ ତାଙ୍କର ପରବର୍ତ୍ତୀ ବା ପ୍ରକୃତ ସ୍ୱରୂପ ଅଦୃଶ୍ୟ, ତାଙ୍କର କବି ଚକ୍ଷୁ ତଥାପି ନିମୀଳିତ ।'' ('ମର୍ମବିହଙ୍ଗ' କାବ୍ୟ ସଂକଳନର 'ପ୍ରସ୍ତାବନା' ଦ୍ରଷ୍ଟବ୍ୟ)

**ନୀରଦ :** ଆପଣଙ୍କ ପାଖକୁ ନିଶିକାନ୍ତଙ୍କର ଆଉ ଗୋଟିଏ ଇଂରାଜୀ କବିତା ପଠାଇଲି । ମନେହୁଏ ଏହା ଏକ ଅତ୍ୟନ୍ତ ଚିତ୍ତାକର୍ଷକ କବିତା । ଯଦି ଏହା ଅଧିକ ଭଲ ଭାବରେ ଲେଖାଯାଇ ପାରନ୍ତା ତେବେ ନିଶ୍ଚିତ ରୂପେ ଅତ୍ୟନ୍ତ ମନୋହର ଓ ସୃଜନଶୀଳ ହୋଇଉଠନ୍ତା ।

**ଶ୍ରୀଅରବିନ୍ଦ :** ଏହା ପ୍ରକୃତରେ ଏକ ସୁନ୍ଦର କବିତା, ସୃଷ୍ଟି କରିବାର ମୂଳ ଉପାଦାନ । ନିଶିକାନ୍ତର ସୃଜନ ବା କଳ୍ପନା ଶକ୍ତିରେ ଲାବଣ୍ୟ ବା ସୌନ୍ଦର୍ଯ୍ୟ ରହିଛି, ଭାଷା ମଧ୍ୟ ରହିଛି, କିନ୍ତୁ ତା'ର ଏବେ ବି ଇଂରାଜୀ ଭାଷାକୁ ସୁନ୍ଦର ରୂପ ଦେବାରେ ଜ୍ଞାନର ଅଭାବ ରହିଛି ଯାହାକି କବିତାଟିର ସୌନ୍ଦର୍ଯ୍ୟକୁ ଅଧିକ ମନଲାଖି କରିପାରନ୍ତା । ମୁଁ ଗୋଟିଏ ଘଣ୍ଟା ସମୟ ଦେଇ ସେଇଟିକୁ ଯେତେଟା ଦୋଷଶୂନ୍ୟ କରାଯାଇପାରେ କରିଛି – କିନ୍ତୁ ଏତିକି ଯଥେଷ୍ଟ ନୁହେଁ । ଏହା ଆହୁରି ଅଧିକ ଉତ୍କୃଷ୍ଟ ହୋଇ ପାରିବ ।

(ତତ୍ରୈବ : ପୃ. ୪୬୫)

ଏପ୍ରିଲ, ୧୯୪୬ରେ ନିଶିକାନ୍ତଙ୍କର ଇଂରାଜୀ କାବ୍ୟଗ୍ରନ୍ଥ 'Dream Cadences' ପ୍ରକାଶ ପାଇଲା । ପ୍ରକାଶକ : ଆଶ୍ରମର ବରେଣ୍ୟ ସ୍ୱଳ୍ପଭାଷୀ ମେଧାବୀ ସାଧକ ଶ୍ରୀଯୁକ୍ତ କିଶୋର ଗାନ୍ଧି; ମୁଦ୍ରକ : ଶ୍ରୀଅରବିନ୍ଦ ଆଶ୍ରମ ପ୍ରେସ । ଏହି ଗ୍ରନ୍ଥଟିରେ ସମୁଦାୟ ୪୦ଟି କବିତା ସଙ୍କଳିତ ହୋଇଛି । ପ୍ରଥମ କବିତାଟି ନିଶିକାନ୍ତଙ୍କର ମୂଳ ବଙ୍ଗଳା କବିତା 'ରାଜା ଆର୍ କାଙ୍ଗାଲ୍'ର ଇଂରାଜୀ ଭାଷାନ୍ତର କରିଛନ୍ତି ସ୍ୱୟଂ ଶ୍ରୀଅରବିନ୍ଦ । ଚାରୋଟି ସ୍ତବକ ଥିବା ଏହି କବିତାର ଶେଷ ସ୍ତବକଟି ଏହିପରି :

''My sleeping room is His wide world,
Plant and stars for bulb and lamp,
The King of kings who beggared me,
Walks by my side, a comrade tramp.''

ପୁନଶ୍ଚ ଏହି ଗ୍ରନ୍ଥଟିରେ ସଂକଳିତ ହୋଇଛି ନିଶିକାନ୍ତଙ୍କର ୧୮ଟି ମୂଳ ବଙ୍ଗଳା କବିତା । ଏହାର ଇଂରାଜୀ ଅନୁବାଦ କରିଛନ୍ତି ଅନ୍ତରଙ୍ଗ ସୁହୃଦ୍ ଦିଲୀପ କୁମାର ରାୟ । ପରିଶେଷରେ ଏଥିରେ ସନ୍ନିବେଶିତ ହୋଇଛି ନିଶିକାନ୍ତଙ୍କର ୨୧ଟି ମୂଳ ଇଂରାଜୀ କବିତା । କିଶୋର ଗାନ୍ଧିଙ୍କୁ ନିଜର କବିତା ରଚନା ସମ୍ବନ୍ଧେ ଅନନୁକରଣୀୟ ଭଙ୍ଗୀରେ ବ୍ୟକ୍ତ କରିଛନ୍ତି ସ୍ୱୟଂ ନିଶିକାନ୍ତ :

''Inspirations come
From a God-white source –
And my heart-beats drum
To their wide-open force :''

କିଶୋର ଗାନ୍ଧି ଗ୍ରନ୍ଥଟିର 'ମୁଖବନ୍ଧ'ରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଉଲ୍ଲେଖ କରିବାକୁ ଯାଇ ପ୍ରକାଶ କରିଛନ୍ତି : ''ଏହି ଗ୍ରନ୍ଥଟିରେ ଶ୍ରୀଅରବିନ୍ଦ ନିଶିକାନ୍ତଙ୍କର ବଙ୍ଗଳା କବିତାଟିଏ ସ୍ୱୟଂ ଅନୁବାଦ କରିବା ସଙ୍ଗେ ସଙ୍ଗେ ଅନ୍ୟ ସବୁ କବିତାକୁ, ବିଶେଷ କରି ସେସବୁର ଭାଷା ଓ ରଚନା-ଶୈଳୀକୁ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା-ନିରୀକ୍ଷା କରିଛନ୍ତି । ଅଧିକନ୍ତୁ କବି ନିଶିକାନ୍ତଙ୍କ ସକାଶେ ସର୍ବଦା ସୃଜନଶୀଳ ଭାବନା ଓ ପ୍ରେରଣା ତଥା ତୀବ୍ର ଉତ୍ସାହ-ଉଦ୍ଦୀପନାର ଶ୍ରୀଅରବିନ୍ଦ ହେଉଛନ୍ତି ଏକ ଅବିରତ ନିର୍ଭରଶୀଳ ଉତ୍ସ । ତାଙ୍କୁ କୃତାଞ୍ଜଳିପୁଟରେ ଧନ୍ୟବାଦ ଅର୍ପଣ କରି ଯେଉଁ ସନ୍ତୋଷଜନକ ଆତ୍ମତୃପ୍ତି ଲାଭ କରିହୁଏ ତାହା ଭାଷାରେ ବ୍ୟକ୍ତ କରିବା ଅସମ୍ଭବ ।...''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

କାମଟି ପାଇଁ ତୁମକୁ ବ୍ୟବହାର କରିବାକୁ ଦିବ୍ୟଶକ୍ତି ନିମନ୍ତେ ଅଭୀପ୍ସା କର, କାମଟି କରିବା ବେଳେ ମା'ଙ୍କ ସଙ୍ଗେ ଆନ୍ତର ସଂଯୋଗ ରକ୍ଷା କରି ଚାଲ, ଏବଂ ନିଜର କୌଣସି ବ୍ୟକ୍ତିଗତ ଯଶଖ୍ୟାତି ବା ଅନ୍ୟମାନଙ୍କ ପ୍ରଶଂସା ଓ ନିନ୍ଦା ପ୍ରତି ଦୃଷ୍ଟି ନ ଦେଇ କେବଳ ଲକ୍ଷ୍ୟ ରଖ ତୁମେ ଯେପରି ନିଖୁଣ ସୌନ୍ଦର୍ଯ୍ୟର ପ୍ରକାଶ ଦିଗରେ ଏକ ଯନ୍ତ୍ର ହୋଇ ଉଠିବ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ କଥାକୁହା ସମାଧି୍

## (ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ)

## ନିର୍ମଳ ଚନ୍ଦ୍ର ସାହୁ

### ସରଳ ବିଶ୍ୱାସ

ଅରୁଣ ଗାଙ୍ଗୁଲିଙ୍କ ମାଆ ବେଶ୍ ପୀଡ଼ିତ ଥିଲେ । ରାତିରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭୋର ୨.୩୦ରେ ଗାଙ୍ଗୁଲି ବୁଲାଙ୍କ ଝରକାରେ ଠକ୍ ଠକ୍ ଶବ୍ଦ କଲେ ଏବଂ ଖୁବ୍ କାକୁତିମିନତି ସହ ତାଙ୍କ ମାଙ୍କର ଅବସ୍ଥା ଶ୍ରୀମାଙ୍କୁ ଜଣାଇବାକୁ ଅନୁରୋଧ କଲେ । ବୁଲା ଏକ ବିଷମ ଅବସ୍ଥାରେ ପଡ଼ିଲେ । ଗାଙ୍ଗୁଲିଙ୍କ ଐକାନ୍ତିକ ଅନୁରୋଧ ହେତୁ ସେ କହିଲେ, ‘‘ଯାହା ସମ୍ଭବ ଅବଶ୍ୟ ମୁଁ କରିବି ।’’

ମା’ଙ୍କ କୋଠରିରେ ଆଲୁଅ ଲିଭିଯିବା ପରେହିଁ ବୁଲା ଶୋଇବାକୁ ଯାଆନ୍ତି । ସେଦିନ ରାତିରେ ଅଳ୍ପ ସମୟ ପୂର୍ବରୁ ଗୃହର ଆଲୁଅ ଲିଭି ଯାଇଥିବାର ସେ ଦେଖିଥିଲେ, ତେଣୁ ମା’ଙ୍କୁ ବିରକ୍ତ କରିବାକୁ ଚାହିଁଲେ ନାହିଁ । ତାଙ୍କର ସରଳ ବିଶ୍ୱାସ ଥିଲା ଯେ ଜଣେ ଯାହାକିଛି ସମାଧିରେ ଜଣାଇବ ଶ୍ରୀମା ଅବଶ୍ୟ ତାହା ଜାଣି ପାରିବେ । ତେଣୁ ସମାଧି୍ ଯାଇ ବୁଲା ପ୍ରାର୍ଥନା କଲେ ଏବଂ ଯାହା ଜଣାଇବା କଥା ଜଣାଇଲେ ଏବଂ ଅପେକ୍ଷା କରୁଥିବା ଗାଙ୍ଗୁଲିଙ୍କୁ କହିଲେ, ‘‘ମୁଁ ମା’ଙ୍କୁ ଜଣାଇ ଦେଇଛି ।’’

ପ୍ରାୟ ଭୋର ୪ଟା ବେଳେ ଆଶ୍ରମର ମୁଖ୍ୟ ଫାଟକ ଖୋଲା ହେବା ମାତ୍ରେ ଗାଙ୍ଗୁଲିଙ୍କ ପରିବାରରୁ କେହି ଜଣେ ଦ୍ରୁତ ଗତିରେ ମା’ଙ୍କ କୋଠରିକୁ ଯାଇ ମା’ଙ୍କ ସେବକଙ୍କ ମାଧ୍ୟମରେ ପୀଡ଼ିତାଙ୍କ ଅବସ୍ଥା ବିଷୟରେ ମା’ଙ୍କୁ ଜଣାଇଲେ । ମା କହିଲେ, ‘‘ହଁ, ମୁଁ ଜାଣିଛି । ବୁଲା ମୋତେ ଏକଥା କହିଥିଲା ।’’

[Ref : Vignettes of Sri Aurobindo and the Mother, 1st Edition 1989, by Shyam Kumari, P. 165]

### ମା କାଳୀଙ୍କ ଦର୍ଶନ

ଏଶାଦିଦିଙ୍କ ଅନୁଭୂତିରୁ : କିଛିଦିନ ପୂର୍ବେ ସମାଧି୍ ପ୍ରଣାମ ସମୟରେ ମୋର ବେଶ୍ କେତୋଟି ଚିତ୍ତାକର୍ଷକ ସୂକ୍ଷ୍ମ ଦର୍ଶନ ହୋଇଥିଲା । ମୋ ପାଇଁ ସମାଧି୍ ଏକ ଜୀବନ୍ତ ପୀଠ ଏବଂ ମୋତେ କୁହାଯାଇଥିଲା ଯେ କୌଣସି ଦିନ ପ୍ରଣାମ ଯେମିତି ବାଦ୍ ଦିଆ ନ ଯାଏ । ସତେ ଯେମିତି ଗୁରୁ ମୋତେ ଅପେକ୍ଷା କରି ରହିଥା’ନ୍ତି ଏବଂ ଆମର କଥାବାର୍ତ୍ତା ଚାଲେ । ପ୍ରଣାମ ସାରି ଭରପୂର ଶାନ୍ତି ଓ ଆନନ୍ଦରେ ମୁଁ ଘରକୁ ଫେରେ ।

ଅଭ୍ୟାସବଶତଃ ଦିନେ ମୁଁ ସମାଧି୍ ପ୍ରଣାମ ନିମନ୍ତେ ଯାଇଥିଲି । ହଠାତ୍ ଦେଖିଲି ସମାଧି୍ ଏକେବାରେ ଜ୍ୟୋତିର୍ମୟ ଆଲୋକରେ ଦୀପ୍ତ । ଆଲୋକର ପଲଙ୍କରେ ଶ୍ରୀଅରବିନ୍ଦ ଶୋଇଛନ୍ତି ସମାଧିସ୍ଥ ହୋଇ । ତାଙ୍କ ଶରୀର ଆଲୋକରେ ଉଜ୍ଜ୍ୱଳ ଦେଖାଯାଉଥିଲା । ତାଙ୍କ ପାଖରେ ସ୍ୱୟଂ କାଳୀ ଦଣ୍ଡାୟମାନା ହୋଇଥିଲେ । ସେ ଦେଖିବାକୁ ଖର୍ବକାୟା, ଶ୍ୟାମଳ ବର୍ଣ୍ଣା । କିନ୍ତୁ ଦେଖାଯାଉଥିଲେ ଆଭାଯୁକ୍ତ, ଏପରିକି ତାଙ୍କର କୃଷ୍ଣବର୍ଣ୍ଣ ଶରୀର ଉଜ୍ଜ୍ୱଳ ଦେଖାଯାଉଥିଲା । ଏହା ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଥିଲା । ପ୍ରଥମଥର ପାଇଁ ମୁଁ ତାଙ୍କର ଦର୍ଶନ ପାଇଲି । ଯେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇଲି ତାଙ୍କ ପାଖକୁ ଦଉଡ଼ି ଯାଇ ସ୍ପର୍ଶ କରିବାକୁ ଉଦ୍ୟମ କରିବା ସମୟରେ କାଳୀ ମୂର୍ତ୍ତିଟି ହାତ ବଢ଼ାଇ ଦୃଢ଼ କଣ୍ଠରେ କହିଲେ, ‘‘ଖବରଦାର, ସ୍ପର୍ଶ କରନା ।’’ ମୁଁ ତତ୍କ୍ଷଣାତ୍ ଅଟକି ଗଲି ।

କିଛିଦିନ ପରେ, ଦର୍ଶନଟିର ପୁଣି ପୁନରାବୃତ୍ତି ହେଲା । ଏଥର କାଳୀମୂର୍ତ୍ତିଟି ଉଚ୍ଚତାରେ ଟିକେ ଅଧିକ ଦେଖାଯାଉଥିଲେ କିନ୍ତୁ ଶକ୍ତିରେ ଭରପୂର ଥିଲେ । ଏଥର କିନ୍ତୁ ଦେଖାଯାଉଥିଲେ ଅପୂର୍ବ ସୁନ୍ଦର ଓ ଜ୍ୟୋତିର୍ମୟ । କଳା ରଙ୍ଗ ଅଥଚ ଏମିତି ସୁନ୍ଦର ମୂର୍ତ୍ତି ମୁଁ ପୂର୍ବେ କେବେ ବି ଦେଖି୍ ନ ଥିଲି । ପ୍ରଥମ ଦର୍ଶନର କାଳୀମୂର୍ତ୍ତି ଅପେକ୍ଷା ଅଧିକ ଲମ୍ବା, ଅପୂର୍ବ ଭଙ୍ଗୀରେ ଦଣ୍ଡାୟମାନା – ସତେ ଯେମିତି ସାକ୍ଷାତ୍ ଦିବ୍ୟଜନନୀଙ୍କ କାଳୀ ରୂପ । ସେ ମୋତେ ହଠାତ୍ କର୍କଶ କଣ୍ଠରେ କହିଲେ, “Without my grace you can not meet your Guru.” – ‘‘ମୋର କୃପା ବ୍ୟତୀତ ତୁମେ ତୁମ ଗୁରୁଙ୍କ ଦର୍ଶନ ପାଇବ ନାହିଁ ।’’

ମୁଁ ଘରକୁ ଫେରି ଶ୍ରୀଅରବିନ୍ଦଙ୍କୁ ମୋର ଅନୁଭୂତିର କଥା କହିଲି । ଅନୁଭୂତିଟି ଶୁଣି ମନେ ହେଲା ସେ ବେଶ୍ ଖୁସୀ

ଏବଂ କହିଲେ : ଏହା ସତ୍ୟ ଯେ ତାଙ୍କ (ମା'ଙ୍କ) କୃପା ବ୍ୟତୀତ ମୋତେ କେହି ଦର୍ଶନ କରି ପାରିବେ ନାହିଁ, ଯେମିତି ରାଧାଙ୍କ କୃପା ବ୍ୟତୀତ କେହି କୃଷ୍ଣଙ୍କୁ ପାଇ ପାରିବେ ନାହିଁ ।

[Ref : An Extra Ordinary Girl, P. 170-171]

## ସମାଧି ପରିବେଶରେ ଧ୍ୟାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ

କୌଣସି ଏକ ଦର୍ଶନ ଦିବସରେ, ସମାଧି ପରିବେଶରେ ସକାଳ ୧୦ଟାରେ ଧ୍ୟାନ କରିବାକୁ ଇଚ୍ଛା କଲି ନାହିଁ । ଗୁରୁ କିନ୍ତୁ ସ୍ୱଷ୍ଟ ଭାବେ କହିଲେ, ''ନା, ଧ୍ୟାନ ପାଇଁ ତୁମକୁ ନିଶ୍ଚୟ ଯିବା ଦରକାର । ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ।''

ଆଉ ଦିନେ ମୁଁ ତାଙ୍କୁ ପଚାରିଲି, ''କେମିତି ନିଶ୍ଚିତ ହେବି ଯେ ମୁଁ ତୁମ କଣ୍ଠସ୍ୱର ଶୁଣୁଛି ?''

ସେ ଉତ୍ତର ଦେଲେ, ''ଶାନ୍ତ ରୁହ, ମନକୁ ସମସ୍ତ କାମନାବାସନାରୁ ମୁକ୍ତ କର । ତା'ହେଲେ ତୁମେ ଶୁଣିବାକୁ ପାଇବ ପ୍ରକୃତ ସତ୍ୟର କଣ୍ଠସ୍ୱର । ଏହି ସର୍ତ୍ତ ସମସ୍ତଙ୍କୁ ପାଳନ କରିବାକୁ ପଡ଼ିବ । କାମନାବାସନାହିଁ ଉତ୍ତରଟିକୁ ବିକୃତ କରି ଦିଏ ।

[Ref : Ibid, P. 170]

## ସମାଧି ପାଖରେ ବସି ଏପରି ଭାବେ ଚିନ୍ତା କରୁଛ ?

ଏଣାଦିଦି ସମାଧି ପାଖରେ ବସି ଗୁରୁଙ୍କୁ ତାଙ୍କ ଶରୀରଗତ ଓ ତାଙ୍କ ମାଙ୍କର ବସ୍ତୁଗତ ସାମାନ୍ୟ ଅସୁବିଧାର କଥା ତିଳକୁ ତାଳ କରି, ବିଚଳିତ ହୋଇ ଜଣାଉଥିଲେ । ଏହା ତାଙ୍କ ସହଜାତ ଦୁର୍ବଳତା ଥିଲା ।

ଦିନେ ଏହି ସହଜାତ ଦୁର୍ବଳତାକୁ ଦୂର କରିବା ପାଇଁ ପ୍ରାର୍ଥନା କଲାରୁ ଗୁରୁ କହିଲେ, ''ନା, ମୁଁ ତାହା କରି ପାରିବି ନାହିଁ । ଏଥିପାଇଁ ତୁମର ବ୍ୟକ୍ତିଗତ ଉଦ୍ୟମ ଲୋଡ଼ା ।''

ପରେ ନୀରୋଦଦା'ଙ୍କୁ ପଚାରିଲି, ''କାହିଁକି ଗୁରୁ ଏମିତି କହିଲେ ?''

ଉତ୍ତରରେ ନୀରୋଦଦା' କହିଲେ, ''ଏହା ତ ସାଧାରଣ କଥା । ବ୍ୟକ୍ତିଗତ ଭାବେ ଆମକୁ ତ କିଛି କରିବାକୁ ପଡ଼ିବ । ଭଗବାନ୍ ଯଦି ସବୁକିଛି କରି ଦିଅନ୍ତି ତା'ହେଲେ ସାଧନାର ଆବଶ୍ୟକତା କ'ଣ ?''

କିଛିଦିନ ପରେ ଗୁରୁଙ୍କୁ କହିଲି, ''ଧ୍ୟାନରେ ମନ ଲାଗେ ନାହିଁ, ସେଥିପାଇଁ ନାମଜପ କରେ । କେମିତି ଧ୍ୟାନ କରିବାକୁ ହୁଏ ଦେଖାଇ ଦିଅନ୍ତୁ ।''

ସେ ଧ୍ୟାନର ଭଙ୍ଗୀକରି ଦେଖାଇଲେ – ଦୁଇ ହାତରେ ବୁଢ଼ା ଆଙ୍ଗୁଳି ଓ ତର୍ଜନୀ ଯୋଗ କରି ଜପ କରିବ, ''କୃଷ୍ଣ କେଶବ ପାହି ମାମ, ଶ୍ରୀମାଶ୍ରୀଅରବିନ୍ଦ ତ୍ରାହି ମାମ'' । ମନ୍ତ୍ରଟିକୁ ପରିଷ୍କାର ଭାବେ ଶୁଣିଲି ।

ଯେତେବେଳେ ଗୁରୁଙ୍କୁ ଦେଖିବାକୁ ପାଏ ନାହିଁ, ନାଲିଶ କରେ । ସେ କହିଲେ, ମୁଁ ତୁମ ଭିତରେ ଅଛି । ଯେତେବେଳେ ଛୋଟ ବୟସରେ ଆସିଥିଲ, ସେହିପରି ଛୋଟ ହୋଇଯାଅ; ତା'ହେଲେ ମୋତେ ଦେଖିବାକୁ ପାଇବ ।''

... ସନ୍ଧ୍ୟାବେଳେ ଦିନେ ନୀରୋଦଦା'ଙ୍କୁ କହିଥିବା ଅନେକ କଥା ବିଷୟରେ ଭାବୁଛି । ସାହାନା ମାଉସୀ କହନ୍ତି ଅନେକେ Intermediate Zoneକୁ ଯାଇ ନାନା ପ୍ରକାର ଭୁଲ୍ କଥା ଶୁଣନ୍ତି । ଯେହେତୁ ଗୁରୁ ନାହାନ୍ତି, ତେଣୁ ସେ କଥାର ସତ୍ୟତା ଜଣାଯାଏନି ।

ତା'ପରେ ହଠାତ୍ ଗୁରୁଙ୍କ କଣ୍ଠସ୍ୱର ଶୁଣିଲି ।

ସେ କହିଲେ, ''ଛି ଛି ସମାଧି ପାଖରେ ବସିଛ ଆଉ ମୁଁ ତୁମକୁ ସବୁ ଭୁଲ୍ ଶୁଣାଉଛି । ଏହା ବିଶ୍ୱାସ କରୁଛ ?''

''ପ୍ରଭୁ, ତୁମେ ଯଦି ଜୀବନ୍ତ ଥାଆନ୍ତ ଏ ପ୍ରଶ୍ନ ଉଠନ୍ତା ନାହିଁ । ଲୋକେ ମଧ୍ୟ ଏହାକୁ ବିଶ୍ୱାସ କରନ୍ତେ ।''

''ସେଥିରେ କିଛି ଯାଏ ଆସେ ନାହିଁ । ମୁଁ ଶରୀରରେ ଥିଲେ ଯେଉଁ କାର୍ଯ୍ୟ ହୁଅନ୍ତା, ବର୍ତ୍ତମାନ ମଧ୍ୟ ତାହା ହେଉଛି ।''

''କିନ୍ତୁ ଲୋକେ ତ ବିଶ୍ୱାସ କରିବେ ନାହିଁ –''

''ଲୋକଙ୍କ ବିଶ୍ୱାସ ପାଇଁ ନୁହେଁ, ତୁମ ବିଶ୍ୱାସ ପାଇଁ ମୁଁ କହୁଛି ।''

''ମୁଁ ବୁଝିପାରୁଛି ପ୍ରଭୁ, କିନ୍ତୁ ମୁଁ ଅକିଞ୍ଚନ । ତୁମ କଥା ଲେଖିବି ସେ କ୍ଷମତା ମୋର କାହିଁ ?''

''ତୁମର ଦୀନତାର ଅହଂକାର ହୋଇଛି । ସାବଧାନ ।''...

[Ref : Ibid, P. 118

## ତା'ର ସବୁକିଛି ମଙ୍ଗଳ ହେଉଛି

ଏଣାଦି'ଙ୍କ ନିଜସ୍ୱ ଅନୁଭୂତିରୁ କିଛି :

ଥରେ ଏଣାଦିଦି ନିଜ ହାତରେ ରୋଷେଇ କରି ଖାଉଥିଲେ (୧୯୯୯ ମସିହାରେ) । ଦିନେ ଚୋର ପଶି

ରୋଷେଇଶାଳରୁ ତାଙ୍କ ପ୍ରେସର୍ କୁକର୍, କଡ଼େଇ, ଚାମୁଚ ଇତ୍ୟାଦି ଚୋରି କରି ନେଇଗଲା । ସନ୍ଧ୍ୟାରେ ତାଙ୍କ ଘରେ ପହଞ୍ଚି ଲକ୍ଷ୍ୟ କଲି ଏଣାଦିଦି ଏକେବାରେ କ୍ଷୁବ୍ଧ... କହିଲେ, ''ନିର୍ମଳ ଭାଇ ମୁଁ କିପରି ବଞ୍ଚିବି ? ଚୋର ମୋର ସମସ୍ତ ରୋଷେଇ ସାମଗ୍ରୀ ନେଇ ଯାଇଛି ।'' ମୁଁ ପ୍ରତିଶ୍ରୁତି ଦେଇ କହିଲି : ''ଯେତେଦିନ ପର୍ଯ୍ୟନ୍ତ ରୋଷେଇ ସାମଗ୍ରୀ ଯୋଗାଡ଼ ନ ହୋଇଛି, ଆମ ଘରୁ ରୋଷେଇ କରା ଖାଦ୍ୟ ଆସିବ ।'' ପ୍ରତିଶ୍ରୁତିଟି ବିଶେଷ କାମ କଲା ନାହିଁ... । ତା' ପରଦିନ ସକାଳେ ରୋଷେଇ ସାମଗ୍ରୀ ସବୁ କିଣି ଏଣାଦିଦିଙ୍କ ପାଖକୁ ଗଲି ଓ ତାଙ୍କୁ ଶାନ୍ତ କଲି... ।

ପ୍ରାୟ ଏ ଘଟଣାର ଦୁଇ, ତିନି ଦିନ ପରେ ଏଣାଦିଦି ସମାଧି ପ୍ରଣାମ ପରେ ଘରକୁ ଫେରିଥା'ନ୍ତି । ମୁଁ ତାଙ୍କ ଘରେ ହାଜର ହେଲାରୁ ଏଣାଦିଦି କହିଲେ, ''ନିର୍ମଳ ଭାଇ ! ଆଜି ମୁଁ ବେଶ୍ ଖୁସୀ । ସମାଧି ପ୍ରଣାମ ସମୟରେ ମୁଁ ଗୁରୁଙ୍କୁ କହିଲି, ''ପ୍ରଭୁ ! ନିର୍ମଳ ଭାଇ ମୋ ପାଇଁ କେତେ କରୁଛନ୍ତି, ମୁଁ ତାଙ୍କ ପାଇଁ କିଛି କରି ପାରୁନି । ମୋ ତରଫରୁ ତୁମେ ତାଙ୍କର ମଙ୍ଗଳ କର ।''

ସମାଧି ପୀଠରୁ ଗୁରୁ କହିଲେ, ''ତା'ର ତ ସବୁ ମଙ୍ଗଳ ହେଉଛି ।''

## ସମାଧି କାଛରେ ସ୍ୱର୍ଣ୍ଣାଭ ଚଳନ୍ତା ଲେଖା – ଏକ ଅନୁଭୂତି

୧୯୯୯ ମସିହା ଶେଷ ଆଡ଼କୁ କୌଣସି ଏକ ଦିନରେ ଏଣାଦିଦିଙ୍କ ସହ ଭଗବତ୍ ଆଳାପ କରୁଥିଲା ବେଳେ ଏଣାଦିଦି ଗୁରୁଙ୍କ ପାଖରୁ ଶୁଣିଥିବା କଥାଟିଏ କହିଲେ : ''କାମ, ଅର୍ଥ, ଧର୍ମ ଓ ମୁକ୍ତି ତାଙ୍କ ଭକ୍ତଙ୍କୁ ମହାଶିବ ପ୍ରଦାନ କରିଥା'ନ୍ତି ।'' କିଏ ଏହି ମହାଶିବ ମୋର କୌଣସି ଧାରଣା ନାହିଁ । ନିର୍ମଳ ଭାଇ ଆପଣ ଏ ବିଷୟରେ କିଛି ଜାଣନ୍ତି କି ? ମୁଁ ମନା କଲି ।

କିଛିଦିନ ପରେ ସନ୍ଦୀପ ରାୟଙ୍କ ପରିଚାଳନାରେ ପ୍ରସ୍ତୁତ ଏକ ବଙ୍ଗଳା ସିନେମା ପ୍ଲେ-ଗ୍ରାଉଣ୍ଡରୁ ଦେଖି ଘରକୁ ଫେରିଲା ବାଟରେ ସମାଧି ପ୍ରଣାମ ପାଇଁ ଗଲି । ସମାଧି ପୂର୍ବପଟ ବିମ୍ ପାଖରେ ଛିଡ଼ା ହୋଇ ଧ୍ୟାନ କଲା ସମୟରେ ଗୋଟିଏ କିଂବା ଦୁଇ ସେକେଣ୍ଡରେ ଏକ ସୂକ୍ଷ୍ମ ଦର୍ଶନ ପାଇଲି : ସମାଧି କାଛରେ, ସୁନେଲି ଆଲୋକରେ ଏକ ଚଳନ୍ତା ଲେଖା 'ମହାଶିବ' ଆନ୍ତର ଦୃଷ୍ଟିରେ ଦେଖିଲି ।

ଶ୍ରୀଅରବିନ୍ଦଙ୍କୁ ମହାଶିବ ରୂପରେ ଦର୍ଶନର ଅନୁଭୂତି ଅନେକ ଭକ୍ତ ବର୍ଣ୍ଣନା କରିଛନ୍ତି । ମହାଶିବ ଶ୍ରୀଅରବିନ୍ଦଙ୍କର ଏକ ବିଶେଷ ବିଭବ (aspect) । ମହାଶିବଙ୍କୁ ରୂପାନ୍ତରର ଦେବତା ବୋଲି ନିଜେ ଶ୍ରୀଅରବିନ୍ଦ କହିଛନ୍ତି ।

ମୋର ଅନୁଭୂତିଟି ଶୁଣି ଏଣାଦିଦି ବେଶ୍ ଖୁସୀ ହେଲେ ।

ଶ୍ରୀଅରବିନ୍ଦଙ୍କ ସମାଧି କେବଳ କଥାକୁହା ସମାଧି ନୁହେଁ । ବିବିଧ ଭାବେ ସମାଧି ତା'ର ଦିବ୍ୟତ୍ୱ ପ୍ରକାଶ କରିଥାଏ ଯାହାକୁ କୌଣସି ପ୍ରକାର ସୀମାରେ ଆବଦ୍ଧ କରାଯାଇପାରିବ ନାହିଁ । ସମାଧି ହେଲା ପ୍ରଭାବ ବିସ୍ତାରର କେନ୍ଦ୍ର (Centre of influence) ।

ପ୍ରାୟ ସମସ୍ତ ଗ୍ରହଣକ୍ଷମ ସାଧକମାନେ ସାଧାରଣତଃ ଦୁଇଟି ଅନୁଭୂତି ପାଆନ୍ତି :

୧. ଆଖିର ସୂକ୍ଷ୍ମ ଦର୍ଶନ – ଉଚ୍ଚତର ଆଧ୍ୟାତ୍ମିକ ଚେତନାର ସୂଚକ ଏବଂ ନୀଳ ଆଲୋକର ବ୍ୟାପ୍ତି ସେହି ଉଚ୍ଚତର ଆଧ୍ୟାତ୍ମିକ ଚେତନା ।[୧]

୨. ଯଦି ଚୈତ୍ୟସତ୍ତା କ୍ରିୟାଶୀଳ ହୁଏ ଓ ଉନ୍ମୁଖ ଥାଏ ଦିବ୍ୟ ଉପସ୍ଥିତିକୁ ଅନୁଭବ କରାଯାଇପାରେ ।[୨]

## ଛୋଟ ବାଳିକା 'M'ର ଚମତ୍କାର ଅନୁଭୂତିଟିଏ

ଶ୍ରୀମା ତାଙ୍କର ଜଣେ ଶିଷ୍ୟଙ୍କୁ କହିଥିଲେ : ...ଏଠାରେ ବିଭିନ୍ନ ପ୍ରକାର ଘଟନା ସବୁ ଘଟେ । ଉଦାହରଣ ସ୍ୱରୂପ NDଙ୍କ କଥା କୁହାଯାଉ : ସେ ଏଠାରେ ତା'ର ସମସ୍ତ ଜୀବନ ବଞ୍ଚିଛି କେବଳ ଶ୍ରୀଅରବିନ୍ଦଙ୍କ ସେବା ପାଇଁ । ମୋ ଫଟୋଟିଏ ଛାତି ଉପରେ ରଖି ସେ ମୃତ୍ୟୁବରଣ କରିଥିଲା । ସେ ଥିଲା ଏକ ଅତ୍ୟନ୍ତ ସଚେତନ ସମର୍ପିତ ବ୍ୟକ୍ତି – ନିଜକୁ ଉତ୍ସର୍ଗ କରିଥିବା ବ୍ୟକ୍ତି । ତା'ର ସତ୍ତାର ସମସ୍ତ ଅଂଶ, ଚୈତ୍ୟସତ୍ତାର ଚାରିପଟେ

1. Letters on yoga, P. 392
2. ibid, P. 1124

ବେଶ୍ ସଙ୍ଗଠିତ । ତା'ର ଶରୀର ତ୍ୟାଗର ସମୟ ଯେଉଁଦିନ ଆସି ପହଞ୍ଚିଲା ସେହିଦିନ ଛୋଟ ବାଳିକା M ସମାଧିରେ ଧ୍ୟାନ କଲାବେଳେ ହଠାତ୍ ଏକ ସୂକ୍ଷ୍ମ ଦର୍ଶନର ଅନୁଭୂତି ପାଇଲା : ସେବା ବୃକ୍ଷର ସମସ୍ତ ହଳଦିଆ ଫୁଲ (Those yellow flowers I have Called 'Service') ଏକତ୍ରୀତ ହୋଇ ଗୋଟିଏ ବଡ଼ ଆକାରର ପୁଷ୍ପଗୁଚ୍ଛ ସଦୃଶ ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ଉଠିବାକୁ ଲାଗିଲା, ଠିକ୍ NDଙ୍କର ଶରୀର ଆକୃତିର ରୂପନେଇ ଆରୋହଣ କରିବାରେ ଲାଗିଲା ।

'M' ଘରକୁ ଦ୍ରୁତ ଗତିରେ ଦଉଡ଼ି ଯାଇ ଦେଖିଲା : ND ଶରୀର ତ୍ୟାଗ କରିଛନ୍ତି ।

ଶ୍ରୀମା କହିଛନ୍ତି, ଏ ସୂକ୍ଷ୍ମ ଦର୍ଶନର କଥା ମୁଁ ପରେ ଜାଣିଲି କିନ୍ତୁ ସେ ଦେହତ୍ୟାଗ କଲାବେଳେ ମୁଁ ଦେଖିଲି : ତା'ର ସମସ୍ତ ସତ୍ତା ଏକତ୍ରୀତ ହୋଇ, ଭଲଭାବେ ମିଶ୍ରିତ ହୋଇ ଏକ ମହାନ୍ ଆସ୍ପୃହା ସହ, କୌଣସି ପ୍ରକାର ବିଚ୍ୟୁତି ବା ଅମେଳ ନ ହୋଇ ସିଧାସଳଖ ପରା ପ୍ରକୃତିର ଭୂମି (Higher hemisphere)କୁ ଆରୋହଣ କରିବା ଦେଖିଲି; ଯେଉଁଠି ଶ୍ରୀଅରବିନ୍ଦ ପୃଥିବୀ ଉପରେ ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୁରୋଧା ହୋଇ କ୍ରିୟାରତ; ND ସେହି ଅତିମାନସ ଆଲୋକରେ ମିଳେଇ ଗଲା ।

ମୃତ୍ୟୁର କିଛି ସମୟ ପୂର୍ବରୁ ସେ (ND) ତାଙ୍କର ପିଲାମାନଙ୍କୁ କହିଥିଲେ, ''ବସ୍ତ୍ରଟି ପୁରୁଣା ହୋଇଯାଇଛି, ଏହାକୁ ନିଶ୍ଚୟ ଫୋପାଡ଼ି ଦେବାକୁ ପଡ଼ିବ ।''

(Ref. Conversation with a disciple, Vol 2, p. 237)

## କୃତଜ୍ଞତା :
## ନୀରୋଦ ଦାଦାଙ୍କର ଏକ ଅନୁଭୂତି

''ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷ୍ୟେ ପୁସ୍ତକ ରଚନା କାର୍ଯ୍ୟଟି ଯଥା ସମୟରେ ସମ୍ପୂର୍ଣ୍ଣ ହେବାରୁ – ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହି କାର୍ଯ୍ୟ ପାଇଁ ମା ଓ ଶ୍ରୀଅରବିନ୍ଦ ମୋତେ ପ୍ରେରଣା ଯୋଗାଇ ଦେଇଛନ୍ତି । ସେଥି ନିମନ୍ତେ ମୁଁ କୃତଜ୍ଞତା ନ ଜଣାଇ ରହି ପାରିଲି ନାହିଁ ।

''ତାଙ୍କ ପ୍ରତି କୃତଜ୍ଞ ରହିବା ପଶ୍ଚାତରେ ସେମାନେ ମୋ ଭଳି ଏକ ଅପରିପକ୍ୱ ସାଧକକୁ ଲେଖକରେ ପରିଣତ କଲେ, ମୋ ଭିତରେ ଆଧ୍ୟାତ୍ମିକ ସ୍ଥିରତା ପ୍ରତିଷ୍ଠା କଲେ, ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର ରହିବାର ଶିକ୍ଷା ଦେଲେ – ଏସବୁ ତାଙ୍କ କୃପାରହିଁ ପରିଣାମ ।''

କୌଣସି ଏକ ସନ୍ଧ୍ୟାରେ (ନୀରୋଦଦା' ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ସମାଧି ପାଖରେ ବସି ଧ୍ୟାନ, ପ୍ରାର୍ଥନା, ଅତୀତ କଥାର ଚିନ୍ତନ (Musing) ଇତ୍ୟାଦି କରୁଥିଲେ) ନୀରୋଦ ଦା' କହିଲେ ମୁଁ ଅତୀତର କଥା ଭାବୁଥିଲି : କାହିଁକି ମୋ ଭଳି ଏକ ଅଯୋଗ୍ୟ ଉପରେ ତାଙ୍କର ଦୟା ବର୍ଷା କଲେ ? ମୁଁ ଅନୁତପ୍ତ ଯେ ମୁଁ ସାମାନ୍ୟ କିଛି ବି ପ୍ରତିଦାନ ସ୍ୱରୂପ କରି ପାରିଲି ନାହିଁ ତାଙ୍କ ଅବର୍ଣ୍ଣନୀୟ ମହାନୁଭବତା ପ୍ରତି । ଭାବିଲି, କୃତଜ୍ଞତା ଜଣାଇବା ବ୍ୟତୀତ କ'ଣ ବା କରି ପାରିଥା'ନ୍ତି ?

ଏକ ସ୍ୱପ୍ନରେ, ଭୋର ବେଳା ୨.୪୫ମି ସମୟରେ, ଧ୍ୟାନ ପାଇଁ ବସିଲା ବେଳେ, ବଙ୍ଗଳାରେ ଗୁରୁଙ୍କ ଅମର କଣ୍ଠ ଶୁଣିଲି ଯାହାର ଇଂରାଜୀ ଅନୁବାଦ ହେଲା : "Man can only express his gratitude, he can do nothing more." ''ମଣିଷ କେବଳ ତା'ର କୃତଜ୍ଞତା ଜଣାଇ ପାରେ, ସେ ଆଉ କିଛି କରି ପାରିବ ନାହିଁ ।''

(Ref. Nirod da's 'Memorable contact with the Mother', pp. 136 - 137)

## ତୁମ କଥା ଶୁଣି ଉତ୍ତର ଦେବା ପାଇଁ
## ପ୍ରଭୁ ସଦାବେଳେ ବିଦ୍ୟମାନ

ମା' କହିଛନ୍ତି : ''ତୁମେ ଶ୍ରୀଅରବିନ୍ଦଙ୍କୁ ଏପରି ଭାବେ କହିବା ଉଚିତ; ଏମିତି – (ମା' ମଥା ନୁଆଇଁ ଦେଖାଇଲେ) – ଅସୁବିଧାରୁ ମୁକ୍ତ ହେବା ପାଇଁ ସମାଧିରେ ମଥା ଛୁଆଇଁ କୁହ । କିଂବା (ହୃତ୍‌କେନ୍ଦ୍ରରୁ ଊର୍ଦ୍ଧ୍ୱକୁ ଆରୋହଣ କରୁଥିବା ପ୍ରାର୍ଥନାର ଏକ ଭଙ୍ଗୀ ଦେଖାଇ) ସତ୍ତାର ଗଭୀରରେ ଏକାଗ୍ର ହୋଇ ଏକ ନିଷ୍ପାପର ପ୍ରାର୍ଥନା କର । ମୁଁ ନିଶ୍ଚିତ ଭାବେ କହିପାରିବି ଯେ ସେ (ଶ୍ରୀଅରବିନ୍ଦ) ତୁମ ପ୍ରାର୍ଥନାଟି ଶୁଣିବେ ଓ ଉତ୍ତର ଦେବେ । ନିଃସନ୍ଦେହରେ ତୁମେ ତାଙ୍କ ସହ ବର୍ତ୍ତମାନ ଯୋଗାଯୋଗ କରିପାରିବ । ଅନେକେ ତାଙ୍କ ସହ ଯୋଗାଯୋଗ କରି ଉତ୍ତର ପାଇଛନ୍ତି । ସେ ବର୍ତ୍ତମାନ ଆମ ପାଇଁ ସହଜଲଭ୍ୟ ଏବଂ ଅଧିକ ସକ୍ରିୟ ହୋଇଛନ୍ତି । ତୁମେ ନିଶ୍ଚୟ ବୁଝି ପାରୁଥିବ ଯେ ଆଉ ଅପେକ୍ଷା କରିବାର ଆବଶ୍ୟକତା ନାହିଁ ।...

*(ଅବଶିଷ୍ଟାଂଶ ପୃଷ୍ଠା ୪୮ରେ ଦେଖନ୍ତୁ)*

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୭)

## ଗୟାଧର ଦାଶ

### ବ୍ୟକ୍ତିତ୍ୱ ଗଠନ ପ୍ରତି ସଚେତନତା

ଶିଶୁଟି ଧୀରେ ଧୀରେ ବଢ଼ିବା ସଙ୍ଗେ ସଙ୍ଗେ ତା'ର ବୌଦ୍ଧିକ ବିକାଶ ମଧ୍ୟ ଘଟେ । ଶରୀରର ଗଠନ ଓ ବୃଦ୍ଧି କିପରି ହେଉଛି ଏବଂ କେଉଁ କ୍ଷେତ୍ରରେ କି ପ୍ରକାର ତ୍ରୁଟି ବା ଖୁଣ ରହିଯାଉଛି ତାହା ଜାଣିବା ଏବଂ ପ୍ରତିକାର କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ; ପିଲାର ଆବେଗ, ସଂବେଦନା, ଉଦ୍ଦୀପନାର ଗଠନ ଓ ବିକାଶ ଶୈଳୀ ପ୍ରତି ସଚେତନ ଦୃଷ୍ଟି ରଖିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ପିଲାଟିର ସ୍ନାୟୁଗତ ଦୁର୍ବଳତାକୁ ଦୂର କରିବା ସହ ଇନ୍ଦ୍ରିୟଗତ ତ୍ରୁଟିର ଯଥାଯଥ ପ୍ରତିକାର କରିବା ବିଧେୟ । କୌଣସି ଘଟଣା, ପରିସ୍ଥିତି, ଅବସ୍ଥା, କ୍ରିୟା ପ୍ରତି ତା'ର ପ୍ରତିକ୍ରିୟା, ସଂବେଦନଶୀଳତା ଓ ଉଦ୍ଦୀପନାଗୁଡ଼ିକୁ ଶୁଦ୍ଧ ଓ ସଙ୍ଗତିପୂର୍ଣ୍ଣ କରିବା ମଧ୍ୟ ଆବଶ୍ୟକ । ପିଲାଟିର ଭାବାବେଗ ଯାହା ସେ ତାହାକୁ ସେହିପରି କ୍ରିୟାଶୀଳ କରିଥାଏ – ତାହା ଶୁଦ୍ଧ ଓ ମାର୍ଜିତ ହେବା ଏକାନ୍ତ ପ୍ରୟୋଜନ । ସେହି ଭାବାବେଗକୁ ସୃଜନଶୀଳ, ସୌଷମ୍ୟଗତ ଦିଗରେ ଗତିଶୀଳ କରିବା ପାଇଁ ଯତ୍ନଶୀଳ ହେବା ଉଚିତ, – ନଚେତ୍ ପରବର୍ତ୍ତୀ ସମୟରେ ପ୍ରାଣିକ କାମନାବାସନା, ଉତ୍ତେଜନା, କ୍ଷୁଧା ଆଦି ପଶୁପ୍ରବୃତ୍ତିର ଶୀକାର ହେବା ଦ୍ୱାରା ଚରିତ୍ରଗତ ସ୍ଖଳନ ଘଟିପାରେ । ସୁସ୍ଥ, ସବଳ ଓ ସୁସଙ୍ଗଠିତ ଶରୀର ସହିତ ଶୁଦ୍ଧ, ସୁସମଞ୍ଜସ ପ୍ରାଣ ଶକ୍ତି ମଧ୍ୟ ପିଲାଟିକୁ ଭଲ ମଣିଷ ହେବାରେ ସାହାଯ୍ୟ କରେ । ପ୍ରାଣ-ଶକ୍ତିକୁ ଯଦି ଖରାପ ଦିଗରେ ଉପଯୋଗ କରାଯାଏ ତେବେ ପିଲାଟିର ପ୍ରକୃତିରେ ସୃଜନାତ୍ମକ ଗୁଣ ପ୍ରକାଶ ପାଇବା ପରିବର୍ତ୍ତେ ଧ୍ୱଂସାତ୍ମକ ଗୁଣ ପ୍ରକାଶ ପାଏ ଏବଂ ସେ ଆସୁରିକ ଶକ୍ତିର ଏକ ସାଧନ ରୂପେ କାର୍ଯ୍ୟ କରେ । ତେଣୁ ପ୍ରତ୍ୟେକ ମାତାପିତା ତା'ର ପ୍ରାଣିକ ଗତିବୃତ୍ତିଗୁଡ଼ିକୁ ନିରୀକ୍ଷଣ କରିବା ଉଚିତ ଏବଂ ତା'ର ଶକ୍ତି ଓ ସାମର୍ଥ୍ୟକୁ ସୃଜନାତ୍ମକ ଓ ସୌଷମ୍ୟଗତ ଦିଗରେ ଉପଯୋଗ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଏବଂ କାର୍ଯ୍ୟରେ ଉତ୍ସାହିତ କରିବା ଉଚିତ । ପିଲାଟିକୁ ପ୍ରାଣ ସତ୍ତାର ଖାଦ୍ୟ ଯୋଗାଇଦେବା ଶିକ୍ଷାର ଏକ ବଳିଷ୍ଠ ଦିଗ । ବିଭିନ୍ନ ଇନ୍ଦ୍ରିୟମାନଙ୍କର ପୋଷଣ ନିମିତ୍ତ ଖେଳ, କସରତ, ଗୀତ, ନାଚ, ଚିତ୍ରାଙ୍କନ, ହସ୍ତକର୍ମ ସହ ସୃଜନାତ୍ମକ ଚିନ୍ତାଧାରା ଦିଗରେ ମନୋନିବେଶ କରିବା ପାଇଁ ଆଗ୍ରହ ସୃଷ୍ଟି କରି ପାରିଲେ ପରବର୍ତ୍ତୀ ଜୀବନରେ ପ୍ରାଣଗତ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଏତତ୍ ବ୍ୟତୀତ ପିଲାଟି ଯଦି ଏକ ବିଚାର ବୁଦ୍ଧି ସମ୍ପନ୍ନ ବ୍ୟକ୍ତିରେ ପରିଣତ ହେଉ ବୋଲି ଆମେ ଯଦି ଚାହୁଁଥିବା ତେବେ ପ୍ରଥମେ ତା'ର ବ୍ୟକ୍ତିତ୍ୱଗଠନ ଦିଗରେ ଆମର ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ବ୍ୟକ୍ତିଠାରୁ ଭିନ୍ନ ହୋଇଥାଏ । ପ୍ରତ୍ୟେକ ପିଲାର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଥାଏ । ଏହି ବ୍ୟକ୍ତିତ୍ୱଟିରେ ମାତାପିତାଙ୍କ ବ୍ୟକ୍ତିତ୍ୱର କିଛି ଛାପ ପଡ଼ିଥାଏ । ପରିବେଶ, ଅନୁବଂଶ ଓ ସଂସ୍କାରର ପ୍ରଭାବ ମଧ୍ୟ ପଡ଼େ । ଏପରିକି ପିଲାଟିର ପୂର୍ବ ଜନ୍ମର ବ୍ୟକ୍ତିତ୍ୱର ଉପାଦାନ-ଗୁଡ଼ିକ ମଧ୍ୟ ରହିଥାଏ । ସ୍ୱଭାବ ଓ ସ୍ୱଧର୍ମକୁ ନେଇ ତା'ର ବ୍ୟକ୍ତିତ୍ୱ ଗଠିତ ହୋଇଥାଏ । ଅନ୍ତରାତ୍ମାକୁ କେନ୍ଦ୍ର କରି ବ୍ୟକ୍ତିର ଶାରୀରିକ, ପ୍ରାଣିକ ଓ ମାନସିକ ଗୁଣ ଧର୍ମର ସଂଯୋଜନାରେ ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠିତ ହୋଇଥାଏ । ବ୍ୟକ୍ତିତ୍ୱ ଗଠନରେ ସୁସ୍ଥ, ସବଳ, ସୁନ୍ଦର ଶରୀରର ଅବଦାନ ସହିତ ଶୁଦ୍ଧ, ମାର୍ଜିତ, ସୁସମଞ୍ଜସ ତଥା ଶକ୍ତି ଓ ସାମର୍ଥ୍ୟପୂର୍ଣ୍ଣ ପ୍ରାଣ ଓ ଉନ୍ନତ ତଥା ବ୍ୟାପକ ବୌଦ୍ଧିକ ବିଚାରର ଅବଦାନ ମଧ୍ୟ ରହିଛି । ସ୍ୱଭାବ ଓ ସ୍ୱଧର୍ମହିଁ ବ୍ୟକ୍ତିତ୍ୱର ଏକ ବିଶେଷ ଦିଗ । ଶାନ୍ତ ସ୍ୱଭାବର ପିଲାଟି ଚଞ୍ଚଳମତି ଓ ପ୍ରତିକ୍ରିୟାଶୀଳ ସ୍ୱଭାବର ପିଲାଠାରୁ ଉତ୍ତମ ଭାବେ ଘଟଣାକୁ ବୁଝିପାରେ ଏବଂ ସମସ୍ୟାର ସମାଧାନ କରିପାରେ । ମାତାପିତାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ପିଲା ଉପରେ ଗଭୀର ଭାବେ ପଡୁଥିବାରୁ ମାତାପିତାମାନେ ସର୍ବଦା ଆତ୍ମସଂଯମ ରକ୍ଷା କରିବା ଉଚିତ ଯଦ୍ୱାରା ଆମର କୌଣସି ଦୁର୍ବଳତାକୁ ଏକ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି ପିଲାଟି ନିଜ ଜୀବନରେ ପ୍ରକାଶ ନ କରେ ।

ଶୈଶବ ଅବସ୍ଥାରେ ପିଲାର ବିକାଶ ଦ୍ରୁତ ହୋଇଥାଏ । ତାହାର ଧୀଶକ୍ତି, ଆବେଗ ତଥା ସମ୍ବେଦନଶୀଳ କ୍ରିୟାଗୁଡ଼ିକର

ବିକାଶ କରାଯାଇପାରେ । ପ୍ରତ୍ୟେକ ମାତାପିତା ଶିଶୁ ମନୋବିଜ୍ଞାନ ପୁସ୍ତକ ଅଧ୍ୟୟନ କରିବା ଉଚିତ । ପିଲାର ଧୀଶକ୍ତି(IQ) ପରୀକ୍ଷା କରି ତା'ର ବିକାଶ ନିମିତ୍ତ ଯତ୍ନବାନ୍ ହେବା ଆବଶ୍ୟକ । ପିଲାଟିର ହସ, କାନ୍ଦ, ଭୟ, କ୍ରୋଧ, ଲୋଭ, ସ୍ନେହ, ଉଲ୍ଲାସ, ଈର୍ଷା, ପସନ୍ଦ, ଅପସନ୍ଦ ଆଦି କେଉଁ କ୍ଷେତ୍ରରୁ ଆସୁଛି ତାହା ପରୀକ୍ଷା ନିରୀକ୍ଷା କରି ସେଗୁଡ଼ିକୁ କିପରି ନିୟନ୍ତ୍ରଣ କରାଯାଇପାରିବ ତାହା ଶିଖାଇବାକୁ ପଡ଼ିବ । ଆବେଗକୁ ନିୟନ୍ତ୍ରଣ କରିପାରିଲେ ଏହା ପ୍ରତ୍ୟେକ ବ୍ୟକ୍ତିକୁ ଶକ୍ତିଶାଳୀ ଓ ଆତ୍ମ-ନିର୍ଭରଶୀଳ କରିବା ସହିତ ଆତ୍ମଜୟୀ କରିବାରେ ସାହାଯ୍ୟ କରିଥାଏ । ଏଥିପ୍ରତି ସଚେତନ ଦୃଷ୍ଟିଦେବା ମାତାପିତାଙ୍କର କର୍ତ୍ତବ୍ୟ ।

### ପ୍ରେମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା

ସୁସ୍ଥ, ସୁସମଞ୍ଜସ ଓ ଅନୁକୂଳ ପରିବେଶ ମଧ୍ୟରେ ପିଲାଟି ସ୍ୱାଭାବିକ ଭାବରେ ଅଗ୍ରଗତି କରେ । ଏପରି ଏକ ପ୍ରେମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭିନବ ଦିଗ । ଏପରି ଏକ ପରିବେଶ ଯାହା ଆଗ୍ରହ ସୃଷ୍ଟି କରୁଥିବ, ପ୍ରେରଣାଦାୟକ ହୋଇଥିବ; ଯେଉଁଠାରେ ପିଲାଟି ନିର୍ଭୟରେ ମୁକ୍ତ ଆକାଶର ବିହଙ୍ଗ ପରି ବିଚରଣ କରିପାରିବ; ସୁଖ, ସ୍ୱାଚ୍ଛନ୍ଦ୍ୟରେ କଳିଟିଏ ପରି ହସି ଉଠିବ । ପରିବେଶଟି ଚେତନାକୁ ସଙ୍କୁଚିତ ନକରି ବରଂ ପ୍ରସାରିତ କରିବା ଦିଗରେ ସର୍ବଦା ସହାୟକ ହେଉଥିବ । ସେହି ପରିବେଶରେ ପିଲାଟି ନିଜକୁ ସୁରକ୍ଷିତ ବୋଲି ଅନୁଭବ କରୁଥିବ, ଏକ ଅଜଣା ହସ୍ତର ସ୍ପର୍ଶ ଅନୁଭବ କରୁଥିବ ଯାହା ତା'ର ପାଖେ ପାଖେ ରହି ତା'ର ଆତ୍ମବିଶ୍ୱାସକୁ ଜୀବନ୍ତ ତଥା ଶକ୍ତିଶାଳୀ କରିବା ସହ ତାକୁ ପ୍ରତିଟି ପଦକ୍ଷେପରେ ପ୍ରେରଣା ପ୍ରଦାନ କରୁଥିବାର ଅନୁଭବ କରୁଥିବ । ସେହି ପରିବେଶରେ ପିଲାଟିର ମୁଖରେ ସର୍ବଦା ହସ ଫୁଟି ଉଠୁଥିବ ଏବଂ ଆନନ୍ଦରେ ସେ ସବୁକିଛିକୁ ଖେଳରେ ପରିଣତ କରୁଥିବ ।

ପିଲାଟି ଯଦି ସର୍ବଦା ମନମାରି ବସିରହେ, – ହତାଶା, ନିରାଶା, ଅଭାବ, ଆକାଂକ୍ଷା, ଭୟ, ସନ୍ଦେହ, ଅବିଶ୍ୱାସ, ପ୍ରତାରଣା, ଛଳନା ମଧ୍ୟରେ ଦିନ କଟାଏ ତେବେ ତା'ର ଚେତନା ସଙ୍କୁଚିତ ହୋଇଯାଏ ଏବଂ ଭୟ ସର୍ବଦା କୁମନ୍ତ୍ରଣା ଦେବା ଦ୍ୱାରା ସେ ବିଭିନ୍ନ ରୋଗ ତଥା ବିକାରର ଶିକାର ହେବା ସଙ୍ଗେ ସଙ୍ଗେ ନିଜର ଆଶା ଓ ଅଭିଳାଷକୁ ପୂର୍ଣ୍ଣ କରିବା ପାଇଁ ଅନ୍ୟ ପନ୍ଥାର ଆଶ୍ରୟ ନିଏ । ତେଣୁ ଏସବୁଥିରୁ ଦୂରେଇ ରହି ପିଲାଟି କିପରି ସ୍ୱଚ୍ଛନ୍ଦରେ ବଢ଼ି ପାରିବ ସେଥିପ୍ରତି ଦୃଷ୍ଟିଦେବା ପ୍ରତ୍ୟେକ ମାତାପିତା ଓ ଶିକ୍ଷକର କର୍ତ୍ତବ୍ୟ । ପିଲାଟିର କଥା, ଚିନ୍ତା ଓ କାର୍ଯ୍ୟ ପ୍ରତି ସମ୍ମାନ ଦେବା ଏବଂ ଏକ ସକାରାତ୍ମକ ମନୋଭାବ ପୋଷଣ କରି ତା'ର ଆତ୍ମବିକାଶରେ ସହଯୋଗର ହାତ ବଢ଼ାଇବା ଦ୍ୱାରା ପିଲାଟିର ବୁଦ୍ଧି ଓ ବିକାଶଟି ତ୍ୱରାନ୍ୱିତ ହୋଇଥାଏ ।

ପିଲାର ଚୈତ୍ୟିକ ଆବଶ୍ୟକତାକୁ ପୂରଣ କରିବାରେ ମାଆବାପା, ଶିକ୍ଷକମାନେ କେବେ ବି କୁଣ୍ଠିତ ଭାବ ପ୍ରକାଶ କରିବା ଉଚିତ ନୁହେଁ, ପିଲାଟି ଏକୁଟିଆ ଅନୁଭବ କରିବ ନାହିଁ କି ମାତାପିତାଙ୍କର ସ୍ନେହଶ୍ରଦ୍ଧାରୁ ବଞ୍ଚିତ ହେବନି । ପିଲାଟିଏ ଏପରି ପ୍ରେମ ଚାହେଁ ଯାହା ତାହା ଅନ୍ତର ଭିତରୁ ନିଃସୃତ ହୁଏ । ଭଲ ପାଇବା ଭିତରେ ଦେଖାଣିଆ ମନୋଭାବ ରହିବ ନାହିଁ କି ଛଳନା ମଧ୍ୟ ରହିବ ନାହିଁ । ଏହି ପ୍ରେମ ଅନାବିଳ ଓ କପଟଶୂନ୍ୟ ହେବା ବାଞ୍ଛନୀୟ । ଅନେକ ମାତାପିତା ନିଜର ପିଲାଙ୍କୁ ବହୁତ ଭଲ ପାଆନ୍ତି ବୋଲି କହନ୍ତି । ସେମାନେ ପିଲାର ଦୁଃଖରେ ଭାଙ୍ଗିପଡ଼ନ୍ତି, ଧୈର୍ଯ୍ୟ ମଧ୍ୟ ହରାଇ ବସନ୍ତି । ଏପରିକି ପିଲାର ଭଲ ପାଇଁ କୃତ୍ରିମ କ୍ରୋଧ ପ୍ରକାଶ କରି ଗାଳିଦିଅନ୍ତି । ଏହା କ'ଣ ପିଲାଙ୍କୁ ଭଲ ପାଇବାର ସଙ୍କେତ ? ଆମର ଭଲ ପାଇବାର ପଶ୍ଚାତରେ ଆମର ସ୍ୱାର୍ଥ ଓ ଅହଂଟି ଆମକୁ ପରିଚାଳିତ କରୁଥାଏ । ପିଲାଙ୍କୁ ଭଲ ପାଇବାର ସଙ୍କେତ ଏହା ମଧ୍ୟ ନୁହେଁ ଯେ ତା'ର ସମସ୍ତ ଖିଆଲଗୁଡ଼ିକୁ ପୂରଣ କରିବା ଏବଂ ଦୁଷ୍ଟାମିଗୁଡ଼ିକୁ ପ୍ରୋତ୍ସାହନ ଦେବା । ପିଲାଙ୍କୁ ଯଦି ଆମେ ପ୍ରକୃତରେ ଭଲ ପାଉଥିବା ତେବେ ତା'ର ଆନ୍ତର ଚେତନା ସହିତ ଆମ ଆନ୍ତର ଚେତନାର ସମ୍ପର୍କ ନିବିଡ଼ ହୋଇ ରହିବ ଏବଂ ତା'ର ଆତ୍ମବିକାଶ ପଥରେ ଆମେ ସତତ ପ୍ରେରଣାର ଉତ୍ସ ହୋଇ ରହିବା ଏକାନ୍ତ ଆବଶ୍ୟକ । ପ୍ରକୃତରେ ପ୍ରେମ ଓ ବନ୍ଧୁତାର ପରିବେଶଟି ପିଲାଙ୍କୁ ଅଗ୍ରଗତି ପଥରେ ଅନୁକୂଳିତ କରିଥାଏ ।

ବିଶେଷତଃ ଆମ ଭିତରେ ଗୋଟିଏ ପଶୁର ଚେତନା ରହିଥିଲେ ଆମେ ପଶୁପରି ଭଲ ପାଇବା । ଯଦି ଆମର ଚେତନା ସାଧାରଣ ମନୁଷ୍ୟ ପରି ହୋଇଥାଏ ତେବେ ସାଧାରଣ ମଣିଷ ପରି ହିଁ ଭଲ ପାଇବା ଏବଂ ଯଦି ଆମ ଭିତରେ ଏକ ଅସାଧାରଣ ସତ୍ତାର ଚେତନା ଥାଏ ଅଥବା ଦେବତାର ଚେତନା

ଥାଏ ତେବେ ଆମେ ଠିକ୍ ସେହିପରି ଭଲ ପାଇବା । ମାଆବାପାଙ୍କର ସେମାନଙ୍କ ପିଲାମାନଙ୍କ ପ୍ରତି ଯେଉଁ ପ୍ରେମ ଥାଏ ସେଇଟି କେଉଁ ପ୍ରକାର ବୋଲି ଏକ ପ୍ରଶ୍ନରେ ଶ୍ରୀମା କହିଛନ୍ତି – ''ସେଇଟି ମଧ୍ୟ ମାନବସ୍ତରୀୟ ପ୍ରେମ – ନୁହେଁ କି ? ଯାବତୀୟ ମାନବସ୍ତରୀୟ ପ୍ରେମ ପରି ସେଇଟି ମଧ୍ୟ ଅତି ଭୟଙ୍କର ଭାବରେ ଯାବତୀୟ ପ୍ରକାରର ବସ୍ତୁରେ ମିଶ୍ରିତ ହୋଇ ରହିଥାଏ । ଅଧିକାର ବିସ୍ତାର କରି ରହିବାର ଭାବ, ଏକ ଅତ୍ୟନ୍ତ ଅଦମ୍ୟ ଅହଂ କେନ୍ଦ୍ରିକତାର ଭାବ ସେଥିରେ ଥାଏ । ସର୍ବ ପ୍ରଥମେ ମୁଁ ତୁମକୁ କହି ରଖୁଛି ଯେ ଜଣେ ମାଆର ତା'ର ପିଲା ପ୍ରତି ରହିଥିବା ପ୍ରେମ ବିଷୟରେ କେତେ କାଳରୁ ଅନେକ ଚମତ୍କାର ଚିତ୍ର କଳ୍ପନା କରାଯାଇଛି... ଅନେକ ବହି ଲେଖାଯାଇଛି ଏବଂ କେତେ ଚମତ୍କାର କଥାମାନ ବି କୁହାଯାଇଛି । ମୁଁ ତୁମକୁ ଅତ୍ୟନ୍ତ ନିଶ୍ଚିତ ଭାବରେ କହୁଛି ଯେ ଅତି ସୁନ୍ଦର ବାକ୍ୟରେ ଓ ଶବ୍ଦରେ ଏହି ବିଷୟରେ କେତେ କ'ଣ କହିପାରିବାର ସାମର୍ଥ୍ୟଟିକୁ ଛାଡ଼ିଦେଲେ, ଟିକିଏ ଉନ୍ନତ ପଶୁମାନଙ୍କର – ଏଠାରେ ଦୃଷ୍ଟାନ୍ତ ରୂପେ ସ୍ତନ୍ୟପାୟୀ ପ୍ରାଣୀଙ୍କୁ ଆମେ ନେଇପାରିବା, ସେମାନଙ୍କ ଛୁଆମାନଙ୍କ ଲାଗି ଯେଉଁ ପ୍ରେମ ରହିଥାଏ, ମନୁଷ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେହିପ୍ରକାରର ପ୍ରେମ ରହିଥାଏ । ଠିକ୍ ସେହିପରି ଶ୍ରଦ୍ଧା ଓ ନିଷ୍ଠା ଥାଏ, ସେହି ଆତ୍ମ ବିସ୍ମରଣ ଏବଂ ଆତ୍ମତ୍ୟାଗ ଥାଏ, ଛୁଆମାନଙ୍କୁ ଉଚ୍ଚଶିକ୍ଷା ଦେବା ଲାଗି ସେହି ବ୍ୟଗ୍ରତା ଥାଏ, ଠିକ୍ ସେହିପରି ଧୈର୍ଯ୍ୟ ରହିଥାଏ, ସମାନ ପ୍ରକାରର... । ମୁଁ ବହୁତ ଚମତ୍କାର ଦୃଷ୍ଟାନ୍ତମାନ ଦେଖିଛି ।... ମାତ୍ର ମନୁଷ୍ୟମାନେ... ମୋର ଅଧ୍ୟୟନରୁ ମୁଁ ଯାହା କିଛି ଜାଣିବାକୁ ପାଉଛି, ମୁଁ ସେଇଥିରୁ ପ୍ରକୃତରେ ବିଶ୍ୱାସ କରୁଛି ଯେ ସମ୍ଭବତଃ ପଶୁମାନଙ୍କ ଜୀବନରେ ଏହି ସନ୍ତାନ ପ୍ରେମ କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ଶୁଦ୍ଧତା ରହିଛି । କାରଣ ସେମାନଙ୍କର ଚିନ୍ତା କରିବାର ଶକ୍ତି ନାହିଁ । ମାତ୍ର ମନୁଷ୍ୟମାନଙ୍କ ଠାରେ ଯେଉଁ ମାନସିକ ଶକ୍ତି ଓ ସାମର୍ଥ୍ୟ ରହିଛି, ମନନ କରିବାର, ଯୁକ୍ତି ଓ ବିଶ୍ଲେଷଣ କରିବାର ଏବଂ ଅଧ୍ୟୟନ କରିବାର ଯେଉଁସବୁ କ୍ଷମତା ରହିଛି, ତାହାରି ଫଳରେହିଁ ସେମାନେ ନିଜର କମନୀୟତମ ଗତିବୃତ୍ତିଗୁଡ଼ିକୁ ନଷ୍ଟକରି ଦିଅନ୍ତି । ସେମାନେ ହିସାବ କରନ୍ତି, ଯୁକ୍ତି କରନ୍ତି, ସନ୍ଦେହ କରନ୍ତି ଏବଂ ସଙ୍ଗଠିତ କରିବାରେ ଲାଗି ଯାଆନ୍ତି ।

(CWM.- Vol. 6, P. 106)

ମାଆର ନିଜ ସନ୍ତାନ ପ୍ରତି ଯେଉଁ ପ୍ରେମ ରହିଛି ତାହାର ମୂଳ ଉତ୍ସ ହେଲା ମାଆର ଉପାଦାନ ଯାହାକୁ ନେଇ ଶିଶୁର ଶରୀର ଗଠିତ ହୋଇଥାଏ । ଏହି ସ୍ଥୂଳ ଉପାଦାନଗତ ସମ୍ବନ୍ଧଟି ପରିମାଣରେ ଅତ୍ୟନ୍ତ ନିକଟ ହୋଇ ରହିଥିବାରୁ ମାଆ ଅନୁଭବ କରେ ସତେ ଯେପରି ନିଜ ଦେହର ଖଣ୍ଡେ ମାଂସ ଟୁକୁରାକୁ କାଢ଼ି ବାହାରେ ରଖାଯାଇଛି । ଏହା ଏକ ବନ୍ଧନ ଓ ଇନ୍ଦ୍ରିୟଗତ ବୋଧ । ଏହି ବନ୍ଧନ ଯୋଗୁଁ ଶିଶୁ ଯାହା ଅନୁଭବ କରେ, ମାଆ ମଧ୍ୟ ତାହା ଅନୁଭବ କରେ । ଏପରିକି ଶିଶୁ କାନ୍ଦିଲେ ମାଆକୁ କଷ୍ଟ ହୁଏ । ସନ୍ତାନ ପ୍ରତି ମାଆର ଯେଉଁ ଅନୁରକ୍ତି ଥାଏ, ଏହାକୁହିଁ ତା'ର ସ୍ଥୂଳ ଆଧାର ବୋଲି କୁହାଯାଇପାରିବ । ଏହା ବ୍ୟତୀତ ଆଉ ଯେତେ ପ୍ରକାର ଭଲ ପାଇବା ରହିଛି ସେସବୁ ମଣିଷର ସ୍ୱଭାବ, ଶିକ୍ଷା, ଅନୁଭବ, ଶକ୍ତି ଏବଂ ବିକାଶଗତ ସ୍ଥିତିରୁ ଆସିଥାଏ । ତେଣୁ ସନ୍ତାନ ପ୍ରତି ମାଆବାପାଙ୍କର ପ୍ରେମ ଏକ ଗୋଳିଆମିଶା ପ୍ରେମ । ପ୍ରକୃତରେ ଯେଉଁ ମାଆବାପା ନିଜ ସମ୍ବନ୍ଧରେ ସଚେତନ ରହିଥିବେ, ନିଜର ଚୈତ୍ୟସତ୍ତା ପ୍ରତି ସଂଯୁକ୍ତ ହୋଇ ରହିଥିବେ, ନିଜର ଅନ୍ତର୍ଗତ ବିଧାନଟି ଦ୍ୱାରା ପରିଚାଳିତ ହେଉଥିବେ ଏବଂ ବାହ୍ୟ ପ୍ରଭାବଗୁଡ଼ିକରୁ ପ୍ରାୟ ମୁକ୍ତ ହୋଇଥିବେ ସେହିମାନେ କେବଳ ନିଜର ସନ୍ତାନମାନଙ୍କୁ ହୃଦୟ ଭରି ଭଲ ପାଇ ପାରିବେ । ହୁଏତ ଆମର ଚିନ୍ତା ଓ ଅନୁଭବ ଶକ୍ତି ଥିବାରୁ ଆମର ପ୍ରେମ ପଶୁ ସ୍ତରୀୟ ପ୍ରେମଠାରୁ ଟିକିଏ ଉନ୍ନତ ହୋଇପାରେ, ତଥାପି ବହୁ ମାତ୍ରାରେ ଆମର ପ୍ରେମ ସେହି ଇତର ପ୍ରାଣୀ ସ୍ତରୀୟ ହୋଇ ରହିଛି ।

ପୁନଶ୍ଚ ଆମେ କେବେ ଆମର ପିଲାମାନଙ୍କୁ ବନ୍ଧୁ ରୂପେ ଦେଖିଛେ କି ? ବନ୍ଧୁ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଏବଂ ପ୍ରକୃତ ବନ୍ଧୁ ସିଏ, ଯିଏ ଅନ୍ୟର ହୃଦୟକୁ ଚିହ୍ନିପାରେ, ସ୍ୱଭାବ ଓ ସ୍ୱଧର୍ମକୁ ଜାଣିପାରେ ଏବଂ ସକଳ ବିପଦଆପଦ, ଦୁଃଖସୁଖରେ ପାଖେ ପାଖେ ଥାଏ । ଅସଲ ବନ୍ଧୁ ହେଉଛନ୍ତି ଆମ ଭିତରେ ଥିବା ସେହି ଦିବ୍ୟସତ୍ୟ ବା ଚୈତ୍ୟପୁରୁଷ । ତେଣୁ ଆମ ଭିତରେ ଥିବା ଦିବ୍ୟସତ୍ୟ ଓ ପିଲା ଭିତରେ ଥିବା ଦିବ୍ୟସତ୍ୟ ମଧ୍ୟରେ ନିବିଡ଼ ସମ୍ପର୍କ ପ୍ରତିଷ୍ଠା ହେବାରେହିଁ ପ୍ରକୃତ ବନ୍ଧୁତାର ପରିଚୟ ମିଳେ । ପିଲା ସାଥିରେ ହସ ଖୁସି ହେବା, ମିଳିମିଶି ସମୟ କଟାଇବା ଏବଂ ତା'ର ଅଗ୍ରଗତିରେ ନିଜର ସ୍ୱାର୍ଥ, ମୋହାଶକ୍ତି ଓ ଅଧିକାରକୁ ତ୍ୟାଗ କରି ବିନା ଦ୍ୱିଧାରେ ତାକୁ ସହାୟତା ଯୋଗାଇବା ଦ୍ୱାରା ପିଲାଟି ପ୍ରକୃତ ବନ୍ଧୁତାର ସ୍ପର୍ଶ ପାଏ ଏବଂ

ମାଆବାପାଙ୍କ ପ୍ରତି ଥିବା ଭୟ ଓ ସଂକୋଚକୁ ଏଡ଼ାଇ ଦେଇ ସେ ଆତ୍ମୀୟତାର ସୂତ୍ରକୁ ଦୃଢ଼ କରିବାକୁ ସମର୍ଥ ହୁଏ । ମାତାପିତାଙ୍କର କାମ ହେଲା ମାଳି ପରି ପିଲାର ଯତ୍ନ ନେବା । ବଗିଚାରେ ଫୁଲଟି ହସିଲେ ମାଳିର ମୁଖରେ ହସ ଫୁଟି ଉଠେ । ସେହିପରି ପିଲାର ଅଗ୍ରଗତିରେ ମାଆବାପା ଖୁସିହେବା ସ୍ୱାଭାବିକ । ସୁତାରଂ ଶୁଦ୍ଧପ୍ରେମ, ବନ୍ଧୁତା ଓ ଆତ୍ମୀୟତାର ପରିବେଶରେ ଶିଶୁଟି ହସିଖେଳି ସ୍ୱାଚ୍ଛନ୍ଦ୍ୟରେ ବଢ଼ିଲେ ତା'ର ମୁଖରେ ଯେଉଁ ହସରୂପକ ଚୈତ୍ୟିକ ଆଭା ଫୁଟିଉଠେ ତାହା ସମଗ୍ର ପରିବେଶକୁ ଶୁଦ୍ଧ ଓ ଆକର୍ଷଣୀୟ କରିଥାଏ ।

(କ୍ରମଶଃ) ❑

---

*(ପୃଷ୍ଠା ୪୪ର ଅବଶିଷ୍ଟାଂଶ)*

''ଏହି ଉପାୟଟି ବେଶ୍ ସୁବିଧାଜନକ, ପ୍ରତ୍ୟକ୍ଷ ଏବଂ ସହଜଲଭ୍ୟ ।''

ପ୍ରଭୁଙ୍କ ଉତ୍ତର ପାଇବା ପାଇଁ ଯେକୌଣସି ସମୟରେ ସମାଧିରେ ଜଣାଇଲେ ଅବଶ୍ୟ ଉତ୍ତର ପାଇବ ।

(Ref. Mona Sarkar, 'Blessings of the Grace', p. 120 - 121)

"The heroes and the demigods are few
To whom the close immortal voices speak
And to their acts the heavenly clan are near."

(Savitri, P. 689)

ଏହାର ମୁକ୍ତ ଅନୁବାଦ :

''ବୀର ଯେଉଁମାନେ, ଦେବତୁଲ୍ୟ
ଯେଉଁମାନେ ସ୍ୱଳ୍ପ ସଂଖ୍ୟକ ସେମାନେ
ଯାହାଙ୍କୁ ଅମର କଣ୍ଠ ଶୁଣାଏ ତା'ର ବାଣୀ
ଯାହାଙ୍କ କର୍ମସହ ସମ୍ମିଳିତ ସ୍ୱର୍ଗର ବାହିନୀ ।''

❑❑❑

# ମହାସମାଧି ସେ ମହାମିଳନର

## ଶରତ କୁମାରୀ ସ୍ୱାଇଁ

ସେ ଯେ ନୁହେଁରେ ମୂକ ପ୍ରସ୍ତର
ଧରାସ୍ୱର୍ଗରେ – ମହାଚେତନାର
ସେ ଯେ ଜାଗ୍ରତ୍ ଚିର ଆତ୍ମାର ।୦।

ଘନ ଅନ୍ଧାରେ ଦୀପ୍ତ ଉଦ୍ଭାସ
ଭରି ଦିବ୍ୟ ଜ୍ୟୋତିଃର ପ୍ରକାଶ
ସୁପ୍ତ ଚେତନାକୁ କରେ ସଞ୍ଜୀବିତ
ପ୍ରତି ପ୍ରଭାତ ଯା'ଲାଗି ସୌରଦୀପ୍ତ
ନିଖିଳ ସୁଷମାର ସେ ଗନ୍ତାଘର
ସେ ଯେ ଜୀବନ ବୀଣାର ଝଙ୍କାର । (୧)

ଚିର ଅମଳିନ ଆଲୋକର ଗାଥା
ଦୃପ୍ତକଣ୍ଠେ ଦିଏ ସଙ୍ଗତିର ବାର୍ତ୍ତା ।
ଅମର ପ୍ରେମର ରହସ୍ୟର କଥା
ଅନ୍ତରାତ୍ମା ଜାଗେ ତେଜି ହର୍ଷ, ବ୍ୟଥା
ଅପରୂପ ମହିମାରେ ଚମତ୍କାର
ସେ ଯେ ପୂର୍ଣ୍ଣ ଆନନ୍ଦରେ ଭରପୂର ।୨।

ଦିବ୍ୟଜ୍ଞାନେ ସୁବିପୁଳ ମହୋଦଧି
ଶତ ପ୍ରତିକୂଳ ବାଧା ପ୍ରତିରୋଧୀ
ଭରେ ନିଷ୍ପନ୍ଦ, ନୀରବ, ନିଶ୍ଚଳତା
ଦୂର କରି ଯେତେ ଯାହା ଅପୂର୍ଣ୍ଣତା

ସ୍ୱର୍ଣ୍ଣ ସେତୁଟିଏ ମର୍ତ୍ତ୍ୟ-ଜୀବନର
ମହାସମାଧି ସେ ମହାମିଳନର ।୩।

❑❑❑

# ଦିବାସ୍ୱପ୍ନ

## (୧୦)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏହାର ରଚନା କାଳ ୧୯୩୨ ମସିହା । ସେସମୟରେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ଏପରିକି ଶିକ୍ଷାୟତନର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନ ଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ ।

ଏପରି ଏକ ପରିବେଶରେ ଜଣେ କାଳ୍ପନିକ ଶିକ୍ଷକ ଗତାନୁଗତିକ ଶିକ୍ଷାପଦ୍ଧତି ବିରୋଧରେ କେବଳ ଯେ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପନ୍ଥା ଉଦ୍ଭାବନ କରିବାକୁ ମଧ୍ୟ ପ୍ରୟାସୀ ହୋଇ ଉଠିଛନ୍ତି । ଅବଶ୍ୟ ଏହି ମରମୀ ଶିକ୍ଷକ ଜଣଙ୍କର ପ୍ରସ୍ତୁତ ‘ପ୍ରଣାଳୀ’ ଓ ‘ପ୍ରୟୋଗ’ ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ’ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ବରଂ ଶିକ୍ଷାର୍ଥୀମାନଙ୍କ ପାଇଁ ତାଙ୍କର ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସର୍ବୋପରି ତାଙ୍କର ଅଭିନବ ଶିକ୍ଷଣ ଶୈଳୀ ସେମାନଙ୍କୁ ଶିକ୍ଷିତ କରିବାରେ ପ୍ରେରଣା ଯୋଗାଇଛି । ଧୀରେ ଧୀରେ ସେ ପିଲାମାନଙ୍କର ନିକଟତର ହେବାରେ ଲାଗିଛନ୍ତି ।

ପରିଶେଷରେ ତାଙ୍କର ପ୍ରୟୋଗଶାଳାରେ ଅନୁସୃତ ଶିକ୍ଷା ପଦ୍ଧତି ଶିକ୍ଷାକେନ୍ଦ୍ରର ଅଧିକାରୀ ତଥା ଅନୁଷ୍ଠାନର ଅନ୍ୟ ସହକର୍ମୀମାନଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ହୋଇଛି । ପିଲାମାନଙ୍କର ଭାଷା ଉପରେ ଦକ୍ଷତା, ସ୍ମୃତିଶକ୍ତିର ଅଭିବୃଦ୍ଧିମୂଳକ କାର୍ଯ୍ୟ, ସୃଜନାତ୍ମକ କାର୍ଯ୍ୟାବଳି, ଅଭିନୟ ପଟୁତା, ବ୍ୟକ୍ତିଗତ ତଥା ପରିବେଶର ପରିଷ୍କାର ପରିଚ୍ଛନ୍ନତା, କ୍ରୀଡ଼ାରେ ଦକ୍ଷତା, ରୁଚିପୂର୍ଣ୍ଣ ସଂଗ୍ରହାଳୟର ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟ ସମସ୍ତଙ୍କୁ ମୁଗ୍ଧ ଓ ଆମୋଦିତ କରିଛି । ଏହିସବୁ ଶିକ୍ଷା ପ୍ରଣାଳୀ ତାଙ୍କର ସହକର୍ମୀମାନଙ୍କୁ ଅନୁପ୍ରାଣିତ କରିଛି ମଧ୍ୟ । ସେମାନେ ସ୍ୱତନ୍ତ୍ର ଭାବେ ଏ ସମ୍ପର୍କରେ ଆଲୋଚନା କରିବାକୁ ଆଗ୍ରହୀ ହୋଇ ଉଠିଛନ୍ତି ।

ଏ ସଂଖ୍ୟାରେ ଆମେ ଜାଣିବା ଉପରୋକ୍ତ ଛାତ୍ରବତ୍ସଳ ଶିକ୍ଷକଙ୍କର ଅଭିନବ ପଦ୍ଧତିରେ ଭୂଗୋଳ ଶିକ୍ଷା ସମ୍ପର୍କରେ...]

### ଚତୁର୍ଥ ଭାଗ
### ଅନ୍ତିମ ସମ୍ମିଳନୀ
(III)

ଚତୁର୍ଥ ଶ୍ରେଣୀର ପିଲାମାନେ ଭୂଗୋଳ ବିଷୟରେ କିଛିଟା ଜାଣିଥିଲେ । ତେଣୁ ମୁଁ କାଥିଆୱାଡ଼୍, ଗୁଜରାଟ ଏବଂ ବମ୍ବେ ଭଳି ଆଖପାଖ ଅଞ୍ଚଳର କିଛି ମାନଚିତ୍ର ଆଣି ଟାଙ୍ଗି ଦେଲି । ପିଲାମାନଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗୁଥାଏ । ଆଜି ପର୍ଯ୍ୟନ୍ତ ମୁଁ ସେମାନଙ୍କୁ ଭୂଗୋଳ ପଢ଼ାଇ ନଥିଲି । ସେମାନେ ନିଜ ନିଜ ଖାତାରୁ କାଗଜ ଚିରି ପାନ ଖିଲ ଭଳି ଭାଙ୍ଗୁଥା’ନ୍ତି ଓ କାଣି ଆଙ୍ଗୁଠିରେ ପିନ୍ଧୁଥା’ନ୍ତି । ମୁଁ ଦେଖୁଥାଏ ।

ମୁଁ ପଚାରିଲି, ‘‘ତୁମେ ଏ ନଳୀ କାହିଁକି ତିଆରି କଲ ?’’

ପିଲାମାନେ କହିଲେ, ‘‘ମାନଚିତ୍ର ଘୋଷିବା ପାଇଁ ।’’

ମୁଁ ଚମକି ପଡ଼ିଲି, ‘‘ମାନଚିତ୍ର ମଧ୍ୟ ଘୋଷାଯାଏ ! ଏ ଭୂଗୋଳ ଶିକ୍ଷା ତ ଅଦ୍ଭୁତ ।’’ କିଛି ସମୟ ମଜା କରିବା ପାଇଁ ମୁଁ ପଚାରିଲି, ‘‘ଭାବନଗର କେଉଁଠି ଦେଖାଇଲ ?’’

ଜଣେ ପିଲା ବମ୍ବେ ମ୍ୟାପ୍ ଉପରେ ତା’ର ଆଖି ବୁଲେଇଲା । ବମ୍ବେ, ଅହମଦାବାଦ, ହାଇଦ୍ରାବାଦ ପଢ଼ିଲା । ତା’ପରେ ପୁନା, ପୋର୍‌ବନ୍ଦର ପଢ଼ିଲା । ପଛରେ ଦୁଇ ତିନିଜଣ ପିଲା ଭାବନଗର ଖୋଜି କରି ଦେଖାଇବା ପାଇଁ ଅଥୟ ହୋଇ ଛିଡ଼ା ହୋଇ ଯାଇଥିଲେ । ଶେଷକୁ ପଚାରିବା ଆଗରୁ ଜଣେ ପିଲା ଆସି ଦେଖାଇ ଦେଲା ।

ମୁଁ ପଚାରିଲି, ‘‘ଭାବନଗର କେଉଁ ଦିଗରେ ?’’ ପିଲାମାନେ ଉପର, ତଳ, ବାମ, ଡାହାଣ ଦେଖି ହିସାବପତ୍ର କରି କହିଲେ, ‘‘ଉତ୍ତର ଦିଗରେ ।’’

ଆଉ ଜଣେ ପିଲା କହିଲା, ''ଉତ୍ତର ଦିଗ ତ ଉପର ପଟେ । ଏଇଟା ତ ପୂର୍ବ ।''

ମୁଁ ହସିଦେଇ କହିଲି, ''ଉପରେ ତ ଆକାଶ, ସେଠି ଉତ୍ତର କାହିଁ ?''

ପିଲାମାନେ – ''ନା ନା, ଉପରେ ଉତ୍ତର ଓ ତଳେ ଦକ୍ଷିଣ । ଉତ୍ତର-ଦକ୍ଷିଣ ଲମ୍ବା ଓ ପୂର୍ବ-ପଶ୍ଚିମ ଚଉଡ଼ା ।''

ଅନ୍ୟ ଜଣେ କହିଲା, ''ଯେଉଁ ପଟେ ସୂର୍ଯ୍ୟ ଉଦୟ ହୁଏ, ସେଇଟା ପୂର୍ବ ।''

ମୁଁ ପଚାରିଲି, ''ଏ ମାନଚିତ୍ରରେ ତେବେ ସୂର୍ଯ୍ୟ କାହିଁ ?''

ସମସ୍ତେ ଚିନ୍ତାରେ ପଡ଼ିଗଲେ । ମୁଁ କହିଲି, ''ଶତ୍ରୁଞ୍ଜୟ ନଦୀ ଦେଖାଅ ।''

ଜଣେ ନଳୀ ସାହାଯ୍ୟରେ ନଈଟି ଦେଖାଇଲା । ମୁଁ ପଚାରିଲି, ''ଏଇଟା ଯାଇ କେଉଁଥିରେ ମିଶିଛି ?''

ଜଣେ ମାନଚିତ୍ର ଦେଖି କହିଲା, ''ଏହା ଖମ୍ଭାତ୍ ଉପସାଗରରେ ପଡ଼ିଛି ।''

ମୁଁ ପଚାରିଲି, ''ଆରବ ସାଗରରେ ସେ କାହିଁକି ନ ପଡ଼ିଲା ?''

ଜଣେ କହିଲା, ''ସେଇଟା ତ ତା'ର ଇଚ୍ଛା ।'' ହୁଏ ତ ସେ ଚାହିଁଲା ଖମ୍ଭାତ୍ ଉପସାଗରରେ ମିଶିବା ପାଇଁ ।''

ମୁଁ ପଚାରିଲି, ''ନଈଟି କାହିଁକି ତଳକୁ ବହି ଯାଉଛି ?''

''ପାଣି ସବୁବେଳେ ତଳକୁ ବହିଯାଏ । ତଳେ ଦକ୍ଷିଣ । ତେଣୁ ସେଇ ଆଡ଼କୁ ଯାଉଛି ।'' ପିଲାମାନେ କହିଲେ ।

ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଗତ ବର୍ଷ ଯେଉଁ ଭୂଗୋଳ ସେମାନେ ପଢ଼ିଥିଲେ, ତାକୁ ସେମାନେ ଭୁଲି ନ ଥିଲେ । ସିଧାସଳଖ ଘୋଷାର ଏ ଗୋଟିଏ ସଫଳତା ଅବଶ୍ୟ । ଏ ବର୍ଷ ମଧ୍ୟ ମୁଁ ଏମିତି ପଢ଼ାଇପାରନ୍ତି । କିନ୍ତୁ ତା' କ'ଣ ଭୂଗୋଳ ପଢ଼ା ହେବ ? ମୁଁ ପିଲାମାନଙ୍କୁ କହିଲି, ''ଏଥର ମାନଚିତ୍ର ସବୁକୁ ଗୁଡ଼ାଇ ରଖି ଦିଅ । ମାସେ ପରେ ଆମେ ଭୂଗୋଳ ଆରମ୍ଭ କରିବା । ଏବେ କିଛିଦିନ ତୁମେ ଖାଲି ଚିତ୍ର କର ।''

ପିଲାମାନେ ମୋ ଆଡ଼କୁ ଚାହିଁ ରହିଲେ । ସ୍କୁଲ କାର୍ଯ୍ୟକ୍ରମରେ ଚିତ୍ର କରିବା ପୂରା ନୂଆ । ପାଠ୍ୟକ୍ରମରେ ସେଥିପାଇଁ କୌଣସି ସୁଯୋଗ ମଧ୍ୟ ନ ଥିଲା । ସ୍କୁଲରେ କୌଣସି ସୃଜନାତ୍ମକ କାର୍ଯ୍ୟ ପାଇଁ ବାଟ ପ୍ରାୟ ନ ଥିଲା । କିନ୍ତୁ ମୋତେ ଏସବୁ ଆରମ୍ଭ କରିବାକୁ ହିଁ ହେବ ।

ତା' ପରଦିନ ମୁଁ ପିଲାମାନଙ୍କୁ କହିଲି, ''ଆସ, ସମସ୍ତେ ଚିତ୍ର କର । ଯାହା ଚାହୁଁଛ, ଯେମିତି ପାରୁଛ, କର । ଦେଖିକରି କର ବା ମନରୁ କର । ମଣିଷ, ଘର, ପକ୍ଷୀ, ଗଛ, ଫୁଲ, ଆକାଶ, ଜିନିଷ, ମାନଚିତ୍ର, ନଈ – ଯାହା ପାରୁଛ କର ।''

ତା'ପରେ ଆରମ୍ଭ ହୋଇଗଲା ଚିତ୍ର । ବଙ୍କାଟଙ୍କା, ତେଢ଼ା ମେଢ଼ା କେତେ ପ୍ରକାରର ଚିତ୍ର ସବୁ । ସକାଳ ସମୟତକ ଚିତ୍ର ଅଙ୍କାରେ ଗଲା । ଘଣ୍ଟା ବାଜିଲାରୁ ଜଣାଗଲା ଯେ ସ୍କୁଲର ସମୟ ଶେଷ । ଯେଉଁମାନଙ୍କର କାଗଜ, ପେନ୍‌ସିଲ ଥିଲା, ସେମାନେ ସେଥିରେ କଲେ । ନଚେତ୍ ସ୍ଲେଟ୍‌ରେ କଲେ । ଦୁଇ ଚାରିଦିନ ଏପରି କଟିଗଲା । ଅନେକ ଚିତ୍ର ମଧ୍ୟ ଗଦା ହୋଇ ଗଲା । କୌଣସି ଚିତ୍ରକର ଅବଶ୍ୟ ଏସବୁକୁ କଣେଇ କରି ମଧ୍ୟ ଚାହିଁବନି । କିନ୍ତୁ ଏଗୁଡ଼ିକ ଥିଲା ପିଲାମାନଙ୍କର କଳ୍ପନାର ପରିପ୍ରକାଶ । ନିଜ ପ୍ରଚେଷ୍ଟାର ଫଳ ।

ମୁଁ ଭାବିଲି ଏ ଚିତ୍ରଗୁଡ଼ିକ କିଛିଦିନ ପାଇଁ ସାଇତା ହୋଇ ରହିବା ଉଚିତ । ମୁଁ ଅଧିକାରୀଙ୍କ ସହ ଦେଖାକଲି । ଅତି କଷ୍ଟରେ ତାଙ୍କଠାରୁ ଗୋଟିଏ ପାଖ ଖାଲିଥିବା କିଛି ରଦି କାଗଜ ଓ ଦୁଇ ଡଜନ୍ ରଙ୍ଗିନ ପେନ୍‌ସିଲ ମାଗି ଆଣିଲି । ଅଧିକାରୀ ହସି ହସି କହିଲେ, ''ଜଣା ଯାଉଛି ପୁଣି ପାଠପଢ଼ା ଛାଡ଼ି ତୁମେ ଚିତ୍ର ଅଙ୍କା ଭଳି ନୂଆ ବିଷୟରେ ଲାଗି ଗଲଣି !''

ଚିତ୍ରର ବିଷୟବସ୍ତୁ ଅନୁସାରେ ପ୍ରତ୍ୟେକ ପିଲା ଗୋଟିଏ ଗୋଟିଏ ଖାତା କଲେ ଓ ସେଥିରେ ଚିତ୍ରସବୁ ଆଙ୍କିଲେ । ମୁଁ କିଛି ପତ୍ର, ଫୁଲ ଚପାଇ ଦେଇ ଖାତାଗୁଡ଼ିକୁ ସଜାଇ ଦେଲି । ନମୁନା ଭଳି ବ୍ୟବହାର କରିବା ପାଇଁ ପାଖ ଦୋକାନରୁ ଚିତ୍ର-ବିଚିତ୍ର କନାର ଟୁକୁରା ସବୁ କିଛି ଆଣି ଟାଙ୍ଗି ଦେଲି । ଦେଖିକରି ଆଙ୍କିବା ପାଇଁ ଦୁଆତ, କଲମ, ଡିବି, ଲଣ୍ଠନ ଭଳି ସାଧାରଣ ଜିନିଷ ମଧ୍ୟ ସଜା ହୋଇ ରହିଲା । ସାଙ୍ଗମାନଙ୍କଠାରୁ ମାଗିଆଣି କିଛି ଭଲ ଚିତ୍ର ମଧ୍ୟ ସେହି ଘରେ ଝୁଲାଇ ଦେଲି । ଖଣ୍ଡିଏ ପଟା ମଧ୍ୟ ଝୁଲିଲା । ସେଥିରେ ଲେଖାଥିଲା –

''ଚିତ୍ର କର ! ଚିତ୍ର କର ! ଚିତ୍ର କର !''

''ନିଜେ ହିଁ କର !''

''ତୁମକୁ ଚିତ୍ର ଆଙ୍କିବା ଜଣା ଅଛି !''

''ପ୍ରତ୍ୟେକ ଦିନ ଭଲ ଭଲ ଚିତ୍ର ବାହାରୁଛି ।''

''ଚିତ୍ର କର ।''

ପିଲାମାନେ ଲାଗିପଡ଼ି ଚିତ୍ର କଲେ । କେହି କେହି ଛୁଞ୍ଚି କାମର ନମୁନା ଭଳି ଚିତ୍ର କଲେ । କିଏ ବା ଫୁଲର ଚିତ୍ରଟିରେ

ପ୍ରକୃତ ଫୁଲର ରଙ୍ଗ ଭରି ଦେଲା । କେତେ ଜଣ ଆଦୌ ଚିତ୍ର ଆଙ୍କୁ ନ ଥିଲେ । ବସି ବସି ଅନ୍ୟମାନଙ୍କର ଚିତ୍ରଅଙ୍କା ଦେଖୁଥିଲେ ।

ଗୋଟିଏ ସପ୍ତାହ ପରେ ମୁଁ ପାଖ ହାଇସ୍କୁଲର ଡ୍ରଇଂ ଶିକ୍ଷକଙ୍କୁ ଡାକି ଆଣିଲି । ମୁଁ ତାଙ୍କୁ କହିଲି, ''ଆପଣ ଚିତ୍ର ଆଙ୍କିବା ଶିଖାଇବା ଦରକାର ନାହିଁ । କଳାପଟା ଉପରେ ନିଜ ପସନ୍ଦ ଅନୁସାରେ ଆପଣ କିଛି ଚିତ୍ର କରି ଯାଆନ୍ତୁ । କିନ୍ତୁ ଆସ୍ତେ ଆସ୍ତେ ଓ ପରିଷ୍କାର ଭାବରେ କରନ୍ତୁ । ଗଛ ଦେଖି କରି ଗଛ ବା ଚଉକି ଦେଖି କରି ଚଉକିଟିଏ ଆଙ୍କନ୍ତୁ । ଡ୍ରଇଂ ଶିକ୍ଷକ ସେପରି କଲେ ଓ ପିଲାମାନେ ମୁଗ୍ଧ ହୋଇ ଦେଖି ଚାଲିଲେ । ତା' ପରଦିନ ମଧ୍ୟ ଏପରି ଚାଲିଲା । ଜଣାଗଲା ପିଲାମାନେ ଯେପରି ଚିତ୍ର କରିବାର ନିୟମ ସବୁ ଧରି ନେଲେଣି । ମୁଁ ଏଣିକି ସେମାନଙ୍କର ଚିତ୍ର ତଳେ ତାରିଖ ଓ ନାମ ଦେବା ଆରମ୍ଭ କଲି ।

କିଛିଦିନ ପରେ ସେ ଡ୍ରଇଂ ଶିକ୍ଷକଙ୍କୁ ପୁଣି ଥରେ ଡାକିଲି । ଚିତ୍ରରେ କିପରି ରଙ୍ଗ ଦିଆଯାଏ ସେକଥା ପିଲାମାନଙ୍କୁ ଶିଖାଇ ଦେବା ପାଇଁ ଅନୁରୋଧ କଲି । ଚିତ୍ରକାର ଚାରି, ପାଞ୍ଚଟି ଚିତ୍ରରେ ପେନ୍‌ସିଲ ସାହାଯ୍ୟରେ ରଙ୍ଗ ଦେଲେ । ପିଲାମାନେ ଏହା ଶିଖିଲେ ।

କିଛିଦିନ ପରେ ମୁଁ ମୋର ଜଣେ ଅମିନ ସାଙ୍ଗକୁ ଡାକି ଆମ ସ୍କୁଲର ଗୋଟିଏ ନକ୍ସା ତିଆରି କରିବା ପାଇଁ କହିଲି । ସେ ଓ ମୁଁ ସ୍କୁଲର ଚାରିଆଡ଼ ମାପୁଥାଉ ଓ ପିଲାମାନେ ଆମ ସହ ଚାଲୁ ଥାଆନ୍ତି । ପିଲାମାନଙ୍କ ଆଗରେ ଆମେ ସ୍କୁଲ ଘର ଓ ପଡ଼ିଆ ଇତ୍ୟାଦିର ନକ୍ସା କରି ଦେଖାଇଲୁ । ତା'ପରେ ଦୁଇ ଚାରିଦିନ ଧରି ମୁଁ ପିଲାମାନଙ୍କୁ ସର୍ଭେୟର୍‌ଙ୍କ ଅଫିସକୁ ପଠାଇ ଦେଲି । କେମିତି ରାସ୍ତା, ଗାଁ, ସହର ଇତ୍ୟାଦିର ମାନଚିତ୍ର ତିଆରି ହୁଏ, ସେମାନେ ସେଠାରେ ଶିଖିଲେ । ଯେଉଁଠି ପ୍ରକୃତରେ ସର୍ଭେ କାମ ଚାଲିଥିଲା, ସେମିତି ଜାଗାକୁ ଆମେ ପିଲାଙ୍କୁ ଥରେ, ଦୁଇଥର ନେଇଗଲୁ । ତା'ପରେ ପିଲାମାନେ ସ୍କୁଲ, ଶ୍ରେଣୀଘର, ତାଙ୍କ ନିଜ ଘର, ଗଳି, ଏପରିକି କୂଅ, ପୋଖରୀ ଇତ୍ୟାଦିର ନକ୍ସା ତିଆରି କରିବାରେ ଲାଗିଗଲେ । ସେମାନଙ୍କର ଚିତ୍ରକଳାର ଜ୍ଞାନ ବଢ଼ାଇବା ପାଇଁ ମୁଁ ବେଳେ ବେଳେ ସେମାନଙ୍କୁ ବାହାରକୁ ବୁଲାଇବା ପାଇଁ ନେଇ ଯାଉଥିଲି । ସେମାନଙ୍କ ଆଖିର ନିରୀକ୍ଷଣ ଶକ୍ତିକୁ ବଢ଼ାଇବା ପାଇଁ ଆମେ ବିଭିନ୍ନ ଖେଳ ଖେଳୁଥିଲୁ । ଯେମିତି କୌଣସି ଗୋଟିଏ ଜିନିଷକୁ ଖୁବ୍ ଅଳ୍ପ ସମୟ ପାଇଁ ମନେ ରଖିବା ବା ଆଖି ବନ୍ଦ କରି ତା'ର ଚିତ୍ର ଆଙ୍କିବା ଇତ୍ୟାଦି । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ରଙ୍ଗ ପ୍ରତି ଧ୍ୟାନ ଦେବା, ଦୂର ଜିନିଷର ଆକାର କଳନା କରିବା, ଗଛ, ପର୍ବତ, ମଣିଷ ଇତ୍ୟାଦିର ଛାଇକୁ ଅନୁଧ୍ୟାନ କରିବା ଇତ୍ୟାଦି ମଧ୍ୟ ଏ ଭିତରେ ରହୁଥିଲା । ଏହିପରି କିଛିଦିନ ଭିତରେ ଆମ ଶ୍ରେଣୀଟି ଚିତ୍ରକଳାରେ ଖୁବ୍ ନିପୁଣ ହୋଇ ଉଠିଲା ।

## (IV)

ଦିନେ ମୁଁ ହାଇସ୍କୁଲରୁ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ଆଣି ପିଲାଙ୍କୁ ଦେଖାଇଲି । ସେଥିରେ ଦୂର ଜିନିଷ ସବୁ ପାଖରେ ଦେଖାଯାଉଥିବା ଦେଖି ସେମାନଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସାରାଦିନ ସେମାନେ ସେଥିରେ ଦେଖୁଥା'ନ୍ତି । ରାତିରେ ଗୋଟିଏ ବଡ଼ ଦୂରବୀକ୍ଷଣ ଯନ୍ତ୍ର ଆଣି ପିଲାମାନଙ୍କୁ ଗ୍ରହ, ନକ୍ଷତ୍ର ସବୁ ଦେଖାଇଲି । ମୋର ସାଙ୍ଗମାନେ କହିଲେ, ''ଭାଇ, ବାସ୍ତବିକ ତୁମେ ବଡ଼ ଉଦ୍‌ଯୋଗୀ ।''

ମୋ ଶିକ୍ଷକ ବନ୍ଧୁମାନେ ଏବେ ଅବସର ସମୟରେ ପ୍ରାୟ ମୋ ସାଙ୍ଗରେ ରହୁଥା'ନ୍ତି । ମୋର ନିନ୍ଦା କରିବା ଛାଡ଼ି ମୋ'ଠାରୁ ଶିଖିବା ପାଇଁ ଆଗ୍ରହୀ ହେଉଥା'ନ୍ତି । ଡାଇରେକ୍ଟର ସାହେବ ମଧ୍ୟ ଅନୁମତି ଦେଇଥା'ନ୍ତି ଯେ ସପ୍ତାହକୁ ଘଣ୍ଟାଏ ଲେଖାଏଁ ଅନ୍ୟ ଶିକ୍ଷକମାନେ ଆସି ମୋ କାମ କରିବା ପ୍ରଣାଳୀ ଦେଖିବେ ।

ରାତିରେ ଦୂରବୀକ୍ଷଣ ଯନ୍ତ୍ରରେ ମୁଁ ପିଲାମାନଙ୍କୁ ଚନ୍ଦ୍ର ଦେଖାଇ କହିଲି, ''ଦେଖ, ଚନ୍ଦ୍ରରେ ଯେଉଁ ବୁଢ଼ୀ ବସି ଚରଖା ଚଲାଏ ବା ଯେଉଁ ଠେକୁଆ ରହିଥାଏ – ତା'ର ପ୍ରକୃତ ରୂପ ଏପରି ଅଟେ । ସେଗୁଡ଼ିକ ପ୍ରକୃତରେ ଚନ୍ଦ୍ରରେ ଥିବା ବଡ଼ ବଡ଼ ଗାତ ଓ ପାହାଡ଼ । ସେଠାରେ ଏତେ ଥଣ୍ଡା ବା ଗରମ ହୁଏ ଯେ ମଣିଷ ବଞ୍ଚି ପାରିବ ନାହିଁ । ଚନ୍ଦ୍ର ଆମ ଘର ପୃଥିବୀର ଭଉଣୀ ଭଳି । ସୂର୍ଯ୍ୟ ସେମାନଙ୍କର ବାପା ।''

ପିଲାମାନେ ଆଶ୍ଚର୍ଯ୍ୟ ହୋଇ ଦେଖୁଥା'ନ୍ତି । ଜଣେ ପଚାରିଲା, ''ଏ ଗପସବୁ କେଉଁ ବହିରେ ଲେଖା ହୋଇଛି ?''

ମୁଁ କହିଲି, ''ଏଗୁଡ଼ିକ ଗପ ନୁହେଁ, ସତ କଥା ।''

ପିଲା – '' ଏହା ଅସମ୍ଭବ ।''

ମୁଁ – ''ପ୍ରକୃତରେ ଏହା ହିଁ ସତ ।''

ତା'ପରେ ମୁଁ ସେମାନଙ୍କୁ ବୁଝାଇବାକୁ ଆରମ୍ଭ କଲି

ଯେ ସୂର୍ଯ୍ୟଠାରୁ ପୃଥିବୀ କେମିତି ସୃଷ୍ଟି ହେଲା, ପୃଥିବୀ କେମିତି ଥଣ୍ଡା ହେଲା, ଢାଲୁ ଜାଗା, ଖାଲ, ପର୍ବତ ସବୁ କେଉଁଠୁ ଆସିଲେ, ପୋଖରୀ, ନଦୀ, ସମୁଦ୍ର କିପରି ଆରମ୍ଭ ହେଲେ, ଗଛପତ୍ର, ଜଳଜୀବ, ମାଛ, ବେଙ୍ଗ, ଅନ୍ୟ ଜୀବଜନ୍ତୁ, ଜଙ୍ଗଲି ମଣିଷ ଏବଂ ଶେଷରେ ଆଜିର ମଣିଷ କିପରି ସୃଷ୍ଟି ହେଲେ ଇତ୍ୟାଦି । ପିଲାମାନେ ମନଧ୍ୟାନ ଦେଇ ଶୁଣୁଥା'ନ୍ତି । ତାଙ୍କୁ ଏକଥା ସବୁ ବଡ଼ ଅଦ୍ଭୁତ ଲାଗୁଥାଏ । ଆମର ପ୍ରଧାନ ଶିକ୍ଷକ ସପ୍ତମ ଶ୍ରେଣୀର ପିଲାମାନଙ୍କୁ ମଧ୍ୟ ଏସବୁ ଶୁଣିବା ପାଇଁ ପଠାଇଲେ ।

ଦିନେ ମୁଁ ପୃଥିବୀର ଗୋଟିଏ ଗ୍ଲୋବ୍ ଆଣି ଦେଖାଇଲି – ''ଦେଖ, ଏହା ଉପରେ ସବୁ କଥା କେମିତି ଘଟିଲା, ମୁଁ ବୁଝାଇ ସାରିଛି । ମୁଁ ସେମାନଙ୍କୁ ଜଳଭାଗ ଓ ସ୍ଥଳଭାଗ କେଉଁଠି ଅଛି ଦେଖାଇ ଦେଲି । କଳା ଓ ଗୋରା ଲୋକ, ହଳଦିଆ ଓ ଲାଲ, ଗେଡ଼ା ଓ ଡେଙ୍ଗା, ସେକଥା କହିଲି । ଏହାପରେ ପୃଥିବୀର ପ୍ରାକୃତିକ ବିଭାଗ ବିଷୟରେ ଏବଂ ସେଗୁଡ଼ିକର ନାମ କହିଲି । ସେମାନେ ଦେଖିଲେ ଯେ ଆମେ ଏସିଆରେ ରହୁ । ଏସିଆ ମହାଦେଶରେ କେଉଁ ଅଞ୍ଚଳ ହେଉଛି ଭାରତ, ତାହା ମଧ୍ୟ ଦେଖିଲେ । ସେଥିରେ 'କାଠି' ଜାତିର ଲୋକ ରହୁଥିବା କାଠିଆୱାଡ଼୍ ଅଞ୍ଚଳ କେଉଁଠି, ତା'ପରେ ଭାବନଗର କେଉଁଠି, ଏସବୁ କଥା ତାଙ୍କୁ ଦେଖାଇଲି ।

ଶେଷରେ ମୁଁ କହିଲି, ''ଏ ଗ୍ଲୋବ୍‌ଟିକୁ ନିଅ ଓ ବାକ୍ସରୁ କାନ୍ଥ ମାନଚିତ୍ରଗୁଡ଼ିକୁ କାଢ଼ । ଗ୍ଲୋବ୍ ସହ ମାନଚିତ୍ରକୁ ମିଳାଇ କରି ଦେଖ । କେଉଁଠି କ'ଣ ଅଛି ?''

ମୁଁ ପିଲାମାନଙ୍କୁ ପ୍ରତିଦିନ କିଛି କିଛି ନୂଆ କଥା ଦେଖିବା ପାଇଁ କହୁଥାଏ । ''ତୁମେ ଆଜି ପର୍ଯ୍ୟନ୍ତ ଯେଉଁ ସହର ଓ ଗାଁ ସବୁ ଦେଖିଛ, ତାକୁ ଖୋଜି ବାହାର କର । ସେଠାକୁ ଯିବା ପାଇଁ ରାସ୍ତା ଖୋଜ । ବାଟରେ କି କି ନଦୀ ଓ କି କି ଗାଁ ପଡ଼େ, ଦେଖ ।''

ଏ ତ ଗଲା ଗୋଟିଏ ଉପାୟ । ଆଉ ଗୋଟିଏ ଥିଲା ମୋ ନିଜର ଅନୁଭୂତିକୁ ନେଇ । ମୁଁ ଆଫ୍ରିକା ଦେଖି ସାରିଥାଏ । ତେଣୁ ଆଫ୍ରିକାର ମାନଚିତ୍ର ଆଗରେ ରଖି ମୁଁ ସେଠାକାର କଥାସବୁ କହିବାକୁ ଲାଗିଲି । ଭିକ୍‌ଟୋରିଆ ଜଳପ୍ରପାତ ଟାଙ୍ଗାନାଇ, ଜାମ୍ବେସୀ, ନୀଳନଦୀ, ଆଫ୍ରିକୀୟ ସିଂହ, ହାତୀ, ମାସାଇ ଓ କୋଭିରୋଣ୍ଡୋଙ୍କ ଭଳି ସେଠିକାର ଅଧିବାସୀଙ୍କ କଥା । ଏହି ଭଳି ଅନେକ ପ୍ରକାରର କଥା ଚାଲିଲା । ତା'ପରେ ଦିନେ ମୁଁ କହିଲି, ''ଆମ ପାଖରେ ଯେଉଁ କୁମ୍ଭାର, କମାର, ମୋଚି ଇତ୍ୟାଦି ଲୋକମାନେ ଅଛନ୍ତି, ଚାଲ ତାଙ୍କୁ ଦେଖି ଆସିବା ।'' ଆମେ ଥରେ ଦୁଇ ଥର ଯାଇ ଗାଁରେ ବୁଲି ଆସିଲୁ । ସେଥିରୁ ଆମର ଗାଁ ଦାଣ୍ଡ, ନଦୀକୂଳ, ପାହାଡ଼ ଇତ୍ୟାଦି ବିଷୟରେ ଜାଣିବାର ଆଗ୍ରହ ବଢ଼ିଲା । ପିଲାମାନଙ୍କର ମନରେ ଭୂଗୋଳ ପଢ଼ିବାର ଆଗ୍ରହ ବଢ଼ିବାକୁ ଲାଗିଲା ।

ପିଲାମାନଙ୍କୁ ଭୂଗୋଳ ବିଷୟରେ କିଛି ବହି ଦେବାକୁ ଚାହିଁଲି । କିନ୍ତୁ ଭ୍ରମଣ କାହାଣୀ ଓ ଦେଶ ବିଦେଶ ଅଭିଯାନ ଇତ୍ୟାଦି ବିଷୟରେ ଭଲ ବହି ଆମ ଭାଷାରେ ବିଶେଷ ନ ଥିଲା । ଯାହା ମିଳିଲା, ତାଙ୍କୁ ଦେଲି ଏବଂ କହିଲି – ''ବହି ସହ ମାନଚିତ୍ର ମିଳାଇ କରି ପଢ଼ିଚାଲ । ଯାତ୍ରୀ ଯେଉଁଆଡ଼େ ଯାଉଛି, ମାନଚିତ୍ରରେ ଖୋଜ ଓ ତା' ସାଙ୍ଗରେ ଯାଇ ବୁଲ ।''

ପିଲାମାନେ ଭ୍ରମଣ କାହାଣୀ ସବୁ ପଢ଼ିବା ପାଇଁ ଭଲ ପାଆନ୍ତି । କେତେ ଜଣ ପିଲା ''କାଠିଆୱାଡ଼୍ ଜ୍ଞାନକୋଷ''କୁ ପଢ଼ିବାରେ ଲାଗିଗଲେ । ସେମାନେ ଗୋଟିଏ ଗୋଟିଏ ଗାଁ ବାଛି ତା' ବିଷୟରେ ପଢୁଥା'ନ୍ତି । ଏହିପରି ଜଣା ଅଜଣା ଅନେକ ଗାଁ ବିଷୟରେ ପଢ଼ିଗଲେ । ରବିଶଙ୍କର ରାୱଲ୍‌ଙ୍କ ସାହାଯ୍ୟରେ ସେମାନେ ଅହମଦାବାଦ ସହର ବିଷୟରେ ଜାଣିଲେ । ସବୁ ଜାଗା ବିଷୟରେ ଏପରି ଚିତ୍ର ବହି ମିଳୁ ଥାଆନ୍ତା କି ?

ଦିନେ ରବିଶଙ୍କରଜି ଶ୍ରେଣୀକୁ ଆସିଥିଲେ । ତାଙ୍କ ପାଖରେ ମାନ୍ଦ୍ରାଜ ବିଷୟରେ ଗୋଟିଏ ସିନେମା ଥିଲା । ସେ ପିଲାଙ୍କୁ ଏହା ଦେଖାଇଲେ । କାହିଁ କେତେ ଦୂରର ମାନ୍ଦ୍ରାଜ ସହରର ଦୃଶ୍ୟ ସବୁ ସିନେମାରେ ଦେଖି ସେମାନଙ୍କର ଭୌଗୋଳିକ ଆଗ୍ରହ ବହୁତ ବଢ଼ିଗଲା । ଗୋଟିଏ ଦିଗରେ ସିନେମା କ୍ଷତିକାରକ ହୋଇଥିଲେ ମଧ୍ୟ ଶିକ୍ଷା ପାଇଁ ଏହା ଗୋଟିଏ ବଡ଼ ଅସ୍ତ୍ର । ଦୂର ଜାଗାସବୁକୁ ଅବିକଳ ଭାବରେ ଦେଖାଇବା ଏହା ଦ୍ୱାରା ସମ୍ଭବ ହୋଇପାରେ । ଥରେ ମୁଁ ସିଜର୍ସ ସିଗାରେଟ୍, ବାଣ୍ଟୁଥିବା ଚିତ୍ର କିଛି ପାଇଲି । ସେଥିରେ ଦେଶ ବିଦେଶର ଲୋକଙ୍କର ଚିତ୍ରସବୁ ଥାଏ, ତାକୁ ମଧ୍ୟ ମୁଁ ପିଲାଙ୍କୁ ଦେଖିବାକୁ ଦେଲି । ଅବଶ୍ୟ ମୁଁ ସେମାନଙ୍କୁ ସାରା ଦୁନିଆର ଜ୍ଞାନ ଦେବାକୁ ଚାହୁଁ ନ ଥିଲି । ସେମାନେ ଯେ ସବୁକିଛି ମନେ ରଖନ୍ତୁ, ତା' ମଧ୍ୟ ମୁଁ ଚାହୁଁ ନ ଥିଲି । ମୁଁ ଚାହୁଁଥିଲି ସେମାନେ କେବଳ ଅନୁଭବ କରନ୍ତୁ ଯେ ଏ ଦୁନିଆ ବହୁତ ବଡ଼ । ଜାଣିବା ପାଇଁ ଓ ଦେଖିବା ପାଇଁ ଏଥିରେ ଅନେକ କିଛି ରହିଛି । ଆମେ ଶ୍ରେଣୀରେ କରୁଥିବା କାମ ସବୁ ପୃଥିବୀକୁ ଜାଣିବା ପାଇଁ କିଛି ଉପାୟ ମାତ୍ର ।

ମୁଁ ଆଉ ଗୋଟିଏ ଖେଳ ମଧ୍ୟ ଭାବିଥିଲି । ତା'ର ନାମ ଥିଲା, ''ଚାଲ ଆମେ ଯିବା ବୁଲି ।'' ପିଲାମାନେ ଭାବନଗରରୁ ବାହାରି ମନେ ମନେ ଅହମଦାବାଦ, ଦ୍ୱାରିକା, ବମ୍ବେ, ହିମାଳୟ, ବିଲାତ ଇତ୍ୟାଦି ବୁଲି ଯାଆନ୍ତି । କେମିତି ଯିବେ, କେଉଁ କେଉଁ ଗାଡ଼ିରେ ଯିବେ, କେଉଁଠି କେଉଁଠି ଗାଡ଼ି ବଦଳାଇବେ, କେଉଁଠି କ'ଣ ଦେଖିବେ, କେତେ ଦିନରେ ଯାତ୍ରା ଶେଷ ହେବ, କାହା କାହା ସହ ଭେଟ ହେବ, କ'ଣ କ'ଣ ବିଶେଷ ଜିନିଷ କିଣିବେ ଇତ୍ୟାଦି ଉପରେ ଆଲୋଚନା କରନ୍ତି । ପ୍ରକୃତ ଖର୍ଚ୍ଚର ହିସାବ କରନ୍ତି । ଏସବୁ କାମ ପାଇଁ ସେମାନେ ବିଭିନ୍ନ ଗାଇଡ୍ ବହି ଦେଖି ସହର ସବୁର ନାଆଁ ଲେଖନ୍ତି । ଭୂଗୋଳ ବହିରୁ ଦର୍ଶନୀୟ ସ୍ଥାନସବୁ ବାଛନ୍ତି, ବିଶେଷ ଜିନିଷର ତାଲିକା କରନ୍ତି । ଏ ଖେଳଟିକୁ ଭୂଗୋଳ ବୁଝିବା ପାଇଁ ଗୋଟିଏ ଉପାୟ ହିସାବରେ ଆମେ ନେଉ ।

କେବେ କେବେ ସେମାନେ ମାନଚିତ୍ରରୁ ଖୋଜନ୍ତି, ଦିଆସିଲି କେଉଁଠୁ ଆସିଛି ? କେଉଁ ରାସ୍ତା ଦେଇ ଏଠାକାର ତୁଳା ବିଲାତ ଯାଉଛି ? କେବେ କେବେ ଦୋକାନରେ ଖୋଜନ୍ତି, କେଉଁ କେଉଁ ଦେଶର ଜିନିଷ ଏକାଠି ହୋଇଛି ? କେବେ କେବେ ନଦୀ, ଗାଁ, ସହର, ପାହାଡ଼, ଦେଶ ଇତ୍ୟାଦିର ନାମ ସବୁକୁ ନେଇ ପଦ୍ୟାନ୍ତର କରନ୍ତି । ଯେଉଁ ଆଗ୍ରହରେ ସେମାନେ ଗଛର ଚିତ୍ର ଆଙ୍କୁଥିଲେ, ଠିକ୍ ସେଇ ଖୁସିରେ ସେମାନେ ଦେଶଗୁଡ଼ିକର ମାନଚିତ୍ର ଆଙ୍କୁଥିଲେ । ନିଜେ ଦେଖିଥିବା ବା ଜାଣିଥିବା ଗାଁ, ନଦୀ, ପାହାଡ଼ ଇତ୍ୟାଦିକୁ ସେମାନେ ନିଜ ନିଜ ମାନଚିତ୍ରରେ ଦେଖାନ୍ତି । ଅଧିକ ନୂଆ ଜାଗା ନିଜ ନକ୍ସାରେ ଦେଖାଇବା ପାଇଁ ସେମାନେ ଭୂଗୋଳ ବହି ପଢ଼ନ୍ତି । ଏହିପରି ଆମର ଭୂଗୋଳ ପଢ଼ା ଚାଲିଥାଏ ।

ମୋର ଶିକ୍ଷକ ବନ୍ଧୁମାନେ ଦିନେ ମୋତେ କହିଲେ, ''ଏ କାମ କେବଳ ତୁମେ ହିଁ କରି ପାରିବ । ଏତେ କଥା ତ ଆମେ ଜାଣି ନାହୁଁ । ଆମକୁ ଏପରି ଭୌଗୋଳିକ ଚର୍ଚ୍ଚା କରିବା ମଧ୍ୟ ଆସେ ନାହିଁ ।''

ମୁଁ କହିଲି, ''ଭାଇମାନେ, ସବୁକିଛି ଆସିପାରିବ, ହେଲେ ଆମକୁ କିଛି ଚେଷ୍ଟା କରିବାକୁ ପଡ଼ିବ ଏବଂ ଉତ୍ସାହ ଦେଖାଇବାକୁ ପଡ଼ିବ ।''

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ,
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** Sri Aurobindo Ashram Trust 'Donation' website (donations.sriaurobindoashram.org) ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩)ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଙ୍କୁରୋଦ୍‌ଗମ

## ପ୍ରସାଦ ତ୍ରିପାଠୀ

୧୯୬୦ ମସିହା – ଓଡ଼ିଶାରେ ଆଧ୍ୟାତ୍ମିକ ଆନ୍ଦୋଳନର ଏକ ସୁବର୍ଣ୍ଣଯୁଗର ପ୍ରାରମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆରମ୍ଭ ହେଲା ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନ । ଓଡ଼ିଶାର ଦୁଇ ବରପୁତ୍ର ଶ୍ରୀ ରାମକୃଷ୍ଣ ଦାସ (ବାବାଜି ମହାରାଜ) ଏବଂ ଅଧ୍ୟାପକ ପ୍ରପତ୍ତି ଶ୍ରୀଅରବିନ୍ଦ ଆଶ୍ରମରୁ ଦିବ୍ୟଜନନୀ ଶ୍ରୀମା'ଙ୍କ ଆଶୀର୍ବାଦ ସଂଗ୍ରହ କରି ଆରମ୍ଭ କଲେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କାର୍ଯ୍ୟକ୍ରମ । ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କାର୍ଯ୍ୟକ୍ରମ ପାଇଁ ସ୍ୱୟଂ ମା ଆଶୀର୍ବାଦ ପ୍ରଦାନପୂର୍ବକ ଅନୁମତି ଦେଲେ । ଭିନ୍ନ ଭିନ୍ନ ସ୍ଥାନରେ ଖୋଲିଗଲା ଶ୍ରୀଅରବିନ୍ଦ ପାଠଚକ୍ର । ରାଇରଙ୍ଗପୁରଠାରେ ଯଦିଓ ୧୯୪୯ ମସିହା ନଭେମ୍ବର ୨୪ ତାରିଖରେ ପ୍ରଥମ ଶ୍ରୀଅରବିନ୍ଦ ପାଠଚକ୍ର ଆରମ୍ଭ ହୋଇଥିଲା, ଦ୍ୱିତୀୟ ପାଠଚକ୍ର ଲଳିତ ମୋହନ ଘୋଷଙ୍କ ଭାଷାକୋଷ ଲେନ୍‌ଠାରେ ଥିବା ନିଜ ବାସଭବନରେ ଆରମ୍ଭ ହୋଇଥିଲା ଏବଂ ତୃତୀୟ ପାଠଚକ୍ର ଶ୍ରୀ ପ୍ରପତ୍ତିଙ୍କ କର୍ମସ୍ଥଳୀ କୋରାପୁଟର ଜୟପୁରଠାରେ ୧୯୫୧ ମସିହା ୨୪ ନଭେମ୍ବର ଦିନ ଆରମ୍ଭ ହୋଇଥିଲା । ତଥାପି ପ୍ରକୃତରେ ଏହି ପାଠଚକ୍ର ଆନ୍ଦୋଳନ ୧୯୬୦ ମସିହାରୁହିଁ ବାସ୍ତବ ରୂପ ଗ୍ରହଣ କଲା । ଏହିପରି ବିଭିନ୍ନ ସ୍ଥାନରେ ଶ୍ରୀଅରବିନ୍ଦ ପାଠଚକ୍ର ଆରମ୍ଭ ହୋଇ ଧୀରେ ଧୀରେ ତା'ର କାର୍ଯ୍ୟଧାରା ବଢ଼ି ଚାଲିଲା । ପାଠଚକ୍ରରୁ ଛାତ୍ର ସମାଜ, ଯୁବ ସମାଜ, ଶିବିର, ଯୁବଛାତ୍ର ଶିବିର, ସମ୍ମିଳନୀ ଇତ୍ୟାଦି ଧୀରେ ଧୀରେ ନୂତନ କାର୍ଯ୍ୟକ୍ରମମାନ ଗଢ଼ି ଉଠିଲା । ବର୍ତ୍ତମାନ ଶ୍ରୀଅରବିନ୍ଦ ପାଠଚକ୍ରମାନଙ୍କର ସଂଖ୍ୟା ବଢ଼ି ବଢ଼ି ପ୍ରାୟ ୧୨୦୦୦ରେ ପହଞ୍ଚିଛି । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା, ସବ୍‌ଡିଭିଜନ, ତହସିଲ, ସହର ପ୍ରଭୃତିରେ ପାଠଚକ୍ରମାନ ଖୋଲିଗଲା । ଓଡ଼ିଶାରୁ ଅନେକ ସଂଖ୍ୟାରେ ଭକ୍ତମାନେ ପଣ୍ଡିଚେରୀ ଯିବାକୁ ଲାଗିଲେ । କେହି କେହି ଏହାକୁ କେବଳ ଭାବପ୍ରବଣତା ବୋଲି ଆଖ୍ୟା ଦେଇ ଶ୍ରୀମା'ଙ୍କୁ ଏ ବିଷୟରେ ପ୍ରଶ୍ନ କରିବାରୁ ଶ୍ରୀମା ଉତ୍ତର ଦେଇଥିଲେ, ଓଡ଼ିଶାର ଆନ୍ତର ସତ୍ତା (Subliminal Part) ଦିବ୍ୟ ଆଲୋକ ପ୍ରତି ଉନ୍ମୀଳିତ ହୋଇଅଛି ।

ଓଡ଼ିଶାରେ ପ୍ରସ୍ତୁତି ଚାଲିଲା । ପାଠଚକ୍ର, ସଭା, ସମ୍ମିଳନୀ, ସେମିନାର ପ୍ରଭୃତିରେ ଓଡ଼ିଶାର ବାତାବରଣ ଉଦ୍‌ବୁଦ୍ଧ ହେଲା । ତେଣିକି ଆବଶ୍ୟକ ପଡ଼ିଲା ସମାଜ ମଧ୍ୟରେ, ସିଧା ସିଧା ଲୋକମାନଙ୍କ ନିକଟରେ ପରମପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା'ଙ୍କ ଅମରବାଣୀକୁ ପହଞ୍ଚାଇବାକୁ ହେବ । ଏଥିପାଇଁ ଆବଶ୍ୟକୀୟ ପ୍ରେରଣା ମଧ୍ୟ ମିଳିଲା । ପୂଜ୍ୟ ବାବାଜି ମହାରାଜଙ୍କ ପରାମର୍ଶରେ ପୂଜ୍ୟ ପ୍ରପତ୍ତିଜି ଓଡ଼ିଶାରେ ତୀବ୍ର ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କଲେ । ସେତେବେଳେ ପ୍ରପତ୍ତି ପ୍ରାୟତଃ ନିଜର ମତାମତ ଏପରି ଭାବରେ ଦେଉଥିଲେ – ବର୍ତ୍ତମାନ ଓଡ଼ିଶାରେ ଅନେକ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର ସମାଜ ପ୍ରଭୃତି ଗଢ଼ା ହୋଇଯିବା ପରେ ଆବଶ୍ୟକ ପଡ଼ୁଛି ସିଧା ସିଧା ସମାଜରେ କ୍ରିୟା କରିବା ପାଇଁ – ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଦର୍ଶନକୁ ଜନସମାଜରେ ପହଞ୍ଚାଇବା ପାଇଁ । ସମାଜରେ ପ୍ରବେଶ କରିବା ନିମନ୍ତେ ପ୍ରଧାନତଃ ଚାରିଟି ମୁଖ୍ୟ ଦ୍ୱାର । ସେଗୁଡ଼ିକ ହେଲା – ଶିକ୍ଷା, କୃଷି, ଶିଳ୍ପ-ବାଣିଜ୍ୟ ଓ ରାଜନୀତି । ଏ ଚାରୋଟି ମଧ୍ୟରେ ଶିକ୍ଷା ହେଲା ସବୁଠାରୁ ସହଜ ତଥା ନିରାପଦ ମାର୍ଗ । ତେଣୁ ଶିକ୍ଷାକୁ ଆମେ ଆମର ମାର୍ଗ ଭାବରେ ଗ୍ରହଣ କରି ଲୋକମାନଙ୍କ ନିକଟରେ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଆଦର୍ଶ ପହଞ୍ଚାଇବା ନିମନ୍ତେ ସମୟ ଆସିଗଲାଣି । ଶ୍ରୀଅରବିନ୍ଦ ପାଠଚକ୍ର ମାଧ୍ୟମରେ ଅଳ୍ପ କେତେଜଣ ଏ କଥା ଜାଣିଲେ, ନିଜ ଜୀବନରେ ପ୍ରୟୋଗ କରିବା ନିମନ୍ତେ ତାକୁ ଚେଷ୍ଟା କଲେ ଏବଂ ସେଇ ଧାରାରେ ଜୀବନ ବଞ୍ଚିବାକୁ ପ୍ରୟାସ କରାଗଲା । ବର୍ତ୍ତମାନ ସେଇ କାର୍ଯ୍ୟକୁ ଅଧିକ ବିସ୍ତାରିତ ଭାବରେ, ତୀବ୍ର ଭାବରେ ଏବଂ ତ୍ୱରାନ୍ୱିତ ଭାବରେ କରିବା ପାଇଁ ସମୟ ଆସିଅଛି । ସେଥିପାଇଁ ଶିକ୍ଷାକୁ ଆମେ ଆମର ଅବଲମ୍ବନ ଭାବରେ ଗ୍ରହଣ କରିବା । ଶିକ୍ଷା ହେବ ଆମର ମାର୍ଗ, ଆୟୁଧ, ଯନ୍ତ୍ର, ଉପାୟ, ଅବଲମ୍ବନ ମାତ୍ର, କେବେହେଲେ ଲକ୍ଷ୍ୟ ନୁହେଁ; କିନ୍ତୁ ଶିକ୍ଷା ମାର୍ଗରେ ଯାଇ ଆମେ ଆମର ଲକ୍ଷ୍ୟରେ ଉପନୀତ ହେବା । ତା'ହେଲେ ସେହି ନୂତନ ଆନନ୍ଦ ଯାହାକୁ ଆମେ ପାଠଚକ୍ରରେ ଆଗ୍ରହରେ, ଉତ୍ସାହରେ ଗ୍ରହଣ କରିଛୁ ତାକୁ ଅଧିକ ବ୍ୟକ୍ତି ଜାଣିବାକୁ ସୁଯୋଗ ପାଇବେ । ସେଠାରେ ଅପା, ଭାଇ, ପରିଚାଳନା ସମିତିର ସଭ୍ୟସଭ୍ୟା

ଏବଂ ଛାତ୍ରଛାତ୍ରୀ ତଥା ସେମାନଙ୍କ ମାଧ୍ୟମରେ ଅଭିଭାବକ – ଏ ସମସ୍ତେ ଏଇ ନୂତନ ଆଦର୍ଶକୁ ଜାଣିବାକୁ ସୁଯୋଗ ପାଇବେ । ଅନେକେ ଗ୍ରହଣ ମଧ୍ୟ କରିବେ । ତେଣୁ ଶିକ୍ଷା କାର୍ଯ୍ୟକ୍ରମ ଆମେ ହାତକୁ ନେବା – ଏହାହିଁ ଥିଲା ପ୍ରପତ୍ତିଙ୍କର ସେ ସମୟର ବକ୍ତବ୍ୟ ।

୧୯୬୦ରୁ ୧୯୭୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ପାଇଁ ଥିଲା ପ୍ରସ୍ତୁତି ପର୍ବ । ୧୯୭୦ ପରଠାରୁ ଆରମ୍ଭ ହେଲା ଆଉ ଏକ ପର୍ଯ୍ୟାୟର କାର୍ଯ୍ୟକ୍ରମ । ପୂର୍ଣ୍ଣାଙ୍ଗ ଶିକ୍ଷା ମାର୍ଗରେ ଅଜ୍ଞାନତା, ଅନ୍ଧକାର ଓ ମିଥ୍ୟାଚାର ବିରୋଧରେ ସଂଗ୍ରାମ । କୌଣସି କୌଣସି ସଭାରେ ପ୍ରପତ୍ତି ଏକଥା ମଧ୍ୟ କହୁଥିଲେ ଯେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଚଳିତ ଶିକ୍ଷାର ବିକଳ୍ପ ନୁହେଁ । ଅର୍ଥାତ୍ ପ୍ରଚଳିତ ଶିକ୍ଷାର ଭୁଲ୍ ତ୍ରୁଟିକୁ ସଂଶୋଧନ କରି ଏକ ଉନ୍ନତ ମାନର ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରିବା ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ନୁହେଁ । କାରଣ ପ୍ରଚଳିତ ଶିକ୍ଷା ପ୍ରଚଳିତ ସମାଜର ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ; ମାତ୍ର ପୂର୍ଣ୍ଣାଙ୍ଗ ଶିକ୍ଷା ନୂତନ ମାନବ ସମାଜର ସୃଷ୍ଟି ଏବଂ ଅତିମାନବର ଆଗମନୀ ନିମନ୍ତେ ଉଦ୍ଦିଷ୍ଟ । ବାହାରକୁ ସବୁ ସମାନ ଦିଶୁଥିଲେ ମଧ୍ୟ ଭିତରେ ସବୁ କିଛି ଭିନ୍ନ ।

୧୯୭୦ ମସିହା ଜୁଲାଇ ୧୫ ତାରିଖରେ ପ୍ରଥମ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା ଭୁବନେଶ୍ୱରର ପଟେଲ ହଲ୍‌ଠାରେ । ଅଧ୍ୟାପକ ପ୍ରପତ୍ତିଙ୍କ ଉପସ୍ଥିତିରେ ଶ୍ରୀ ଉଦାର ଏହାକୁ ଉଦ୍‌ଘାଟନ କଲେ । ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ସେଠାରେ ଉପସ୍ଥିତ ଥିଲେ । ସେହି ଶିକ୍ଷାକେନ୍ଦ୍ରରୁ ଆରମ୍ଭ ହେଲା ଏକ ନୂତନ ଦିଗନ୍ତ, ଏକ ଯଥାର୍ଥ ବିପ୍ଳବ । ଶିକ୍ଷାକୁ ମାର୍ଗ କରି ନୂତନ ମାନବ ସମାଜ ନିର୍ମାଣ ଦିଗରେ ଏକ ଅନ୍ତର୍ନିର୍ଦେଶିତ ପଦକ୍ଷେପ ।

କିଛି ଜଣା ନଥିଲା । କାର୍ଯ୍ୟର ଧାରା, ପ୍ରୟୋଗ ପ୍ରଣାଳୀ, ଶିକ୍ଷକର ଭୂମିକା, ପରିଚାଳକର ଦାୟିତ୍ୱ, ଅଭିଭାବକଙ୍କର କର୍ତ୍ତବ୍ୟ, ଛାତ୍ରଛାତ୍ରୀଙ୍କ ମନୋଭାବ କି ପ୍ରକାରର ହେବା ଆବଶ୍ୟକ କିଛି ବି ଜଣା ନଥିଲା । କେବଳ ଏତିକି ଜଣାଥିଲା – ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଉଛି ଶ୍ରୀଅରବିନ୍ଦ ପାଠଚକ୍ରରେ କରାଯାଉଥିବା କାର୍ଯ୍ୟର ଏକ ବିସ୍ତୃତ ରୂପ । ସେତେବେଳେ ସମସ୍ତେ ପାଠଚକ୍ରରେ ଯୋଗ ଦେଉଥିଲେ ଏବଂ ସେ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥିଲେ । ତେଣୁ ସେମାନଙ୍କୁ ଶିକ୍ଷାକେନ୍ଦ୍ରଟି ପାଠଚକ୍ରର ଏକ ଅଗ୍ରପଦକ୍ଷେପ ବୋଲି କହିବାର ଆବଶ୍ୟକତା ନଥିଲା । ମା'ଙ୍କୁ ଜାଣିବା, ଭଲ ପାଇବା, ତାଙ୍କୁ ବିଶ୍ୱାସ କରିବା, ଗ୍ରହଣ କରିବା, ତାଙ୍କ ଉପରେ ନିର୍ଭର କରିବା, ତାଙ୍କ ପାଇଁ ବଞ୍ଚି ରହିବା, ତାଙ୍କ ନିମନ୍ତେ କରାଯାଉଥିବା କୌଣସି କର୍ମକୁ ଏକ ମହାର୍ଘ ବସ୍ତୁ ରୂପେ ଗ୍ରହଣ କରିବା ଥିଲା ସମସ୍ତଙ୍କର ଏକ ସ୍ୱାଭାବିକ ମନୋଭାବ । ଏହାକୁ ଭିତ୍ତି କରିହିଁ ଶିକ୍ଷାକେନ୍ଦ୍ରଟିଏ ଆରମ୍ଭ ହେଉଥିଲା । ତେଣୁ କୌଣସି ସନ୍ଦେହ, ସଂଶୟ, ଅବିଶ୍ୱାସ ପ୍ରବେଶ କରିବାର ପ୍ରଶ୍ନ ନଥିଲା । ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କର ଫଟୋ ପଠାଇଲେ ଶ୍ରୀମା ତାକୁ ଦେଖି ଆଶୀର୍ବାଦ ପଠାଉଥିଲେ ।

୨୧ ଫେବ୍ରୁଆରୀ ୧୯୭୩ ମସିହାରେ ଦ୍ୱିତୀୟ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା ରାଉରକେଲାରେ, ଇଂରାଜୀ ମିଡ଼ିୟମରେ । ସେହି ଶିକ୍ଷାକେନ୍ଦ୍ରର ନାମକରଣ ମା ନିଜେ କରିଥିଲେ, "Sri Aurobindo's Rourkela School." ମାତ୍ର ସ୍କୁଲର ନାମକରଣ ପୂର୍ବରୁ ପ୍ରଶ୍ନ କରିଥିଲେ – "Is there anybody who has studied Sri Aurobindo ?" ସ୍କୁଲ ନିମନ୍ତେ ଶ୍ରୀମା ଏକ ବାଣୀ ଦେଇଥିଲେ ତାହା ହେଲା, **"Read Sri Aurobindo and follow His discipline."** ବାସ୍ ଆମ ପାଇଁ ଏତକ ଯଥେଷ୍ଟ । ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସର୍ବନିମ୍ନ ସର୍ତ୍ତ ଜଣେ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କୁ ପଢ଼ିଥିବା ବା ଜାଣିଥିବା ଆବଶ୍ୟକ । ତାହାହେଲେ ହିଁ ଜଣେ ଜୀବନର ଲକ୍ଷ୍ୟ, ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ, ସବୁ କିଛି ଜାଣି ପାରିବ । ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର କାର୍ଯ୍ୟକ୍ରମରେ ଏହାହିଁ ଥିଲା ସର୍ତ୍ତ ।

ଯେତେବେଳେ ପ୍ରଥମେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା, ବାବାଜୀ ମହାରାଜ କହିଲେ ସ୍କୁଲ ପାଇଁ ଶିକ୍ଷକ ବାଛିବାର ପ୍ରଥମ ଆବଶ୍ୟକତା ରହିବ **ଶିକ୍ଷକ ଜଣକ ପାଠଚକ୍ରରୁ ଆସିଥିବା ଉଚିତ ।** ଯଦି ପାଠଚକ୍ରରେ ପିଲା ନାହାନ୍ତି ତେବେ ଅନ୍ତତଃ କୌଣସି ପାଠଚକ୍ରରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କର ପୁଅ ବା ଝିଅ ହେଲେ ଭଲ । ଏସବୁ ପଛରେ କାରଣ ହେଲା ଯଦି ଜଣେ ଶିକ୍ଷାକେନ୍ଦ୍ରରେ କୌଣସି ନା କୌଣସି ଦାୟିତ୍ୱ ନେବ, ତା'ର ପାଠଚକ୍ର ସହିତ ସମ୍ପର୍କ ସର୍ବାଦୌ ଆବଶ୍ୟକ । ସେଥିପାଇଁ କୌଣସିଠାରେ ନୂତନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଆରମ୍ଭ ହେବାର ଆୟୋଜନ ହେଲେ **ପ୍ରଥମ ଆବଶ୍ୟକତା ହେଲା – ଏକ ଶ୍ରୀଅରବିନ୍ଦ ପାଠଚକ୍ର ।** କୌଣସି ଗୋଟିଏ ଶ୍ରୀଅରବିନ୍ଦ ପାଠଚକ୍ର ଚାହିଁଲେହିଁ ଏକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲି ପାରିବେ । ❑

# ପୁଅ

ନ୍ୟୁୟର୍କ ସହରରେ ବାସ କରୁଥିବା ସେହି ସଂଭ୍ରାନ୍ତ ପିତାଙ୍କର ଚିତ୍ରକଳାରେ ଥିଲା ଅସମ୍ଭବ ସଉକ । ଯୋଗକୁ ତାଙ୍କ ପୁଅ ଭିତରେ ମଧ ପିଲାଟି ଦିନୁ ଚିତ୍ର ପ୍ରତି ଆଗ୍ରହ ପ୍ରକାଶ ପାଇଥିଲା ।

ଭିଏତ୍‌ନାମ ଯୁଦ୍ଧ ସମୟରେ ତରୁଣ ପୁଅ ଯୁଦ୍ଧକୁ ଗଲା । ଯୁଦ୍ଧ କ୍ଷେତ୍ରରେ ଜଣେ ସାଥୀ ସୈନିକର ଜୀବନ ରକ୍ଷା କରୁ କରୁ ସେ ଶତ୍ରୁପକ୍ଷ ଗୁଳିରେ ଟଳି ପଡ଼ିଲା । ଏ ଦୁଃଖଦ ଘଟଣାର ପ୍ରାୟ ମାସକ ପରେ ଜଣେ ଅପରିଚିତ ଯୁବକ ଆସି ତରୁଣର ଘରେ ପହଞ୍ଚିଲେ । ହାତରେ ଗୋଟିଏ ପ୍ୟାକେଟ୍ । ସେଇଟି ସେ ବୃଦ୍ଧ ପିତାଙ୍କ ହାତକୁ ବଢ଼େଇ ଦେଲେ ।

ବୃଦ୍ଧ ପିତା ପ୍ୟାକେଟ୍‌ଟି ଖୋଲିଲେ । ଭିତରେ ଥିଲା ତାଙ୍କ ପୁଅର ଚିତ୍ର । ତହିଁରେ ତାଙ୍କ ପୁଅର ଅବିକଳ ଚେହେରା ଝଲସୁ ଥିଲା ।

ବାପାଙ୍କ ଆଖିରେ ଲୁହ । କିଛି ସମୟ ପରେ ଲୁହ ରୋକି ସେ କହିଲେ, 'ଖୁବ୍ ସୁନ୍ଦର ହୋଇଛି । ମୁଁ ଏହାର ମୂଲ୍ୟ ଆପଣଙ୍କୁ ଦେବାକୁ ଚାହେଁ ।'

ମାତ୍ର ତରୁଣ ସୈନିକ ପ୍ରତିବାଦ ଜଣାଇ କହିଲେ, 'ଯିଏ ନିଜ ଜୀବନ ଦେଇ ମୋ ଜୀବନ ବଞ୍ଚେଇଛନ୍ତି ତାଙ୍କର ଚିତ୍ରଟିଏ ଆଙ୍କି ମୁଁ ମୂଲ୍ୟ ନେବି ?'

ତରୁଣଟି ଚାଲିଗଲା ପରେ ବୃଦ୍ଧ ପିତା ନିଜ ପୁଅର ଚିତ୍ରଟିକୁ ନେଇ ତାଙ୍କ ଆର୍ଟ ଗ୍ୟାଲେରିର ସମ୍ମୁଖ ଭାଗରେ ଟଙ୍ଗେଇ ଦେଲେ । ଏହାର କିଛି ବର୍ଷ ପରେ ପୁଅକୁ ଝୁରି ଝୁରି ପିତା ମରିଗଲେ । ତାଙ୍କ ଚିତ୍ରଗୁଡ଼ିକର ଯତ୍ନ ନେବାକୁ କେହି ନ ଥିଲେ । ତେଣୁ ସେଗୁଡ଼ିକର ନିଲାମ କରାଗଲା ।

ଅନ୍ୟାନ୍ୟ ସବୁ ଚିତ୍ର ଢଙ୍କାଯାଇ ରଖା ହୋଇଥାଏ । ଟେବୁଲ ଉପରେ କେବଳ ପୁଅର ଚିତ୍ରଟି ରଖା ଯାଇଥାଏ । ନିଲାମ ଦାୟିତ୍ୱ ବୁଝୁଥିବା ଭଦ୍ରଲୋକ ଘୋଷଣା କଲେ, 'ଏଇ ଚିତ୍ରଟିରୁ ନିଲାମ ଆରମ୍ଭ ହେବ । କିଏ ଏଇଟି କିଣିବେ ?'

ସମବେତ ଭଦ୍ରମଣ୍ଡଳୀଙ୍କ ଭିତରୁ କେତେଜଣ ରାଗିଯାଇ ଚିତ୍କାର କଲେ, 'ଆମେ ଏଇ ଫାଲ୍‌ତୁ ଚିତ୍ର କିଣିବା ଲାଗି ଏଠାକୁ ଆସିନୁ । ଆମେ ଭାନ୍ ଗଗ୍, ପିକାଶୋ ପ୍ରଭୃତିଙ୍କ ଚିତ୍ର ଦେଖିବୁ ।'

ନିଲାମକାରୀ ତଥାପି ଡାକୁ ଥାଆନ୍ତି, 'ପ୍ରଥମେ ଏଇ ''ପୁଅ'' ଚିତ୍ରଟି ନିଲାମ ହେବ । କେହି କ'ଣ ଏଇ ଚିତ୍ରକୁ ନେବାକୁ ଆଗ୍ରହୀ ନୁହନ୍ତି ?'

ଏତିକିବେଳେ, ଶେଷ ଧାଡ଼ିରୁ ଜଣେ ବୁଢ଼ା ଲୋକର କ୍ଷୀଣ ସ୍ୱର ଶୁଭିଲା । ସେ କହୁ ଥାଆନ୍ତି, 'ମୁଁ ଏହି ପୁଅ ଚିତ୍ରଟିକୁ କିଣିବି । ମାତ୍ର ମୁଁ ଦରିଦ୍ର ଲୋକ । ମୋ ପାଖରେ ମାତ୍ର ଦଶ ଡଲାର୍ ଅଛି ।' ସେ ଲୋକଟି ଥିଲେ ସେଇ ପ୍ରାସାଦର ପୁରୁଣା ମାଳୀ ।

ନିଲାମକାରୀ ଡାକିଲେ, 'ଦଶ ଡଲାର୍ । ଏହାଠୁ ଅଧିକ କିଏ ଦେଇ ପାରିବେ ?'

ଆଗରେ ବସିଥିବା ଧନୀ ଚିତ୍ରପ୍ରେମୀମାନେ କହିଲେ, 'ତାକୁ ଦଶ ଡଲାର୍‌ରେ ସେଇଟା ଦେଇ ଦିଅନ୍ତୁ । ଆମର ସେଇଟା ଦରକାର ନାହିଁ ।'

ନିଲାମକାରୀ ଘୋଷଣା କଲେ, ''ଏଇ ବୃଦ୍ଧ ଭଦ୍ରଲୋକ ଦଶ ଡଲାର୍‌ରେ 'ପୁଅ' ଚିତ୍ରଟିକୁ କିଣିଲେ ।''

ଅପେକ୍ଷମାଣ ଧନୀମାନୀମାନେ ଦାବି କଲେ, 'ହେଉ, ସେଇଟିର କାମ ସରିଲା । ଆମକୁ ଅନ୍ୟ ପେଣ୍ଟିଂ ଦେଖାଅ ।'

ନିଲାମକାରୀ କହିଲେ, 'ମୁଁ ଦୁଃଖିତ । ନିଲାମ ସରି ଯାଇଛି ।'

: 'ମାନେ' ? ଧନୀ ଓ ଚିତ୍ରପ୍ରେମୀ ଜନତା ଚିତ୍କାର କରି ଉଠିଲେ ।

: ମୋତେ ନିଲାମ ଡାକିବାକୁ ନିର୍ଦ୍ଦେଶ ଦିଆଗଲା ବେଳେ ଜଉମୁଦରେ ରଖି ଯାଇଥିବା ଭଦ୍ରଲୋକଙ୍କ ସର୍ତ୍ତ ପଢ଼ିବାକୁ ଦିଆ ଯାଇଥିଲା । ସର୍ତ୍ତଟି ହେଲା, ''କେବଳ ତାଙ୍କ 'ପୁଅ' ଚିତ୍ରଟିର ହିଁ ନିଲାମ ହେବ । ସେଇଟିକୁ ଯିଏ କିଣିବେ ସେ ଅନ୍ୟସବୁ ପେଣ୍ଟିଂ ସହିତ ଏଇ ବିଶାଳ ଭୂସମ୍ପତ୍ତିର ମାଲିକାନା ମଧ ତା' ସାଙ୍ଗରେ ପାଇବେ ।''

[ସୌଜନ୍ୟ : ସାମାଜିକ ଗଣମାଧ୍ୟମ]

❑❑❑

**ଚେତନାର ଦିଗ୍‌ବଳୟ :**

# ମାତୃଭାଷା ଓ ଇଂରାଜୀର ସ୍ୱଚ୍ଛନ୍ଦ ସହାବସ୍ଥାନ ସମ୍ଭବ

**ପ୍ରଶ୍ନ :** *ପ୍ରାକ୍-ପ୍ରାଥମିକ ସ୍ତରର ପିଲାଟିଏ ତା' ମାତୃଭାଷାରେ ଅନେକ କଥା ଶିଖିଥାଏ । ଯେତେବେଳେ ଏକ ଅତ୍ୟାଧୁନିକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ତା'ର ନାମ ଲେଖା ହୁଏ, ତାକୁ ଇଂରାଜୀରେ ଅନେକ କଥା ଶିଖିବାକୁ ହୁଏ । ତେବେ ଇଂରାଜୀ ଶିଖିବା ଏବଂ ଇଂରାଜୀରେ ଶିଖିବା କ'ଣ ଏକା କଥା ?*

**ଉତ୍ତର :** ଆପଣଙ୍କ ପ୍ରଶ୍ନ ସମେତ ସମଗୋତ୍ରୀୟ (ଅଳ୍ପ କିଛି କିଛି ପାର୍ଥକ୍ୟ ଥିବା) ଅନ୍ୟ କେତେଜଣଙ୍କର କେତୋଟି ପ୍ରଶ୍ନର ଉତ୍ତର ଦେବାରେ ପ୍ରୟାସୀ ହେବି । ତେବେ ଆପଣଙ୍କ ପ୍ରଶ୍ନର ଶେଷ ବାକ୍ୟଟିର ଉତ୍ତର ପ୍ରଥମେ ହେଉଛି ଇଂରାଜୀ ଶିଖିବା ଏବଂ ଇଂରାଜୀରେ ଶିଖିବା ଏକା କଥା ନୁହେଁ ନିଶ୍ଚୟ । ଜଣେ ଇଂରାଜୀ ଭାଷା ପ୍ରତି ଆକର୍ଷଣବଶତଃ ଇଂରାଜୀ ଶିଖିପାରେ । ସେତିକିରେ ସେ ତୃପ୍ତ ରହିପାରେ ଅଥବା ଇଂରାଜୀ ଜ୍ଞାନର ଉପଯୋଗ କରି ସେ ଭାଷାରେ ଲିଖିତ ସାହିତ୍ୟର ରସପାନ କରିପାରେ । କିନ୍ତୁ ବିଦ୍ୟାଳୟରେ ଇଂରାଜୀ ଭାଷା ଶିକ୍ଷା ଦେବାର ଆଭିମୁଖ୍ୟ ସେ ଭାଷା ମାଧ୍ୟମରେ ବିଦ୍ୟାର୍ଥୀକୁ ଅନ୍ୟାନ୍ୟ ବିଷୟ ଶିକ୍ଷା କରିବାର ସୁଯୋଗ ଦେବା । ଯଦି ଛାତ୍ରଟିଏ ପ୍ରାଥମିକ ସ୍ତରର ଇଂରାଜୀ ଶିକ୍ଷା ପରେ ଅଧ୍ୟୟନରେ ଅଗ୍ରସର ନ ହୁଏ, ତେବେ ଅବଶ୍ୟ ଭିନ୍ନ କଥା ।

ଇଂରାଜୀ ଶିକ୍ଷାର ଗୁରୁତ୍ୱର କାରଣ କହିବା ବାହୁଲ୍ୟ । ଏକଦା ''ଇଂରେଜ ସାମ୍ରାଜ୍ୟ ଉପରେ ସୂର୍ଯ୍ୟାସ୍ତ ହେଉ ନଥିଲା ।'' ବିସ୍ମୟ କହନ୍ତୁ, ବିଡ଼ମ୍ବନା କହନ୍ତୁ, ସେତେବେଳେ ଇଂରାଜୀ ଭାଷାର ପ୍ରଚଳନ ଯେତେ ବ୍ୟାପକ ଥିଲା, ସାମ୍ରାଜ୍ୟ ଉପରେ ସୂର୍ଯ୍ୟ ଅସ୍ତ ଯିବା ଅନ୍ତେ ସେ ଭାଷାର ପ୍ରସାର ତାହାଠୁଁ ଅଧିକ ବ୍ୟାପକ ହୋଇଛି ଏବଂ ହୋଇ ଚାଲିଛି । ଏକଦା ଐତିହାସିକ ହେତୁ ଯୋଗୁଁ ପ୍ରସାରିତ ହୋଇଥିବା ଇଂରାଜୀ ଆଜି ନାନାଦି ବ୍ୟାବହାରିକ ହେତୁ (ବିଜ୍ଞାନ, ବୈଷୟିକ ଇତ୍ୟାଦି) ତଥା ସାମାଜିକ ଓ ରାଜନୈତିକ ବିକାଶ ଧାରାରେ ଆନ୍ତର୍ଜାତିକତାର ଗୁରୁତ୍ୱ ଯୋଗୁଁ ଅନିବାର୍ଯ୍ୟ ମନେହୁଏ । ଦିନେ ଇଂରାଜୀକୁ ଦୂରେଇ ରଖିଥିବା ଚୀନ ଭଳି ଦେଶ ଯେ ଆଜି କ୍ଷିପ୍ରଗତିରେ ସେ ଭାଷା ଆୟତ୍ତ କରିବାକୁ ଉଦ୍ୟତ, କହିବା ବାହୁଲ୍ୟ ତାହା ସେକ୍ସପିଅରଙ୍କ ପ୍ରତି ଶ୍ରଦ୍ଧା ଯୋଗୁଁ ନୁହେଁ; ସ୍ୱାର୍ଥଭିତ୍ତିକ ଆବଶ୍ୟକତା ଯୋଗୁଁ ।

କିନ୍ତୁ ଭାରତୀୟ ମାନସରେ ଇଂରାଜୀର ସ୍ଥାନ ଭିନ୍ନ । ଇଂରାଜୀ ଭାଷା ଯେଉଁ ସାହିତ୍ୟର ମାଧ୍ୟମ, ସେହି ଐଶ୍ୱର୍ଯ୍ୟ ପ୍ରତି ଆମର ଶ୍ରଦ୍ଧା ରହିଛି, ତାହା ସହିତ ଅନ୍ତରଙ୍ଗତା ରହିଛି । କୁହାଯାଇପାରେ, ପ୍ରାୟ ଦୁଇ ଶତାବ୍ଦୀର ପରାଧୀନତାର ମୂଲ୍ୟରେ ଆମେ ସେ ଐଶ୍ୱର୍ଯ୍ୟଟି କ୍ରୟ କରି ନିଜର କରି ନେଇଛୁଁ । ଉତ୍ତମ : ଏହା ଆମ ଗ୍ରହଣଶୀଳତାର ତଥା ସଂବେଦନଶୀଳତାର ଲକ୍ଷଣ । କିନ୍ତୁ ହାରାହାରି ଶିକ୍ଷିତ ମହଲରେ ଏହା ସହିତ ମିଶି ରହିଛି କିଞ୍ଚିତ୍ ଉନ୍ନାସିକତା, କିଞ୍ଚିତ୍ ଗୁରୁମନୋଭାବ । ସେତିକି ନୁହେଁ, ମିଶି ରହିଛି ଏକ ବିମର୍ଷକର ଭ୍ରାନ୍ତ ଧାରଣା : ପିଲାଟି ଯଦି ସନ୍ତୋଷଜନକ ଭାବରେ ଇଂରାଜୀ ଆୟତ୍ତ କରିଥିବ, ତେବେ ସେ ମାତୃଭାଷାରେ ଶିକ୍ଷିତ ନ ହେଲେ କ୍ଷତି ନାହିଁ !

ଅଥଚ କ୍ଷତି ଯେ ନିଶ୍ଚିତ ଭାବେ ରହିଛି ଏକଥା ସେମାନଙ୍କୁ ଅବିଦିତ ନୁହେଁ ବୋଲି ମୋର ଧାରଣା । ମନସ୍ତାତ୍ତ୍ୱିକ ଗବେଷଣା ବାରମ୍ବାର ସାବ୍ୟସ୍ତ କରିଛି ଯେ ମାତୃଭାଷାରେ ଅପରିପକ୍ୱତା ଶିଶୁର ଚେତନାଗତ ବିକାଶରେ ବାଧା ଉପୁଜାଏ । ଗବେଷଣା ଏହା ମଧ୍ୟ ପ୍ରତିପାଦିତ କରେ ଯେ ଏକାଧିକ ଭାଷା ଶିଖିଥିବା ପିଲା ଅଧିକ ବିଚକ୍ଷଣ ହୁଏ । ପରିତାପର କଥା ଅଭିଭାବକମାନେ ସେଭଳି ସୂକ୍ଷ୍ମ ଆବଶ୍ୟକତା ପ୍ରତି ବେପରୁଆ । ସନ୍ତାନର ସଂହତ ବ୍ୟକ୍ତିତ୍ୱ ନୁହେଁ, ବୃତ୍ତିଗତ ପ୍ରତିଯୋଗିତାରେ ତା'ର ସଫଳତା ହିଁ ସେମାନଙ୍କ ପାଇଁ ଲୋଭନୀୟ ସିଦ୍ଧି । ସେମାନେ ଜାଣନ୍ତି ନାହିଁ ବା ଜାଣି ମଧ୍ୟ ଏ ତଥ୍ୟ ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ ଯେ ଶିଶୁ ଅକ୍ଳେଶରେ ତିନି ଚାରିଗୋଟି ଭାଷା ଶିଖିନେଇପାରେ ଏବଂ ସେଥିରେ ସେ ପୁଲକିତ ହିଁ ହୁଏ ।

ତେବେ ଏହା ଏକ ବଡ଼ ପ୍ରସଙ୍ଗ । ଆପାତତଃ ପିଲା ବିଦ୍ୟାଳୟରେ ଇଂରାଜୀ ଶିଖିବା ଅବସରରେ ଅଭିଭାବକମାନେ ଯଦି ଘରେ ତା'ସହ ବିଶୁଦ୍ଧ ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତେ, ତେବେ ଉଭୟ ଭାଷାରେ ପିଲାର ସୁଷମ ବିକାଶ ସମ୍ଭବ ହୁଅନ୍ତା । ଏହା ଏକାନ୍ତ ସତ୍ୟ ।

**— ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୧୫-୧୧୬) ❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 12** **R.N.I. No. 18163/70.**
Navaprakash (Monthly), December, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**